


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-90 ◆TUESDAY ◆23 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୯୦ ◆ମଙ୍ଗଳବାର ◆୨୩ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦





# ୨ କୋଟି ହିତାଧିକାରୀ ପାଇନାହାନ୍ତି ଆୟୁଷ୍ମାନ କାର୍ଡ

## ବିଏସ୍‌କେୱାଇରେ ବର୍ଷକ ଖର୍ଚ୍ଚ ୩୮୨୭ କୋଟି, ଆୟୁଷ୍ମାନରେ ମାତ୍ର ୧୧୧୯ କୋଟି

ଭୁବନେଶ୍ୱର,୨୨।୯ (ସମିସ): ନବୀନ ସରକାରଙ୍କ ସ୍ୱାସ୍ଥ୍ୟ ସଞ୍ଜିବନୀ ବିଏସ୍‌କେୱାଇ ବନ୍ଦ କରି ରାଜ୍ୟ ସରକାର ଆୟୁଷ୍ମାନ କାର୍ଡ ପ୍ରଚଳନ କଲେ। ମାତ୍ର ୧୫ ମାସ ପରେ ବି ରାଜ୍ୟର ୨ କୋଟି ଲୋକ ଏଯାଏ ଆୟୁଷ୍ମାନ କାର୍ଡ ପାଇବାରୁ ବଞ୍ଚିତ ହୋଇଛନ୍ତି । କୌତୂହଳର କଥା ହେଉଛି ପୂର୍ବ ବିଜେଡି ସରକାରଙ୍କ ବିଏସ୍‌କେୱାଇରେ ବର୍ଷକୁ ସରକାର ଲୋକଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ୩୮୨୭ କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ଆୟୁଷ୍ମାନ ଯୋଜନାରେ ଏଯାଏ ରାଜ୍ୟ ସରକାର ଏହାର ଏକ ତୃତୀୟାଂଶରୁ କମ୍ ଅର୍ଥାତ୍ ମାତ୍ର ୧୧୧୯ କୋଟି ଟଙ୍କା ବ୍ୟୟ କରିବାକୁ ସକ୍ଷମ ହୋଇଛନ୍ତି । ବିଧାନସଭାରେ ବିଧାୟକ ଗୌତମବୁଦ୍ଧ ଦାସଙ୍କ ଏକ ପ୍ରଶ୍ନରେ ଏହି ତଥ୍ୟ ଦେଇଛନ୍ତି ସ୍ୱାସ୍ଥ୍ୟ ଓ ପରିବାରକଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପୂର୍ବ ଯୋଜନାରେ ବିଏସ୍‌କେୱାଇ କାର୍ଡକୁ ଅଚଳ କରିବାର ମୂଲ୍ୟ ବାବଦରେ ରାଜକୋଷରୁ ରାଜ୍ୟ ସରକାର ପ୍ରାୟ ୧୬.୫ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି । ଆୟୁଷ୍ମାନ୍ କାର୍ଡ ଛପା ଏବଂ ବିତରଣ ପାଇଁ ୬ କୋଟି ୨୬ ଲକ୍ଷ ୮୮ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଏହାସହିତ କାର୍ଡ କଭର କିଟ୍ ପାଇଁ ୧୦ କୋଟି ୨୫ ଲକ୍ଷ ୯୭ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଏହି ମୋଟ୍ ଅର୍ଥକୁ ମିଶାଇଲେ ଏବାବଦକୁ ବର୍ତ୍ତମାନ ସୁଦ୍ଧା ୧୬ କୋଟି ୫୨ ଲକ୍ଷ ୮୫ ହଜାର ଟଙ୍କା ଖର୍ଚ୍ଚ ହୋଇଛି ବୋଲି ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । ତେବେ ବିଡ଼ମ୍ବନା ହେଉଛି ଯେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ୩.୪୭ କୋଟି ହିତାଧିକାରୀଙ୍କ ମଧ୍ୟରୁ ୧.୪୭ କୋଟି ଜଣଙ୍କୁ କାର୍ଡ ବଣ୍ଟନ କରାଯାଇଛି ଓ ଅବଶିଷ୍ଟ ପ୍ରାୟ ୨ କୋଟି ଲୋକଙ୍କୁ କାର୍ଡ ବଣ୍ଟନ କାର୍ଯ୍ୟ ଏବେ ବି ଜାରି ରହିଛି।

- ୩.୪୭ କୋଟି ହିତାଧିକାରୀଙ୍କ ମଧ୍ୟରୁ କାର୍ଡ ପାଇଛନ୍ତି ମାତ୍ର ୧.୪୭ କୋଟି
- କାର୍ଡ ଛପା, କଭର ଓ ବିତରଣ ପାଇଁ ୧୬ କୋଟି ୫୧ ଲକ୍ଷ ଟଙ୍କା ଖର୍ଚ୍ଚ

ମନ୍ତ୍ରୀଙ୍କ ଏହି ଉତ୍ତର ପରେ ଆୟୁଷ୍ମାନ କାର୍ଡ ବାବଦକୁ କିପରି ପାଣି ଭଳି ଟଙ୍କା ଖର୍ଚ୍ଚ ହୋଇଛି, ତାହା ପଦାକୁ ଆସିଛି। ପୂର୍ବରୁ ବିଏସ୍‌କେୱାଇ ଯୋଜନାର ସ୍ମାର୍ଟ କାର୍ଡ ପ୍ରତି ଲୋକଙ୍କ ନିକଟରେ ରହିଥିଲା। ସରକାର ଏହି ଯୋଜନାର ନାମ ପରିବର୍ତ୍ତନ କରିଥିଲେ ବି ସେହି କାର୍ଡକୁ ମଧ ଆୟୁଷ୍ମାନ କାର୍ଡକୁ ପରିବର୍ତ୍ତନ କରାଯାଇ ପାରିଥାଆନ୍ତା ଓ ଚିପ୍ ଲଗା କାର୍ଡଗୁଡ଼ିକ ଅଚଳ ହୋଇ ନ ଥାନ୍ତା। ମାତ୍ର ରାଜ୍ୟ ସରକାର ନୂତନ କାର୍ଡ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ପାଇଁ ରାଜ୍ୟ ରାଜକୋଷ ଉପରେ ବିପୁଳ ବୋଝ ପଡ଼ିଥିଲେ ହେଁ ଏହା ଏଯାଏ ଲୋକଙ୍କ ପାଖରେ ପହଞ୍ଚି ପାରିନାହିଁ ।

ଅନ୍ୟପକ୍ଷରେ ଆୟୁଷ୍ମାନ କାର୍ଡ ବଣ୍ଟନ ପରଠାରୁ ପ୍ରତି ମାସରେ ଘରୋଇ ହସ୍ପିଟାଲଗୁଡ଼ିକୁ କେତେ ଟଙ୍କାର ବିଲ୍ ପୈଠ କରିଛନ୍ତି ଓ ସରକାର ୨୦୨୩-୨୦୨୪ରେ ହସ୍ପିଟାଲଗୁଡ଼ିକୁ କେତେ ଟଙ୍କା ବିଲ୍ ପ୍ରଦାନ କରିଛନ୍ତି ପ୍ରଶ୍ନରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉତ୍ତର ରାଜ୍ୟବାସୀଙ୍କୁ ନିରାଶ କରିଛି। ଆୟୁଷ୍ମାନ କାର୍ଡ ବଣ୍ଟନ ଆରମ୍ଭ ହେବାଠାରୁ ସରକାର ୪୦୫୦୪୪ ହିତାଧିକାରୀଙ୍କ ଚିକିତ୍ସା ବାବଦରେ ଅଦ୍ୟାବଧି ୧୧୧୯ କୋଟି ଟଙ୍କା ପ୍ରଦାନ କରିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ଅନୁରୂପ ଭାବରେ ତତ୍କାଳୀନ ବିଜେଡି ସରକାର ସମୟରେ ବିଏସ୍‌କେୱାଇ କାର୍ଡରେ ଚିକିତ୍ସା ବାବଦରେ ରାଜ୍ୟ ସରକାର ୨୦୨୩-୨୪ରେ ୨୭୮୨ କୋଟି ଟଙ୍କା ଓ ୨୦୨୪-୨୫ରେ ୩୮୨୭ କୋଟି ଟଙ୍କା ପ୍ରଦାନ କରିଥିବା ମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ଏହା ସହ ରାଜ୍ୟ ବାହାରେ ଥିବା ପଞ୍ଜିକୃତ ଚିକିତ୍ସାଳୟରେ ୨୧ ହଜାର ୩୯୪ ହିତାଧିକାରୀ ଚିକିତ୍ସା ସୁବିଧା ବାବଦକୁ ୫୫ କୋଟି ୫୫ ଲକ୍ଷ ୫୩ ହଜାର ଟଙ୍କା ପ୍ରଦାନ କରାଯାଇଥିବା ମନ୍ତ୍ରୀ ତଥ୍ୟ ପ୍ରଦାନ କରିଛନ୍ତି ।

# ଆଜି ରତ୍ନଭଣ୍ଡାରକୁ ଫେରିବ ମହାପ୍ରଭୁଙ୍କ ଅଳଙ୍କାର

ପୁରୀ, ୨୨।୯ (ସମିସ): ଦୀର୍ଘ ୧୪ ମାସ ପରେ ଆସନ୍ତାକାଲି (ମଙ୍ଗଳବାର) ସ୍ଥାନାନ୍ତର ହେବ ମହାପ୍ରଭୁଙ୍କ ଦୁର୍ମୂଲ୍ୟ ରତ୍ନଅଳଙ୍କାର। ଅସ୍ଥାୟୀ ରତ୍ନଭଣ୍ଡାରରୁ ସ୍ଥାୟୀ ରତ୍ନଭଣ୍ଡାରକୁ ନିଆଯିବ। ଏଥିପାଇଁ ପୂର୍ବାହ୍ନ ୧୦ଟାରୁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଏଥିସହ ଶ୍ରୀମନ୍ଦିର ନାଟମଣ୍ଡପ ଏବଂ ଜଗମୋହନ ଶୋଧ କରାଯିବ। ଶ୍ରୀମନ୍ଦିର ମୁଖ୍ୟ ଦେଉଳ ତଥା ଝୁଲଣ ମଣ୍ଡପ ପରିସରକୁ ଭକ୍ତଙ୍କ ପ୍ରବେଶ ବାରଣ ରହିବ। ସ୍ଥାନାନ୍ତର ସମୟରେ ଆନନ୍ଦବଜାର କିନ୍ତୁ ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱାଭାବିକ ରହିବ। ମହାପ୍ରସାଦ ପାଇବାକୁ ଇଚ୍ଛୁକ ଭକ୍ତମାନେ ଆନନ୍ଦ ବଜାରକୁ ଯାଇ ମହାପ୍ରସାଦ ନେଇପାରିବେ। ରତ୍ନଭଣ୍ଡାର ସ୍ଥାନାନ୍ତର କାର୍ଯ୍ୟ ସମାପନ ପରେ ପ୍ରବେଶ କଟକଣା ପ୍ରତ୍ୟାହାର ତଥା ଦର୍ଶନ ସ୍ୱାଭାବିକ ହେବ।

**ଦିଅଁ ଦର୍ଶନ ବନ୍ଦ; ଆନନ୍ଦବଜାର ଖୋଲା**

ଅନ୍ୟପକ୍ଷରେ ରତ୍ନ ଅଳଙ୍କାର ସ୍ଥାନାନ୍ତର ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମାର୍ଗଦର୍ଶିକା ଜାରି ହୋଇଛି। ଏହି ମାର୍ଗଦର୍ଶିକାକୁ ଅନୁପାଳନ କରିବା ନେଇ ସୋମବାର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ପ୍ରଶାସନ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଅସ୍ଥାୟୀ ଷ୍ଟ୍ରଙ୍ଗ୍‌ରୁମ୍‌ରୁ (ଖଟଶେଯ ଓ ଚାଙ୍ଗଡ଼ା ଘର) ରତ୍ନ ଅଳଙ୍କାରଗୁଡ଼ିକ ସୁରକ୍ଷିତ ଭାବେ ସ୍ଥାନାନ୍ତର ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରାଧିକୃତ ୧୧ଜଣିଆ କମିଟି ଗଠନ କରାଯାଇଛି। ଏହି କମିଟିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ, ଏସ୍‌ପି, ଏଏସ୍‌ଆଇ ଅଧିକାରୀ, ରତ୍ନଭଣ୍ଡାର ସବ୍-କମିଟି ସଦସ୍ୟ ଗଣେଶ ଦାସମହାପାତ୍ର, ଦେଉଳକରଣ, ତଢ଼ଉକରଣ, ଭଣ୍ଡାର ମେକାପ, ରତ୍ନଭଣ୍ଡାର ତଦାରଖ କମିଟିର ଦୁଇଜଣ ସଦସ୍ୟ ଜଷ୍ଟିସ ବିଶ୍ୱନାଥ ରଥ ଓ ସୁଦର୍ଶନ ପଟ୍ଟନାୟକ, ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର ରହିଛନ୍ତି। ଏତଦ୍‌ବ୍ୟତୀତ ଗଜପତି ମହାରାଜାଙ୍କ ପ୍ରତିନିଧିଙ୍କ ସମେତ ଶ୍ରୀମନ୍ଦିର ନୀତି ଓ ଉନ୍ନୟନ ପ୍ରଶାସକ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ସାମିଲ ହେବେ। ମାର୍ଗଦର୍ଶିକା ଆଧାରରେ ପୂର୍ବାହ୍ଣ ୧୦ଟାରୁ ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ବନ୍ଦ ରହିବା ସହ ଅମୃତ ବେଳା ଅନୁସାରେ ସକାଳ ୭ଟା ୧୭ରୁ ପୂର୍ବାହ୍ଣ ୧୧ଟା ୧୭ ମଧ୍ୟରେ କମିଟିର ସଦସ୍ୟମାନେ ଶ୍ରୀମନ୍ଦିର ଭିତରକୁ ଯାଇ ଅଳଙ୍କାର ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ କରିବେ।

# ଓଡ଼ିଶା ସାହିତ୍ୟ ଏକାଡେମୀରେ ଅଚଳାବସ୍ଥା

କଟକ, ୨୨।୯ (ସମିସ): ସରକାର ଓଡ଼ିଆ ଅସ୍ମିତାର କଥା କହୁଥିବା ବେଳେ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ଓଡ଼ିଶା ସାହିତ୍ୟ ଏକାଡେମୀରେ ବର୍ଷାଧିକ ସମୟ ଧରି ଅଚଳାବସ୍ଥା ଦେଖାଦେଇଛି। ଏକାଡେମୀର ସଭାପତି ଓ ଉପ-ସଭାପତି ଭଳି ପଦବୀ ଖାଲି ପଡ଼ିବା ସହ ନୂଆ କାର୍ଯ୍ୟନିର୍ବାହୀ ପରିଷଦ ଗଠନ କରାନଯିବା ପ୍ରସଙ୍ଗରେ ରୁଜୁ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ନିକଟରୁ ଜବାବ ତଲବ କରିଛନ୍ତି ହାଇକୋର୍ଟ। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଇନଜୀବୀ ପ୍ରବୀର ଦାସଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀ ଦର୍ଶାଇଛନ୍ତି ଯେ ଏକାଡେମୀର ସାଧାରଣ ପରିଷଦ ଏବଂ କାର୍ଯ୍ୟନିର୍ବାହୀ ପରିଷଦ କାର୍ଯ୍ୟକାଳ ଗତ ୨୦୨୩ ଜୁଲାଇ ୧୯ ପରଠାରୁ ଶେଷ ହୋଇଛି। ସାଧାରଣ ପରିଷଦ ଗଠନରେ ରାଜ୍ୟ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିପାଇଁ ୫ ଜଣଙ୍କୁ ରାଜ୍ୟ ସରକାର ମନୋନୀତ କରିବା କଥା। ଏ ବାବଦରେ ରାଜ୍ୟର ନିଷ୍କ୍ରିୟତା ସମ୍ବିଧାନର ଧାରା ୧୯ ଏବଂ ୨୧ର ଉଲ୍ଲଂଘନ ବୋଲି ଆବେଦନକାରୀ ଅଭିଯୋଗ କରିଛନ୍ତି।

**ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ**

# ଦୁର୍ଘଟଣାରେ ବାପ-ପୁଅ ମୃତ

ଭବାନୀପାଟଣା, ୨୨।୯ (ସମିସ): ନର୍ଲା ଥାନା ଅଧୀନ ଦେହେଲି ଛକ ନିକଟରେ ଏକ ବାଇକ୍ ଓ ପିକ୍-ଅପ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ତେର୍ଲୋ ଗ୍ରାମର ଗୋଟିଏ ପରିବାରର ବାପ-ପୁଅଙ୍କ ମୃତ୍ୟୁ ଘଟିଥିବା ବେଳେ ମା' ଓ ଝିଅ ଗୁରୁତର ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ, ବୁଦ୍ଧ ବାରିକ (୩୫) ଓ ତାଙ୍କ ପୁଅ ଅର୍ଣ୍ଣବ (୧୦) ।

ସୂଚନାନୁସାରେ, ସକାଳ ପ୍ରାୟ ୯ଟାରେ ସମସ୍ତେ ଏକ ବାଇକ୍‌ରେ ନର୍ଲା ଆସୁଥିଲେ। ଦେହେଲି ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ପିକ୍‌ଅପ୍ ସେମାନଙ୍କୁ ଧକ୍କା ଦେବାରୁ ଏହି ଅଘଟଣ ଘଟିଥିଲା। ଘଟଣାସ୍ଥଳରେ ବୁଦ୍ଧ ଓ ଅର୍ଣ୍ଣବଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଗୁରୁତର ମା'-ଝିଅଙ୍କୁ ଉଦ୍ଧାର କରି ନର୍ଲା ଡାକ୍ତଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ, ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ଦୁହିଁଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ନର୍ଲା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍ ଭ୍ୟାନକୁ ଜବତ କରିଛି। ଦୁଇଜଣଙ୍କ ଅବସ୍ଥା ସ୍ଥିର ଅଛି ବୋଲି ସିଡିଏମ୍‌ଓ ଡା. ନୀହାରେନ୍ଦ୍ର ପଣ୍ଡା କହିଛନ୍ତି। ଅନ୍ୟପଟେ, ଏହି ଘଟଣାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ଉତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ।

# କାନ୍ଥ ପଡ଼ି ବାପା-ମା' ମୃତ, ଝିଅ ଗୁରୁତର


ବସ୍ତା ବ୍ଲକ, ୨୨।୯ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ପତ୍ରଝଡ଼ା ପଞ୍ଚାୟତ ମହାଦେବସରାଇ ଗ୍ରାମରେ ରବିବାର ବିଳମ୍ବିତ ରାତିରେ କାନ୍ଥ ପଡ଼ି ଏକ ଦମ୍ପତିଙ୍କ ମୃତ୍ୟୁ ଘଟିଥିବା ବେଳେ ସେମାନଙ୍କ ନାବାଳିକା ଝିଅ ଗୁରୁତର ହୋଇଛି। ମୃତ ଦମ୍ପତି ହେଲେ, ଗ୍ରାମର ପିଥ ମୁର୍ମୁ (୩୯) ଓ ତାଙ୍କ ସ୍ତ୍ରୀ ମିନତି ମୁର୍ମୁ (୩୫)। ତାଙ୍କ ଝିଅ ଲକ୍ଷ୍ମୀକୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗତରାତିରେ ସମସ୍ତେ ଖାଇପିଇ ଶୋଇଥିବାବେଳେ ଘରର ଗୋଟିଏ ପଟ କାନ୍ଥ ହଠାତ୍ ସେମାନଙ୍କ ଉପରେ ଭୁଶୁଡ଼ି ପଡ଼ିଥିଲା। ଚିତ୍କାର ଶୁଣି ପଡ଼ୋଶୀ ସେମାନଙ୍କୁ ମାଟି ତଳୁ ଉଦ୍ଧାର କରି ବସ୍ତା ହସ୍ପିଟାଲକୁ ନେଇଥିଲେ। ମାତ୍ର ସେଠାରେ ପିଥ ଓ ମିନତିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେମାନଙ୍କ ଝିଅ ଲକ୍ଷ୍ମୀକୁ ଡାକ୍ତରଙ୍କ ପରାମର୍ଶକ୍ରମେ ବାଲେଶ୍ୱର ମୁଖ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।

# ବିଦ୍ୟୁତ୍ ଆଘାତ ଦେଇ ହାତୀକୁ ହତ୍ୟା; ୩ ଅଟକ

## ନାଳରୁ ଉଦ୍ଧାର ହେଲା ଗଳିତ ମୃତଦେହ

ତେଲକୋଇ, ୨୨।୯ (ସମିସ): ବିଦ୍ୟୁତ୍ ଆଘାତ ଦେଇ ହାତୀକୁ ହତ୍ୟା। କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ବିମଳା ସେକ୍ସନ୍ ରାଣୀବେଡ଼ା ସଂରକ୍ଷିତ ଜଙ୍ଗଲରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ଆଜି ସ୍ଥାନୀୟ କାଉବସା ନାଳ ନିକଟରୁ ବନ ବିଭାଗ ଉକ୍ତ ମାଈ ହାତୀର ଗଳିତ ମୃତଦେହ ଉଦ୍ଧାର କରିଛି। ମୃତ ହାତୀଟିର ବୟସ ୮ରୁ ୧୦ବର୍ଷ ହେବ ବୋଲି କୁହାଯାଉଛି। ଏହି ଘଟଣାରେ ଜଣେ ଅଭିଯୁକ୍ତ ଗୋକୁଳ ଜୁଆଙ୍ଗ (୪୨) ଆତ୍ମସମର୍ପଣ କରିଥିବା ବେଳେ ଅନ୍ୟ ୨ଅଭିଯୁକ୍ତ ଇନ୍ଦ୍ରମଣି ଜୁଆଙ୍ଗ (୫୬) ଓ ଗଣେଶ ଜୁଆଙ୍ଗ (୨୫)କୁ ବନ ବିଭାଗ ଅଟକ ରଖି ପଚରାଉଚରା କରୁଛି। ସମସ୍ତଙ୍କ ଘର ଟାଙ୍ଗିରୀ ଗ୍ରାମ ଦୁବନାଳୀ ସାହିରେ। ଅପରପକ୍ଷେ, ହାତୀଟିର ବ୍ୟବଚ୍ଛେଦ କରାଯିବା ପରେ ଉକ୍ତ ସ୍ଥାନରେ ଗାତ ଖୋଳି ପୋତି ଦିଆଯାଇଛି। ବନ ବିଭାଗ କହିଛି, ସୋଲାର୍ ବାଡ଼ ସ୍ଥାନରେ କରେଣ୍ଟ ସଂଯୋଗ କରାଯାଇଥିବାରୁ ବିଦ୍ୟୁତ୍ ଆଘାତରେ ମାଈ ହାତୀର ମୃତ୍ୟୁ ହୋଇଛି।

# ନିଷ୍ଠା, ପ୍ରତିବଦ୍ଧତା ଓ କଠିନ ପରିଶ୍ରମ ପାଇଁ ରାଜେନ୍ଦ୍ର ସ୍ମରଣୀୟ ହୋଇ ରହିବେ: ନବୀନ





ଭୁବନେଶ୍ୱର,୨୨।୯ (ସମିସ): ଲୋକପ୍ରିୟ ରାଜନେତା ରାଜେନ୍ଦ୍ର ଢୋଲକିଆ ବିଜେଡିର ଏକ ସ୍ତମ୍ଭ ଥିଲେ। ଦଳକୁ ମଜଭୁତ କରିବାରେ ତାଙ୍କର ବିଶେଷ ଅବଦାନ ଥିଲା। ସେ ସବୁବେଳେ ତୃଣମୂଳସ୍ତରର ଲୋକଙ୍କ ସହ ଯୋଡ଼ି ହୋଇ ରହିବା ସହ ସେମାନଙ୍କ ସୁଖ ଦୁଃଖର ସାଥୀ ଥିଲେ। ନୂଆପଡ଼ାର ବିକାଶ କ୍ଷେତ୍ରରେ ନିଷ୍ଠା, ପ୍ରତିବଦ୍ଧତା ଓ କଠିନ ପରିଶ୍ରମ ପାଇଁ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ସବୁଦିନ ମନେ ରହିବେ ବୋଲି କହିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସ୍ୱର୍ଗତଃ ଢୋଲକିଆଙ୍କ ବିୟୋଗରେ ନୂଆପଡାରେ ଆୟୋଜିତ ଶୋକ ସଭାରେ ଶ୍ରୀ ପଟ୍ଟନାୟକ ଆଭାସୀ ଜରିଆରେ ଯୋଗ ଦେଇ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସ୍ୱର୍ଗତଃ ଢୋଲକିଆ ବାବୁଙ୍କ ଅଧୁରା କାମକୁ ପୁରା କରିବାକୁ ତାଙ୍କ ପରିବାର ସହ ବିଜେଡି ଓ ସେ ନିଜେ ସମସ୍ତେ ଏକାଠି କାମ କରିବେ ବୋଲି ନବୀନ ପଟ୍ଟନାୟକଙ୍କ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି।

ନୂଆପଡାର ବିକାଶରେ ସ୍ୱର୍ଗତ ଢୋଲକିଆଙ୍କ ଅବଦାନ ବିଷୟରେରେ ସ୍ମରଣ କରି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଭିତ୍ତିଭୂମି ବିକାଶ ବିଶେଷ କରି ନୂଆପଡାରେ ବିଜୁ ଏକ୍ସପ୍ରେସ ୱେ, ପିଇବା ପାଣି ଓ ଜଳସେଚନ କ୍ଷେତ୍ରରେ ସ୍ୱର୍ଗତ ଢୋଲକିଆ ବହୁତ ଭଲ କାମ କରିଥିଲେ। ଜନଜାତି ଭାଇ ଭଉଣୀମାନଙ୍କ କଲ୍ୟାଣ ସହ ନୂଆପଡାରେ ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ ପାଇଁ ଢୋଲକିଆ ବାବୁଙ୍କ ଅବଦାନ ସବୁବେଳେ ସ୍ମରଣୀୟ ହୋଇ ରହିବ। ସେହିପରି ସମାଜସେବା କ୍ଷେତ୍ରରେ ମଧ ଢୋଲକିଆ ବାବୁଙ୍କ ବିଶେଷ ପରିଚୟ ଥିଲା। ଗରିବ ଲୋକଙ୍କ ବିବାହ ହେଉ ବା ଚକ୍ଷୁ ଚିକିତ୍ସା ଶିବିର ଓ ଭିନ୍ନକ୍ଷମମାନଙ୍କ ପାଇଁ ଶିବିର ଆୟୋଜନ କରି ସେ ଲୋକଙ୍କ ସେବା ଜାରି ରଖିଥିଲେ। ତାଙ୍କର ଶାନ୍ତ ସରଳ ଅମାୟିକ ଓ ନିରହଂକାର ଗୁଣ ଯୋଗୁଁ ସେ ସମସ୍ତଙ୍କର ଆଦରଣୀୟ ଥିଲେ। ସ୍ୱର୍ଗତ ଢୋଲକିଆ ଆଜି ଆମ ଭିତରେ ନାହାନ୍ତି; କିନ୍ତୁ ନୂଆପଡାର ବିକାଶ ଓ ଲୋକଙ୍କ କଲ୍ୟାଣ ପାଇଁ ତାଙ୍କ ପ୍ରତିବଦ୍ଧତା, ନିଷ୍ଠା ଓ କଠିନ ପରିଶ୍ରମ ପାଇଁ ସେ ଲୋକଙ୍କ ହୃଦୟ ଜିତି ପାରିଥିଲେ। ସେ ଲୋକଙ୍କ ପ୍ରିୟ ଥିଲେ ଏବଂ ସବୁବେଳେ ପ୍ରିୟ ହୋଇ ରହିଥିବେ ବୋଲି ନବୀନ ମତବ୍ୟକ୍ତ କରିଥିଲେ।

# ଜୁଆରେ ଉଡ଼ାଇ ଦେଲେ ୫୫ ଲକ୍ଷ ସରକାରୀ ଅନୁଦାନ

ଭୁବନେଶ୍ୱର,୨୨।୯ (ସମିସ): ସ୍କୁଲକୁ ଆସିଥିବା ଅନୁଦାନ ଅର୍ଥରେ ଅନଲାଇନ ଜୁଆ ଖେଳି ଗିରଫ ହୋଇଛନ୍ତି ପୂର୍ବତନ ଅଧ୍ୟକ୍ଷ। ସୁବର୍ଣ୍ଣପୁର ଜିଲା ବିନିକା ଆଦର୍ଶ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ସୌମ୍ୟରଞ୍ଜନ କ୍ଷେତିଙ୍କୁ ସୋମବାର ଗିରଫ କରିଛି ଭିଜିଲାନ୍ସ। ବିଭିନ୍ନ କାର୍ଯ୍ୟ ପାଇଁ ସ୍କୁଲକୁ ଆସିଥିବା ପ୍ରାୟ ୫୫ ଲକ୍ଷ ଟଙ୍କାକୁ କ୍ଷେତି ଆତ୍ମସାତ କରିଥିବା ଅଭିଯୋଗ ହେବା ପରେ ଭିଜିଲାନ୍ସ ପକ୍ଷରୁ ଏହାର ତଦନ୍ତ କରି ତାଙ୍କୁ ଗିରଫ କରାଯାଇଛି। ୨୦୨୧ ସେପ୍ଟେମ୍ବର ୨୯ରେ କ୍ଷେତିଙ୍କୁ ବିନିକା ଆଦର୍ଶ ବିଦ୍ୟାଳୟରେ ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଥିଲା। ୨୦୨୧ରୁ ୨୦୨୫ ମଧ୍ୟରେ ସ୍କୁଲର ମଧ୍ୟାହ୍ନ ଭୋଜନ, ମୋ ସ୍କୁଲ ଅଭିଯାନ ଏବଂ ଛାତ୍ରୀନିବାସ ପାଣ୍ଠିକୁ ୫୫ ଲକ୍ଷ ୨୬୧୦ ଟଙ୍କା ଆସିଥିଲା। କିନ୍ତୁ ସେ ଏସବୁ ଅର୍ଥକୁ ହରିଲୁଟ କରିନେଇଛନ୍ତି। ତନ୍ମଧ୍ୟରୁ ପ୍ରାୟ ୧୧ ଲକ୍ଷ ଟଙ୍କା ସେ ତିନ୍ ପତି ଅନଲାଇନ ବେଟିଂ ଆପରେ ବିନିଯୋଗ କରିଥିବା ଜଣାପଡ଼ିଛି। ଭିଜିଲାନ୍ସ ପକ୍ଷରୁ ଏ ନେଇ ଏକ ମାମଲା ରୁଜୁ କରି ଗିରଫ କରିଛି।

**ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପୂର୍ବ ଅଧ୍ୟକ୍ଷ ଗିରଫ**

# ୨୭ ସୁଦ୍ଧା ଜିଲ୍ଲା କଂଗ୍ରେସ ସଭାପତିଙ୍କ ନାମ ଘୋଷଣା

ଭୁବନେଶ୍ୱର,୨୨।୯ (ସମିସ): ଆସନ୍ତା ୨୭ ତାରିଖ ସୁଦ୍ଧା ରାଜ୍ୟର ୩୫ ଟି ସାଂଗଠନିକ ଜିଲ୍ଲା ପାଇଁ ସଭାପତି ଘୋଷଣା କରିବ କଂଗ୍ରେସ। ସଂଗଠନ ସୃଜନ ପ୍ରକ୍ରିୟାରେ କଂଗ୍ରେସ ଜିଲ୍ଲାସଭାପତି ପାଇଁ ଏଆଇସିସି ପର୍ଯ୍ୟବେକ୍ଷକମାନେ ଯେଉଁ ୩ଟି ଲେଖାଏ ନାମ ସୁପାରିସ କରିଛନ୍ତି, ସେଥିରୁ ଗୋଟିଏ ନାମରେ ମୋହର ମାରିବେ ଏଆଇସିସି କର୍ତ୍ତୃପକ୍ଷ। ସୋମବାର ଏଆଇସିସି ସଂଗଠନ ସମ୍ପାଦକ କେସି ବେଣୁଗୋପାଳ ଦିଲ୍ଲୀର କଂଗ୍ରେସ ମୁଖ୍ୟାଳୟ ଇନ୍ଦିରା ଭବନଠାରେ ଓଡ଼ିଶା ପାଇଁ ନିଯୁକ୍ତ ହୋଇଥିବା ୩୫ ଜଣ ପର୍ଯ୍ୟବେକ୍ଷକ, ପିସିସି ସଭାପତି ଓ ଓଡ଼ିଶା ପ୍ରଭାରୀଙ୍କ ସହ ମଧ ଆଲୋଚନା କରିଛନ୍ତି।

ସୂଚନା ଅନୁଯାୟୀ ଏହି ଆଲୋଚନାରେ ଓଡ଼ିଶା ପାଇଁ ନିଯୁକ୍ତ ପର୍ଯ୍ୟବେକ୍ଷକମାନେ ଆବଣ୍ଟିତ ଜିଲ୍ଲାର ଦଳୀୟ ପଦାଧିକାରୀ ଓ ସାମାଜିକ ଗୋଷ୍ଠୀଙ୍କ ସହିତ ଆଲୋଚନା ପରେ ସେମାନେ ପ୍ରସ୍ତୁତ କରିଥିବା ରିପୋର୍ଟ ପ୍ରଦାନ କରିଛନ୍ତି। ଏହି ରିପୋର୍ଟରେ ସେମାନେ ବିଭିନ୍ନ ଜିଲ୍ଲାର ସାମାଜିକ-ରାଜନୈତିକ ଦୃଶ୍ୟପଟ ଏବଂ ଜିଲ୍ଲାର କଂଗ୍ରେସ ସ୍ଥିତି ଆଦିର ବିଶ୍ଳେଷଣ କରି ତଥ୍ୟ ରଖିଛନ୍ତି। ଏଗୁଡ଼ିକୁ ଆଧାର କରି ଜିଲ୍ଲାସଭାପତିଙ୍କ ନାଁ ଉପରେ ମୋହର ବାଜିବ । ସମ୍ଭବତଃ ତାଲିକା ପ୍ରଥମ ସ୍ଥାନରେ ଯାହା ନାମ ସୁପାରିସ୍ କରାଯାଇଛି, ତାଙ୍କୁ ଜିଲ୍ଲାସଭାପତି ଭାବେ ଦାୟିତ୍ୱ ମିଳିବ। ଏହାସହିତ ଅନ୍ୟ ଯେଉଁ ଦୁଇ ଜଣଙ୍କ ନାଁ ତାଲିକାରେ ରହିଛି, ଯଦି ପିସିସି ସଭାପତି ଚାହିଁବେ ସେମାନଙ୍କୁ ସମ୍ପୃକ୍ତ ଜିଲ୍ଲାର କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ଦେଇପାରିବେ।

**ପ୍ରତି ଜିଲ୍ଲାରେ ନିଯୁକ୍ତି ହେବେ କାର୍ଯ୍ୟକାରୀ ସଭାପତି**


ଓଡ଼ିଶାରେ କଂଗ୍ରେସର ସମସ୍ତ ୩୫ ଟି ସାଙ୍ଗଠନିକ ଜିଲ୍ଲାର ସଭାପତି ଚୟନ ପାଇଁ ୩୫ ଜଣ ଏଆଇସିସି ପର୍ଯ୍ୟବେକ୍ଷକ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ସଭାପତି ଚୟନ ପ୍ରକ୍ରିୟା ପାଇଁ ୭ ଦିନିଆ କ୍ୟାମ୍ପ କରିଥିଲେ। ପ୍ରତ୍ୟେକ ଜିଲ୍ଲାରେ ସଂପୃକ୍ତ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କୁ ସାହାଯ୍ୟ କରିବା ପାଇଁ ପିସିସି ପକ୍ଷରୁ ୩ ଜଣ ଲେଖାଏଁ ରାଜ୍ୟ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଥିଲେ। ସଂପୃକ୍ତ ଜିଲ୍ଲାରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକମାନେ ଦଳୀୟ କର୍ମୀ ଓ ନେତା, ସାମାଜିକ ସଂଗଠନ ଓ ସାମ୍ବାଦିକ ଆଦିଙ୍କ ମତାମତ ସଂଗ୍ରହ କରି ସଭାପତି ତାଲିକା ପ୍ରସ୍ତୁତ କରି ଏଆଇସିସିକୁ ପ୍ରଦାନ କରିଛନ୍ତି। ଏବେ ଏଆଇସିସି ଉକ୍ତ ତାଲିକାରୁ ଯୋଗ୍ୟ ବ୍ୟକ୍ତିଙ୍କ ନାମରେ ମୋହର ମାରିବା ସହ କେବଳ ଘୋଷଣା କରିବାକୁ ବାକି ରହିଛି।

# ଏନ୍‌କାଉଣ୍ଟର୍‌ରେ ଦୁଇ ମାଓବାଦୀ ନିହତ

ମାଲକାନଗିରି, ୨୨।୯ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ଯବାନଙ୍କ ଏନ୍‌କାଉଣ୍ଟର୍‌ରେ ଦୁଇ ମାଓବାଦୀ ନିହତ ହୋଇଛନ୍ତି। ସୂଚନାନୁଯାୟୀ, ମାଓଗଡ଼ ଭାବେ ପରିଚିତ ଦୁର୍ଗମ ଅବୁଝମାଡ଼ ଜଙ୍ଗଲରେ ଡିଆରଜି, ଏସଟିଏଫ ଓ କୋବ୍ରା ବାହିନୀ ପକ୍ଷରୁ କମ୍ବି ଅପରେସନ୍ ଚାଲିଥିବା ବେଳେ ମାଓବାଦୀମାନେ ଗୁଳି ଚାଳନା କରିଥିଲେ। ଯବାନଙ୍କ ପକ୍ଷରୁ ମଧ ଏହାର ପାଲଟା ଜବାବ ଦିଆଯାଇଥିଲା। ଯବାନଙ୍କ ସାମ୍ନା କରି ନପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ଜଙ୍ଗଲ ମଧ୍ୟରେ ଲୁଚି ପଳାଇଥିଲେ। ପରେ ଅଞ୍ଚଳରେ ପୁନଃ ତଲାସି ବେଳେ ଯବାନମାନେ ଦୁଇ ମାଓବାଦୀଙ୍କ ମରଶରୀର, ଏକେ-୪୭ ବନ୍ଧୁକ, ବିସ୍ଫୋରକ ସାମଗ୍ରୀ, ଅସ୍ତ୍ରଶସ୍ତ୍ର ଓ ମାଓ ସାମଗ୍ରୀ ଜବତ କରିଛନ୍ତି।

## ୧୪ ମାସରେ ୩୭,୬୧୧ ନାରୀ ନିର୍ଯ୍ୟାତନା ମାମଲା


# ଦେଢ଼ବର୍ଷରେ ୪୫୪୪ ମହିଳା ଦୁଷ୍କର୍ମର ଶିକାର



ଭୁବନେଶ୍ୱର,୨୨।୯ (ସମିସ): ଗତ ୧୪ ମାସରେ ରାଜ୍ୟରେ ୩୭ ହଜାର ୬୧୧ଟି ନାରୀ ନିର୍ଯ୍ୟାତନା ମାମଲା ରୁଜୁ ହୋଇଛି। ଏଥିରେ ୯୧୮୧ଟି ଅସଦାଚରଣ ମାମଲା ରହିଛି। ସେହିପରି ଦେଢ଼ ବର୍ଷ ମଧ୍ୟରେ ରାଜ୍ୟର ୪୫୪୪ ଜଣ ମହିଳା ଦୁଷ୍କର୍ମ ଓ ଗଣଦୁଷ୍କର୍ମର ଶିକାର ହୋଇଛନ୍ତି । ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଓ ବିଧାୟକ ଅରୁଣ ସାହୁଙ୍କ ଭିନ୍ନଭିନ୍ନ ପ୍ରଶ୍ନରେ ବିଧାନସଭାରେ ଏହି ତଥ୍ୟ ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।


ମୁଖ୍ୟମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ ଏହି ଅବଧି ମଧ୍ୟରେ ରାଜ୍ୟରେ ୨୯୩୩ଟି ଦୁଷ୍କର୍ମ, ୧୨୭୮ଟି ଯୌନ ନିର୍ଯ୍ୟାତନା, ୮୨୨୭ଟି ଅପହରଣ ମାମଲା ରୁଜୁ ହୋଇଛି। ସେହିପରି ୫୪୬୪ଟି ଯୌତୁକ ନିର୍ଯ୍ୟାତନା ମାମଲା ବିଭିନ୍ନ ଥାନାରେ ମଧ ରୁଜୁ କରାଯାଇଛି। ୪୫୪୪ଟି ଦୁଷ୍କର୍ମ ଘଟଣାରେ ୩୮୦୫ ଜଣ ପୁରୁଷ ଏବଂ ୫୭ ମହିଳା ଗିରଫ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୯୪ ଜଣଙ୍କୁ ଦଣ୍ଡବିଦାନ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁସାରେ ଗତ ୧ ବର୍ଷ ମଧ୍ୟରେ ରାଜ୍ୟରେ ମହିଳା ଅସଦାଚରଣ ମାମଲା ବୃଦ୍ଧି ପାଇଛି। ୪୪ଟି ଯୌତୁକ ଜନିତ ଆତ୍ମହତ୍ୟା, ୨୧୬୧ଟି ସର୍ବସାଧାରଣ ସ୍ଥାନରେ ମହିଳାଙ୍କୁ ଦୁର୍ବ୍ୟବହାର, ୧୨୭୮ ଯୌନ ନିର୍ଯ୍ୟାତନା, ୨୨୪ ଶାରିରୀକ ସମ୍ପର୍କ ରଖି ବିବାହ ନ କରିବା ଆଦି ମାମଲା ରୁଜୁ ହୋଇଛି ।

# ୧୫ ମାସରେ ୧୫ ଆତ୍ମାହୁତି



ଭୁବନେଶ୍ୱର, ୨୨।୯ (ସମିସ): ରାଜ୍ୟରେ ମହିଳାବିରୋଧୀ ଅପରାଧ ବୃଦ୍ଧି ପାଉଥିବା ବେଳେ ଆତ୍ମାହୁତି ଘଟଣା ମଧ ଢେର୍ ବଢ଼ିଛି। କିଏ ନିର୍ଯ୍ୟାତନା ସହି ନପାରି ଆତ୍ମାହୁତି ଦେଇଛି ତ ଆଉ କିଏ ପାରିବାରିକ କଳହରୁ ଏଭଳି ଚରମ ନିଷ୍ପତ୍ତି ନେଇଛି। ବିଶେଷକରି, ଗତ ୧୫ମାସରେ ରାଜ୍ୟରେ ୧୫ଜଣ ଯୁବତୀ ଓ ମହିଳା ଆତ୍ମାହୁତି ଦେଇଛନ୍ତି। ରାଜ୍ୟରେ ପାରିବାରିକ କଳହଠାରୁ ଆରମ୍ଭ କରି ଯୌତୁକ ଓ ମାନସିକ ନିର୍ଯ୍ୟାତନା ମାମଲା ବଢ଼ିଛି। ଏସବୁର ଶିକାର ହେଉଥିବା ଛାତ୍ରୀ ଓ ମହିଳାମାନେ ନିଜକୁ ଜାଳିଦେବା ଭଳି ଚରମ ପଦକ୍ଷେପ ନେଇଛନ୍ତି। ବିଗତ ଦିନରେ ବାଲେଶ୍ୱର, ବଳଙ୍ଗା, ଜଟଣୀ, ଜଗତପୁର, ରରୁଆଁ, ବ୍ରହ୍ମପୁର ସଦର, ମାହାଙ୍ଗା, ପଟ୍ଟାମୁଣ୍ଡାଇ, ଖଇରା, ରାଉରକେଲା, ସହଦେବଖୁଣ୍ଟା ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ମୋଟ ୧୫ଜଣ ଛାତ୍ରୀ ଓ ମହିଳା ଏଥିରେ ପ୍ରାଣ ହରାଇଛନ୍ତି। ଏ ସଂକ୍ରାନ୍ତରେ ରାଜ୍ୟର ବିଭିନ୍ନ ଥାନାରେ ମୋଟ ୯ଟି ଧର୍ତ୍ତବ୍ୟ ଓ ୬ଟି ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ୩ଟି ମାମଲାର ଚାର୍ଜସିଟ୍ ଦାଖଲ ହୋଇଥିବା ବେଳେ ୧୦ଟି ମାମଲାର ତଦନ୍ତ ଏବେ ମଧ ଜାରି ରହିଛି। ଏଥିସହ ୨ଟି ମାମଲା ଫାଇନାଲ୍ ରିପୋର୍ଟ ମିଷ୍ଟେକ୍-ଅଫ୍-ଫ୍ୟାକ୍ଟ କରାଯାଇଛି। ବିଧାୟକ ତୁଷାରକାନ୍ତି ବେହେରାଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ଉତ୍ତର ରଖିଛନ୍ତି।

# ଜୀବନ ହାରିଛନ୍ତି ୨୨ ଛାତ୍ରଛାତ୍ରୀ



ଭୁବନେଶ୍ୱର,୨୨।୯ (ସମିସ): ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ କ୍ୟାମ୍ପସରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଇଛି। ଗତ ୧୫ ମାସ ମଧ୍ୟରେ ୨୨ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର ଏଭଳି ଉଦବେଗଜନକ ତଥ୍ୟ ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ଏକ ପ୍ରଶ୍ନ ଉତ୍ତରରେ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁସାରେ, ରାଜ୍ୟର ବିଭିନ୍ନ ସରକାରୀ ଏବଂ ଘରୋଇ ଶିକ୍ଷାନୁଷ୍ଠାନ କ୍ୟାମ୍ପସରେ ଏସବୁ ଆତ୍ମହତ୍ୟା ଘଟଣା ଘଟିଛି। ରାୟଗଡ଼ାରେ ସର୍ବାଧିକ ୪ ଛାତ୍ର ଆତ୍ମହତ୍ୟା କରିଥିବାବେଳେ ଭୁବନେଶ୍ୱରର ଏକ ବିଶ୍ୱବିଦ୍ୟାଳୟରେ ୨ ଜଣ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି।

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-90 •TUESDAY •23 SEPTEMBER 2025 •PAGE-12 •₹ 6.00
•ବର୍ଷ-୪୩ •ସଂଖ୍ୟା-୯୦ •ମଙ୍ଗଳବାର •୨୩ ସେପ୍ଟେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦




ଅବସରରୁ ଡି କକ୍‌ଙ୍କ ୟୁ-ଟର୍ନ
▶କ୍ରୀଡ଼ା ପୃଷ୍ଠାରେ...






ଘାରିଛି ରାଜସ୍ୱ ଚିନ୍ତା

# ବିକ୍ରିହେବ ସରକାରୀ ଉଦ୍ୟୋଗ ଅଂଶଧନ

## ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୪୭ ହଜାର କୋଟି ସଂଗ୍ରହ ଲକ୍ଷ୍ୟ

### ଆଇଡିବିଆଇ ବ୍ୟାଙ୍କରୁ ପୁଞ୍ଜି ପ୍ରତ୍ୟାହାର ନିଷ୍ପତ୍ତି ଚୂଡ଼ାନ୍ତ

### ଜାରିହେବ ଓଏନ୍‌ଜିସି, ଏନ୍‌ଏଚ୍‌ପିସି, ଏଲ୍‌ଆଇସି ଆଇପିଓ




■ ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି): କେନ୍ଦ୍ର ସରକାରଙ୍କ ଅଧୀନସ୍ଥ କିଛି ସରକାରୀ ଉଦ୍ୟୋଗ ବିକ୍ରି ହେବ, କିଛି ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର ହେବ। ଅନୁରୂପ ଭାବରେ ଏଲ୍‌ଆଇସି (ଜୀବନ ବୀମା ନିଗମ), ଓଏନ୍‌ଜିସି (ତୈଳ ଓ ପ୍ରାକୃତିକ ଗ୍ୟାସ ନିଗମ) ଏବଂ ଏନ୍‌ଏଚ୍‌ପିସି (ଜାତୀୟ ଜଳ ବିଦ୍ୟୁତ ନିଗମ) ପରି ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକର ଆଇପିଓ ଜାରି କରି ସରକାର ରାଜସ୍ୱ ସଂଗ୍ରହ କରିବେ।। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହି କାର୍ଯ୍ୟକ୍ରମ ଜରିଆରେ ସରକାର ୪୭ ହଜାର କୋଟି ଟଙ୍କା ସଂଗ୍ରହ ଲକ୍ଷ୍ୟ ରଖିଛନ୍ତି ଓ ଏହା ୧.୨ ଲକ୍ଷ କୋଟି ଟଙ୍କା ଯାଏ ହୋଇପାରେ ବୋଲି କୁହାଯାଉଛି। କେନ୍ଦ୍ର ସରକାରଙ୍କ ପୁଞ୍ଜି ପ୍ରତ୍ୟାହାର ବିଭାଗ ସଚିବ ଅରୁଣିଶ ଚାୱାଲା ଏହି ସୂଚନା ଦେଇଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପ୍ରାୟ ଅଧଡ଼ଜନେ ସରକାରୀ କମ୍ପାନୀ ଓ ଉଦ୍ୟୋଗରୁ ଅଂଶଧନ ବା ସେୟାର ବିକ୍ରି ପାଇଁ ଯୋଜନା ରହିଥିବା ସେ କହିଛନ୍ତି।

ବିଭିନ୍ନ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ସୂଚନା ଅନୁସାରେ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଆଇଡିବିଆଇ ବ୍ୟାଙ୍କରୁ ପୁଞ୍ଜି ପ୍ରତ୍ୟାହାର କରାଯିବ। ଏହା ସହ ସରକାର ଖୁବ୍‌ଶୀଘ୍ର କିଛି ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଅଫର ଫର ସେଲ୍ (ଓଏଫ୍‌ଏସ୍) ଘୋଷଣା କରିବେ ଓ କିଛି କମ୍ପାନୀର ଆଇପିଓ ଜାରି କରାଯିବ। ପୁଞ୍ଜି ପ୍ରତ୍ୟାହାର କରାଯିବାକୁ ଥିବା କମ୍ପାନୀ ମଧ୍ୟରେ ଓଏନ୍‌ଜିସି ଏବଂ ଏନ୍‌ଏଚ୍‌ପିସି ଭଳି ରାଷ୍ଟ୍ରାୟତ୍ତ କମ୍ପାନୀ ରହିଛି। ୟୁକୋ ବ୍ୟାଙ୍କ ଏବଂ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଭଳି ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ଥିବା ସରକାରୀ ଅଂଶଧନ ବିକ୍ରି ହୋଇପାରେ ବୋଲି ଏହି ସୂତ୍ରରୁ ସୂଚନା ମିଳିଛି। ସରକାରୀ ରାଜସ୍ୱ ବୃଦ୍ଧି କରିବା ଓ ବଜାରରେ ନିବେଶକମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବା ହେଉଛି ଏହାର ପ୍ରମୁଖ ଲକ୍ଷ୍ୟ ବୋଲି କୁହାଯାଉଛି।

ପ୍ରାକୃତିକ ସମ୍ପଦ କ୍ଷେତ୍ରର ଏକ ସରକାରୀ କମ୍ପାନୀ କିମ୍ବା ଏହାର ସହାୟକ କମ୍ପାନୀର ଚଳିତ ଆର୍ଥିକ ବର୍ଷରେ ସରକାର ▶ପୃଷ୍ଠା-୭

୧୦ ବର୍ଷର ତଥ୍ୟ ଆଧାରିତ ସିଏଜି ରିପୋର୍ଟ

# ୨୦୨୨-୨୩ରେ ଓଡ଼ିଶାର ରାଜସ୍ୱ ବଳକା ୧୯,୪୫୬ କୋଟି



### ନବୀନଙ୍କ ଶୃଙ୍ଖଳିତ ଆର୍ଥିକ ପରିଚାଳନାକୁ ସିଏଜିର ମୋହର

### ଖୁସି ବ୍ୟକ୍ତ ସହ ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଜଣାଇଲେ ନବୀନ

■ ଭୁବନେଶ୍ୱର,୨୨।୯ (ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶୃଙ୍ଖଳିତ ଆର୍ଥିକ ପରିଚାଳନାକୁ ଦେଶବ୍ୟାପୀ ବିଭିନ୍ନ ସମୟରେ ପ୍ରଶଂସା କରାଯାଇଛି। ଏକ ଆର୍ଥିକ ନିଅଣ୍ଟିଆ ରାଜ୍ୟରୁ ଓଡ଼ିଶାକୁ ରାଜସ୍ୱ ବଳକା ରାଜ୍ୟରେ ରୂପାନ୍ତରିତ କରିବା ପଛରେ ନବୀନଙ୍କ ନେତୃତ୍ୱ ଏବଂ ପ୍ରଭାବୀ ଶାସନ ପ୍ରଣାଳୀ ଜାତୀୟସ୍ତରରେ ଉଚ୍ଚ ପ୍ରଶଂସିତ ହୋଇଛି। ନବୀନଙ୍କ ଏହି ଆର୍ଥିକ ସୁପରିଚାଳନା ଉପରେ ମୋହର ମାରିଛନ୍ତି ସିଏଜି। ୨୦୨୨-୨୩ ଆର୍ଥିକ ବର୍ଷରେ ଓଡ଼ିଶା ଦେଶରେ ଶ୍ରେଷ୍ଠ ୩ ରାଜସ୍ୱ ବଳକା ରାଜ୍ୟରେ ସାମିଲ ହୋଇଛି। ୨୦୧୩-୧୪ରୁ ୧୦ ବର୍ଷର ନବୀନ ସରକାରଙ୍କ ଆର୍ଥିକ ପରିଚାଳନାକୁ ଅନୁଶୀଳନ କରି ଏଭଳି ରିପୋର୍ଟ ପ୍ରକାଶ କରିଛନ୍ତି ମହାଲେଖାକାର। ସିଏଜିଙ୍କ ଉପରୋକ୍ତ ରିପୋର୍ଟକୁ ନେଇ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ଖୁସିବ୍ୟକ୍ତ କରିଛନ୍ତି ନବୀନ।

ସିଏଜିଙ୍କ ତଥ୍ୟ ଅନୁଯାୟୀ ୨୦୨୨-୨୩ରେ ରାଜ୍ୟର ବଳକା ରାଜସ୍ୱ ୧୯,୪୫୬ କୋଟି ଥିଲା। ଯାହା ସମଗ୍ର ଦେଶରେ ତୃତୀୟ। ୨୦୦୦ ମସିହାରେ ନବୀନ ଓଡ଼ିଶାର ଦାୟିତ୍ୱ ନେବା ସମୟରେ ଓଡ଼ିଶା ଏକ ଅଭାବୀ ତଥା ଆର୍ଥିକ ନିଅଣ୍ଟିଆ ରାଜ୍ୟ ଭାବେ ପରିଗଣିତ ହେଉଥିଲା। କର୍ମଚାରୀଙ୍କୁ ଦରମା ଦେବାକୁ ସରକାରଙ୍କ ପାଖରେ ଅର୍ଥ ନ ଥିବା ବେଳେ ରାଜ୍ୟର ଆର୍ଥିକ ସ୍ଥିତି ଚିନ୍ତାଜନକ ରହିଥିଲା। ମାତ୍ର ନେତୃତ୍ୱ ନେବାର କିଛିବର୍ଷ ମଧ୍ୟରେ ନବୀନ ଓଡ଼ିଶାର ଅର୍ଥନୀତିକୁ ସବଳ, ▶ପୃଷ୍ଠା-୭

# ଚୌଦ୍ୱାର ଥାନାରେ ହାଜତ ମୃତ୍ୟୁ !




### ପୁଲିସ ମାଡ଼ରେ ଅତିଷ୍ଠ ହୋଇ ବେକରେ ବେଲ୍ଟ ବାନ୍ଧି ଝୁଲିପଡ଼ିଲେ ଅଭିଯୁକ୍ତ

### ଏସିପିଙ୍କ ସମେତ ୩ ପୁଲିସ ନିଲମ୍ବିତ

■ କଟକ/ଚୌଦ୍ୱାର, ୨୨।୯(ସମିସ): ପୁଲିସ ନିର୍ଯାତନା ସହି ନପାରି ହାଜତ ଭିତରେ ଝୁଲିପଡ଼ିଲେ ଅଭିଯୁକ୍ତ। ଚୌଦ୍ୱାର ଥାନା ବିରୋଧରେ ଆଜି ହାଜତ ମୃତ୍ୟୁ ଭଳି ଏକ ସାଂଘାତିକ ଅଭିଯୋଗ ଆସିଛି। ମୃତକ ହେଲେ, ଢେଙ୍କାନାଳ ଜିଲ୍ଲା ଶଙ୍କରପୁର ଅଞ୍ଚଳର ରସାନନ୍ଦ ନାୟକ (୩୯)। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ଏସିପି ବିଶ୍ୱରଂଜନ ସାହୁଙ୍କ ସମେତ ସବ୍‌ଇନ୍ସପେକ୍ଟର୍ ନିରଞ୍ଜନ ଗୋଡ଼ା ଓ କନଷ୍ଟେବଲ୍ କମଳଲୋଚନ ମାଝୀଙ୍କୁ ନିଲମ୍ବିତ କରାଯାଇଛି।

ସୂଚନାନୁଯାୟୀ, ରସାନନ୍ଦଙ୍କୁ ଏକ ବାଇକ୍ ଚୋରି ଅଭିଯୋଗରେ ଚୌଦ୍ୱାର ପୁଲିସ ଗିରଫ କରିଥିଲା। ଥାନାର ନବୀକରଣ କାର୍ଯ୍ୟ ଚାଲୁଥିବାରୁ ପୁଲିସ ତାଙ୍କୁ ବାରାକରେ ରଖି ପଚରାଉଚରା କରୁଥିଲା। ଅଧିକ ତଥ୍ୟ ହାସଲ ନିମନ୍ତେ ପୁଲିସ୍ ନିସ୍ତୁକ ପିଟିଥିଲା। ଏପରିକି, ତାଙ୍କ ଭାଇଙ୍କ ଆଖି ସାମ୍ନାରେ ପୁଲିସ ଥାନା ପଛପଟ ରୁମ୍‌ରେ ଏକ ପାଇପ୍ ଯୋଗେ ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲା ବୋଲି ତାଙ୍କ ଭାଇ ଅଭିଯୋଗ ଆଣିଛନ୍ତି। ପୁଲିସ ମାଡ଼ରେ ଅତିଷ୍ଠ ହୋଇ ରସାନନ୍ଦ ଗତକାଲି ବିଳମ୍ବିତ ରାତିରେ ନିଜ ପ୍ୟାଣ୍ଟରେ ପିନ୍ଧିଥିବା ବେଲ୍ଟକୁ ବେକରେ ବାନ୍ଧି ବାରାକ୍‌ରେ ଥିବା ପାଇଖାନା ଘରେ ଝୁଲି ପଡ଼ିଥିଲେ। ତାଙ୍କ ଚିତ୍କାର ଶୁଣି ଥାନାରେ ଥିବା କର୍ମଚାରୀ ▶ପୃଷ୍ଠା-୭

ବିଧାନସଭାରେ ଗର୍ଜିଲା ବିଜେଡି

# ଗୃହ ଚାଲିଲା ୭ ମିନିଟ୍

ଧୋଇଗଲା ପ୍ରଥମାର୍ଦ୍ଧ

## ‘ପଞ୍ଚାୟତିରାଜ ବ୍ୟବସ୍ଥାର ହତ୍ୟା ଚଳିବ ନାହିଁ’ ନାରାରେ କମ୍ପିଲା ଗୃହ



ଗୃହ ବାହାରେ ବିଜେଡିର ପ୍ରତିକ୍ରିୟା: ନିର୍ବାଚିତ ପ୍ରତିନିଧିଙ୍କ କ୍ଷମତା ସଙ୍କୁଚିତ କରି ଐତିହାସିକ ତ୍ରୁଟି କରିଛନ୍ତି ସରକାର

■ ଭୁବନେଶ୍ୱର, ୨୨।୯ (ସମିସ): ପଞ୍ଚାୟତିରାଜ ବ୍ୟବସ୍ଥାକୁ ରାଜ୍ୟ ସରକାର ହତ୍ୟା କରୁଥିବା ଅଭିଯୋଗ କରି ସୋମବାର ପ୍ରଥମାର୍ଦ୍ଧ ଅଚଳ କରିଛି ମୁଖ୍ୟ ବିରୋଧୀ ଦଳ ବିଜେଡି। ପଞ୍ଚାୟତିରାଜ ବ୍ୟବସ୍ଥାରେ ରାଜ୍ୟ ସରକାର ନିର୍ବାଚିତ ପ୍ରତିନିଧିଙ୍କ କ୍ଷମତାକୁ ସଙ୍କୁଚିତ କରି ବାବୁରାଜକୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ ଆଣି ବିଜେଡି ବିଧାୟକମାନେ ଗୃହରେ ପ୍ରବଳ ନାରାବାଜି କରିଥିଲେ। ଫଳରେ ମାତ୍ର ୭ ମିନିଟ ଗୃହ ଚାଲିବା ପରେ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ଅପରାହ୍ନ ୪ଟା ଯାଏଁ ମୁଲତବୀ ରଖିଥିଲେ।

ସୋମବାର ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ବିଜେଡି ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ହଟ୍ଟଗୋଳ କରିଥିଲେ। ହାତରେ ପ୍ଲାକାର୍ଡ, ପୋଷ୍ଟର ଦେଇ ରାଜ୍ୟ ସରକାରଙ୍କ ବିରୋଧରେ ପ୍ରବଳ ନାରାବାଜି କରିଥିଲେ। ପଞ୍ଚାୟତିରାଜ ବ୍ୟବସ୍ଥା ଉପରେ କୁଠାରଘାତ ଚଳିବ ନାହିଁ, ଡବଲ ଇଞ୍ଜିନ ସରକାର ହାଏ ହାଏ, ମୋହନ ସରକାର ଡାଉନ ଡାଉନ, ନାରାରେ ଗୃହ କମ୍ପାଇଥିଲେ। ଏହି ସମୟରେ ସନାତନ ବିଜୁଳିଙ୍କର ଏକ ତାରକା ପ୍ରଶ୍ନର ଉତ୍ତର ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରଖୁଥିବା ବେଳେ ବିଜେଡି ସଦସ୍ୟଙ୍କ ନାରାବାଜି ଯୋଗୁଁ ଏହା ଶୁଣାଯାଉ ନ ଥିଲା। ଏପଟରେ ଗୃହ ନ ଚାଲିବା ପ୍ରତିବାଦରେ କଂଗ୍ରେସ ସଦସ୍ୟମାନେ ନିଜ ନିଜ ଆସନରେ ଛିଡ଼ାହୋଇ ପୋଷ୍ଟର ଦେଖାଇ ପ୍ରତିବାଦ କରିଥିଲେ। ବାଚସ୍ପତିଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ବିଜେଡି ସଦସ୍ୟ ନିଜ ନିଜ ଆସନକୁ ନ ଫେରିବାରୁ ବାଚସ୍ପତି ଗୃହକୁ ୧୦ଟା ୩୭ ମିନିଟରୁ ଅପରାହ୍ନ ୪ଟା ଯାଏଁ ମୁଲତବୀ ରଖିଥିଲେ।

ବିଜେଡିର ପ୍ରତିବାଦ ସମ୍ପର୍କରେ ଗୃହ ବାହାରେ ପ୍ରତିକ୍ରିୟା ରଖି ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି ଯେ ବର୍ତ୍ତମାନର ରାଜ୍ୟ ବିଜେପି ସରକାର ଗଣତନ୍ତ୍ରରେ ବିଶ୍ୱାସ କରନ୍ତି ନାହିଁ। ପ୍ରତି ମୂହୂର୍ତ୍ତରେ ଗଣତନ୍ତ୍ରର ତଣ୍ଟି ଚିପି ଚାଲିଛନ୍ତି। କ୍ୟାବିନେଟରେ ନିଷ୍ପତ୍ତି ବଳରେ ସରକାର ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଭୁଶୁଡ଼େଇ ଦେବା ପାଇଁ ▶ପୃଷ୍ଠା-୭

# କଂଗ୍ରେସର ଅନାସ୍ଥା ନୋଟିସ ଅଗ୍ରାହ୍ୟ

## ଗୃହତ୍ୟାଗ କରି ଗାନ୍ଧିମୂର୍ତ୍ତି ତଳେ କଂଗ୍ରେସ ସଦସ୍ୟଙ୍କ ଧାରଣା



### ବାଚସ୍ପତିଙ୍କ ଜରିଆରେ ଶାସକ ଦଳ ଗଣତନ୍ତ୍ରକୁ ହତ୍ୟା କରିଛି

■ ଭୁବନେଶ୍ୱର, ୨୨।୯ (ସମିସ): ରାଜ୍ୟ ସରକାର ବିରୋଧରେ କଂଗ୍ରେସ ପକ୍ଷରୁ ଆଗତ ଅନାସ୍ଥା ପ୍ରସ୍ତାବ ନୋଟିସକୁ ଅଗ୍ରାହ୍ୟ କରିଛନ୍ତି ବାଚସ୍ପତି ସୁରମା ପାଢ଼ୀ। ସୋମବାର ଅପରାହ୍ଣରେ ଏ ସଂକ୍ରାନ୍ତରେ ରୁଲିଂ ଦେଇ ବାଚସ୍ପତି କହିଛନ୍ତି ଯେ ଅନାସ୍ଥା ନୋଟିସ୍ ହସ୍ତଗତ ହେବାର ପରଦିନ ଏହାକୁ ଗୃହକୁ ଆଣିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଗୃହ ସ୍ୱାଭାବିକ ନ ଥିବାରୁ ଏହା ଗୃହକୁ ଆସି ପାରି ନ ଥିଲା। ଗୃହରେ ଅଚଳାବସ୍ଥା ଯୋଗୁଁ ନୋଟିସର ଅବଧି ସରିଯାଇଥିବାରୁ ଏହାକୁ ▶ପୃଷ୍ଠା-୭

ଉପାନ୍ତରେ ବର୍ଷା ବିପ୍ରାତ

# ବିପଦରେ ବଣ୍ଡା, କଳିଙ୍ଗା ଘାଟି



### ବଣ୍ଡାଘାଟି ରାଜପଥ ତଳୁ ଧସିଲା ମାଟି

■ ଖଇରପୁଟ, ୨୨।୯ (ସମିସ): ମାଲକାନଗିରି ଜିଲ୍ଲା ବଣ୍ଡାଘାଟି ଅଞ୍ଚଳକୁ ଯାତାୟାତ କରିବା ବିପଦମୟ ହୋଇପଡ଼ିଛି। ଜିଲ୍ଲାର ଖଇରପୁଟ ବ୍ଲକ ସଦର ମହକୁମାରୁ ବଣ୍ଡାଘାଟିକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ମାଙ୍କଡ଼ଝୋଲା ନିକଟରେ ରାସ୍ତା ତଳୁ ମାଟି ଖସିବା ଫଳରେ ଯାତାୟାତ ବିପଦପୂର୍ଣ୍ଣ ହୋଇ ପଡିଛି। ଗତ କିଛି ଦିନ ଧରି ଅବିରତ ପ୍ରବଳ ବର୍ଷା ପାଇଁ ପାହାଡ଼ରୁ ଆସୁଥିବା ବର୍ଷାଜଳ ସିଧାସଳଖ ରାସ୍ତା ଉପରେ ପଡ଼ିଥିବାରୁ ରାସ୍ତାର ତଳଭାଗ ଅତଡା ଖସିଯାଇଛି। ଫଳରେ ରାସ୍ତାର ଏକାଧିକ ଅଂଶ ଦୁର୍ବଳ ହୋଇପଡ଼ିଥିବାରୁ ଯାତାୟାତ ସ୍ୱାଭାବିକ ରହିପାରୁନି। ସୂଚନା ପାଇ ବିଡିଓ ଉମାଶଙ୍କର କୋୟା ଓ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନେଇ ଆଲୋଚନା କରିଛନ୍ତି। ଯଦି ବର୍ଷା ଏଭଳି ଜାରି ରୁହେ, ତେବେ ଯାତାୟାତ ସମ୍ପୂର୍ଣ୍ଣ ଭାବେ ବନ୍ଦ ହେବାର ସମ୍ଭାବନା ରହିଛି। ବିଗତ ବର୍ଷ ମଧ ଏହି ସ୍ଥାନରେ ମାଟି ▶ପୃଷ୍ଠା-୭



### କଳିଙ୍ଗା ଘାଟିରୁ ପୁଣି ଖସିଲା ପଥର

■ ଜି.ଉଦୟଗିରି, ୨୨।୯ (ସମିସ): ଗଞ୍ଜାମ-କନ୍ଧମାଳ ସୀମାନ୍ତ କଳିଙ୍ଗା ଘାଟି ରାସ୍ତା ଆଜି ପୁଣି ଧୋଇଯାଇଛି। ମଙ୍ଗଳବାର ହୋଇଥିବା ଭୂ-ସ୍ଖଳନରେ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ଏଠାରେ ନିର୍ମାଣ କାମ ଚାଲିଥିଲା। କିନ୍ତୁ, ପ୍ରବଳ ବର୍ଷା ଯୋଗୁଁ ଆଜି ପାହାଡ଼ରୁ ବଡ଼ବଡ଼ ପଥର ଖସିବା ସହ ମାଟି ଅତଡ଼ା ଧସିଥିଲା। ଏହାସହ ପାହାଡ଼ ଉପରୁ ଅତି ଜୋର୍‌ରେ ପାଣିସ୍ରୋତ ଆସିବାରୁ ସେଠାରେ କାମ କରୁଥିବା ଶ୍ରମିକମାନେ ଭୟରେ ଦୌଡ଼ି ପଳାଇଥିଲେ। ଏଥିରେ, ରାସ୍ତାକାମ ପାଇଁ ଗଦା ହୋଇଥିବା ବାଲି, ଗୋଡ଼ି, ମାଟି ସବୁ ଧୋଇ ହୋଇଯାଇଥିଲା। ରାସ୍ତା କାମରେ ପ୍ରତିଦିନ ବର୍ଷା ପ୍ରତିବନ୍ଧକ ସାଜୁଥିବା ବେଳେ ଆଗକୁ ଲଘୁଚାପ ଥିବାରୁ ଏହାକୁ ନେଇ ବିଭାଗୀୟ ଅଧିକାରୀଙ୍କ ଚିନ୍ତା ବଢ଼ିଛି।

ଅପରପକ୍ଷେ, ଭୂ-ସ୍ଖଳନକୁ ୭ ଦିନ ବିତିଥିଲେ ମଧ ଏପର୍ଯ୍ୟନ୍ତ ଏହି ଘାଟି ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇପାରିନାହିଁ। ଏଭଳି ସ୍ଥିତିରେ ଅସ୍ଥାୟୀ ରାସ୍ତା ବାହାର କରିବାକୁ ଆପ୍ରାଣ ଉଦ୍ୟମ ଜାରି ରହିଥିଲା। ଏବେ ▶ପୃଷ୍ଠା-୭

ଦୁଇ ଲଘୁଚାପ ଆଣୁଛି ବଡ଼ ବର୍ଷା

# ଏଥର ଫିକା ପଡ଼ିବ ପାର୍ବଣ !

■ ଭୁବନେଶ୍ୱର, ୨୨।୯ (ସମିସ): ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇଥିବା ବେଳେ ତା’ ପଛକୁ ଦାନା ବାନ୍ଧୁଛି ଆଉ ଗୋଟିଏ ଲଘୁଚାପ। ଏହା ଆସନ୍ତା ୨୫ ତାରିଖରେ ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଫଳରେ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ଲାଗି ରହିବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସମ୍ଭାବ୍ୟ ଲଘୁଚାପ ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେଇପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହାଦ୍ୱାରା ରାଜ୍ୟର ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ତେଣୁ ଏଥର ପାର୍ବଣ ଫିକା ପଡ଼ିବାର ଆଶଙ୍କା ରହିଛି।

ସୋମବାର ସକାଳେ ଉତ୍ତର-ପୂର୍ବ ବଙ୍ଗୋପସାଗର ଏବଂ ଏହାର ଆଖପାଖ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ସହିତ ଜଡ଼ିତ ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନଠାରୁ ୫.୮ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପୀ ରହିଛି। ଏହା ଆଗାମୀ ୨୪ ଘଣ୍ଟା ମଧ୍ୟରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରର ଆଡ଼କୁ ଗତି କରିବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ସୋମବାର ସନ୍ଧ୍ୟା ସୁଦ୍ଧା କୋରାପୁଟରେ ସର୍ବାଧିକ ୮୦ ମିମି ବର୍ଷା ହୋଇଥିବା ବେଳେ ଟିଟିଲାଗଡ଼ ଓ ସମ୍ବଲପୁରରେ ୩୯ ମିମି ଲେଖାଏଁ ବର୍ଷା ରେକର୍ଡ କରାଯାଇଛି। ଏହାସହିତ ଭଦ୍ରକ ୩୭, ବଲାଙ୍ଗିର ୨୪ ଓ ବୌଦ୍ଧରେ ୨୦ ମିମି ବର୍ଷା ରେକର୍ଡ ହୋଇଛି।

ଏହି ଲଘୁଚାପ ପ୍ରଭାବରେ ରାଜ୍ୟରେ କିଛି ପରିମାଣରେ ବର୍ଷା ଜାରି ରହିବ। ▶ପୃଷ୍ଠା-୭

ସକାଳ THE SAKALA



■ ୫ ବର୍ଷ ହେଲା ୩ ପରିବାରକୁ ନିଆଁ, ପାଣି ବାସନ୍ଦ

# ରାଜ୍ୟ ମାନବାଧିକାର କମିଶନଙ୍କ ନିର୍ଦ୍ଦେଶକୁ ଫୁଁ'

କଣାସ,୨୨।୯ (ସମିସ): ଦୀର୍ଘ ୫ ବର୍ଷରୁ ଊର୍ଦ୍ଧ୍ୱ ଧରି କଣାସ ବ୍ଲକ୍ ବଡାଲ ଗ୍ରାମପଞ୍ଚାୟତ ବଡ଼ଓରା ଗ୍ରାମର ଶରତ ସାହୁ, ବିରଞ୍ଚି ସାହୁ ଓ ବିଦୁର ସାହୁଙ୍କୁ ଗ୍ରାମବାସୀମାନେ ନିଆଁ, ପାଣି, ମନ୍ଦିର, ଦୋକାନରୁ ସଉଦା ଆଣିବା ବାସନ୍ଦ କରିଛନ୍ତି। ଦୀର୍ଘ ଦିନ ହେଲା ଶରତ ସାହୁ ହାଇକୋର୍ଟରେ ମୋକଦ୍ଦମା ରୁଜୁ କରି ଆସୁଥିବାବେଳେ ହାଇକୋର୍ଟ ବାରମ୍ବାର ଗଡ଼ିଶାଗୋଦା ପୁଲିସ୍ ଓ କଣାସ ତହସିଲ୍ଦାରଙ୍କୁ ଉକ୍ତ ୩ ପରିବାର ଯେପରି ନ୍ୟାୟ ପାଇବେ ସେଥିପାଇଁ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇ ଆସୁଥିବାବେଳେ ଗତ ୧୭ ତାରିଖରେ ଉକ୍ତ ପରିବାର ଜନ୍ତାଳ ଭୋଗ ଓ ପିତୃ ଶ୍ରାଦ୍ଧ ଥିବାରୁ ଶ୍ରୀ ସାହୁ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। ଗତ ଅଗଷ୍ଟ ୧୨ ତାରିଖରେ ମାନବାଧିକାର କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ, କଣାସ ତହସିଲ୍ଦାର ଓ ଗଡ଼ିଶାଗୋଦା ଥାନା ଅଧିକାରୀ ଉପସ୍ଥିତ ରହି ଯେପରି ବାସନ୍ଦ ୩ ପରିବାର ଜନ୍ତାଳ ଭୋଗ ଗାଁ ମନ୍ଦିରରେ କରିବା ସହିତ ପିତୃ ଶ୍ରାଦ୍ଧ ପକାଇବାକୁ ସହଯୋଗ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କଣାସ ତହସିଲ୍ଦାର ଏବଂ ଗଡ଼ିଶାଗୋଦା ଥାନା ଅଧିକାରୀ ସହଯୋଗ ନ କରିବାରୁ ଗ୍ରାମବାସୀମାନେ ଜନ୍ତାଳ ଭୋଗ କରାଇଦେଇ ନଥିଲେ। ପିତୃ ଶ୍ରାଦ୍ଧ ପକାଇବା ପାଇଁ ପୁରୋହିତଙ୍କୁ ମନା କରିଦେବାରୁ ପିତୃ ଶ୍ରାଦ୍ଧ ଦେଇପାରି ନ ଥିଲେ। ଆଗକୁ ୨୮ ତାରିଖ ଦିନ ଉକ୍ତ ପରିବାର ଦୁଆରେ ଠାକୁର ଗାଁ ଭୋଗ ଖାଇବା ଓ ୨ ତାରିଖ ଦିନ ଦଶହରା ପୂଜା କରିବା ପାଇଁ ତହସିଲ୍ଦାର ଏବଂ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଗୋଟିଏ ରାତିରେ ୩ ଦୋକାନରୁ ଲୁଟ୍

ବଲଙ୍ଗା,୨୨।୯ (ସମିସ): ରବିବାର ବିଳମ୍ବିତ ରାତିରେ ବଲଙ୍ଗା ଥାନା ଅନ୍ତର୍ଗତ ଭଗବତୀପୁର ବଜାରରେ ସିରିଜ୍ ଲୁଟ୍ ହୋଇଥିବା ନେଇ ସୋମବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବଲଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଦୁର୍ବୃତ୍ତମାନେ ଏକକାଳୀନ ବଜାରରେ ଥିବା ୩ଟି ଦୋକାନର କବାଟ ଭାଙ୍ଗି ବିଭିନ୍ନ ସାମଗ୍ରୀ ଚୋରି କରିଥିଲାବେଳେ ତେଜରାତି ଦୋକନ ଭାବି ଜଣେ ଧାନ ବ୍ୟବସାୟୀଙ୍କ ଦୋକାନ କବାଟ ଭାଙ୍ଗି ଦେଇଛନ୍ତି। ସୂଚନା ମୁତାବକ, ଦୁର୍ବୃତ୍ତମାନେ ବଜାରରେ ଥିବା ଭଗବତୀପୁର ଗ୍ରାମର ପ୍ରମୋଦ ରଥଙ୍କ ଭେରାଇଟି ଷ୍ଟୋର୍‌ର ତାଲା କାଟି ଦେକାନରେ ଥିବା ନଗଦ ୨୦ ହଜାର ଟଙ୍କା ସହ ବିଭିନ୍ନ ସାମଗ୍ରୀ ନେଇଥିଲାବେଳେ ଭଗବତୀ ମନ୍ଦିର ସମ୍ମୁଖରେ ଥିବା ବିଜୟ ମହାପାତ୍ରଙ୍କ ପୂଜା ସାମଗ୍ରୀ ଦୋକାନରୁ ବିଭିନ୍ନ ଜିନିଷ ଏବଂ ସ୍କୁଲ ନିକଟରେ ଭଗବାନ ମଲ୍ଲିକଙ୍କ ଅଣ୍ଡା ଦୋକାନରୁ ଅଣ୍ଡା ଟ୍ରେ' ସହ ଡ୍ର' ଭିତରେ ଥିବା ସମସ୍ତ ଟଙ୍କା ଚୋରି କରିନେଇଥିଲେ।

# ସ୍ଥାୟୀ ନିଯୁକ୍ତି ଦାବିରେ ମିଶନ ଶକ୍ତି ମହିଳାଙ୍କ ଧାରଣା


ବ୍ରହ୍ମଗିରି


ସାକ୍ଷୀଗୋପାଳ


କଣାସ

ବ୍ରହ୍ମଗିରି,୨୨।୯ (ସମିସ): ସୋମବାର ବ୍ରହ୍ମଗିରି ବ୍ଲକ୍ ମିଶନ ଶକ୍ତି କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ ୮ ଦଫା ଦାବିରେ ବ୍ଲକ୍ କାର୍ଯ୍ୟାଳୟରେ ମହିଳାମାନେ ଧାରଣା ଦେଇଛନ୍ତି। ନୂଆ ନିଯୁକ୍ତି ଦେଇ ପୁରୁଣାମାନଙ୍କୁ କାଢ଼ିବା ସହିତ ରେଭିନ୍ୟୁ ଗ୍ରାମମାନଙ୍କରେ ଜଣେ ସିଆର୍‌ପି ମହିଳା ରହିବାକୁ ସଙ୍ଘ ବିରୋଧ କରିଛନ୍ତି। ମହିଳାମାନେ ପଦ ପଦବୀରୁ ହଟିବେ ନାହିଁ ବୋଲି ବ୍ଲକ୍ ଭିତରେ ଧାରଣାରେ ବସି ରହିଛନ୍ତି।

ସୂଚନା ଅନୁଯାୟୀ, ବିଜେଡି ସରକାର ଅମଳରୁ ମିଶନ ଶକ୍ତିରେ ମହିଳାମାନେ ପଦ ପଦବୀରେ ରହିଥିବାବେଳେ ବିଜେପି ସରକାର କ୍ଷମତାକୁ ଆସିବା ପରେ ବିଭିନ୍ନ ସଭାନେତ୍ରୀ, ସମ୍ପାଦିକା, ଇସି ମେମ୍ବର ପରିବର୍ତ୍ତନ କରି ନୂଆ ମହିଳାମାନଙ୍କୁ ନିଯୁକ୍ତି ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା କରିଛନ୍ତି। ଏହି ପ୍ରକ୍ରିୟା ଚାଲିଥିବାବେଳେ ଏହାକୁ ପୁରୁଣାମାନେ ବିରୋଧ କରି ସୋମବାର ପୂର୍ବାହ୍ଣରେ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଛନ୍ତି। ବ୍ରହ୍ମଗିରି ବ୍ଲକ୍ ଅଧୀନରେ ଥିବା ୨୫ଟି ପଞ୍ଚାୟତରୁ ୨୨ଟି ପଞ୍ଚାୟତର ମୋଟ୍ ୨୭୦ ମିଶନ ଶକ୍ତି ମହିଳା ମା'ମାନେ ଧାରଣାରେ ବସିବା ସହ ରାଜ୍ୟ ସରକାରଙ୍କ ବିରୁଦ୍ଧରେ କଟୁ ମନ୍ତବ୍ୟ ପ୍ରୟୋଗ କରିଛନ୍ତି। ୮ ଦଫା ସମ୍ବଳିତ ଏକ ଦାବିପତ୍ର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ପ୍ରଦାନ କରାଯାଇଛି। ପୂର୍ବ ସରକାରଙ୍କ ପରି ଠିକ୍ ଦରମା ଦେବା, ସ୍ଥାୟୀ ନିଯୁକ୍ତ ଦେବା, ଦରମା ଟଙ୍କାକୁ ବ୍ୟାଙ୍କ ଖାତାକୁ ଦେବା, ପର୍‌ଫର୍ମାନ୍ସ ବୋନସ୍ ପ୍ରକ୍ରିୟା ବନ୍ଦ କରିବା, ୬ ମାସର ବାକେୟା ଦରମା ପ୍ରଦାନ କରିବା, କାର୍ଯ୍ୟ ଆନୁସାରେ ବର୍ଦ୍ଧିତ ପାରିଶ୍ରମିକ ଲାଗୁ କରିବା, ରେଭିନ୍ୟୁ ଗ୍ରାମ ପ୍ରୋତ୍ସାହନ ବନ୍ଦ କରିବା ପାଇଁ ସରକାରଙ୍କୁ ଜଣାଇଛନ୍ତି। ଏ ସମ୍ପର୍କରେ ସିଡିପିଓ ଝରଣା ଶତପଥୀଙ୍କୁ ପଚାରିବାରୁ ସେ ଏ ବାବଦରେ କିଛି କହିବାକୁ ଅନିଚ୍ଛା ପ୍ରକାଶ କରି ଆଫିସରୁ ଚାଲିଯାଇଛନ୍ତି। ସଙ୍ଘର ସଭାନେତ୍ରୀ ମିନତୀ ପ୍ରଧାନ କହିଛନ୍ତି ଆଗାମୀ ଦିନରେ ଆମ କଥା ଯଦି ସରକାର ନ ଶୁଣନ୍ତି, ତେବେ ବ୍ଲକ୍ ଘେରଉ କରିବା ସହ ପରିସରରେ କିଛି କାର୍ଯ୍ୟ କରାଇ ନ ଦେବା ପାଇଁ ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତିର ସମସ୍ତ ମହିଳା କର୍ମକର୍ତ୍ତା ଉପସ୍ଥିତ ଥିଲେ।

ସାକ୍ଷୀଗୋପାଳ : ରାଜ୍ୟ ମିଶନ ଶକ୍ତି କର୍ମୀ ସଂଘ ଆହ୍ୱାନ କ୍ରମେ ସତ୍ୟବାଦୀ ବ୍ଲକ୍ ଜିପିଏଲ୍‌ଏଫ୍ ମିଶନ ଶକ୍ତି କର୍ମୀ ସଂଘ ସୋମବାର ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଥିଲେ। ସତ୍ୟବାଦୀ ବ୍ଲକ୍‌ର ୨୪ଟି ପଞ୍ଚାୟତର କର୍ମୀ ଧାରଣା ଦେଇ ବସି ରହିବା ସହିତ ସେମାନଙ୍କ ଦାବି ପୂରଣ ପାଇଁ ସ୍ଲୋଗାନ ଦେଇଥିଲେ। ପୂର୍ବରୁ ସେମାନଙ୍କୁ ସରକାର ନିର୍ଦ୍ଧାରିତ କରିଥିବା ଦରମା ନିୟମିତ ଦିଆଯାଉ ନ ଥିବାବେଳେ ୬ ମାସ ହେଲାଣି ଏଥିରେ ବ୍ୟତିକ୍ରମ କରାଯାଇଛି। ବ୍ଲକ୍, ଜିଲ୍ଲା ଓ ରାଜ୍ୟସ୍ତରୀୟ ସରକାରୀ ଅଧିକାରୀଙ୍କୁ ଜଣାଇବା ପରେ ମଧ୍ୟ ଟ୍ରେଡିଂ ସୁଫଳ ମିଳୁ ନ ଥିବାରୁ ସେମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ବୋଲି ସଂଘ ସଭାନେତ୍ରୀ ଧରିତ୍ରୀ ତ୍ରିପାଠୀ କହିଛନ୍ତି। ଅପରାହ୍ଣରେ ମିଶନ ଶକ୍ତି ମହାସଂଘର ସଭାନେତ୍ରୀ ଧରିତ୍ରୀ ତ୍ରିପାଠୀ ଓ ସମ୍ପାଦିକା ମମତା ରାଉତରାୟଙ୍କ ସମେତ ସମସ୍ତ ସଭ୍ୟା ସତ୍ୟବାଦୀ ବ୍ଲକ୍ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ବିଡିଓ ଦେବାଶିଷ ନାୟକ, ତହସିଲ୍ଦାର ସନ୍ତୋଷ କୁମାର ପାଣିଗ୍ରାହୀ ଓ ଆଇଆଇସି ବିଜୟ କେତନ ବେହେରାଙ୍କୁ ସେମାନଙ୍କ ଦାବିପତ୍ର ପ୍ରଦାନ କରିଥିଲେ।

କଣାସ : ଅଲ୍ ଓଡ଼ିଶା ଜିପିଏଲ୍‌ଏଫ୍ କର୍ମୀ ସଂଘ ଡକରାରେ ସୋମବାର କଣାସ ବ୍ଲକ୍ ଜିପିଏଲ୍‌ଏଫ୍ କର୍ମୀମାନେ ବିଭିନ୍ନ ଦାବିକୁ ନେଇ କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ଗଣଧାରଣାରେ ବସି ରହିବା ସହିତ ଓଏଲ୍‌ଏମ୍ କାର୍ଯ୍ୟାଳୟରେ ତାଲା ପକାଇଛନ୍ତି। ୬ ମାସ ହେଲା ଦରମା ପାଇ ନ ଥିବାରୁ ବିଡିଓ, ଜିଲ୍ଲାପାଳ, ଏସ୍‌ଏମ୍‌ଡି, ମନ୍ତ୍ରୀଙ୍କୁ ଜଣାଇଥିଲେ ମଧ୍ୟ ତାହାରକୌଣସିସମାଧାନନହେବାରୁଗତ୧୫ତାରିଖରେବିଭାଗୀୟ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବିସିଥିଲେ। ଏକ ସପ୍ତାହ ବିତିଯାଇଥିଲେ ମଧ୍ୟ କୌଣସି ସମାଧାନ ନ ହେବାରୁ ସୋମବାର ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିରହିଥିଲେ।

# ଆନ୍ଦୋଳନ ସ୍ଥଳରେ ମହିଳା ଅସୁସ୍ଥ, ଜଣେ ଦୁର୍ଘଟଣାଗ୍ରସ୍ତ



ପିପିଲି,୨୨।୯ (ସମିସ): ପିପିଲି ବ୍ଲକ୍ ସମ୍ମୁଖରେ ସୋମବାର ଶତାଧିକ ସିଆର୍‌ପି, ଏମ୍‌ବିକେ ଓ ବ୍ୟାଙ୍କମିତ୍ର ବିଭିନ୍ନ ଦଫା ଦାବି ନେଇ ବ୍ଲକ୍ ଓଏଲ୍‌ଏମ୍ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଛନ୍ତି। ରାଜ୍ୟ ମହିଳା ମହାସଂଘ ଡକରାରେ ପିପିଲି ବ୍ଲକ୍‌ସ୍ତରୀୟ ପଞ୍ଚାୟତ ମହିଳା ମହାସଂଘ ସଭାନେତ୍ରୀ ଗୀତାଞ୍ଜଳି ପ୍ରଧାନ ଓ ସମ୍ପାଦିକା ମମତା ଜେନାଙ୍କ ନେତୃତ୍ୱରେ ୨୨ଟି ପଞ୍ଚାୟତର ମହିଳାମାନେ ସାମିଲ ହୋଇଥିଲେ। ଆନ୍ଦୋଳନ ସ୍ଥଳରେ ପିପିଲି ବିଡିଓ ସରୋଜ ରାଉତ ପହଞ୍ଚି ମହିଳାମାନଙ୍କ ଦାବିପତ୍ର ଗ୍ରହଣ କରିଥିଲେ। ତେବେ ଆନ୍ଦୋଳନ ଚାଲୁଥିବାବେଳେ ଅପରାହ୍ଣରେ ପାଣିଦୋଳ ପଞ୍ଚାୟତ ସିଆର୍‌ପି ଶାନ୍ତିଲତା ମହାନ୍ତି ଅସୁସ୍ଥ ହୋଇପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ପିପିଲି ମେଡିକାଲକୁ ପଠାଯାଇଥିବା ବେଳେ ତାଙ୍କ ଅବସ୍ଥା ଏବେସୁଦ୍ଧା ଗୁରୁତର ଥିବା ଡାକ୍ତର କହିଛନ୍ତି। ଅନ୍ୟପକ୍ଷେ ସିଆର୍‌ପି ରେଣୁବାଳା ପ୍ରଧାନ ମଧ୍ୟ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇ ମଙ୍ଗଳପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସଭାନେତ୍ରୀ ଗୀତାଞ୍ଜଳି ପ୍ରଧାନ କହିଛନ୍ତି। ସେ ଆନ୍ଦୋଳନସ୍ଥଳରୁ ସ୍କୁଟିରେ ଫେରୁଥିବାବେଳେ ମଙ୍ଗଳପୁର ଛକ ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ। ଏନେଇ ବିଡିଓ କୌଣସି ଉତ୍ତର ଦେଇ ନ ଥିଲେ।

# ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ ଶିବିର




ପିପିଲି,୨୨।୯ (ସମିସ): ପିପିଲି ବ୍ଲକ୍‌ର ମଙ୍ଗଳପୁରଠାରେ ଥିବା କୁଇନ୍ ମଣ୍ଡପଠାରେ ସୋମବାର ପୁରୀ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଡେଲାଙ୍ଗ ଓ ପିପିଲି ବ୍ଲକ୍‌ର ନିର୍ମାଣ ଶ୍ରମିକମାନଙ୍କୁ ସହାୟତା ରାଶି ବଣ୍ଟନ କରାଯାଇଛି। ଏହି ଶିବିରରେ ଅତିଥିଭାବେ ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର, ଡେଲାଙ୍ଗ-ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀର ବରିଷ୍ଠ ସେବାୟତ ମଧୁସୂଦନ ସିଂହାରୀ, ପୁରୀ ଜିଲ୍ଲା ଶ୍ରମ କମିଶନର ଚୌଧୁରୀ ସୁବ୍ରତ କୁମାର ଜେନା, ଜିଲ୍ଲା ଶ୍ରମ ଅଧିକାରିଣୀ ପ୍ରିୟଙ୍କା ପ୍ରିୟଦର୍ଶିନୀ, ବିକ୍ରମ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସହକାରୀ ଶ୍ରମ ଅଧିକାରିଣୀ ପଲ୍ଲବୀ ସାହୁ ଅତିଥିମାନଙ୍କୁ ମଞ୍ଚକୁ ସ୍ୱାଗତ, ଅତିଥି ପରିଚୟ ପ୍ରଦାନ ଏବଂ ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଉପରେ ସେମାନଙ୍କର ବକ୍ତବ୍ୟ ରଖିଥିଲେ। ତେବେ ପିପିଲି-ଡେଲାଙ୍ଗ ବ୍ଲକ୍‌ର ୪୬୩ ଜଣ ହିତାଧିକାରୀଙ୍କୁ ୨ କୋଟି ୯୧ ଲକ୍ଷ ୯୪ ହଜାର ୪୦୦ ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ମୃତ୍ୟୁକାଳୀନ ସହାୟତା ୩୭ ଜଣଙ୍କୁ ୯୯ ଲକ୍ଷ, ବିବାହ ସହାୟତା ୩୮୧ ଜଣଙ୍କୁ ୧ କୋଟି ୯୦ ଲକ୍ଷ, ଶିକ୍ଷା ସହାୟତା ୮ ଜଣଙ୍କୁ ୫୪ ହଜାର ୪୦୦, ଅନ୍ତ୍ୟେଷ୍ଟିକ୍ରିୟା ୩୬ ଜଣଙ୍କୁ ସହାୟତା ୧ ଲକ୍ଷ ୮୦ ହଜାର ଏବଂ ଜଣଙ୍କୁ ପ୍ରସୂତିକାଳୀନ ସହାୟତା ୧୦ ହଜାର ଟଙ୍କା ଯୋଗାଇ ଦିଆଯାଇଥିବାର ପୁରୀ ଜିଲ୍ଲାର ଶ୍ରମ କମିଶନର ସୂଚନା ଦେଇଥିଲେ। ଶେଷରେ ସହକାରୀ ଶ୍ରମ ଅଧିକାରୀ ଆଶୁତୋଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରମ କାର୍ଯ୍ୟାଳୟର ଚିତ୍ରସେନ ସାହୁ, ଦେବବ୍ରତ ପଲାଇ, ଶୈଳେନ୍ଦ୍ର ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

■ ଜିଲ୍ଲାପାଳଙ୍କ ଜନଶୁଣାଣିକୁ ନେଇ ଲୋକେ ଅସନ୍ତୁଷ୍ଟ

# ଆସୁନାହାନ୍ତି ଜିଲ୍ଲାପାଳ; କାଗଜକଲମରେ ସୀମିତ ଅଭିଯୋଗ

ଗୋପ,୨୨।୯ (ସମିସ): ଗାଁକୁ ଯାଅ, ସାଧାରଣ ଲୋକଙ୍କ ସମସ୍ୟା ବୁଝି ସମାଧାନ କର। ଏ ହେଉଛି ସରକାରଙ୍କ ନିର୍ଦ୍ଦେଶ। ଏହି ନିର୍ଦ୍ଦେଶକୁ ନେଇ ସୋମବାର ଗୋପ ବ୍ଲକ୍ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିବାବେଳେ ଗୋପ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରୁ ୯୮ ଜଣ ବ୍ୟକ୍ତି ବିଭିନ୍ନ ସମସ୍ୟା ସମ୍ପର୍କରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ମଧ୍ୟରେ ମନରେଗା ଯୋଜନା, ଭତ୍ତା, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କରାଯାଇଥିବା ରାସ୍ତା ସହିତ ଆଉ କେତେକ ସରକାରୀ ଉନ୍ନୟନ ସମ୍ପର୍କରେ ଅଭିଯୋଗ ହୋଇଥିଲା। ମାତ୍ର ଜନଶୁଣାଣି ଶିବିରକୁ ଜିଲ୍ଲାପାଳ ନ ଆସିବାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଥିବା ବେଳେ କେତେକ ଅଭିଯୋଗକାରୀ ଫେରିଯାଇଥିବା ଭଳି ଅଭିଯୋଗ ହୋଇଛି।

ପ୍ରକାଶ ଯେ, ସରକାରଙ୍କ ଜନଶୁଣାଣି ଶିବିର ଗୋପ ବ୍ଲକ୍‌ରେ ଅନୁଷ୍ଠିତ ହେଉଥିବାବେଳେ ଅଧିକାଂଶ ସମସ୍ୟା ଠିକ୍ ଭାବରେ ସମାଧାନ ହୋଇପାରୁ ନ ଥିବାବେଳେ ସାଧାରଣ ଲୋକମାନେ ବିଭିନ୍ନ ସମୟରେ କେତେକ ସମସ୍ୟାକୁ ନେଇ ବ୍ଲକ୍ ଆସି ନିରାଶ ହୋଇ ଫେରୁଛନ୍ତି। ଏଭଳି ଅଭିଯୋଗକୁ ସୋମବାର ଗୋପ ବ୍ଲକ୍‌ରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିବାବେଳେ ଉପଜିଲ୍ଲାପାଳ ରାଜକିଶୋର ଜେନା, ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଏସ୍‌ପି ସଚିନ୍ ପଟେଲ୍, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଅକ୍ଷୟ କୁମାର ଶତପଥି ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ୯୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ଅଧିକାରୀମାନେ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦେଇ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ କୌଣସି ଶିବିରକୁ ଜିଲ୍ଲାପାଳଙ୍କ ସହିତ ବରିଷ୍ଠ ଅଧିକାରୀମାନେ ନ ଆସିବା ନେଇ ଗୁରୁତର ଅଭିଯୋଗ ଆସିଥିବାବେଳେ କେତେକ ବ୍ୟକ୍ତି ବାରମ୍ବାର ଅଭିଯୋଗ କରିବା ପରେ ସମସ୍ୟା ସମାଧାନର କିଛି ନ୍ୟାୟ ମିଳୁନାହିଁ ବୋଲି କହି ଅଭିଯୋଗ ନ କରି ଫେରିବା ସହିତ ଜିଲ୍ଲାପାଳ ଅଭିଯୋଗ ଶିବିରକୁ ଆସନ୍ତୁ ବୋଲି ଦାବି କରିଥିଲେ। ଏହି ଜନଶୁଣାଣି ଶିବିରରେ ବ୍ଲକ୍ ଅଧ୍ୟକ୍ଷା ଝୁନୁ ମଲ୍ଲିକ, ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ତହସିଲ୍ଦାର ଅନିଲ କୁମାର ମହାନ୍ତି, ଅତିରିକ୍ତ ବିଡିଓ ଦୀପକ କୁମାର ଜେନାଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଦିଲ୍ଲୀପଙ୍କ ଗିରଫ ଏକ ରାଜନୈତିକ ଷଡ଼ଯନ୍ତ୍ର ଅଭିଯୋଗ

ନିମାପଡ଼ା,୨୨।୯ (ସମିସ): ନିମାପଡ଼ା ବିଜୁ ଜନତା ଦଳର ଯୁବନେତା ଦିଲ୍ଲୀପ ନାୟକଙ୍କୁ ଇଓଡବ୍ଲ୍ୟୁ ଗିରଫ କରିବା ପ୍ରତିବାଦରେ ନିମାପଡ଼ା ବିଜୁ ଜନତା ଦଳର କର୍ମୀମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ୨୦୨୪ ସାଧାରଣ ନିର୍ବାଚନରେ ବଜେଡିରୁ ଟିକଟ୍ ପାଇ ନିମାପଡ଼ା ଆସନରେ ବିଧାୟକ ପ୍ରାର୍ଥୀଭାବେ ଶ୍ରୀ ନାୟକ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ବିଜେପି ପ୍ରାର୍ଥିନୀ ପ୍ରଭାତୀ ପରିଡ଼ାଙ୍କଠାରୁ ଶ୍ରୀ ନାୟକ ଅଳ୍ପ ଭୋଟ୍ ବ୍ୟବଧାନରେ ପରାସ୍ତ ହୋଇଥିଲେ। ମାତ୍ର ଗତ କିଛିଦିନର ବ୍ୟବଧାନ ପରେ ତାଙ୍କୁ ରାଜନୈତିକ ଅଭିସନ୍ଧି ବା ଆକ୍ରୋଶ ରଖି ଇଓଡବ୍ଲ୍ୟୁ ଦ୍ୱାରା ଗିରଫ କରାଯାଇଥିବା ନେଇ ବିଜେଡି କର୍ମୀଙ୍କଠାରୁ ଶୁଣିବାକୁ ମିଳୁଛି। ଖୁବ୍‌ଶୀଘ୍ର ଶ୍ରୀ ନାୟକଙ୍କ ଗିରଫର ପ୍ରକୃତ କାରଣ ଜଣାପଡ଼ିବ ବୋଲି ନିମାପଡ଼ା ବିଜେଡି କର୍ମୀମାନେ ଆଶାବାନ୍ଧି ରହିଛନ୍ତି।

# ଆଜି କଳା ଓ କ୍ରୀଡ଼ା ପ୍ରଶିକ୍ଷକଙ୍କ ପୁରୀରୁ ବିଧାନସଭା ପଦଯାତ୍ରା

ଭୁବନେଶ୍ୱର,୨୨।୯ (ସମିସ): ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘର ସାମ୍ବାଦିକ ସମ୍ମିଳନୀ ପୁରୀ କୁଳମଣି ଭବନ (ଶିକ୍ଷକ ଭବନ)ଠାରେ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କଳା ଓ କ୍ରୀଡ଼ା ପ୍ରଶିକ୍ଷକ ପ୍ରଶିକ୍ଷିକାଙ୍କୁ ପାର୍ଟ ଟାଇମ୍ ପ୍ରଥା ଉଚ୍ଛେଦ କରି ନିୟମିତ କରିବା ନିମନ୍ତେ ମଙ୍ଗଳବାର ପୁରୀ ଶ୍ରୀମନ୍ଦିରସିଂହଦ୍ୱାରନିକଟରୁବାହାରି୨୬ତାରିଖରେମୁଖ୍ୟମନ୍ତ୍ରୀଙ୍କୁ ଭେଟି ସାକ୍ଷାତ୍ ଆଲୋଚନା ଉଦ୍ଦେଶ୍ୟରେ ଭୁବନେଶ୍ୱର ପର୍ଯ୍ୟନ୍ତ ପଦଯାତ୍ରା ଅନୁଷ୍ଠିତ ହେବ ବୋଲି ମହାସଂଘର ସଭାପତି ଓ ସାଧାରଣ ସମ୍ପାଦକ ସୂଚନା ଦେଇଥିଲେ। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ସଭାପତି ପାଣ୍ଡବ ବିଶି, ସାଧାରଣ ସମ୍ପାଦକ ଧର୍ମେନ୍ଦ୍ର ପଣ୍ଡା, ଉପସଭାପତି ସ୍ମୃତି ପ୍ରସାଦ ପ୍ରଧାନ, ରଶ୍ମୀରଞ୍ଜନ ସାହାଣୀ, ପ୍ରଦୀପ ଦାସ, ଜଗନ୍ନାଥ ମିଶ୍ର, ପ୍ରିୟଙ୍କା ସ୍ୱାଇଁ, ଚନ୍ଦ୍ରଶେଖର ପାଢ଼ୀ, କଲ୍ୟାଣୀ ସାହୁ ଏବଂ ବହୁ ପ୍ରଶିକ୍ଷକ ପ୍ରଶିକ୍ଷିକା ଉପସ୍ଥିତ ଥିଲେ।

# ସ୍ୱଚ୍ଛତା ଓ ପରିମଳ କାର୍ଯ୍ୟକ୍ରମ

କଣାସ,୨୨।୯ (ସମିସ): କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ବ୍ଲକ୍‌ସ୍ତରୀୟ ସ୍ୱଚ୍ଛତା ହିଁ ସେବା ଏବଂ ପରିମଳ ସମ୍ବନ୍ଧୀୟ ଏକଦିବସୀୟ ପରିଚାଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ରାଉତ, କଣାସ ମଣ୍ଡଳ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ସ୍ୱାଇଁ, ଅତିରିକ୍ତ ବିଡିଓ ମଙ୍ଗଳ ସିଂ ହେମ୍ବ୍ରମ୍ ଯୋଗଦେଇ ସ୍ୱଚ୍ଛତା ହିଁ ସେବା ଏବଂ ପରିମଳ ସମ୍ବନ୍ଧୀୟ ବିଭିନ୍ନ ସୂଚନା ଦେବା ସହ ୧୦୦ ଜଣ କାରିଗରଙ୍କୁ ଜୋତା, ହାତ ଗ୍ଲୋଭ୍‌ସ, ମୋଜା, ପରିବେଶ ସ୍ୱଚ୍ଛତା ରକ୍ଷାକରିବା ପାଇଁ ବିଭିନ୍ନ ସାମଗ୍ରୀ ପ୍ରଦାନ କରିଥିଲେ।

● କାକଟପୁର ମା' ମଙ୍ଗଳାଙ୍କ ମନ୍ଦିରରେ ନବପତ୍ରିକା ପୂଜା ଆରମ୍ଭ

# ନାଲିକଲି ବେଶରେ ଦର୍ଶନ ଦେଲେ ମା'



କାକଟପୁର,୨୨।୯ (ସମିସ): ସୋମବାରଠାରୁ କାକଟପୁର ମା' ମଙ୍ଗଳାଙ୍କ ମନ୍ଦିରରେ ଆରମ୍ଭ ହୋଇଛି ନବପତ୍ରିକା ପୂଜା। ସ୍ୱତନ୍ତ୍ର ନୀତିକାନ୍ତିରେ ଚାଲିଛି ମା'ଙ୍କ ପୂଜାର୍ଚ୍ଚନା। ଆଜି ମହିଷାସୁରଙ୍କ ଠାବ ପାଇଁ ମା'ଙ୍କ ଚଳନ୍ତି ପ୍ରତିମା ମଣି ବିମାନରେ ରତ୍ନଗିରି ବିଜେ କରିବା ପରେ ମା'ଙ୍କ ସ୍ୱତନ୍ତ୍ର ବେଶ ଆରମ୍ଭ ହୋଇଛି। ମା' ପାଦପଦ୍ମ ଲାଗି ସହ ନାଲିକଲି ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ମା'ଙ୍କ ଦର୍ଶନ ପାଇଁ ବିଭିନ୍ନ ପ୍ରାନ୍ତରୁ ଭକ୍ତଙ୍କ ସୁଅ ଛୁଟୁଛି। ସୋମବାର ପୀଠରେ ମଧ୍ୟାହ୍ନରେ ସୂର୍ଯ୍ୟ ପୂଜା ସହ ଚଣ୍ଡୀପାଠ ଚାଲିଥିବାବେଳେ ଅପରାହ୍ଣରେ ବଲ୍ଲଭଧୂପ, ସକାଳ ଧୂପ ଓ ଦ୍ୱିପହର ଧୂପ ପରେ ଭଅଣ୍ଡ ଧୂପ ଅନୁଷ୍ଠିତ ହୋଇଥିଲା। ପରେ ମନ୍ଦିର ପହୁଡ଼ ପଡ଼ି ଖୋଲାଯିବା ପରେ ସନ୍ଧ୍ୟା ଆଳତି କରାଯାଇଥିଲା। ତା'ପରେ ମା'ଙ୍କୁ ପୁନଃ ସ୍ନାନ ମାର୍ଜନା କରାଯାଇ ପାଦପଦ୍ମ ଲାଗି ସହ ନାଲିକଲି ବେଶରେ ସଜ୍ଜିତ କରାଯାଇଥିଲା। ଏଥିସହ ସାରା କାକଟପୁର ଅଞ୍ଚଳ ଉତ୍ସବମୁଖର ହୋଇପଡ଼ିଥିବା ବେଳେ ମା'ଙ୍କ ଆଗମକୁ ନେଇ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି।

## ବିଦ୍ୟାଳୟ ନୂତନ ଗୃହ ନିର୍ମାଣ କାର୍ଯ୍ୟକୁ ନେଇ କଳହ

# ନିଅଁକୁ ପୋତିଦେଲେ; ଠିକାଦାରଙ୍କୁ ଆକ୍ରମଣ ଉଦ୍ୟମ



ବଲଙ୍ଗା,୨୨।୯ (ସମିସ): ସୋମବାର ସକାଳେ ବଲଙ୍ଗା ଥାନା ଅନ୍ତର୍ଗତ କୋହ୍ଲଣା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚାଲିଥିବା ନୂତନ ଶ୍ରେଣୀଗୃହ ପାଇଁ ଖୋଳାଯାଇଥିବା ନିଅଁକୁ ପୋତିଦେବା ସହ କାର୍ଯ୍ୟ କରୁଥିବା ଠିକାଦାରଙ୍କୁ ଜୀବନରେ ମାରିଦେବାକୁ ଧମକ ଦିଆଯାଇଛି। ଏନେଇ ନୂଆସନ୍ଥ ଗ୍ରାମର ଦୁର୍ଗାପ୍ରସାଦ ପ୍ରଧାନଙ୍କ ପକ୍ଷରୁ ବଲଙ୍ଗା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ସୂଚନା ମୁତାବକ, ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ବିଦ୍ୟାଳୟର ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗତ ମାସ ୨୦ ତାରିଖରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ବିଦ୍ୟାଳୟର କାର୍ଯ୍ୟାଦେଶ ରଣପୁର ଅଞ୍ଚଳର ଜଣେ ଠିକାଦାର ପାଇଥିଲାବେଳେ ଉକ୍ତ କାର୍ଯ୍ୟକୁ ଦୁର୍ଗାପ୍ରସାଦ କରିବା ପାଇଁ ଠିକାଦାରଙ୍କ ସହ ଚୁକ୍ତିପତ୍ର କରିଥିଲେ। ଗତ ୮ ଦିନ ତଳେ ଶ୍ରେଣୀଗୃହ ପାଇଁ ଦୁର୍ଗାପ୍ରସାଦ ୯ଟି ପିଲାର ପାଇଁ ନିଅଁ ଖୋଳିଥିଲାବେଳେ ସୋମବାର କାମ କରିବାକୁ ସେଠାକୁ ଯାଇଥିଲେ। କିନ୍ତୁ ସେଠାରେ କୋହ୍ଲଣା ଗ୍ରାମର ଅଭିନାଶ କାଣ୍ଡି, ରାହୁଲ କାଣ୍ଡି, ଜଗନ କାଣ୍ଡିଙ୍କ ସହ ଅନ୍ୟ ୪ଜଣ ଯୁବକ ଖୋଳାଯାଇଥିବା ନିଅଁକୁ ପୋତିଦେଇଥିବା ଦେଖିଥିଲେ। କ'ଣ ପାଇଁ ପୋତିଲ ବୋଲି ଦୁର୍ଗର୍‌ପ୍ରସାଦ ସେମାନଙ୍କୁ ପଚାରିବାରେ ସେମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ହାତରେ ଧରିଥିବା କୋଦାଳ ଓ ଶାବଳରେ ଆକ୍ରମଣ କରିବାକୁ ଉଦ୍ୟତ ହେବାରୁ ଦୁର୍ଗାପ୍ରସାଦ ଜୀବନ ଭୟରେ ଚାଲି ଆସିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

# ମାଟି ହାଣ୍ଡିରେ ପୂଜା ପାଉଛନ୍ତି ମା' ଉତ୍ତରାୟଣୀ




ପିପିଲି,୨୨।୯ (ସମିସ): ସାତଶଙ୍ଖସ୍ଥିତ ମା' ଉତ୍ତରାୟଣୀଙ୍କ ପୀଠରେ ଶାରଦୀୟ ପୂଜା ସମସ୍ତ ନୀତିରୀତି ଅନୁଯାୟୀ ହେଉଛି। ମା'ଙ୍କ ପ୍ରିୟ ଅଲଣା ବିରିଜାଉ ଭୋଗକୁ ଏକ ସ୍ୱତନ୍ତ୍ର ପ୍ରଣାଳୀରେ ପ୍ରସ୍ତୁତ କରାଯାଉଛି। ପିପିଲି ବ୍ଲକ୍‌ର ଜସୁଆପୁର ପଞ୍ଚାୟତ ଅନ୍ତର୍ଗତ ସାତଶଙ୍ଖସ୍ଥିତ ସୁବଳପୁର ମୌଜାରେ ମା' ଉତ୍ତରାୟଣୀ ଏକ ବଡ଼ ମାଟି ହାଣ୍ଡିରେ କାହିଁ କେଉଁ କାଳରୁ ପୂଜା ପାଇ ଆସୁଛନ୍ତି। ପୁରୀର ଗଜପତି ମହାରାଜା ଶ୍ରୀ ପୁରୁଷୋତ୍ତମ ଦେବଙ୍କ ରାଜତ୍ୱ ସମୟରେ ଏହି ମନ୍ଦିର ପ୍ରତିଷ୍ଠା ହୋଇଥିଲା। ଶ୍ରୀଜଗନ୍ନାଥଙ୍କ ଉତ୍ତର ଦିଗରେ ଠାକୁରାଣୀ ଆବିର୍ଭାବ ହୋଇଥିବାରୁ ମା' ଉତ୍ତରାୟଣୀ ନାମରେ ଜନମାନସରେ ବିଦିତ ହୋଇଛନ୍ତି। ଯବନମାନଙ୍କ ଆକ୍ରମଣରୁ ମା'ଙ୍କୁ ରକ୍ଷା କରିବା ପାଇଁ ରାଜା ଏକ ବଡ଼ ମାଟି ହାଣ୍ଡିରେ ଘୋଡ଼ାଇ ରଖିଥିବା ଯୋଗୁଁ ସେହିଦିନଠାରୁ ଠାକୁରାଣୀ ଉକ୍ତ ମାଟି ହାଣ୍ଡି ମଧ୍ୟରେ ପୂଜା ପାଉଛନ୍ତି। ପ୍ରତ୍ୟହ ସକାଳ ୬ଟାରେ ମା'ଙ୍କ ଦ୍ୱାରଫିଟା ନୀତି କରାଯିବା ପରେ ବାଳଭୋଗ କରାଯାଇଥାଏ। ଦ୍ୱିପ୍ରହର ଖେଚୁଡ଼ି ଭୋଗରେ ଭାତ, ଡାଲି, ଖିରି ଓ ଖଟା ଆଦି ଭୋଗ କରାଯାଉଥିବା ବେଳେ ଅପରାହ୍ଣରେ ମା'ଙ୍କ ପ୍ରିୟ ଅଲଣା ବିରିଜାଉ ଭୋଗ କରାଯାଏ। ଏକ ସ୍ୱତନ୍ତ୍ର ପ୍ରଣାଳୀରେ ଏହି ଜାଉ ଭୋଗ ପ୍ରସ୍ତୁତ ହୋଇଥାଏ; ଯେଉଁଥିରେ ଲୁଣ ବ୍ୟବହାର କରାଯାଇ ନ ଥାଏ। ଅରୁଆ ଚାଉଳ, ଗୋଟା ବିରି, ନଡ଼ିଆ, କ୍ଷୀର, ଚିନି, କାଜୁ, କିସ୍‌ମି, ଗୁଜୁରାତି, କର୍ପୂର ଓ ତେଜପତ୍ରରେ ପ୍ରସ୍ତୁତ ଏହି ଅଲଣା ଜାଉ ମା'ଙ୍କର ଅତି ପ୍ରିୟ ଓ ପ୍ରସିଦ୍ଧ ଭୋଗ ଅଟେ। ମା'ଙ୍କ ପାଶ୍ୱର୍ ଦେବୀ ଭାବେ ବନଦୁର୍ଗା ଓ କନକ ଦୁର୍ଗା ପୂଜା ପାଉଛନ୍ତି। ତାଙ୍କ ନିକଟରେ ୧୯୯୬ ମସିହାରୁ ବଳି ପ୍ରଥା ବନ୍ଦ ହୋଇଯିବା ପରେ ଏବେ ମାଛ ଭୋଗ କରାଯାଉଛି। ମା' ଉତ୍ତରୟଣୀ ପ୍ରତ୍ୟହ ଭିନ୍ନ ଭିନ୍ନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ଅଷ୍ଟମୀରେ କାତ୍ୟାୟନୀ ବେଶ, ନବମୀରେ ମହା ଗୌରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ।

# ଶ୍ରୀକ୍ଷେତ୍ର ସିଟି

୨୨/୯/୨୦୨୫ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୩,୫୮,୯୫୯/-
ସୁନା: ୦୧.୬୦୦ ଗ୍ରାମ୍
ରୁପା: ୨୧.୬୦୦ ଗ୍ରାମ୍





## ରତ୍ନ ଅଳଙ୍କାର ଗଣତିମଣତି ଦାବି

ପୁରୀ,୨୨।୯ (ସମିସ): ମଙ୍ଗଳବାର ଅସ୍ଥାୟୀ ରତ୍ନ ଭଣ୍ଡାରରେ ଥିବା ମହାପ୍ରଭୁଙ୍କ ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀକୁ ମୂଳ ରତ୍ନ ଭଣ୍ଡାରକୁ ସ୍ଥାନାନ୍ତର କରାଯିବ। ଏହା ଚାବିପଡ଼ି ସିଲ୍ କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ତେବେ ଗଣତିମଣତି ନେଇ ପ୍ରଶାସନ ପକ୍ଷରୁ ବର୍ତ୍ତମାନ ସୁଦ୍ଧା କୌଣସି ନିଷ୍ପତ୍ତି ନିଆଯାଇନାହିଁ, ଯାହାକୁ ନେଇ ଆପତ୍ତି ଉଠାଇଛି ଶ୍ରୀଜଗନ୍ନାଥ ସେନା। ଏ ନେଇ ସେନା ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ତୁରନ୍ତ ଅଳଙ୍କାରଗୁଡ଼ିକର ଗଣତିମଣତି କରି ୧୯୭୮ ମସିହା ଅନୁଯାୟୀ ମେଳକ କରିବାକୁ ଦାବି କରିଛି। ଏ ନେଇ ସେନା ପକ୍ଷରୁ ଶ୍ରୀଜଗନ୍ନାଥଙ୍କ ଶଶୁରଘରଠାରେ ସମୂହ ଦୀପଦାନ, ପ୍ରାର୍ଥନା ସହ ବିକ୍ଷୋଭ କରାଯାଇଛି। ସେହିପରି ମହାପ୍ରଭୁଙ୍କ କୋହିନୁର ହୀରା, ୫୨୨ ରୁପା ଇଟା କେବେ ଶ୍ରୀମନ୍ଦିରକୁ ଫେରିବ ଓ ଦଶାବତାର ମୂର୍ତ୍ତି କେବେ ଲଗାଯିବ ଏ ନେଇ ସରକାର କ'ଣ କରୁଛନ୍ତି ବୋଲି ପ୍ରଶ୍ନ କରିଛି ସେନା।

## ନିଶାଗ୍ରସ୍ତ ଯୁବକଙ୍କ ମାଡ଼ରେ ସଫେଇ କର୍ମଚାରୀ ଆହତ

ପୁରୀ,୨୨।୯ (ସମିସ): ନିଶାଗ୍ରସ୍ତ ଯୁବକଙ୍କ ମାଡ଼ରେ ଆହତ ହୋଇଛନ୍ତି ଜଣେ ସଫେଇ କର୍ମଚାରୀ। ସୋମବାର ସକାଳେ ଏଭଳି ଏକ ଅଭାବନୀୟ ଘଟଣା ବଳଗଣ୍ଡି ଛକ ନିକଟରେ ଦେଖିବାକୁ ମିଳିଥିଲା। ଜଣେ ସଫେଇ କର୍ମଚାରୀ ରାସ୍ତା ସଫା କରୁଥିଲେ। ଏହି ସମୟରେ ଜଣେ ନିଶାଗ୍ରସ୍ତ ଯୁବକ ରାସ୍ତାକଡ଼ରେ ଥିବା ଡ୍ରେନ୍‌କୁ ସଫା କରିବା ଲାଗି ସମ୍ପୃକ୍ତ ସଫେଇ କର୍ମଚାରୀଙ୍କୁ କହିଥିଲେ। ହେଲେ ସେ ମନା କରିଦେଇଥିଲେ। ଡ୍ରେନ୍ ସଫା କରିବେ ନାହିଁ ବୋଲି ଯୁବକଙ୍କୁ କହିଥିଲେ। ଏଥିରେ ନିଶାଗ୍ରସ୍ତ ଯୁବକଙ୍କ ମୁଣ୍ଡକୁ ନିଶା ଆହୁରି ଚଢ଼ିଯାଇଥିଲା। ସେ ସଫେଇ କର୍ମଚାରୀଙ୍କୁ ମାଡ଼ ମାରିବା ସହ ତାଙ୍କ ସଫେଇ ଗାଡ଼ିକୁ ମଧ୍ୟ ଭାଙ୍ଗି ଦେଇଥିଲେ। ଏହି ଘଟଣାକୁ ନେଇ ସଫେଇ କର୍ମଚାରୀ କୁମ୍ଭାରପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ସମ୍ପୃକ୍ତ ଯୁବକ ଜଣକ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି।

### ଅମାନିଆ ହେଉଛନ୍ତି ପର୍ଯ୍ୟଟକ

## ବଢ଼ୁଛି ସମୁଦ୍ର ସ୍ନାନ ଦୁର୍ଘଟଣା

**ବୁଡ଼ିଯାଉଥିବା ବେଳେ ପର୍ଯ୍ୟଟକଙ୍କୁ ଉଦ୍ଧାରକଲେ ଲାଇଫ୍‌ଗାର୍ଡ**

ପୁରୀ,୨୨।୯ (ସମିସ)

ପୁରୀକୁ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଉଛି। ଛୁଟି ଦିନମାନଙ୍କରେ ଅସମ୍ଭବ ଭିଡ଼ ହେଉଛି। ତେବେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ପୁଲିସ ଏବଂ ପ୍ରଶାସନ ପ୍ରାଥମିକତା ଦେଉଥିଲେ ମଧ୍ୟ ଏମିତି କିଛି ପର୍ଯ୍ୟଟକ ଅଛନ୍ତି ସେମାନେ ଅମାନିଆ ହେଉଛନ୍ତି। ବିଶେଷକରି ସମୁଦ୍ର ସ୍ନାନ ପାଇଁ ଯେଉଁ କଟକଣା ରହିଛି ଏ ଦିଗରେ ଅନେକ ପର୍ଯ୍ୟଟକ ସଚେତନ ହେଉନାହାନ୍ତି। ଫଳରେ ସମୁଦ୍ର ସ୍ନାନଜନିତ ଦୁର୍ଘଟଣା ବଢ଼ୁଛି। ବିଭିନ୍ନ କାରଣ ପାଇଁ ଅନେକ ସମୟରେ ସମୁଦ୍ର ଅଶାନ୍ତ ରହୁଛି। ଉଚ୍ଚ ଲହଡ଼ି ଆସି କୂଳରେ ମାଡ଼ ହେଉଛି। ଫଳରେ ବିଭିନ୍ନ ସମୟରେ କିଏ ଆହତ ହେଉଛନ୍ତି ତ ପୁଣି କାହାର ଗୋଡ଼, ହାତ ଭାଙ୍ଗୁଛି। ଏପରିକି ମଝିରେ ମଝିରେ ଜୀବନ ଚାଲିଯିବାର ଖବର ବି ଆସୁଛି। କିଛିଦିନ ହେବ ସମୁଦ୍ର ସ୍ନାନ ସମୟରେ ବୁଡ଼ି ଯାଉଥିବା ପର୍ଯ୍ୟଟକଙ୍କୁ ଲାଇଫ୍‌ଗାର୍ଡ ଉଦ୍ଧାର କରୁଛନ୍ତି। ହେଲେ ଏ ଦିଗରେ ପର୍ଯ୍ୟଟକଙ୍କୁ ଅଧିକ ସଚେତନ ଏବଂ ସତର୍କ ହେବା ଦରକାର।

ପୁରୀ ଭାରତର ଏକ ପ୍ରମୁଖ ଆଧ୍ୟାତ୍ମିକ ଓ ପର୍ଯ୍ୟଟନ ସହର। ଏଠାକୁ ପ୍ରତ୍ୟହ ଦେଶ ବିଦେଶର ପର୍ଯ୍ୟଟକ ଆସିଥା'ନ୍ତି। ସ୍ୱର୍ଣ୍ଣାଭ ବେଳାଭୂମି ସାଙ୍ଗକୁ ସମୁଦ୍ରର ନୀଳ ଜଳରାଶି ସମସ୍ତଙ୍କୁ ଆକୃଷ୍ଟ କରିଥାଏ। ତେବେ ଏଠାକୁ ଆସୁଥିବା ପର୍ଯ୍ୟଟକମାନଙ୍କ ମଧ୍ୟରୁ ଅଧିକାଂଶ ସମୁଦ୍ର ସ୍ନାନ କରିବାକୁ ପସନ୍ଦ କରିଥା'ନ୍ତି। କିନ୍ତୁ ସଚେତନତାର ଅଭାବ, ଲାଇଫ୍‌ଗାର୍ଡଙ୍କ କଥା ନ ଶୁଣିବା ଏବଂ ଜୋର୍‌ରେ ଲହଡ଼ି ଆସି କୂଳରେ ମାଡ଼ ହେଉଥିବାରୁ ଦିନକୁ ଦିନ ବିପଦପୂର୍ଣ୍ଣ ହେଉଛି ସମୁଦ୍ର ସ୍ନାନ। ବିଭିନ୍ନ ସମୟରେ ପର୍ଯ୍ୟଟକ ବୁଡ଼ିଯାଉଥିବା ବେଳେ ଅନେକ ଆହତ ବି ହେଉଛନ୍ତି। ନିକଟରେ କିଛିଦିନ ହେବ ବୁଡ଼ି ଯାଉଥିବା ପର୍ଯ୍ୟଟକଙ୍କୁ ଗଭୀର ସମୁଦ୍ରରୁ ଲାଇଫ୍‌ଗାର୍ଡ ଉଦ୍ଧାର କରୁଥିବା



ଦେଖିବାକୁ ମିଳିଛି। ସୋମବାର ମଧ୍ୟ ଜଣେ ପର୍ଯ୍ୟଟକ ବୁଡ଼ି ଯାଉଥିବାବେଳେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଦେବଦୂତ ସାଜିଥିଲେ ଲାଇଫ୍‌ଗାର୍ଡ। ପଶ୍ଚିମବଙ୍ଗ ମେଦିନୀପୁର ଅଞ୍ଚଳର ଗୋପାଳ ଆଇଚ ପୁରୀ ବୁଲିବାକୁ ସପରିବାର ଆସିଥିଲେ। ସୋମବାର ସକାଳେ ୮ ନମ୍ବର ସେକ୍ଟରରେ ସେ ଗାଧୋଉଥିଲେ। ହଠାତ୍ ଏକ ବଡ଼ ଲହଡ଼ି ମାଡ଼ରେ ସେ ବୁଡ଼ି ଯାଇଥିଲେ। ସେ ଭିତରକୁ ଟାଣି ହୋଇ ଯାଉଥିବାବେଳେ ତାଙ୍କ ପରିବାର ଲୋକ ଉଦ୍ଧାର କରିବାକୁ ଡାକ ପକାଇଥିଲେ। ସେଠାରେ ଉପସ୍ଥିତ ଲାଇଫ୍‌ଗାର୍ଡ ତୁରନ୍ତ ତାଙ୍କୁ ଉଦ୍ଧାର କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ଥିବା ଜଣାପଡ଼ିଛି। ଏମିତି ପ୍ରାୟ ଅଧିକାଂଶ ଦିନ ଗାଧୋଇବା ବେଳେ ପର୍ଯ୍ୟଟକ ବିପଦରେ ପଡ଼ୁଛନ୍ତି।

ତେବେ କାହିଁକି ଦିନକୁ ଦିନ ସମୁଦ୍ର ସ୍ନାନ ଅସୁରକ୍ଷିତ ହୋଇପଡ଼ୁଛି? ଏହାର କାରଣ ସମୁଦ୍ର ନା ପର୍ଯ୍ୟଟକ? ଏମିତି ପ୍ରଶ୍ନ ସମସ୍ତଙ୍କୁ ଦ୍ୱନ୍ଦ୍ୱରେ ପକାଇଥିବା ବେଳେ ମୁଖ୍ୟତଃ ପର୍ଯ୍ୟଟକଙ୍କ ସଚେତନତାର ଅଭାବ ଯୋଗୁଁ ଏପରି ଘଟୁଥିବା କୁହାଯାଉଛି। ଏହାର ଏକାଧିକ କାରଣ ମଧ୍ୟରେ ପ୍ରଶାସନ ପକ୍ଷରୁ ଚିହ୍ନଟ ଅଞ୍ଚଳ ବ୍ୟତୀତ ପର୍ଯ୍ୟଟକମାନେ ମନଇଚ୍ଛା ଯେ କୌଣସି ସ୍ଥାନରେ ସ୍ନାନ କରୁଛନ୍ତି। ଫଳରେ ସେମାନେ ଲାଇଫ୍‌ଗାର୍ଡଙ୍କ ନଜରରେ ରହୁନାହାନ୍ତି। ଯଦି ଉଚ୍ଚ ଲହଡ଼ି ଆସିଲା, ତେବେ ସେମାନେ ବିପଦରେ ପଡ଼ୁଛନ୍ତି। ତେଣୁ ପର୍ଯ୍ୟଟକମାନେ ସଚେତନ ହେଲେ ଦୁର୍ଘଟଣା ନିଶ୍ଚିତ ଭାବେ ହ୍ରାସ ପାଇବ ବୋଲି ଜଣେ ଅଗ୍ନିଶମ ଅଧିକାରୀ କହିଛନ୍ତି।

## ଓଡ଼ିଆ ଅସ୍ମିତା ସ୍ୱାକ୍ଷର ସଂକଳ୍ପ ବର୍ଷ ଉଦ୍‌ଘାଟିତ

ପୁରୀ,୨୨।୯ (ସମିସ): ନୀଳଶୈଳ, ବିଶ୍ୱ ଓଡ଼ିଆ ସମ୍ମିଳନୀ ଏବଂ ରାଜକିଶୋର ରାଜ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ପ୍ରତିବର୍ଷ ଆୟୋଜିତ ସ୍ୱାକ୍ଷର ସଂକଳ୍ପ ଦିବସକୁ ବର୍ଷତମାମ "ଓଡ଼ିଆ ଅସ୍ମିତା ସ୍ୱାକ୍ଷର ସଂକଳ୍ପ ବର୍ଷ ୨୦୨୫' ଭାବେ ପାଳନ କରିବା ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଜ୍ଞା ନିମନ୍ତେ ସିଂହଦ୍ୱାରଠାରେ ଦୀପଦାନ କରାଯାଇଥିଲା। ପରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଡ. ମୁରଲୀ ମନୋହର ଶର୍ମାଙ୍କ ଅଧ୍ୟକ୍ଷତାରେ ସଙ୍ଗୀତ ପରିଷଦ ସଭାଗୃହଠାରେ ସ୍ୱାକ୍ଷର ସଂକଳ୍ପ ଫଳକକୁ ଦସ୍ତଖତ କରିଥିଲେ ଚଳିତ ବର୍ଷ ଓଡିଶାର ବିଭିନ୍ନ ସ୍ଥାନରେ ସ୍ୱାକ୍ଷର ଅଭିଯାନ ଜାରି ରହିବ। ଏଥିରେ ମୁଖ୍ୟଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ନୀଳଶୈଳର ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ନାୟକ (ଡ. ଧର୍ମଛଡ଼ା), ବିଶିଷ୍ଟ ସାହିତ୍ୟିକ ପଣ୍ଡିତ ସଦାଶିବ ମିଶ୍ର, ସ୍ତମ୍ଭକାର ହରିଶଙ୍କର ମିଶ୍ର, ଆଇନଜୀବୀ ବିନୟ ନୃସିଂହ ମହାପାତ୍ର, ସମାଜସେବୀ ରୁଚିମିତ୍ରା ଜଗଦେବ ମହାପାତ୍ର, ସୌମ୍ୟଶଙ୍କର ରାଜ, ସବିତା ମହାନ୍ତି, ନରେନ୍ଦ୍ର ରାଜ ସାମନ୍ତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ନୀଳଶୈଳ ପୁରୀ ଶାଖା ସଭାପତି ସାମ୍ବାଦିକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ। ଧନ୍ୟବାଦ ଅର୍ପଣ କରିଥିଲେ ଅଜୟ କୁମାର ଦାଶ।

### ମହିଳାଙ୍କୁ ବିଡିଓଙ୍କ ଦୁର୍ବ୍ୟବହାର ଅଭିଯୋଗ

## ଉପଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କୁ ଘେରିଲେ ଶତାଧିକ ମହିଳା

**ସମସ୍ୟା ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଲେ ଅଧିକାରୀ**

ଗୋପ,୨୨।୯ (ସମିସ)

ସୋମବାର ମଧ୍ୟାହ୍ନରେ ଗୋପ ବ୍ଲକ୍ ବୈଠକ ଗୃହ ସମ୍ମୁଖରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ଶତାଧିକ ମହିଳା ଉପଜିଲ୍ଲାପାଳ ରାଜକିଶୋର ଜେନା, ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରାଙ୍କୁ ଦୀର୍ଘ ୪୦ ମିନିଟ୍ ଧରି ଘେରଉ କରିଥିଲେ। ଏହି ଅଭିଯୋଗ ମଧ୍ୟରେ ବିଡିଓ ବିଭିନ୍ନ ସମୟରେ ଅଭିଯୋଗକାରୀ ମହିଳାମାନଙ୍କୁ ଦୁର୍ବ୍ୟବହାର କରୁଥିବା ଭଳି ଅଭିଯୋଗ ହୋଇଥିବାବେଳେ ଅନ୍ୟ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି। ଉକ୍ତ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ଅଧିକାରୀଙ୍କୁ ଛାଡ଼ିଥିଲେ।

ପ୍ରକାଶ ଯେ, ସରକାରଙ୍କ ନିର୍ଦ୍ଦେଶରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ପୁନର୍ଗଠନ ପ୍ରକ୍ରିୟା ଚାଲିଥିବାବେଳେ ଗୋପ ବ୍ଲକ୍‌ରେ ମଧ୍ୟ ଏହି ପ୍ରକ୍ରିୟା କାର୍ଯ୍ୟ ଆରମ୍ଭ ହୋଇଛି। କିନ୍ତୁ ଏହି ପୁନର୍ଗଠନ ପ୍ରକ୍ରିୟାକୁ ସ୍ଥଗିତ ରଖିବା ଅଭିଯୋଗକୁ ନେଇ ଏହି ଘେରଉ କରାଯାଇଥିବା ଅଭିଯୋଗରୁ ଜଣାପଡ଼ିଛି। ଉପଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳ ଗୋପ ବ୍ଲକ୍ ଜନଶୁଣାଣି ଶିବିରରେ ଯୋଗଦେଇ ବିହାରିବାବେଳେ ମହିଳା ନେତ୍ରୀ ନିରୂପମା ସ୍ୱାଇଁଙ୍କ ନେତୃତ୍ୱରେ ମହିଳାମାନେ ବୈଠକ ଗୃହ ସମ୍ମୁଖରେ ଅଧିକାରୀମାନଙ୍କୁ ଦୀର୍ଘ ୪୦ ମିନିଟ୍ ଧରି ଛାଡ଼ି ନ ଥିଲେ। ପରେ ଅଭିଯୋଗକାରୀ ମହିଳାମାନେ ଏହି ଅଭିଯୋଗ ସହିତ ୩/୪ ଦିନ ତଳେ ଏହି ପ୍ରସଙ୍ଗରେ ଅଭିଯୋଗ ଦେବାକୁ ଆସିଥିବା ମହିଳାମାନଙ୍କୁ ବିଡିଓ ଛବିରାଣୀ ସାହୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ସହ ବ୍ଲକ୍ କାର୍ଯ୍ୟାଳୟ ଗେଟ୍‌କୁ ତାଲା ପକାଇ ଦେଇଥିଲେ। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗକୁ ବିଡିଓ ଶ୍ରୀମତୀ ସାହୁ ଖଣ୍ଡନ କରିଥିବାବେଳେ ଏପରି ସମସ୍ୟା ଉପରେ ଜିଲ୍ଲାପାଳଙ୍କୁ ଅଭିଯୋଗ ଦିଆଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା କହିଥିଲେ। ଏ ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରାଙ୍କୁ ପଚାରିବାରେ ସରକାରଙ୍କ ନିର୍ଦ୍ଦେଶକୁ ନେଇ ସମସ୍ତ କାର୍ଯ୍ୟ କରାଯାଉଛି। ମାତ୍ର ଅଭିଯୋଗ ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ।

### ● ଚନ୍ଦ୍ରଭାଗା ସମୁଦ୍ର କୂଳରୁ ମୁମୂର୍ଷୁ ଅବସ୍ଥାରେ ମହିଳା ଉଦ୍ଧାର

## ମହିଳାଙ୍କ ଗଳା କାଟି ହତ୍ୟା ଉଦ୍ୟମ

କୋଣାର୍କ,୨୨।୯ (ସମିସ): କୋଣାର୍କ-ପୁରୀ ବେଳାମାର୍ଗ ସଂଲଗ୍ନ ଚନ୍ଦ୍ରଭାଗା ସମୁଦ୍ର କୂଳରୁ ଜଣେ ମହିଳାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। କେହି ଦୁର୍ବୃତ୍ତ ମହିଳାଙ୍କ ଗଳାକାଟି ହତ୍ୟା ଉଦ୍ୟମ କରିଥିବା ସନ୍ଦେହ କରାଯାଉଛି।

ସୋମବାର ଅପରାହ୍ଣରେ ଜଣେ ମହିଳା ରକ୍ତ ଜୁଡୁବୁଡୁ ଅବସ୍ଥାରେ ଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେବା ପରେ କୋଣାର୍କ ଟୁରିଷ୍ଟ ପୁଲିସ ତାଙ୍କୁ ଉଦ୍ଧାର କରି ପ୍ରଥମେ କୋଣାର୍କ ମେଡିକାଲ ଏବଂ ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ଘଟଣାଟି କୋଣାର୍କ-ପୁରୀ ବେଳାମାର୍ଗ ରାସ୍ତାର କଇଁଛ ସୁରକ୍ଷା ଘର ନିକଟରେ ଘଟିଛି। ପୁରୀରୁ ସାଇଣ୍ଟିଫିକ୍ ଟିମ୍ ଆସି ତଦନ୍ତ କରିବା ପରେ ଘଟଣାର ସତ୍ୟତା ଜଣାପଡ଼ିବ ବୋଲି ଅନୁମାନ କରାଯାଉଛି। କିଏ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟାଇଛି, ଏହା ଜାଣିବା ପାଇଁ ପୁଲିସ ଛାନ୍‌ଭିନ୍ ଚଳାଇଛି। ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ମହିଳାଙ୍କ ନାମ ଲକ୍ଷ୍ମୀପ୍ରିୟା ଭୋଇ ଏବଂ ତାଙ୍କ ଘର ଜଗତସିଂହପୁର ଜିଲ୍ଲା ମଙ୍ଗଳପୁର ଅଞ୍ଚଳରେ। ମହିଳା ଜଣକ ଜଣେ ବନ୍ଧୁଙ୍କ ସହିତ କୋଣାର୍କ ବୁଲିବାକୁ ଆସିଥିବାବେଳେ କୋଣାର୍କରୁ ପୁରୀ ଯିବା ରାସ୍ତାର କଇଁଛ ଘର ନିକଟରେ ଏଭଳି ଘଟଣା ଘଟିଛି। ମହିଳାଙ୍କ ମୁଣ୍ଡର ପଛ ପାର୍ଶ୍ୱ ଓ ଡାହାଣ କାନରେ ଶକ୍ତ ଆଘାତ ଲାଗିଥିବାବେଳେ ବେକ କଟାଯାଇ ଗଭୀର କ୍ଷତ ସୃଷ୍ଟି ହୋଇଥିବା ଜଣାପଡ଼ିଛି।

## ଘରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି

ଚାରିଛକ,୨୨।୯ (ସମିସ): ଚାରିଛକ ଥାନା ଅନ୍ତର୍ଗତ ହିରାପାଟଣା ଗ୍ରାମର ପୂର୍ବତନ ସରପଞ୍ଚ ଆର୍ତ୍ତତ୍ରାଣ ଦାସଙ୍କ ତୁଳସୀପୁରସ୍ଥିତ ଘରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଥିବା ନେଇ ଚାରିଛକ ଥାନାରେ ସେ ଅଭିଯୋଗ କରିଛନ୍ତି। ଶ୍ରୀ ଦାସଙ୍କ ଅଗରକୋଠବାଡ଼ ଡାଲି ମିଲ୍ ପାଖରେ ଥିବା ବାସଭବନରେ ରବିବାର ସନ୍ଧ୍ୟାରେ ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର ପୂର୍ବପଟ ଝରକା ଭାଙ୍ଗି ଘର ଭିତରକୁ ପଶିଥିଲେ। ଶୋଇବା ଘରେ ଥିବା ଆସବାବପତ୍ର ଫିଙ୍ଗାଫୋପଡ଼ା କରିବା ସହ ଆଲମାରୀ ଭାଙ୍ଗି ସେଥିରେ ଥିବା ସୁନାହାର ୧ଟା, ସୁନା ଶଙ୍ଖା ୨ହଳ, କାନଝରା ୨ହଳ, କାନଫୁଲ ୩ହଳ, ବଡ଼ ସୁନାଚେନ୍ ୨ଟା, ଛୋଟ ସୁନାଚେନ୍ ୨ଟା, ମଙ୍ଗଳସୂତ୍ର ୧ଟା, ଛୋଟ ହାର ୧ଟା, ସୁନା ମୁଦି ୮ଟା, ଲକେଟ୍ ୬ଟା, ରୁପା ପାଉଁଜି ୪ହଳ ସମେତ ପ୍ରାୟ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଚୋରି କରିନେଇଥିବା ଶ୍ରୀ ଦାସ ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ ଚାରିଛକ ପୁଲିସ ୧୧୭/୨୫ରେ ଏକ ମାମଲା ରୁଜୁ କରିବା ସହ ଛାନ୍‌ଭିନ୍ ଆରମ୍ଭ କରିଛି। ସୋମବାର ସନ୍ଧ୍ୟାରେ ଏଏସ୍‌ଆଇ ବୁଦ୍ଧୁରାମ ମୁର୍ମୁ, ଏଏସ୍‌ଆଇ କୈଳାଶ ଚନ୍ଦ୍ର ପ୍ରଧାନ, ସାଇଣ୍ଟିଫିକ୍ ଅଫିସର ଆଦିତ୍ୟ ରଞ୍ଜନ ନାୟକ, ଫଟୋଗ୍ରାଫର ରମେଶ ଚନ୍ଦ୍ର ବାରିକ, ଲାବୋରେଟୋରୀ ଆସିଷ୍ଟାଣ୍ଟ ଦେବୀ ପ୍ରସାଦ ମହାପାତ୍ର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।

### ଶ୍ରୀକ୍ଷେତ୍ରରେ ଗୁପ୍ତ ଗୁଣ୍ଡିଚା

## ନାରାୟଣୀ ମନ୍ଦିରକୁ ବିଜେ ହେଲେ ଦୁର୍ଗାମାଧବ

ପୁରୀ,୨୨।୯ (ସମିସ): ଶ୍ରୀମନ୍ଦିରରେ ଚାଲିଛି ଦୁର୍ଗାମାଧବ ଉପାସନା। ସୋମବାର ମା' ବିମଳାଙ୍କ ପୀଠରୁ ଦୁର୍ଗାମାଧବ ରଥାକୃତି ବିମାନରେ ବିଜେ ହୋଇ ଦୋଳମଣ୍ଡପ ସାହିସ୍ଥିତ ନାରାୟଣୀ ମନ୍ଦିରକୁ ବିଜେ କରିଥିଲେ। ସେଠାରେ ନୀତି ସମ୍ପନ୍ନ ହୋଇଥିଲା। ଶ୍ରୀମନ୍ଦିରରେ ରାତ୍ର ଚନ୍ଦନ ଲାଗି ବଢ଼ିବା ପରେ ଦୁର୍ଗାମାଧବ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।



ସକାଳ ଧୂପ ବଢ଼ିବା ପରେ ଦୁର୍ଗାମାଧବ ଜୟ ବିଜୟ ଦ୍ୱାର ଝୁଲଣ ମଣ୍ଡପଠାରେ ଥିବା ବିମାନରେ ବିଜେ କରିଥିଲେ। ଘଣ୍ଟ, ଛତା, କାହାଳୀ ଓ ବୈଜୟନ୍ତୀ ପଟୁଆରରେ ବିମାନକୁ ସିଂହଦ୍ୱାର ଦେଇ ଦୋଳମଣ୍ଡପ ସାହିକୁ ବିଜେ କରାଯାଇଥିଲା। ଏହି ସମୟରେ ବିଭିନ୍ନ ସ୍ଥାନରେ ପାରମ୍ପରିକ ପନ୍ତି ଅନୁଷ୍ଠିତ ହୋଇଥିଲା। ବିମାନକୁ ମା' ନାରାୟଣୀଙ୍କ ମନ୍ଦିର ପରିସରକୁ ବିଜେ କରାଯାଇଥିଲା। ମନ୍ଦିର ଭିତର ଖଟରେ ଦୁର୍ଗାମାଧବ ବିଜେ କରିବା ପରେ ଭିତରଚ୍ଛ ମହାପାତ୍ର ରୁପା ପିଙ୍ଗଣରେ କର୍ପୂର ଜଳ ଲାଗି କରାଇଥିଲେ। ଶୀତଳ ଭୋଗ ମଣୋହି ହୋଇ ବନ୍ଦାପନା ହୋଇଥିଲା। ଶ୍ରୀମନ୍ଦିରରେ ରାତ୍ର ଚନ୍ଦନ ଲାଗି ହେବା ପରେ ଦୁର୍ଗାମାଧବ ପାଲିଙ୍କିରେ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରି ଭଣ୍ଡାରଘରକୁ ବିଜେ କରିଥିଲେ। ଏହି ଉପାସନାକୁ ଗୁପ୍ତ ଗୁଣ୍ଡିଚା ବା ଶାକ୍ତ ଗୁଣ୍ଡିଚା କୁହାଯାଏ। ଦୁର୍ଗାମାଧବ ଏହିଭଳି ଭାବେ ନବମୀ ପର୍ଯ୍ୟନ୍ତ ନାରାୟଣୀ ମନ୍ଦିରକୁ ବିଜେ କରିବେ। ସୂଚନାଯୋଗ୍ୟ, ମୂଳାଷ୍ଟମୀଠାରୁ ଶ୍ରୀମନ୍ଦିରର ଅଧିଷ୍ଠାତ୍ରୀ ଦେବୀ ବିମଳାଙ୍କ ଷୋଳପୂଜା ଆରମ୍ଭ ହୋଇଛି। ସେହିଦିନଠାରୁ ଦୁର୍ଗାମାଧବ ରୁନ୍ଧା ହୋଇ ପୂଜା ପାଉଛନ୍ତି। ଶ୍ରୀଦୁର୍ଗାମାଧବ ଷୋଳପୂଜାର ପ୍ରଥମ ୮ ଦିନ ମା' ବିମଳାଙ୍କ ମନ୍ଦିରକୁ ଏବଂ ଏହାପରେ ନବମୀ ପର୍ଯ୍ୟନ୍ତ ଦୋଳମଣ୍ଡପ ସାହିସ୍ଥିତ ମା' ନାରାୟଣୀଙ୍କ ମନ୍ଦିରକୁ ବିଜେ କରିଥା'ନ୍ତି।

### ● ନିଖୋଜଙ୍କ ଉଦ୍ଧାର ଅଭିଯାନ

## ୩ ଜଣଙ୍କୁ ସୁରକ୍ଷିତ ଉଦ୍ଧାରକଲା ପୁଲିସ

ପୁରୀ,୨୨।୯ (ସମିସ): ପାଖେଇ ଆସିଲାଣି ପାର୍ବଣ। ଏହି ସମୟରେ ଅପରାଧ ବଢ଼ିଥାଏ। ତେଣୁ ପାର୍ବଣରେ ଯେପରି କୌଣସି ପ୍ରକାର ଅଘଟଣ ନ ଘଟେ ସେଥିପାଇଁ ଆଗୁଆ ପଦକ୍ଷେପ ନେଇଛି ପୁରୀ ପୁଲିସ। ଆରମ୍ଭ କରିଛି 'ଅପରେସନ ଚକ୍ର'। ଏଥିରେ ଅପରାଧୀଙ୍କୁ ସାବାଡ଼ କରାଯିବା ସହ ବେଆଇନ ନିଶା କାରବାର କରୁଥିବା ଅଭିଯୁକ୍ତଙ୍କୁ କାବୁ କରାଯାଉଛି। ବେଆଇନ ଗାଡ଼ି ଚାଳକଙ୍କଠାରୁ ଜରିମାନା ଆଦାୟ ହେଉଛି। ତେବେ ଏହାରି ଭିତରେ ଜିଲ୍ଲାବ୍ୟାପୀ ପୁଲିସ ଆଉ ଏକ ସ୍ୱତନ୍ତ୍ର ଅଭିଯାନ 'ମିସିଂ ପର୍ସନ ରେସ୍କ୍ୟୁ ଡ୍ରାଇଭ୍' ଚଳାଇଛି। ଏହି ଅଭିଯାନରେ ଏକାଧିକ ଥାନାକୁ ମିଳିଛି ସଫଳତା। ସେମାନେ ହଜି ଯାଇଥିବା ବ୍ୟକ୍ତିଙ୍କୁ ସଫଳତାର ସହ ଉଦ୍ଧାର କରିଛନ୍ତି।

ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, କାକଟପୁର ପୁଲିସ ଦୁଇଟି ମାମଲାରେ ଦୁଇଜଣ ସାଧାରଣ (ମେଜର୍) ଝିଅଙ୍କୁ ସୁରକ୍ଷା ପୂର୍ବକ ଉଦ୍ଧାର କରିଛି। ସେହିପରି ବ୍ରହ୍ମଗିରି ଥାନା ପୁଲିସ ୧୧ ବର୍ଷର ଜଣେ ନାବାଳକଙ୍କୁ ପୁରୀ ବସ୍‌ଷ୍ଟାଣ୍ଡରୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି। ଏ ସମ୍ପର୍କରେ ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର କରିବା ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଚାଲିଛି। ଇତିମଧ୍ୟରେ କିଛି ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇଛି। ଅନ୍ୟମାନଙ୍କୁ ମଧ୍ୟ ଉଦ୍ଧାର କରିବା ଲାଗି ନିରନ୍ତର ଉଦ୍ୟମ ଜାରି ରହିଛି। ଯଦି କୌଣସି ନିଖୋଜ୍ ସମ୍ବନ୍ଧିତ ସୂଚନା ମିଳେ ତବେ ନିକଟସ୍ଥ ଥାନା କିମ୍ବା ୧୧୨କୁ କଲ୍ କରିବା ପାଇଁ ଏସ୍‌ପି ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

## ଶ୍ରୀମନ୍ଦିର ସାମଗ୍ରୀ ଯାଉଛି କୁଆଡ଼େ?

ପୁରୀ,୨୨।୯ (ସମିସ)




ଶ୍ରୀମନ୍ଦିର ପରିସରରୁ ଆସୁଥିବା ସାମଗ୍ରୀ ଯାଉଛି କୁଆଡ଼େ? ଏହାକୁ ଅନ୍ୟ କେହି ନେଉନାହାନ୍ତି ତ? ଏମିତି ପ୍ରଶ୍ନ ଏବେ ଅନେକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। କାରଣ ମନ୍ଦିର ପରିସରରୁ ଅଣାଯାଇଥିବା ଲୁହା ପାଇପ୍, ଆଲୁମିନିୟମ୍ ଡୋର୍ ଫ୍ରେମ୍, ଆଲୁମିନିୟମ୍ ଜାଲି ଆଦି ସାମଗ୍ରୀ ସୋମବାର ସିଦ୍ଧମହାବୀର ଅଞ୍ଚଳକୁ ଯାଇଥିଲା। ଯିଏ ଏହା ଦେଖିଥିଲେ ତାଙ୍କ ମନରେ ସନ୍ଦେହ ଉପୁଜିଥିଲା। ସନ୍ଦେହ ହେବା ବି ସ୍ୱାଭାବିକ। ଭକ୍ତ ନିବାସ ପରିସର କିମ୍ବା ଶ୍ରୀମନ୍ଦିର ପ୍ରଶାସନର ନୂତନ ଭାବେ ନିର୍ମିତ ଗୋଦାମ ଘରେ ରଖା ନ ଯାଇ ଏହା ଅନ୍ୟତ୍ର ଗଲା କାହିଁକି? ଏହି ପ୍ରଶ୍ନ ଏବେ ଅନେକଙ୍କୁ ଦ୍ୱନ୍ଦ୍ୱରେ ପକାଇଛି।

ନିୟମଅନୁସାରେ, ଶ୍ରୀମନ୍ଦିରର କୌଣସି ବି ସାମଗ୍ରୀ ଅନ୍ୟ କେହି ନେଇପାରିବେ ନାହିଁ। ସେ ମନ୍ଦିରର କର୍ମଚାରୀ ହୁଅନ୍ତୁ ଅବା ସେବାୟତ କିମ୍ବା ଅଧିକାରୀ। ମନ୍ଦିର ପରିସରରୁ ଯଦି କିଛି ଲୁହା ସାମଗ୍ରୀର ୱେଷ୍ଟେଜ୍ ବାହାରେ ତେବେ ଏହାକୁ ମନ୍ଦିର ପ୍ରଶାସନ ନିଜ ହେପାଜତରେ ରଖିଥାଏ। ଏହା ଟେଣ୍ଡର ଡକାଯିବା ପରେ ଯେ କେହି ନେଇଥା'ନ୍ତି। ସୋମବାର ଅପରାହ୍ଣରେ ଶ୍ରୀମନ୍ଦିର ପରିସରରୁ ଉତ୍ତର ଦ୍ୱାର ଦେଇ ଆଲୁମିନିୟମ୍ ଜାଲି, ଡୋର୍ ଫ୍ରେମ୍, ଲୁହା ପାଇପ୍ ଆଦି ବାହାର କରାଯାଇଥିଲା। ଉତ୍ତର ଦ୍ୱାରରେ ଏକ ଟାଟା ଏସି ଗାଡ଼ିରେ ଏହା ଲଦାଯାଇଥିଲା। ସେହି ଗାଡ଼ିଟି ଗୁଣ୍ଡିଚା ଭକ୍ତ ନିବାସ ପରିସରକୁ ପ୍ରବେଶ କରିଥିଲା। ସେଠାରୁ ଆଉ ଏକ ଟାଟା ଏସି ଗାଡ଼ିରେ ଏହିଭଳି ସାମଗ୍ରୀ ଲଦାଯାଇ ସିଦ୍ଧମହାବୀର ଅଞ୍ଚଳକୁ ଯାଇଥିଲା। ଏଠାରେ ପ୍ରଶ୍ନଉଠୁଛି, ମନ୍ଦିର ପରିସରରୁ ଅଣାଯାଇଥିବା ସାମଗ୍ରୀ ଟେଣ୍ଡର ହୋଇ ଆସିଥିଲା ନା ନାହିଁ? ଏ ସମ୍ପର୍କରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ କହିଛନ୍ତି, ମନ୍ଦିର ସାମଗ୍ରୀ କେହି ସେମିତି ନେଇପାରିବେ ନାହିଁ। ଯଦିବି କିଛି ୱେଷ୍ଟେଜ୍ ଜିନିଷ ଥାଏ ତାହାର ଟେଣ୍ଡର କରାଯାଏ। ତେବେ ଏଭଳି ସାମଗ୍ରୀର ଏବେ ଟେଣ୍ଡର ହେବାର ଖବର ମୋ ପାଖରେ କିଛି ନାହିଁ। ତେବେ କ'ଣ ହୋଇଛି ବୁଝିଲେ କହିବି ବୋଲି କହିଥିଲେ।

## ଜିଲ୍ଲା ସ୍କୁଲରେ ଫାୟାର ମକ୍‌ଡ୍ରିଲ୍

ପୁରୀ,୨୨।୯ (ସମିସ): ପୁରୀ ଅଗ୍ନିଶମ କେନ୍ଦ୍ର ପକ୍ଷରୁ ଜିଲ୍ଲା ସ୍କୁଲ ପରିସରରେ ଏକ ଫାୟାର ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ପୁରୀ ସର୍କଲ୍ ଅଗ୍ନିଶମ ବିଭାଗର ଡେପୁଟି ଫାୟାର ଅଫିସର ଓ ସହକାରୀ ଫାୟାର ଅଫିସରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଫାୟାର ମକ୍ ଡ୍ରିଲ୍‌ରେ ନିଆଁ ଲାଗିଲେ କିଭଳି ଏହାର ନିୟନ୍ତ୍ରଣ ଓ ମୁକାବିଲା କରାଯାଇପାରିବ, ଆପାତ୍‌କାଳୀନ ସ୍ଥିତିରେ କିଭଳି ସଚେତନ ଓ ସଜାଗ ରହି ପ୍ରତିକୂଳ ପରିସ୍ଥିତିର ସାମ୍ନା କରିହେବ ସେ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ତାଲିମ ଦିଆଯାଇଛି। ଘରେ ହେଉ କିମ୍ବା ନିଜ ପାରିପାର୍ଶ୍ୱରେ ଯଦି ଆକସ୍ମିକ ଦୁର୍ଘଟଣା କିମ୍ବା ଅଘଟଣ ଘଟେ ତେବେ କିଭଳି ଏହାର ମୁକାବିଲା କରାଯାଇପାରିବ ସେ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଛି। ଛାତ୍ରଛାତ୍ରୀମାନେ ମଧ୍ୟ ଏହାକୁ ଶିକ୍ଷା କରିବା ପରେ ବେଶ୍ ଖୁସିବ୍ୟକ୍ତ କରିଛନ୍ତି। ଯଦି କୌଣସି ଜାଗାରେ ନିଆଁକୁ ନେଇ ଆକସ୍ମିକ ଦୁର୍ଘଟଣା ଘଟେ ସେମାନେ ନିଶ୍ଚିତ ଏହାକୁ ନିୟନ୍ତ୍ରଣ କରିବାରେ ସଫଳ ହେବେ ବୋଲି କହିଛନ୍ତି।


**SBI**
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ, କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/10 (ନିୟମିତ ପଦବୀ)**

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ ସଂଖ୍ୟା | 31.08.2025 ରେ ବୟସ (ବର୍ଷ) | |
|---|---|---|---|---|
| | | | ସର୍ବନିମ୍ନ | ସର୍ବାଧିକ |
| ମ୍ୟାନେଜର (ପ୍ରୋଡକ୍ଟସ୍- ଡିଜିଟାଲ୍ ପ୍ଲାଟଫର୍ମ) | ଏମ୍ଏମ୍ଜିଏସ୍-III | 34 | 28 | 35 |
| ଡେପୁଟି ମ୍ୟାନେଜର (ପ୍ରୋଡକ୍ଟସ୍- ଡିଜିଟାଲ୍ ପ୍ଲାଟଫର୍ମ) | ଏମ୍ଏମ୍ଜିଏସ୍-II | 25 | 25 | 32 |

**ବିଜ୍ଞାପନ ସଂ. CRPD/SCO/2025-26/11 (ନିୟମିତ ପଦବୀ)**


| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ ସଂଖ୍ୟା | 31.08.2025 ରେ ବୟସ (ବର୍ଷ) | |
|---|---|---|---|---|
| | | | ସର୍ବନିମ୍ନ | ସର୍ବାଧିକ |
| ମ୍ୟାନେଜର କ୍ରେଡିଟ୍ ଆନାଲିଷ୍ଟ | ଏମ୍ଏମ୍ଜିଏସ୍-III | 63 | 25 | 35 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query)ରେ ଉପଲବ୍ଧ ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 11.09.2025 ରୁ 02.10.2025 ପର୍ଯ୍ୟନ୍ତ ।

ସ୍ଥାନ: ମୁମ୍ବାଇ
ତାରିଖ: 11.09.2025
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

# ସମ୍ପାଦକୀୟ



ସ୍ୱାଧୀନତା ହେଉଛି ଆବଶ୍ୟକତାର ଚେତନା।
-କାଲମାର୍କସ୍

ସକାଳ THE SAKALA

## ଯୋଗ୍ୟ ଓ ମେଧାଶକ୍ତିର ଅପଚୟ

ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ନାଗରିକଙ୍କ ମୌଳିକ ଆବଶ୍ୟକତା ପ୍ରତି ଉଚିତ ଧ୍ୟାନ ଦିଆଯାଇନଥିବାରୁ ରାଜ୍ୟର ଏହି ଦୁଇଟି କ୍ଷେତ୍ର ଅବହେଳିତ ଅବସ୍ଥାରେ ଅଛି। ଡାକ୍ତର ଅଭାବରୁ ରାଜ୍ୟର ଗ୍ରାମୀଣ ଜୀବନ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେବା ସହ ବ୍ୟୟବହୁଳ କର୍ପୋରେଟ ହସ୍‌ପିଟାଲ ଉପରେ ନିର୍ଭର କରୁଛି। ନିକଟରେ ଏହି ସମସ୍ୟା ଓ ତା'ର ସମାଧାନ ସଂପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲୁ। ଏବେ ରାଜ୍ୟର ଶିକ୍ଷା ବ୍ୟବସ୍ଥା ମଧ୍ୟ ଅନୁରୂପ ପରିସ୍ଥିତିର ସମ୍ମୁଖୀନ ହେଉଛି। ଆମ ରାଜ୍ୟର ଛାତ୍ରଛାତ୍ରୀ ସଠିକ ଶିକ୍ଷାଦାନରୁ ବଂଚିତ ହେଉଥିବାରୁ ଜାତୀୟ ସ୍ତରରେ ନିଜ ଦକ୍ଷତା ଓ ମେଧାଶକ୍ତି ପ୍ରଦର୍ଶନ କରିପାରୁନାହାନ୍ତି। ରାଜ୍ୟରେ ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟ ଥିବାବେଳେ ଗୁଣାତ୍ମକ ମାନ ଦୃଷ୍ଟିରୁ ଜାତୀୟସ୍ତରରେ ପ୍ରତିଯୋଗୀକ୍ଷମ ହୋଇପାରୁନାହାନ୍ତି। ରାଜ୍ୟର ଉଚ୍ଚଶିକ୍ଷା କ୍ଷେତ୍ରର ଏହି ଦୁର୍ବଳ ସ୍ଥିତିକୁ ଦୃଷ୍ଟିରେ ରଖି ଅଭିଭାବକମାନେ ନିଜ ପିଲାଙ୍କୁ ଉଚ୍ଚତର ଶିକ୍ଷା ପାଇଁ ବାହାରକୁ ପଠାଉଛନ୍ତି। ଅଧ୍ୟାପନା ପାଇଁ ଯଦି ବିଶ୍ୱବିଦ୍ୟାଳୟରେ କ୍ରମାଗତ ଶିକ୍ଷକ ଅଭାବ ବଳବତ୍ତର ରହିବ ତେବେ ଛାତ୍ରଛାତ୍ରୀଙ୍କ ନିକଟରେ ଅଧ୍ୟୟନ ଗୁରୁତ୍ୱ ହରାଇବ ଓ ସେମାନେ ସ୍ୱାଭାବିକ ଭାବେ ବିପଥଗାମୀ ହେବେ।

ଆମେ ଏଠାରେ ସରକାରୀ ତଥ୍ୟ ଆଧାରରେ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣ କ'ଣ ସେ ସଂପର୍କରେ କିଛି ମତାମତ ଦେବାକୁ ଉଚିତ୍ ମନେ କରୁଛୁ। ବିଧାନସଭାରେ ମନ୍ତ୍ରୀଙ୍କ ଉତ୍ତରରୁ ସ୍ପଷ୍ଟ ଯେ ସରକାରୀ ବିଶ୍ୱବିଦ୍ୟାଳୟରେ ୧୪୦୪ ଅଧ୍ୟାପକ ପଦ ଖାଲିପଡ଼ିଛି। ଏହା ମୋଟ ସରକାରୀ ମଞ୍ଜୁରୀ ପ୍ରାପ୍ତ ଅଧ୍ୟାପକ ପଦର ୬୮ ପ୍ରତିଶତ। ସତରେ କି ବିଚିତ୍ର ପରିସ୍ଥିତି ବିଶ୍ୱବିଦ୍ୟାଳୟରେ ସୃଷ୍ଟି ହେଉଥିବ। ଠିକା ନିଯୁକ୍ତି ଉପରେ ନିର୍ଭର କରି କର୍ତ୍ତୃପକ୍ଷ କୌଣସିପ୍ରକାରେ କାମଚଳା ବ୍ୟବସ୍ଥା ଜାରି ରଖିଛନ୍ତି। ଯେଉଁଠାରେ ବୌଦ୍ଧିକ ବିକାଶ ଓ ଗବେଷଣାର ସୁଯୋଗ ସୃଷ୍ଟି ହେବା କଥା ସେଠାରେ ଯଦି ଠିକା ଅଧ୍ୟାପନା ଉପରେ ବ୍ୟବସ୍ଥା ନିର୍ଭରଶୀଳ ହେବ ଆମ ରାଜ୍ୟର ବିଶ୍ୱବିଦ୍ୟାଳୟ ଜାତୀୟସ୍ତର ମାନକ ଅନୁରୂପ ହେବ କିପରି? ସଚେତନ ଅଭିଭାବକଙ୍କ ପାଇଁ ଏହା ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛି। ସତେଯେପରି ମନେ ହେଉଛି ସରକାର ଏହି ବିଶ୍ୱବିଦ୍ୟାଳୟ ଖୋଲିଛନ୍ତି କେବଳ ଡିଗ୍ରୀ ବାଣ୍ଟିବା ପାଇଁ, ଯାହା ସାଧାରଣ ଓ ସାମାଜିକ ଜୀବନରେ ଦିନକୁ ଦିନ ଅଲୋଡ଼ା ହୋଇପଡୁଛି।

ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା, ରାଜ୍ୟର ସର୍ବପ୍ରାଚୀନ ତଥା ଗର୍ବଗୌରବ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ସର୍ବାଧିକ ପଦ ଖାଲି ପଡ଼ିଥିବା ବେଳେ ଦ୍ୱିତୀୟ ସ୍ଥାନରେ ଅଛି ଉତ୍କଳ ବିଶ୍ୱବିଦ୍ୟାଳୟ। ରେଭେନ୍ସାରେ ୧୬୧ ଅଧ୍ୟାପକ ପଦ ପୂରଣ ହୋଇପାରୁନି। ରାଜ୍ୟରେ ଖାଲିପଡ଼ିଥିବା ଏହି ପଦବୀ ମଧ୍ୟରେ ଅଛି ୨୬୦ ପ୍ରାଧ୍ୟାପକ, ୪୫୩ ସହଯୋଗୀ ପ୍ରାଧ୍ୟାପକ ଓ ୬୬୯ ସରକାରୀ ପ୍ରାଧ୍ୟାପକ ପଦ। ସେହିଭଳି ବିଶ୍ୱବିଦ୍ୟାଳୟ ପ୍ରଶାସନର ପ୍ରମୁଖ ଅଂଶ ୭୨ ପ୍ରତିଶତ ଅଣଶିକ୍ଷକ ପଦ ମଧ୍ୟ ଶୂନ୍ୟ ପଡ଼ିଛି। ବିଭାଗୀୟ ମନ୍ତ୍ରୀ ଏକଥା ବିଧାନସଭାରେ କହିଛନ୍ତି। ଏହି ପରିସ୍ଥିତି କେବଳ ବିଶ୍ୱବିଦ୍ୟାଳୟ ସ୍ତରରେ ସୀମିତ ରହିନାହିଁ। ସରକାରୀ ମହାବିଦ୍ୟାଳୟ ସ୍ଥିତି ମଧ୍ୟ ତଦ୍ରୂପ। ରାଜ୍ୟର ମୋଟ ୮୨ଟି ସରକାରୀ ମହାବିଦ୍ୟାଳୟରେ ୬୫୪ ଅଧ୍ୟାପକ ପଦ ଖାଲିପଡ଼ିଛି। କିନ୍ତୁ ଏହି ଅଭାବ ସତ୍ତ୍ୱେ ପାଠପଢ଼ା ଚାଲିଛି। ଯେତେଦୂର ମନେ ହୁଏ ଠିକା ବ୍ୟବସ୍ଥାରେ ଅପେକ୍ଷାକୃତ କମ ଖର୍ଚ୍ଚ ହେଉଥିବାରୁ ସରକାର ଅଧ୍ୟାପକ ନିଯୁକ୍ତିକୁ ଗୁରୁତ୍ୱ ଦେଉନାହାନ୍ତି। ଉଚ୍ଚ ଶିକ୍ଷା କ୍ଷେତ୍ର ମଧ୍ୟ କାମଚଳା ବ୍ୟବସ୍ଥାରେ ଚାଲିଛି। ଯୋଗ୍ୟ ଓ ମେଧା ଶକ୍ତିର ଅପଚୟ ପାଇଁ ଏହା ଏକ ଷଡ଼ଯନ୍ତ୍ର ନୁହେଁ ତ?

## ନିରର୍ଥକ ପ୍ରୟାସ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିକଟରେ ପୁଣି ଥରେ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ସେ ହକ୍‌ଦାର ବୋଲି ଯୁକ୍ତି ଦର୍ଶାଇଛନ୍ତି। ଭାରତ-ପାକିସ୍ତାନ ସମେତ ୬ଟି ଯୁଦ୍ଧକୁ ରୋକିବାରେ ତାଙ୍କର ବ୍ୟକ୍ତିଗତ ଉଦ୍ୟମରୁ ସଫଳତା ମିଳିଛି। ତାଙ୍କ ଦାବିର ଯଥାର୍ଥତାକୁ ବିଚାର କଲେ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ସାମରିକ ଉତ୍ତେଜନାକୁ ସେ ଯୁଦ୍ଧର ମାନ୍ୟତା ଦେଇ ବାଗାଡ଼ମ୍ବର କରିଛନ୍ତି। 'ଅପରେସନ ସିନ୍ଦୂର' ପ୍ରସଙ୍ଗରେ ଭାରତ ଟ୍ରମ୍ପଙ୍କ ହସ୍ତକ୍ଷେପକୁ ଏପର୍ଯ୍ୟନ୍ତ ଅସ୍ୱୀକାର କରି ଆସିଥିବା ବେଳେ ନିକଟରେ ପାକିସ୍ତାନ ବୈଦେଶିକ ମନ୍ତ୍ରୀ ମଧ୍ୟ ତାହାକୁ ଖଣ୍ଡନ କରିଛନ୍ତି। ଅଥଚ ସେ ନିଜେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ସଂଶ୍ଳିଷ୍ଟ ଥିବା ୭୦୦ ଦିନ ଧରି ଗାଜା ବିରୋଧରେ ଚାଲିଥିବା ଇସ୍ରାଏଲର ଆକ୍ରମଣ ଏବଂ ୧୩୦୦ ଦିନରୁ ଊର୍ଦ୍ଧ୍ୱକାଳ ଧରି ରୁଷିଆ-ୟୁକ୍ରେନ ଯୁଦ୍ଧର ଅବସାନ ଘଟାଇବାରେ ବିଫଳତା ସଂପର୍କରେ ନିରବ ରହିଛନ୍ତି। ଗାଜାରେ ଗଣହତ୍ୟା ଏବଂ ୟୁକ୍ରେନରେ ଯୁଦ୍ଧ ବିଭୀଷିକା ଓ ବୀଭତ୍ସତାର କୌଣସି ପଟାନ୍ତର ନାହିଁ। ସମଗ୍ର ବିଶ୍ୱ ସମୁଦାୟ ଯୁଦ୍ଧ ବିରତି ଓ ଶାନ୍ତି ପ୍ରତିଷ୍ଠା ସପକ୍ଷରେ ଦୃଢ଼ ମତ ପୋଷଣ କରୁଥିଲେ ହେଁ ଆମ ବ୍ୟବସ୍ଥା ଓ ଅହଂକାରୀ ନେତୃତ୍ୱଙ୍କ ପକ୍ଷପାତପୂର୍ଣ୍ଣ ଆଚରଣ ଏକ୍ଷେତ୍ରରେ ପ୍ରତିବନ୍ଧକ ହୋଇଛି। ଆମେ ଏଠାରେ ବ୍ୟବସ୍ଥା କହିଲେ ମିଳିତ ଜାତିସଂଘର ଭୂମିକା କିଭଳି ନିରର୍ଥକ ଓ ନିଷ୍ପ୍ରୟୋଜନ ହୋଇପଡ଼ିଛି ତାହା ଦର୍ଶାଇଛୁ।

ଏଥିମଧ୍ୟରେ ମିଳିତ ଜାତିସଂଘ ପ୍ରତିଷ୍ଠା ୮୦ ବର୍ଷରେ ପଦାର୍ପଣ କରିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରେ ଆନ୍ତର୍ଜାତିକ ସ୍ତରରେ ଶାନ୍ତି, ସଦ୍‌ଭାବ ଓ ସୁରକ୍ଷା ଅତୁଟ ରଖିବା ସହ ଆବଶ୍ୟକ ସ୍ଥଳରେ ମିଳିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲକ୍ଷ୍ୟରେ ଏହି ବିଶ୍ୱ ପଞ୍ଚାୟତ ଗଠନ ହୋଇଥିଲା। କିନ୍ତୁ ଅଧିକାଂଶ ପ୍ରସଙ୍ଗରେ ଏହା ନ୍ୟାୟ ପ୍ରଦାନ କରିବାକୁ ଅସମର୍ଥ ହୋଇଛି। ତାହାର ପୃଷ୍ଠଭାଗରେ ରହିଛି ନିରାପତ୍ତା ପରିଷଦରେ ସ୍ଥାୟୀ ସଦସ୍ୟତା ହାସଲ କରିଥିବା ଆମେରିକା ରୁଷିଆ, ଚୀନ, ବ୍ରିଟେନ ଓ ଫ୍ରାନ୍ସର ଭୂମିକା। ଏମାନଙ୍କ ଭିଟୋ ପ୍ରୟୋଗ କ୍ଷମତା ପ୍ରସଙ୍ଗ ଭିତ୍ତିକ ବହୁମତକୁ କାର୍ଯ୍ୟକାରୀ କରିବାରେ ପ୍ରତିବନ୍ଧକ ହୋଇଛି। ତେଣୁ ନିରାପତ୍ତା ପରିଷଦରେ ସଦସ୍ୟତା ବୃଦ୍ଧି ଓ ଆବଶ୍ୟକ ସଂସ୍କାର ଆଣିବା ସକାଶେ ଭାରତ, ଜର୍ମାନୀ, ଜାପାନ ଓ ବ୍ରାଜିଲ ପକ୍ଷରୁ ଦୁଇ ଦଶନ୍ଧି ଧରି ଦାବି କରାଯାଉଥିଲେ ମଧ୍ୟ ଏକ୍ଷେତ୍ରରେ କୌଣସି ନିର୍ଣ୍ଣାୟକ ନିଷ୍ପତ୍ତି ଗ୍ରହଣ କରାଯାଇପାରିନାହିଁ। ସଂପ୍ରତି ସମଗ୍ର ବିଶ୍ୱ ଯୁଦ୍ଧ ଘନଘଟା ଓ ଆତଙ୍କବାଦୀଙ୍କ କାର୍ଯ୍ୟକଳାପରେ କ୍ଷତାକ୍ତ ଓ ପୀଡ଼ିତ। ଏହି ଦୁଇଟି ପ୍ରସଙ୍ଗରେ ଜାତିସଂଘର ଶୀର୍ଷ କ୍ଷମତାରେ ଥିବା ରାଷ୍ଟ୍ର ନିଜର ସ୍ୱାର୍ଥ ରକ୍ଷା ପାଇଁ ଚାପ ଓ ଭିଟୋ ପ୍ରୟୋଗ କରୁଥିବାରୁ ନିର୍ଣ୍ଣାୟକ ନିଷ୍ପତ୍ତି ଗ୍ରହଣ କରାଯାଇପାରୁନି। ଅନୁରୂପ ଭାବେ କୋଭିଡ ମହାମାରୀର ମୃତ୍ୟୁ ବିଭୀଷିକା ପାଇଁ କିଏ ଦାୟୀ ତାହା ନିର୍ଦ୍ଧାରଣ କରିବାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଅସାମର୍ଥ୍ୟ ବାରି ହୋଇପଡୁଛି।

ଜାତିସଂଘ ସାଧାରଣ ଆସେମ୍ବ୍ଲି ଅଧିବେଶନ ଚାଲିଥିବା ବେଳେ କେତୋଟି ପ୍ରସଙ୍ଗ ଆମେ ଏଠାରେ ଉପସ୍ଥାପନ କରିବାକୁ ଉଚିତ ମନେ କରୁଛୁ। ପାଲେଷ୍ଟାଇନର ଗାଜାପଟିରେ ଇସ୍ରାଏଲ ନରସଂହାର ଜାରି ରଖିଛି ବୋଲି ମିଳିତ ଜାତିସଂଘର ନିରପେକ୍ଷ ତଦନ୍ତକାରୀ ଆୟୋଗ ରିପୋର୍ଟରେ ଦର୍ଶାଇଛନ୍ତି। ଗାଜାରେ ତୁରନ୍ତ ନିଃସର୍ତ୍ତ ସ୍ଥାୟୀ ଯୁଦ୍ଧ ବିରତି ଏବଂ ତୁରନ୍ତ ପଣବନ୍ଦୀ ଓ ଯୁଦ୍ଧବନ୍ଦୀଙ୍କୁ ମୁକ୍ତ କରାଯିବାକୁ ପରାମର୍ଶ ଦିଆଯାଇଥିଲା। ଅଥଚ ୧୪-୧ ଭୋଟ ସତ୍ତ୍ୱେ ତାହା କାର୍ଯ୍ୟକାରୀ ହୋଇପାରିଲାନାହିଁ। ସେହି ଗୋଟିଏ ଭୋଟ ହିଁ ଥିଲା ଆମେରିକାର ଭିଟୋ। ଏହି ପ୍ରସଙ୍ଗର ଘଟଣାକ୍ରମକୁ ଅନୁଧ୍ୟାନ କଲେ ମଧ୍ୟପ୍ରାଚ୍ୟରେ ଆଗକୁ ବିସ୍ଫୋରଣାତ୍ମକ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଥିବାର ମନେ ହୁଏ। ସାଉଦୀ ଆରବ ସହ ପାକିସ୍ତାନ ପ୍ରତିରକ୍ଷା ଚୁକ୍ତି କରି ପାରମାଣବିକ ଆତଙ୍କ ସୃଷ୍ଟି କରିଛି। ସେହିଭଳି ରୁଷ-ୟୁକ୍ରେନ ଯୁଦ୍ଧ ନେଇ ଜାତିସଂଘର ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ପୋଲାଣ୍ଡରେ ରୁଷର ଡ୍ରୋନ ପ୍ରବେଶ ଓ ଇସ୍ତୋନିଆରେ ଯୁଦ୍ଧବିମାନ ବାୟୁସୀମା ଉଲ୍ଲଙ୍ଘନ ଘଟଣା ପରିସ୍ଥିତିକୁ ଭିନ୍ନ ମୋଡ଼ ଦେଇଛି। ଯୁଦ୍ଧ ବିରତି ଓ ଶାନ୍ତି ପ୍ରତିଷ୍ଠା ସପକ୍ଷରେ ଜାତିସଂଘରେ ଗୃହୀତ ପ୍ରସ୍ତାବ ଅର୍ଥହୀନ ହୋଇପଡୁଥିଲେ ମଧ୍ୟ ତାହାର କୌଣସି ବିକଳ୍ପ ପନ୍ଥା ଦୃଶ୍ୟମାନ ହେଉନାହିଁ।

# ଚାଷୀର ସ୍ୱଭାବ ଓ ସାରର ଅଭାବ

ଡ. ସୀତାକାନ୍ତ ତ୍ରିପାଠୀ

'ଚାଷ ଅଛି ଯାହାର, କି ଆନନ୍ଦ ତାହାର' - ପିଲାଦିନେ ଏହି ଶିଶୁ କବିତାଟି ଶୁଣି ଏବଂ ନିଜେ ଗାଇ ଆମଭଳି ପିଲାମାନେ ଚାଷ କାର୍ଯ୍ୟ ପ୍ରତି ବେଶ୍ ଆଗ୍ରହୀ ହୋଇଥିଲୁ। ସେ ସମୟରୁ ଏପର୍ଯ୍ୟନ୍ତ ଯେତେବେଳେ ଆମେ ଚାଷୀମାନଙ୍କ ସହିତ ଆଳାପ ଆଲୋଚନା କରୁ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ପ୍ରଥମ ଉତ୍ତର ହେଲା ଆମେ ଗରିବ। ଚାଷ କାର୍ଯ୍ୟକୁ ଆଧାର କରି ବଞ୍ଚିବା କଷ୍ଟକର। ବରଂ ଚାକିରି କରି ମାସକୁ ମାସ ଦରମା ପାଇବ; କିନ୍ତୁ ଚାଷକୁ ଆଧାର କରି ଜୀବନଧାରଣ କରିବା କଷ୍ଟକର। ତା'ଛଡ଼ା ଆମ ସମାଜରେ ସେମାନଙ୍କୁ ପାଞ୍ଚଜଣରେ ଜଣେ ଗଣିବା ଦୂରେ ଥାଉ ସଠିକ ଆଦର କିମ୍ବା ସମ୍ମାନ ଦିଆଯାଏ ନାହିଁ।

ବିଭିନ୍ନ ସ୍ଥାନରେ ଚାଷୀ ଆତ୍ମହତ୍ୟା ହେଉଥିଲେ ମଧ୍ୟ ତା'କୁ ପ୍ରମାଣ କରିବା ଜଣେ ଗରିବ ଚାଷୀ ପରିବାର ପକ୍ଷେ କଷ୍ଟକର। ଆଜିକାଲି ଯଦିଓ କିଛି ହାତଗଣତି ଚାଷୀ ସରକାରୀ ସାହାଯ୍ୟ ସହଯୋଗ ଏବଂ ନିଜସ୍ୱ ପୁଞ୍ଜି ନିବେଶ କରି ଚାଷକୁ ଏକ ଲାଭଦାୟକ ଜୀବିକା କରିପାରିଛନ୍ତି, ତଥାପି ଅଧିକାଂଶ ଲୋକ ଏଥିରୁ ନିଜକୁ ନିବୃତ୍ତ କରି ଅନ୍ୟାନ୍ୟ ବୃତ୍ତି କିମ୍ବା ଚୁକ୍ତିଭିତ୍ତିକ ଚାଷ ବା ଭାଗ ଚାଷରେ ମନ ଦେଲେଣି। ପୂର୍ବରୁ ସୀମିତ ଚାହିଦା ଭିତରେ ଚାଷୀର ଜୀବନ ଯେନତେନ ପ୍ରକାର ଚଳିଯାଉଥିଲେ ମଧ୍ୟ ଅଭାବୀ ବିକ୍ରୀ, କୃଷିଜାତ ଦ୍ରବ୍ୟର ସଂରକ୍ଷଣର ଅସୁବିଧା, ଋତୁଭିତ୍ତିକ ଚାଷକାର୍ଯ୍ୟ, ଦୈବୀ ଦୁର୍ବିପାକ ଆଦି ବିଭିନ୍ନ କାରଣ ଯୋଗୁଁ ତା'ର ଜୀବନ ଦୁର୍ବିସହ ହୋଇ ପଡୁଛି। ଏ ସବୁ ସମସ୍ୟାର ନିରାକରଣ ପାଇଁ ବିଭିନ୍ନ ସମୟରେ ବିଭିନ୍ନ ସରକାରମାନେ ପଦକ୍ଷେପମାନ ନେଇ ଆସୁଛନ୍ତି। କିନ୍ତୁ ସେଗୁଡ଼ିକ ପ୍ରଭାବୀ ହୋଇପାରୁ ନ ଥିବାରୁ ବର୍ତ୍ତମାନ ପର୍ଯ୍ୟନ୍ତ ସମସ୍ୟାଗୁଡ଼ିକ ଅସମାହିତ ଥିବା ଭଳି ମନେ ହୁଏ।

ବର୍ତ୍ତମାନର କୃଷି ବ୍ୟବସ୍ଥାରେ ଅଧିକାଂଶ ଭାଗଚାଷୀ। ଦୈବୀ ଦୁର୍ବିପାକ କିମ୍ବା ଅନ୍ୟାନ୍ୟ କୌଣସି କାରଣରୁ ଯଦି ଚାଷ କ୍ଷତିଗ୍ରସ୍ତ ହୁଏ, ତେବେ ଜମି ମାଲିକମାନଙ୍କର ସେମିତି କିଛି କ୍ଷତି ହୁଏନାହିଁ, ବରଂ ସେମାନେ ସରକାରଙ୍କ ଦ୍ୱାରା ନିର୍ଦ୍ଧରିତ ସାହାଯ୍ୟ ସହଯୋଗ ପାଇବା ପାଇଁ ହକ୍‌ଦାର ହୋଇଥା'ନ୍ତି। କିନ୍ତୁ ଅଦ୍ୟାବଧି ଭାଗଚାଷୀ ଆଇନ୍ ସଠିକ୍ ଭାବେ ପ୍ରଣୟନ ହୋଇ ନ ପାରିବା କାରଣରୁ ସେମାନଙ୍କୁ ସାହାଯ୍ୟ କରିବା ଦୂରରେ ଥାଉ ଚିହ୍ନଟ କରିବା ମଧ୍ୟ କଷ୍ଟକର। ପୂର୍ବରୁ ଭାଗଚାଷୀମାନେ ସାଧାରଣ ଭାବେ ଜମିରୁ ଉତ୍ପାଦିତ ଫସଲକୁ ମାଲିକମାନଙ୍କ ସହିତ ଭାଗ କରୁଥିବା ବେଳେ ବର୍ତ୍ତମାନ ପ୍ରାୟତଃ ସେମାନେ ବର୍ଷକୁ ବର୍ଷ ଗୁଣ୍ଡପିଛା ଏକ ନିର୍ଦ୍ଦିଷ୍ଟ ରାଶି କର ହିସାବରେ ପ୍ରଦାନ କରୁଛନ୍ତି। ଯାହାଫଳରେ ସେମାନଙ୍କ ହାତରେ ଜମି ରହୁଛି। ତେଣୁ ସେଥିରୁ କେମିତି ଅଧିକରୁ ଅଧିକ ଉତ୍ପାଦନ କରିହେବ ସେଥିପାଇଁ ଅଧିକ ଅମଳକ୍ଷମ ବିହନ ସହିତ ଅତ୍ୟଧିକ କୃତ୍ରିମ ସାର ଓ କୀଟନାଶକ ଆଦି ପ୍ରୟୋଗ କରିବାରେ ବ୍ୟସ୍ତ। ଅନ୍ୟପକ୍ଷରେ ଆଜିକାଲି ଯଥେଷ୍ଟ ମାତ୍ରାରେ ଭାଗଚାଷୀ ମିଳୁ ନଥିବାରୁ ଜମି ମାଲିକମାନେ ଭାବୁଛନ୍ତି ଯାହାହେଉ ଜମି ପଡ଼ିଆ ପଡ଼ିବା କିମ୍ବା ଅଣାୟତ୍ତ ହୋଇଯିବାର ଭୟରୁ ଅନ୍ତତଃ ମୁକ୍ତି ମିଳିଯାଉଛି। କାରଣ କିଛି ଜମିମାଲିକ ନାମକୁ ମାତ୍ର ବର୍ଷକୁ ଥରେ ଦୁଇଥର ଗାଁକୁ ଯାଇ ବିଲବାଡ଼ିଆଡ଼େ ଆଖି ପକାଇ ଦେଇ ଭାଗଚାଷୀମାନଙ୍କଠାରୁ ଟଙ୍କା ଧରି ଫେରି ଆସିଥା'ନ୍ତି। ବେଳେବେଳେ ଭାଗଚାଷୀମାନେ ଜମି ମାଲିକମାନଙ୍କୁ କିଛି ପନିପରିବା, ଧାନ, ମୁଗ ଦେଇ ଖୁସି କରାଇବା ପାଇଁ ଚାହିଁଥା'ନ୍ତି। ପ୍ରକୃତପକ୍ଷେ ଚାଷର ଉନ୍ନତି ପାଇଁ ଜମି ମାଲିକ ଏବଂ ଭାଗଚାଷୀ ମଧ୍ୟରେ ଥିବା ସମନ୍ୱୟ ଅଭାବରୁ ଏହି ସମସ୍ୟା ବହୁଗୁଣିତ ହୋଇଥାଏ। ଅଧିକାଂଶ ସମୟରେ ଜମି ମାଲିକମାନେ ନିଜ ନିଜର ନାମ ପଞ୍ଜୀକରଣ କରି ନ ଥିବାରୁ ଉତ୍ପାଦିତ ଧାନକୁ ସରକାରୀ ଧାର୍ଯ୍ୟ ମୂଲ୍ୟରେ ବିକିବା କଷ୍ଟକର ହୋଇଥାଏ। ତେଣୁ ଭାଗଚାଷୀମାନେ ବିଭିନ୍ନ ଲୋକଙ୍କ ନାଁ ନେଇ ଧାନ ବିଲ ଚାଷ କରିଥା'ନ୍ତି। ଯାହା ଫଳରେ ଉକ୍ତ ଧାନର ପ୍ରକୃତ ମୂଲ୍ୟ ପାଇବାରୁ ଏମାନେ ବଞ୍ଚିତ ହୁଅନ୍ତି।

ବର୍ତ୍ତମାନ ପରିପ୍ରେକ୍ଷୀରେ ସାରର ଅଭାବକୁ ନେଇ ରାଜ୍ୟସାରା ତୁମ୍ବିତୋଫାନ ଚାଲିଛି। ଏଥିପାଇଁ କିଛି ସ୍ଥାନରେ ଚାଷୀମାନେ ଆନ୍ଦୋଳନ କରିବାକୁ ରାଜରାସ୍ତାକୁ ଓହ୍ଲାଇଲେଣି। ତେବେ ପାରମ୍ପରିକ ବିହନ, କମ୍ପୋଷ୍ଟ ଖତ ଓ କୃଷି ପଦ୍ଧତି ଛାଡ଼ି ଆମେ ଯେତେବେଳେ ସଙ୍କରଜାତୀୟ ବିହନ, କୃତ୍ରିମ ସାର ଓ ବୈଜ୍ଞାନିକ କୃଷି ଯନ୍ତ୍ରପାତିର ବ୍ୟବହାର ଆରମ୍ଭ କରିଥିଲେ ସେତେବେଳେ ଆମ ଦେଶକୁ ଖାଦ୍ୟଶସ୍ୟର ବଳକା କରିବା ମୂଳଲକ୍ଷ୍ୟ ଥିଲା। ଯାହାଫଳରେ ମୁଖ୍ୟତଃ ଜଳସେଚିତ ଅଞ୍ଚଳମାନଙ୍କରେ ଧାନ ଓ ଗହମ ଚାଷକୁ ପ୍ରାଧାନ୍ୟ ଦିଆଗଲା। ପରବର୍ତ୍ତୀ ପର୍ଯ୍ୟାୟରେ ଦେଖାଗଲା ଏଥିଯୋଗୁଁ ପନିପରିବା, ତୈଳବୀଜ ଓ ଅନ୍ୟାନ୍ୟ ଅର୍ଥକରୀ ଫସଲ କ୍ଷତିଗ୍ରସ୍ତ ହେଲା। ତା' ଛଡ଼ା ଗାଁମାନଙ୍କରେ ଥିବା କୌଳିକ ବୃତ୍ତିଧାରୀ ଓ ଦିନମଜୁରିଆମାନଙ୍କର ଚାହିଦା କମିବାକୁ ଲଗିଲା। ଫଳରେ ସେମାନେ ବିଭିନ୍ନ ସ୍ଥାନକୁ ପ୍ରବାସୀ ଶ୍ରମିକ ବା ଦାଦନ ଶ୍ରମିକ ଭାବେ ଦେଶାନ୍ତର ହେବାକୁ ଲାଗିଲେ। ଏହାକୁ ଲକ୍ଷ୍ୟ କରି କେବଳ ଧାନ ଓ ଗହମ ଚାଷ ଉପରେ ପ୍ରାଧାନ୍ୟ ନ ଦେଇ ଚାଷୀମାନେ କିପରି ଅନ୍ୟାନ୍ୟ ଚାଷ ଓ ଉଦ୍ୟାନ କୃଷି ପାଇଁ ମନ ବଳାଇବେ ସେଥିପାଇଁ ସରକାରୀ ପ୍ରୟାସ ଆରମ୍ଭ ହେଲା। ଚାଷ କାର୍ଯ୍ୟରେ ଯାନ୍ତ୍ରିକ ବ୍ୟବହାର ହେତୁ ଚାଷୀମାନେ ଆଉ ଘରେ ବଳଦ ରଖୁ ନାହାନ୍ତି। ତା' ଛଡ଼ା ଗୋଚର ଜମିର କ୍ରମାଗତ ହ୍ରାସ, ଧାନ ଅମଳ ସମୟରେ ନଡ଼ାକୁ ଅଣଦେଖା କରିବା ହେତୁ ସେମାନେ ଆଉ ଗୋ-ପାଳନ ପ୍ରତି ମଧ୍ୟ ମନ ଦେଉନାହାନ୍ତି। ତେଣୁ ବାରିରେ ଥିବା ଖତଗଦା ଆଜିକାଲି କେବଳ ବହିରେ ପଢ଼ିବା କିମ୍ବା କାହାଣୀ ଶୁଣିବା ପ୍ରସଙ୍ଗ ପାଲଟି ଯାଉଛି। ଯଦିଓ ଜିଆଖତ ଉତ୍ପାଦନ ପାଇଁ ସରକାରୀ ପ୍ରୋତ୍ସାହନ ଦିଆଯାଇଛି, ତଥାପି ଏହା ଅଦ୍ୟାବଧି ଜନାଦୃତ ହୋଇପାରିନାହିଁ।

ବର୍ତ୍ତମାନ ପରିପ୍ରେକ୍ଷୀରେ ଧାନର ସର୍ବନିମ୍ନ ସହାୟତା ରାଶି ସହିତ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବା ଯୋଗୁଁ ତାହା ବର୍ତ୍ତମାନ କୁଇଣ୍ଟାଲ ପିଛା ଏକତିରିଶି ଶହ ଟଙ୍କାରେ ପହଞ୍ଚିଛି। ଯାହାଫଳରେ ଏବର୍ଷ ଚାଷୀ ଧାନଚାଷ ପାଇଁ ବିଶେଷ ଭାବେ ଆକୃଷ୍ଟ ହୋଇଛନ୍ତି। ତା'ସାଙ୍ଗକୁ ଅଦ୍ୟାବଧି ପ୍ରାୟତଃ ସନ୍ତୁଳିତ ବୃଷ୍ଟିପାତ ହେବା ଏହାକୁ ଆହୁରି ଅଧିକ ପ୍ରୋତ୍ସାହିତ କରିଆସିଛି, ଯାହାଫଳରେ ପୂର୍ବବର୍ଷମାନଙ୍କ ଅପେକ୍ଷା ଚଳିତ ବର୍ଷ ଅଧିକ ଜମିରେ ବ୍ୟାପକ ଭାବେ ଧାନଚାଷ ହୋଇଥିବା ଦାବି ହେଉଛି। ଏଥିଯୋଗୁଁ ସ୍ୱାଭାବିକ ଭାବେ ସାରର ଚାହିଦା ବଢ଼ିଛି। ଧାନରେ ଯେହେତୁ ୟୁରିଆ ଓ ଅନ୍ୟାନ୍ୟ ସାରର ବହୁଳ ବ୍ୟବହାର ହୁଏ, ଯୋଗାଣ ସୀମିତ ରହିବାରୁ ସାର ସଙ୍କଟ ଲାଗି ରହିଛି। ଯାହାକୁ ୟୁକ୍ରେନ-ଋଷିଆ ଯୁଦ୍ଧ ମଧ୍ୟ ଆହୁରି ଅଧିକ ସଙ୍କଟାପନ୍ନ କରିଛି। ଏହାର ଫାଇଦା ନେଇଛନ୍ତି କଳାବଜାରୀ। ସରକାରୀ ନିୟନ୍ତ୍ରଣ ଅଭାବରୁ ସାର ସମସ୍ୟା ଉତ୍କଟ ହେବାରେ ଲାଗିଛି।

ଶେଷରେ ଏତିକି କୁହାଯାଇପାରେ ଚାଷୀମାନଙ୍କୁ ସାର ଯୋଗାଇଦେବା ସରକାରଙ୍କ ଦାୟିତ୍ୱ। କିନ୍ତୁ ଚାଷୀମାନେ କିପରି ବହୁମୁଖୀ ଚାଷ ପାଇଁ ଆଗ୍ରହୀ ହେବେ ସେଥିପାଇଁ ମଧ୍ୟ ସରକାର ଚେଷ୍ଟିତ ହେବା ଜରୁରୀ। ତେଣୁ କେବଳ ଧାନ ନୁହେଁ, ବରଂ ଅନ୍ୟାନ୍ୟ ସବୁ ଚାଷ ପାଇଁ ସର୍ବନିମ୍ନ ସହାୟତା ରାଶି ଏବଂ ସହଜ ଓ ସରଳ ଋଣ ଯୋଗାଇବାର ଆବଶ୍ୟକତା ରହିଛି। ଫଳରେ ଏକ ସନ୍ତୁଳିତ କୃଷି ବ୍ୟବସ୍ଥା ସୁଦୃଢ଼ ହୋଇପାରିବ। ଏହାଛଡ଼ା ପରିକଳ୍ପିତ ଯୋଜନା କେବଳ କାଗଜକଲମ, ଭାଷଣ, ଆକ୍ଷେପ ଓ ପ୍ରତ୍ୟାରୋପ ମଧ୍ୟରେ ସୀମିତ ନ ରହି ବାସ୍ତବ କ୍ଷେତ୍ରରେ ରୂପାନ୍ତରିତ ହେବା ଜରୁରୀ। ପଞ୍ଚାୟତସ୍ତରଠାରୁ ଆରମ୍ଭ କରି ଜିଲ୍ଲା ପର୍ଯ୍ୟନ୍ତ କାର୍ଯ୍ୟ କରୁଥିବା କୃଷି ଅଧିକାରୀମାନେ ପ୍ରକୃତରେ ଧାନଚାଷ ହୋଇଥିବା ଜମିର ପରିମାଣକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଆକଳନ କରି ରିପୋର୍ଟ ଦେଇ ପାରିଲେ ତାହା ସାରର ଚାହିଦା ଓ ଯୋଗାଣ ମଧ୍ୟରେ ସମତୁଲତା ପ୍ରତିଷ୍ଠା ହୋଇପାରନ୍ତା। କେବଳ କାର୍ଯ୍ୟାଳୟରେ ବସିରହିଲେ କିମ୍ବା ଗାଁ ମୁଣ୍ଡରୁ ତଥ୍ୟ ଯୋଗାଡ଼ କରିଦେଲେ ଏହା ସମ୍ଭବ ହୋଇପାରିବ ନାହିଁ। ପ୍ରକୃତ ଚାଷୀମାନଙ୍କ ସହିତ ଯୋଗାଯୋଗ କରିବାର ସମୟ ଏବେ ଉପଗତ। ଏହାଫଳରେ ଚାଷୀମାନେ ଉପକୃତ ହେବା ସହିତ ପରିବେଶ ପ୍ରଦୂଷଣକୁ କିଛିମାତ୍ରାରେ ରୋକାଯାଇ ପାରିବ। ଯେହେତୁ ସରକାରୀ ନଥିପତ୍ରରେ ଥିବା କୃଷକମାନଙ୍କ ସଂଖ୍ୟା ଏବଂ ଜମିର ପରିମାଣ ପ୍ରକୃତ ଚାଷୀ ଓ ଜମିର ପରିମାଣ ଭିତରେ ଫରକ ରହୁଛି, ତେଣୁ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ସାରର ସୁବଣ୍ଟନ ହୋଇ ପାରୁନାହିଁ। ମନେରଖିବା ଦରକାର ଚାଷୀର ପରିବର୍ତ୍ତିତ ସ୍ୱଭାବ ସହିତ ସାରର ଅଭାବ ଅଙ୍ଗାଙ୍ଗୀ ଭାବେ ଜଡ଼ିତ।

ଅର୍ଣ୍ଣପାଳ(ଭଦ୍ରକ),
ମୋ: ୯୭୭୮୭୬୪୩୯୪

# ଶରୀର ଦାନ: ଏକ ଆନ୍ଦୋଳନ

ସୁଧାଂଶୁ ଶେଖର ଧଡ଼ା

ରାଷ୍ଟ୍ରର ବିଭିନ୍ନ ସମ୍ବଳ ମଧ୍ୟରୁ ମାନବ ସମ୍ବଳ ହେଉଛି ପ୍ରଥମ ଆବଶ୍ୟକତା। ସେଥିପାଇଁ ରାଷ୍ଟ୍ରର ନାଗରିକ ସୁସ୍ଥ, ସବଳ ଓ ଦୀର୍ଘଜୀବୀ ହେବା ନିହାତି ଆବଶ୍ୟକ। ଏଥିରେ ଡାକ୍ତରୀ ସେବା ଓ ଡାକ୍ତରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଦେଶ ସ୍ୱାଧୀନତା ହେବା ସମୟରୁ ଇତିମଧ୍ୟରେ ଓଡ଼ିଶାରେ ସ୍ୱାସ୍ଥ୍ୟସେବାରେ ଅନେକ ଉନ୍ନତି ଘଟିଥିଲେ ହେଁ ଜନସଂଖ୍ୟା ଓ ଡାକ୍ତର ଅନୁପାତରେ ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନର ଧାର୍ଯ୍ୟ ମାନକଠାରୁ(୧୦୦୦:୧) ଯଥେଷ୍ଟ କମ୍ ରହିଛି। ଡାକ୍ତରୀ ଶିକ୍ଷା କ୍ଷେତ୍ର ଜଟିଳ। ସାଢ଼େ ପାଞ୍ଚବର୍ଷର ଡାକ୍ତରୀ ଶିକ୍ଷା ପାଠ୍ୟକ୍ରମର ପ୍ରଥମ ବର୍ଷ ହିଁ ମାନବ ଶରୀର ସମ୍ପର୍କିତ ଅଧ୍ୟୟନ ଓ ବ୍ୟବଚ୍ଛେଦର ଶିକ୍ଷାଦାନ ହୋଇଥାଏ। ପ୍ରତି ୧୦୦ ଜଣ ଛାତ୍ରଛାତ୍ରୀଙ୍କ ନିମିତ୍ତ ପ୍ରଥମ ବର୍ଷ ଶରୀରତତ୍ତ୍ୱ ଶିକ୍ଷା ଓ ବ୍ୟବଚ୍ଛେଦ ନିମିତ୍ତ ଛଅଟି ମୃତଦେହ ଆବଶ୍ୟକ ପଡ଼େ। ତାହା ପୁଣି ପଚିଶଢ଼ି ନଷ୍ଟ ହୋଇଯାଇଥିବା ଶରୀର ନୁହେଁ। ବର୍ତ୍ତମାନ ରାଜ୍ୟର ମେଡିକାଲ କଲେଜ ସଂଖ୍ୟା ଦୃଷ୍ଟିରୁ ଏହି ଆବଶ୍ୟକତା ପୂରଣ ହୋଇ ପାରୁନାହିଁ। ପ୍ଲାଷ୍ଟିକ ଶରୀରରେ ପାଠପଢ଼ା ହେଉଛି। ଡାକ୍ତରଖାନାଗୁଡ଼ିକରେ ମୃତ୍ୟୁ ଘଟୁଥିବା ବ୍ୟକ୍ତିମାନଙ୍କ ଶରୀରକୁ ଆତ୍ମୀୟମାନେ ଧର୍ମବିଶ୍ୱାସ ଆଧାରରେ ସତ୍କାର କରିବାକୁ ନେଇଯା'ନ୍ତି। ଦାବିଦାର ନଥିବା ମର ଶରୀର ସତ୍କାର କଲେ ସ୍ଥାନୀୟ ପ୍ରଶାସନ ପ୍ରାୟ ୩ ହଜାର ଟଙ୍କା ଆର୍ଥିକ ସହାୟତା ଦେବାର ବ୍ୟବସ୍ଥା ଥିବାରୁ ସ୍ୱେଚ୍ଛାସେବୀ ସଂସ୍ଥା ସତ୍କାର ନିମିତ୍ତ ନେଇଯା'ନ୍ତି। ତେଣୁ ଡାକ୍ତର ହେବା ପାଇଁ ପ୍ରଥମ ଆବଶ୍ୟକତା ବ୍ୟବଚ୍ଛେଦ ନିମିତ୍ତ ମର ଶରୀରଟିଏ ସହଜରେ ମିଳେନାହିଁ।

ବର୍ତ୍ତମାନ ରାଜ୍ୟରେ ୧୫ ଟି ସରକାରୀ ମେଡିକାଲ କଲେଜ ଏବଂ ତିନୋଟି ଘରୋଇ ମେଡିକାଲ କଲେଜର ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ନିମିତ୍ତ ଆବଶ୍ୟକ ୧୦୮ଟି ଆଇନସଙ୍ଗତ ସତେଜ ମରଶରୀର ଏକ ମୌଳିକ ଓ ପ୍ରାଥମିକ ଆବଶ୍ୟକତା। ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏ ସମ୍ପର୍କି ପ୍ରତିବନ୍ଧକ ଦୂର କରିବାକୁ ଦାୟର ହୋଇଥିବା ଜନସ୍ୱାର୍ଥ ମାମଲାର ବିଚାର କରି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ଏହି ରାୟ ଅନୁଯାୟୀ, 'ଦି ଓଡ଼ିଶା ଆନାଟୋମି ଆକ୍ଟ ୧୯୭୫'ର ସଂଶୋଧନ କରି 'ଦି ଓଡ଼ିଶା ଆନାଟୋମି (ଆମେଣ୍ଡମେଣ୍ଟ) ଆକ୍ଟ ୨୦୧୨'କୁ ରାଜ୍ୟ ସରକାର ୨୦୧୩ ମସିହାରେ କାର୍ଯ୍ୟକାରୀ କରିଛନ୍ତି। ଏହି ଆଇନର ଧାରା ୫-କ(୧) କାର୍ଯ୍ୟକାରୀ ହେବା ପରେ ଓଡ଼ିଶାରେ ମେଡିକାଲ ଶିକ୍ଷା ଉଦ୍ଦେଶ୍ୟରେ ସ୍ୱେଚ୍ଛାକୃତ ଭାବରେ ନିଜର ମୃତ୍ୟୁ ପରେ ମର ଶରୀର ଦାନ ଏବଂ ଆବଶ୍ୟକ କରୁଥିବା ଅନ୍ୟବ୍ୟକ୍ତିଙ୍କ ଶରୀରରେ ପ୍ରତିରୋପଣ ନିମିତ୍ତ ଅଙ୍ଗଦାନ ଏକ ଆଇନସିଦ୍ଧ ଜନଆନ୍ଦୋଳନରେ ପରିଣତ ହୋଇପାରିଛି।

ଇତିମଧ୍ୟରେ ମାନସିକତା ପରିବର୍ତ୍ତନ ହୋଇଛି। ହଜାର ହଜାର ମହାନୁଭବୀ ବ୍ୟକ୍ତି ଆଜି ଚିକିତ୍ସା ବିଜ୍ଞାନର ପ୍ରଗତି ଓ ଉତ୍ତମ ଡାକ୍ତର ସୃଷ୍ଟି ଉଦ୍ଦେଶ୍ୟରେ ମୃତ୍ୟୁ ପରେ ଶରୀରଦାନ ଇଚ୍ଛାପତ୍ର ପାଇଁ ଆଗ୍ରହ ପ୍ରକାଶ କଲେଣି। ଗତ ପାଞ୍ଚବର୍ଷ ମଧ୍ୟରେ ଶତାଧିକ ମର ଶରୀର ରାଜ୍ୟର ବିଭିନ୍ନ ମେଡିକାଲ କଲେଜକୁ ଦାନ କରାଗଲାଣି। ଅନ୍ୟପକ୍ଷରେ ମୃତ୍ୟୁ ପରେ ଶରୀରରୁ ବିଭିନ୍ନ ରୋପଣଯୋଗ୍ୟ ଅଙ୍ଗପ୍ରତ୍ୟଙ୍ଗ ଦାନ ପାଇଁ ମଧ୍ୟ ଲୋକେ ଆଗ୍ରହ ପ୍ରକାଶ କଲେଣି। 'ଶରୀର ଦାନ' ଓ 'ଅଙ୍ଗଦାନ' ଭାବରେ ପୃଥକ ସାମାଜିକ ଆନ୍ଦୋଳନ ଏବେ ରାଜ୍ୟରେ ଲୋକପ୍ରିୟତା ଲାଭ କରୁଛି। ରାଜ୍ୟ ସରକାର ଅଙ୍ଗଦାନକାରୀଙ୍କୁ ରାଷ୍ଟ୍ରୀୟ ସମ୍ମାନ ଦେବାର ବିଧି ଓ ପରମ୍ପରା ଆରମ୍ଭ କରିଛନ୍ତି।

ଭାରତରେ ମେଡିକାଲ କଲେଜଗୁଡ଼ିକ ନିମିତ୍ତ ଶରୀରଦାନର ଇଚ୍ଛାପତ୍ର ପ୍ରକାଶ କରିବାର ପରମ୍ପରା ବିଶ୍ୱବିଖ୍ୟାତ ହେତୁବାଦୀ ପ୍ରଫେସର ଆବ୍ରାହମ କଭୁର ଆରମ୍ଭ କରିଥିଲେ। ଶ୍ରୀଲଙ୍କା ରାଜଧାନୀ କଲମ୍ବୋରେ ଅଧ୍ୟାପନା ବୃତ୍ତିରୁ ଅବସରପରେ ବିଭିନ୍ନ ଅନ୍ଧବିଶ୍ୱାସ, ଗୁଣିଗାରେଡ଼ି, ଅଲୌକିକ ଅବଧାରଣା, ଆଧ୍ୟାତ୍ମିକତା ଆଦି ନାମରେ ସରଳବିଶ୍ୱାସୀ ଲୋକଙ୍କୁ ଶୋଷଣରୁ ରକ୍ଷା କରିବା ନିମିତ୍ତ ଅଲୌକିକତା ଅନାବରଣ ଅଭିଯାନ ଆରମ୍ଭ କରିଥିଲେ। ମୃତ୍ୟୁପରେ ମେଡିକାଲ କଲେଜଗୁଡ଼ିକୁ ମର ଶରୀର ଦାନ ତାଙ୍କଦ୍ୱାରା ଭାରତରେ ଆରମ୍ଭ କରାଯାଇଥିବା ଏକ ସାମାଜିକ ଆନ୍ଦୋଳନ। ତାଙ୍କ ଅନୁଗାମୀମାନେ ବିପୁଳ ସଂଖ୍ୟାରେ ଏଭଳି ଇଚ୍ଛାପତ୍ର ଲେଖିଥିଲେ। ପ୍ରଫେସର କଭୁର ନିଜେ ଏବଂ ତାଙ୍କ ପତ୍ନୀଙ୍କ ଶରୀରକୁ ମୃତ୍ୟୁ ପରେ ମେଡିକାଲ୍ ଶିକ୍ଷାର ବିକାଶ ପାଇଁ ଦାନ କରିବାକୁ ଇଚ୍ଛାପତ୍ର ଲେଖିଥିଲେ। ଭବିଷ୍ୟତକୁ ଦୃଷ୍ଟିରେ ରଖି ସେ ସତୁରୀ ଦଶକରେ ଲେଖିଯାଇଥିବା ଆକଳନ ଆଜି ବାସ୍ତବ ରୂପ ନେଇସାରିଛି।

ମନୁଷ୍ୟ ଶରୀରର ବ୍ୟବଚ୍ଛେଦ ନିମିତ୍ତ ପ୍ରତିବନ୍ଧକ ମୁକ୍ତ ପରିବେଶ ଷୋଡ଼ଶ ଶତାବ୍ଦୀରେ ନଥିଲା। ୧୫୬୪ ଖ୍ରୀଷ୍ଟାବ୍ଦରେ ବେଲଜିୟମ ଜନ୍ମିତ ଚିକିତ୍ସକ ଆଣ୍ଡ୍ରିଏସ ଭିସାଲିଉସ ସର୍ବପ୍ରଥମେ ମନୁଷ୍ୟ ଶରୀର ବ୍ୟବଚ୍ଛେଦ କରି ଶରୀରତତ୍ତ୍ୱ ବିଜ୍ଞାନକୁ କେତେକ ନିର୍ଭୁଲ ତଥ୍ୟ ଦେଇଥିଲେ। ଭିସାଲିଉସ୍ ମନୁଷ୍ୟ ଶରୀରର ଜୈବିକ କ୍ରିୟା ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନ ନିମିତ୍ତ କବର ଖୋଳି ପ୍ରଥମେ ପଚାଶଢ଼ା ଶବ ଗୋପନୀୟ ଭାବରେ ବ୍ୟବଚ୍ଛେଦ କରିଥିଲେ। ସେ ସମୟର ଧର୍ମଧାରଣା ଅନୁଯାୟୀ ଏହା ଅପରାଧ ଥିଲା। ଈଶ୍ୱରଙ୍କ ଦାନ 'ଶରୀର'ର ବ୍ୟବଚ୍ଛେଦ ମନୁଷ୍ୟ କରିବା ଅପରାଧ ହୋଇଥିବା ଅବଧାରଣାରୁ ତାଙ୍କୁ ଦଣ୍ଡ ସ୍ୱରୂପ ପ୍ରବଳ ତୁଷାରପାତ ସମୟରେ ଖାଲି ପାଦରେ ତୀର୍ଥଯାତ୍ରାରେ ଯିବାକୁ ବାଧ କରାଯିବା ଫଳରେ ସେ ମୃତ୍ୟୁମୁଖରେ ପଡ଼ିଲେ। ସେ ଆଉ କିଛି ବର୍ଷ ବଞ୍ଚିରହିଥିଲେ ଆଜି ଚିକିତ୍ସାବିଜ୍ଞାନ ଆହୁରି ଉନ୍ନତ ହୋଇପାରିଥା'ନ୍ତା। ସେ ପ୍ରଥମେ ମାନବ ଶରୀର ବ୍ୟବଚ୍ଛେଦ କରିଥିବାରୁ ତାଙ୍କୁ ବ୍ୟବଚ୍ଛେଦ ବିଜ୍ଞାନର ଜନକ କୁହାଯାଇଛି। ମାନବ ସମାଜର ସ୍ୱାସ୍ଥ୍ୟଗତ ପ୍ରଗତି ନିମିତ୍ତ ଚିକିତ୍ସାବିଜ୍ଞାନର ପ୍ରଗତି ଆବଶ୍ୟକ।

ଭୁବନେଶ୍ୱର, ମୋ: ୯୩୩୭୦୧୫୮୮୨

# ଜଣେ ମା', ଦୁଇ ପ୍ରଜାତିର ଶିଶୁ

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ଜଣେ ମାତା ଦୁଇଟି ଭିନ୍ନ ଭିନ୍ନ ପ୍ରଜାତିର ଶିଶୁଙ୍କୁ ଜନ୍ମ ଦେବା କଥା ମନକୁ ଆଣିଥାଏ ପୌରାଣିକ କାହାଣୀଟିଏ, ଯେଉଁଥିରେ ଉଗ୍ରସେନଙ୍କ ପତ୍ନୀ ପଦ୍ମାବତୀ ଦାନବ କଂସାସୁର ଏବଂ ମାନବୀ ଦେବକୀଙ୍କୁ ଜନ୍ମ ଦେବା କଥା ଉଲ୍ଲେଖ ରହିଛି। ଏହା ଏବେ ବାସ୍ତବରେ ଦେଖାଯାଇଛି ଏକ ପ୍ରଜାତିର ପିମ୍ପୁଡ଼ିଠାରେ। ସାଧାରଣତଃ ଏକ ସଜୀବଠାରୁ ଜନ୍ମିତ ଶିଶୁଟି ତାହାରି ପ୍ରଜାତିର ହୋଇଥାଏ। ତେବେ ପିମ୍ପୁଡ଼ିମାନଙ୍କର 'ମେସର ଇବେରିକସ୍' ପ୍ରଜାତିଟି ଏହି ଧାରଣାକୁ ବଦଳାଇ ଦେଇଛି। ଏମାନଙ୍କର 'ରାଣୀ'ମାନେ 'ମେସର ଷ୍ଟ୍ରକ୍ଟର' ନାମକ ଭିନ୍ନ ଏକ ପ୍ରଜାତିର ଅଣ୍ଡିରା ପିମ୍ପୁଡ଼ିଙ୍କୁ ଜନ୍ମ ଦେଉଥିବା ଗବେଷକମାନେ ଜାଣିପାରିଛନ୍ତି।

ଏହି ଅଧ୍ୟୟନଟି କରାଯାଇଥିଲା ଫ୍ରାନ୍ସ, ଇଟାଲୀ, ବୁଲଗେରିଆ ଓ ଅଷ୍ଟ୍ରିଆର ବିଭିନ୍ନ ପ୍ରତିଷ୍ଠାନରେ କାର୍ଯ୍ୟରତ ବୈଜ୍ଞାନିକମାନଙ୍କ ଦ୍ୱାରା ଏବଂ ଏହାର ଫଳାଫଳ ପ୍ରକାଶିତ ହୋଇଥିଲା ଗବେଷଣା ପତ୍ରିକା 'ନେଚର' (୩, ସେପ୍ଟେମ୍ବର ୨୦୨୫)ରେ। ଉକ୍ତ ଗବେଷଣାପତ୍ରର ଅନ୍ୟତମ ଲେଖକ ଫ୍ରାନ୍ସର 'ୟୁନିଭରସିଟି ଅଫ୍ ମଣ୍ଟପେଲିଏର'ର ଜୈବବିଜ୍ଞାନୀ ଜୋନାଥନ୍ ରୋମିଂଗୁଇର ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁସାରେ ଏହି ପ୍ରଜାତିର ପିମ୍ପୁଡ଼ିମାନଙ୍କ କଲୋନୀଗୁଡ଼ିକରେ 'ରାଣୀ'ମାନେ ସନ୍ତାନ ଜନ୍ମ ଦିଅନ୍ତି ଏବଂ ପୁରୁଷମାନେ ଏଥିପାଇଁ ଶୁକ୍ରାଣୁ ଯୋଗାଇଥା'ନ୍ତି। ସେମାନଙ୍କ ମଧ୍ୟରେ ଥା'ନ୍ତି ଅଧିକ ସଂଖ୍ୟକ ବନ୍ଧ୍ୟା ମହିଳା ଶ୍ରମିକ, ଯେଉଁମାନେ ବସାବାନ୍ଧିବା, ଶିଶୁମାନଙ୍କ ଯତ୍ନ ନେବା ଆଦି କାର୍ଯ୍ୟ କରନ୍ତି। କିନ୍ତୁ ଯେତେବେଳେ ରୋମିଂଗୁଇର ଏବଂ ତାଙ୍କ ସହଯୋଗୀମାନେ 'ମେସର ଇବେରିକସ୍' ପ୍ରଜାତିର ମହିଳା ଶ୍ରମିକମାନେ ସମସ୍ତେ ସଂକର(ହାଇବ୍ରିଡ୍) ହୋଇଥିବାର ଦେଖିଲେ ସେମାନେ ବିସ୍ମୟାବିଭୂତ ହୋଇପଡ଼ିଲେ। ଏଗୁଡ଼ିକଙ୍କଠାରେ ଥିବା ଅର୍ଦ୍ଧେକ ଡିଏନ୍ 'ମେସର ଷ୍ଟ୍ରକ୍ଟର୍'ଙ୍କ ସହିତ ମେଳ ଖାଉଥିଲା।

ଅବଶ୍ୟ ପିମ୍ପୁଡ଼ି ପ୍ରଜାତିମାନଙ୍କ ମଧ୍ୟରେ ଏପ୍ରକାର ସଂକରୀକରଣ ଅଜଣା ନୁହେଁ। କାରଣ ଅନେକ ରାଣୀ ପିମ୍ପୁଡ଼ି ଅନ୍ୟପ୍ରଜାତିର ପୁରୁଷମାନଙ୍କ ସହିତ ସଂଗମ କରି ସଂକର ଶ୍ରମିକ ସୃଷ୍ଟି କରିବାର ଦେଖାଯାଏ। କିନ୍ତୁ ଭୂମଧ୍ୟସାଗରୀୟ ଅଞ୍ଚଳରେ ବାସ କରୁଥିବା 'ମେସର ଇବେରିକସ'ଙ୍କ କଲୋନୀଗୁଡ଼ିକର ସଂପର୍କ ସ୍ଥାପନ କରିହେଲା ଭଳି ଦୂରତା ମଧ୍ୟରେ କୌଣସି 'ମେସର ଷ୍ଟ୍ରକ୍ଟର' କଲୋନୀ ନଥିଲା। ଅତଏବ ଏହି ରାଣୀମାନେ ସେ ପ୍ରଜାତିର ପୁରୁଷମାନଙ୍କ ସଂପର୍କରେ ଆସିଲେ କିପରି?

ଏହାର ଉତ୍ତରଟିଏ ପାଇବା ପାଇଁ ରୋମିଂ ଗୁଇରଙ୍କ ଟିମ୍ 'ମେସର ଇବେରିକସ' କଲୋନୀମାନଙ୍କରୁ ଡିଏନ୍‌ଏ ନମୁନାମାନ ସଂଗ୍ରହ କରିବାକୁ ଲାଗିଲେ। ସେମାନେ ଏଥିମଧ୍ୟରେ ଅନେକ 'ମେସର ଷ୍ଟ୍ରକ୍ଟର' ବାସ କରୁଥିବାର ଦେଖିବାକୁ ପାଇଲେ। ପରବର୍ତ୍ତୀ ଅଧ୍ୟୟନରୁ ଜଣାପଡ଼ିଲା ଯେ ଏଗୁଡ଼ିକର ଜୀବକୋଷସ୍ଥ ମିଟୋକୋଣ୍ଡ୍ରିଆରେ ଥିବା ଡିଏନ୍‌ଏ ଆସିଛି 'ମେସର ଇବେରିକସ'ଙ୍କଠାରୁ। ଏଭଳି ଡିଏନ୍‌ଏ କେବଳ ମା'ଠାରୁ ହିଁ ଆସିଥାଏ। ଅତଏବ ଏହାର ଅର୍ଥ ହେଲା ଯେ ଏବର 'ମେସର ଷ୍ଟ୍ରକ୍ଟର' ପୁରୁଷମାନଙ୍କର ମା'ହେଲେ 'ମେସର ଇବେରିକସ୍' ପ୍ରଜାତିର ରାଣୀ। ତପ୍ପରେ ବୈଜ୍ଞାନିକମାନେ କିଛି 'ମେସର ଇବେରିକସ୍' 'ରାଣୀ'ମାନଙ୍କୁ ଅଲଗା ରଖି ସେମାନଙ୍କ ଅଣ୍ଡାଗୁଡ଼ିକୁ ପରୀକ୍ଷା କଲେ। ତହିଁରୁ ୧୦ ଶତାଂଶ ସଂପୂର୍ଣ୍ଣ ରୂପେ 'ମେସର ଷ୍ଟ୍ରକ୍ଟର' ଅନୁରୂପ ହୋଇଥିବାର ଜଣାପଡ଼ିଲା। ଏହା ତାଙ୍କୁ ବିସ୍ମୟକର ମନେ ହେଲା ସତେଯେପରି ମଣିଷର ଗର୍ଭାଶୟରେ ସିଂପାଞ୍ଜିର ଭ୍ରୂଣ ଭଳି।

ଏହି ଅଧ୍ୟୟନରୁ ବୈଜ୍ଞାନିକମାନେ ସିଦ୍ଧାନ୍ତରେ ଉପନୀତ ହେଲେ ଯେ 'ମେସର୍ ଇବେରିକସ୍' ପ୍ରଜାତିର ରାଣୀମାନେ ଦୁଇଟି ଅଲଗା ଅଲଗା ପ୍ରଜାତିକୁ ଜନ୍ମ ଦିଅନ୍ତି। ଏଥିପାଇଁ ସେମାନେ ପିଢ଼ି ପିଢ଼ି ଧରି ଜନ୍ମଗତ ଭାବେ 'ସ୍ପର୍ମାଥେକା' କୁହାଯାଉଥିବା ଏକ ବିଶେଷ ଧରଣର ଅଙ୍ଗରେ କ୍ଲୋନିଂ ମାଧ୍ୟମରେ ସଂଚୟ କରି ରଖିଥା'ନ୍ତି। 'ମେସର ଷ୍ଟ୍ରକ୍ଟର' ପୁରୁଷମାନଙ୍କ ଶୁକ୍ରାଣୁର ଜିନୀୟ ପଦାର୍ଥ। ଏହି ଅଣ୍ଡାଗୁଡ଼ିକରେ କେବଳ 'ମିଟୋକୋଣ୍ଡ୍ରିଆ' ବ୍ୟତୀତ ଅନ୍ୟତ୍ର 'ମେସର ଇବେରିକସ' ଡିଏନଏ ନଥିଲା। ଦୁଇଟି ପ୍ରଜାତିର ପୁରୁଷ ସୃଷ୍ଟି କରିବା ଦ୍ୱାରା ରାଣୀମାନେ ନିଶ୍ଚିତ କରୁଥିଲେ ଯେ ସେମାନଙ୍କ କନ୍ୟାମାନେ ଯେତେବେଳେ ନୂତନ 'ରାଣୀ' ପାଲଟିବେ ସେମାନେ ଉଭୟ ପ୍ରଜାତିର ପୁରୁଷମାନଙ୍କ ସହିତ ସଂଗମ କରିବାର ସୁଯୋଗ ପାଇପାରିବେ। ନୂଆ 'ରାଣୀ' ଜନ୍ମଦେବାକୁ 'ମେସର ଇବେରିକସ' ପୁରୁଷଙ୍କ ଶୁକ୍ରାଣୁ ଏବଂ ମହିଳା ସଂକର ଶ୍ରମିକ ତଥା 'ମେସର ଷ୍ଟ୍ରକ୍ଟର' ପୁରୁଷ ପାଇଁ ସେହି ପ୍ରଜାତିର ଶୁକ୍ରାଣୁ ବ୍ୟବହାର କରିପାରିବେ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅବଶିଷ୍ଟାଂଶ

## ବିକ୍ରିହେବ ସରକାରୀ...

ପ୍ରାରମ୍ଭିକ ପବ୍ଲିକ୍ ଅଫର (ଆଇପିଓ) ଆଣିବା ଯୋଜନାରେ ରହିଛନ୍ତି ବୋଲି ଶ୍ରୀ ଚାୱାଲା କହିଛନ୍ତି। ଯଦିଓ ସେ କୌଣସି କମ୍ପାନୀର ନାମ ଘୋଷଣା କରିନାହାନ୍ତି, ତଥାପି ସବୁଜ ଶକ୍ତିର ଉତ୍ସ କ୍ଷେତ୍ରରେ କାର୍ଯ୍ୟ ଆରମ୍ଭ କରିଥିବା ଓଏନ୍‌ଜିସି ବା ଏନ୍‌ଏଚ୍‌ପିସିର ଗ୍ରୀନ୍ ଏନର୍ଜି କମ୍ପାନୀକୁ ଏହା ଇଙ୍ଗିତ କରିଛି। ଉଭୟ କମ୍ପାନୀ ସେମାନଙ୍କର ସବୁଜ ଶକ୍ତି ୟୁନିଟ୍ ଷ୍ଟକ୍ ବଜାରରେ ତାଲିକାଭୁକ୍ତ କରିବାକୁ ଯୋଜନା କରୁଛନ୍ତି।

ଚଳିତ ବର୍ଷ ପ୍ରାରମ୍ଭରେ ସରକାର ବିଭିନ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ କିଛି ଅଂଶଧନ ବିକ୍ରି କରିଥିଲେ, ମାତ୍ର ଏହା ଅସ୍ଥିର ବଜାରକୁ ସାମୟିକ ଆଶ୍ୱସ୍ତି ଦେଇଥିଲା। ବର୍ତ୍ତମାନ ବଜାର ସ୍ଥିର ହୋଇଥିବାରୁ, ସରକାର ପୁଣି ପୁଞ୍ଜି ପ୍ରତ୍ୟାହାର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବେ ବୋଲି କୁହାଯାଉଛି। ସରକାର ବୀମା, ପ୍ରତିରକ୍ଷା ଏବଂ ମହାକାଶ ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକରେ ସ୍ୱଳ୍ପ ଅଂଶଧନ ବିକ୍ରି କରିବାକୁ ମଧ୍ୟ ଲକ୍ଷ୍ୟ ରଖିଛନ୍ତି। ଶ୍ରୀ ଚାୱଲା କହିଛନ୍ତି ଯେ ଏହି କ୍ଷେତ୍ରଗୁଡ଼ିକରେ ଅଂଶଧନ ବିକ୍ରି ମଧ୍ୟ ଷ୍ଟକ୍ ବଜାର ନିୟମାବଳୀ ଅନୁଯାୟୀ କରାଯିବ। ଲକ୍ଷ୍ୟ ହେଉଛି ନିବେଶକମାନଙ୍କୁ ନୂତନ ସୁଯୋଗ ପ୍ରଦାନ କରିବା ଏବଂ ଏହି କ୍ଷେତ୍ରଗୁଡ଼ିକରେ ଘରୋଇ ନିବେଶ ବୃଦ୍ଧି କରିବା। ସରକାର ଚଳିତ ବର୍ଷ ତାଙ୍କର ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ଅତିକ୍ରମ କରିବାକୁ ଆଶା ରଖିଛନ୍ତି। ଚଳିତବର୍ଷ ପାଇଁ ସରକାର ୪୭,୦୦୦ କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି ଯେ ପୁଞ୍ଜି ପ୍ରତ୍ୟାହାର ଜରିଆରେ ସରକାର ଚଳିତବର୍ଷ ୧.୨୦ ଲକ୍ଷ କୋଟିରୁ ଅଧିକ ଲାଭାଂଶ ଲକ୍ଷ୍ୟ ରଖିଛନ୍ତି।

## ୨୦୨୨-୨୩ରେ ଓଡ଼ିଶାର...

ସୁସ୍ଥ ଭାବେ ଗଢ଼ି ତୋଳିଥିଲେ। ବ୍ୟାପକ ସଂସ୍କାର ଫଳରେ ୨୦୦୬ ମସିହା ପରଠାରୁ ଓଡ଼ିଶା କ୍ରମାଗତ ଭାବେ ନିଜର ଆର୍ଥିକ ବଳକା ସ୍ଥିତି ବଜାୟ ରଖି ଆସୁଛି। ଏହାକୁ ନେଇ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ ଖୁସିବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ ସୁଚିନ୍ତିତ ଯୋଜନା, ଆର୍ଥିକ ସୁପରିଚାଳନା ଓ ୫-ଟି ନୀତିର ସଫଳ ପ୍ରଣୟନ କାରଣରୁ ଓଡ଼ିଶା ନିଜସ୍ୱ ଆର୍ଥିକ ସ୍ଥିତି ସୁଦୃଢ଼ କରିବାରେ ସଫଳତା ପାଇଥିଲା। ନିରନ୍ତର ଭାବେ ରାଜସ୍ୱ ଅଭିବୃଦ୍ଧି ଘଟିବା ସହ କେନ୍ଦ୍ର ଉପରେ ନିର୍ଭରଶୀଳତା ମଧ୍ୟ ଦ୍ରୁତ ହ୍ରାସ ପାଇଥିଲା। ଯାହାଫଳରେ ରାଜ୍ୟ ସରକାର ବହୁବିଧ ଜନକଲ୍ୟାଣକାରୀ ଯୋଜନା ପ୍ରଣୟନ କରିପାରିଥିଲେ। ଏଥିରେ ବିଏସ୍‌କେୱାଇ, ମିଶନ ଶକ୍ତି, କାଳିଆ, ଦକ୍ଷତା ବିକାଶ, ୫-ଟି ସ୍କୁଲ, ଜନଜାତି ବିକାଶ, ବିପର୍ଯ୍ୟୟ ପରିଚାଳନା, ଭିତ୍ତିଭୂମି ବିକାଶ, ଜଳସେଚନ ସୁବିଧା ଓ ଦାରିଦ୍ର୍ୟ ଦୂରୀକରଣ ଭଳି କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଥିଲା। ସେହିପରି ନିଜସ୍ୱ ପାଣ୍ଠିରେ ତତ୍କାଳୀନ ସରକାର ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ କରିଥିଲେ। ଦୁଇ ଦଶନ୍ଧିରୁ ଅଧିକ ଏଭଳି ସଫଳତା ପାଇଁ ସାଢ଼େ ଚାରି କୋଟି ଓଡ଼ିଆଙ୍କର ନିରନ୍ତର ସମର୍ଥନ ବିନା ସମ୍ଭବପର ହୋଇପାରି ନ ଥାନ୍ତା। ଏଥିପାଇଁ ନବୀନ ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଚୌଦ୍ୱାର ଥାନାରେ...

ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କଟକ ବଡ଼ ମେଡ଼ିକାଲ(ଏସ୍‌ସିବି)କୁ ପଠାଇଥିଲେ। ସେଠାରେ ଟ୍ରମା କେୟାର୍‌ରେ ତାଙ୍କୁ ଭର୍ତ୍ତି କରାଯାଇଥିବା ବେଳେ ଆଜି ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଖବର ପାଇ ରସାନନ୍ଦଙ୍କ ପରିବାରଲୋକେ ଏସ୍‌ସିବିରେ ପହଞ୍ଚି ପୁଲିସ ତାଙ୍କୁ ପିଟିପିଟି ମାରିଦେଇଥିବା ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ, ଏ ସଂକ୍ରାନ୍ତରେ ଚୌଦ୍ୱାର ପୁଲିସ ମୁହଁ ଖୋଲୁନାହିଁ। ଯେକୌଣସି ଅଧିକାରୀଙ୍କୁ ପଚାରିଲେ ବି ସେ ଥାନାରେ ନଥିଲେ ବୋଲି କହି ପ୍ରସଙ୍ଗକୁ ଏଡ଼ାଇ ଦେଉଛନ୍ତି। ପ୍ରତି ଥାନାରେ ସିସିଟିଭି ରହିବା ବାଧ୍ୟତାମୂଳକ କରାଯାଇଥିବା ବେଳେ ଚୌଦ୍ୱାର ଥାନାରେ କେଉଁଠି ସିସିଟିଭି ଲାଗିଛି, ସେନେଇ ମଧ୍ୟ ପ୍ରଶ୍ନ ଉଠିଛି। ପୁଲିସର ଅବହେଳା ଓ ଦାୟିତ୍ୱହୀନତା ଯୋଗୁଁ ଅଭିଯୁକ୍ତ ଆତ୍ମହତ୍ୟା କରିଥିଲେ ମଧ୍ୟ କମିସନରେଟ୍ ପୁଲିସ ଏ ବାବଦରେ ସ୍ପଷ୍ଟ କରିନାହିଁ। ଗୋଟିଏପଟେ, ଅଭିଯୁକ୍ତକୁ ଜଣେ ଥାନା କର୍ମଚାରୀ ଜଗିବାର ନିୟମ ରହିଥିବା ବେଳେ କିଭଳି ସେ ହାଜତରୁ ଖସି ନିଜ ବେଲ୍ଟ ଦ୍ୱାରା ବାରାକ୍ ପାଇଖାନାରେ ଆତ୍ମହତ୍ୟା କଲେ, ସେନେଇ ନିରପେକ୍ଷ ତଦନ୍ତ ହେବା ସହ ଏହି ଘଟଣାରେ ଦାୟୀ ପୁଲିସ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି। ଏଡିସିପି ଅମରେନ୍ଦ୍ର ପଣ୍ଡା ଓ ଏସିପି ଅରୁଣ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ଗୃହ ଚାଲିଲା...

ସରକାର ନିଷ୍ପତ୍ତି ନେଇ ସାରିଛନ୍ତି। ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ପ୍ରତିନିଧିଙ୍କର ସର୍ବାଧିକ କ୍ଷମତା ରହିବା ଆବଶ୍ୟକ। ଏନେଇ ସମ୍ବିଧାନରେ ବ୍ୟବସ୍ଥା କରାଯାଇଛି। ମାତ୍ର, ରାଜ୍ୟ ବିଜେପି ସରକାର ନିର୍ବାଚିତ ପ୍ରତିନିଧିଙ୍କ କ୍ଷମତା ସଙ୍କୁଚିତ କରି ଐତିହାସିକ ତ୍ରୁଟି କରିଛନ୍ତି। ଏହା ଓଡ଼ିଶା ପାଇଁ 'କଳା ଦିନ' ବୋଲି ଶ୍ରୀ ଦାସ କ୍ଷୋଭ ପ୍ରକାଶ କରିଛନ୍ତି। ଏଭଳି ପ୍ରସଙ୍ଗରେ ଆମେ ବିଧାନସଭାରେ ଆଲୋଚନା କରିବାକୁ ଚାହିଁଥିଲା ବେଳେ ବାଚସ୍ପତି ଏହାକୁ ଅନୁମତି ଦେଲେନାହିଁ। ଏହି ପ୍ରସଙ୍ଗ ସମ୍ପୂର୍ଣ୍ଣ ରାଜ୍ୟବାସୀଙ୍କ ପ୍ରସଙ୍ଗ ଅଟେ। ଯଦି ଜିଲ୍ଲା ପରିଷଦ ସଭ୍ୟ, ଅଧ୍ୟକ୍ଷ, ବ୍ଲକ ଅଧ୍ୟକ୍ଷଙ୍କର କ୍ଷମତା ରହିବ ନାହିଁ, ସବୁଯାକ ଯଦି ବାବୁରାଜରେ ଚାଲିବ, ତା'ହେଲେ ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ବିଧାୟକ ଶ୍ରୀ ଦାସ ମତବ୍ୟକ୍ତ କରିଛନ୍ତି।

## କଂଗ୍ରେସର ଅନାସ୍ଥା...

ଅଗ୍ରାହ୍ୟ କରାଯାଇଛି ବୋଲି ବାଚସ୍ପତି କହିଛନ୍ତି। ବାଚସ୍ପତି ଅନାସ୍ଥା ନୋଟିସ ଅଗ୍ରାହ୍ୟ କରାଯାଇଥିବା ଘୋଷଣାରେ ବିଧାନସଭା ଗୃହ ତ୍ୟାଗ କରିଛନ୍ତି କଂଗ୍ରେସ ବିଧାୟକ। ବିଧାନସଭା ପରିସରରେ ଗାନ୍ଧୀ ମୂର୍ତ୍ତି ତଳେ ବିଧାୟକମାନେ ଧାରଣାରେ ବସିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି ଯେ ଆମେ ସାଢ଼େ ୪ କୋଟି ଜନତାଙ୍କ କଥା ବିଧାନସଭାରେ କହିବାକୁ ଚାହୁଁଥିଲୁ; ଗଣତନ୍ତ୍ରକୁ ସୁରକ୍ଷା ଦେବା ବାଚସ୍ପତିଙ୍କ ଦାୟିତ୍ୱ। ବିଧିବ୍ୟବସ୍ଥା ଅନୁଯାୟୀ କଂଗ୍ରେସ ଅନାସ୍ଥା ନୋଟିସ୍ ଆଣିଥିଲା। କିନ୍ତୁ ଶାସକ ବିଜେପି ବାଚସ୍ପତିଙ୍କ ଜରିଆରେ ଗଣତନ୍ତ୍ରକୁ ହତ୍ୟା କରିଛି। କଂଗ୍ରେସ ବିଧାୟକ ଦଳ ଉପନେତା ଅଶୋକ ଦାସ କହିଛନ୍ତି ଯେ ସରକାର ଭୟଭୀତ ହୋଇ ଏହି ନିଷ୍ପତ୍ତି ନେଇଛନ୍ତି। ଆମକୁ ସଂଖ୍ୟାହୀନ କହି ସେମାନେ ସମାଲୋଚନା କରୁଥିଲେ, ମାତ୍ର ଭୟ କରି ଅନାସ୍ଥା ନୋଟିସକୁ ଅଗ୍ରାହ୍ୟ କଲେ। ପିମ୍ପୁଡ଼ି ମଧ୍ୟ ହାତୀକୁ ନଚାଇବାକୁ ସମର୍ଥ। ନ୍ୟାୟ ପାଇଁ ଆମେ କକ୍ଷତ୍ୟାଗ କରିଛୁ। ଆଗକୁ ରଣକୌଶଳ ପ୍ରସ୍ତୁତ ହେବ ଓ କିପରି ସରକାରଙ୍କୁ ଉଚିତ ଜବାବ ଦିଆଯିବ ବୋଲି ଶ୍ରୀ ଦାସ କହିଛନ୍ତି।

ବିଧାନସଭା ମୌସୁମୀ ଅଧିବେଶନର ପ୍ରଥମ ଦିନରେ ପୂର୍ବ ଘୋଷଣା ଅନୁଯାୟୀ ରାଜ୍ୟ ସରକାରଙ୍କ ବିରୋଧରେ ଅନାସ୍ଥା କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିଥିଲା। ଦଳର ୧୪ ବିଧାୟକଙ୍କ ସମେତ ସିପିଆଇ(ଏମ୍) ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ସମର୍ଥନରେ ମୋଟ୍ ୧୫ ଜଣ ବିଧାୟକଙ୍କ ଦସ୍ତଖତରେ କଂଗ୍ରେସ ଏହି ପ୍ରସ୍ତାବ ଆଣିଥିଲା। ଅନାସ୍ଥାରେ ସମର୍ଥନ ଦେବାକୁ କଂଗ୍ରେସ ବିଜେଡିର ସହଯୋଗ ଲୋଡ଼ିଥିବା ବେଳେ ଏନେଇ କଂଗ୍ରେସର ଏକ ପ୍ରତିନିଧି ଦଳ ବିରୋଧୀ ଦଳ ନେତାଙ୍କ କାର୍ଯ୍ୟାଳୟକୁ ଯାଇ ଅନାସ୍ଥା ସପକ୍ଷରେ ସହଯୋଗ ଲୋଡ଼ିଥିଲେ। ମାତ୍ର ଏହା ଆଜି ଅଗ୍ରାହ୍ୟ ହୋଇଯିବା ପରେ କଂଗ୍ରେସ ଦଳକୁ କ୍ଷୁବ୍ଧ କରିଛି।

## ବଣ୍ଡାଘାଟି ରାଜପଥ...

ଅତଡା ଖସିବା ଯୋଗୁଁ ଲମ୍ବା ସମୟ ପର୍ଯ୍ୟନ୍ତ ବଣ୍ଡାଘାଟି ଯାତାୟାତ ବାଧାଗ୍ରସ୍ତ ହୋଇଥିଲା। ପୁଣିଥରେ ସେଇ ପରିସ୍ଥିତି ପୁନରାବୃତ୍ତି ହେବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସହିତ ଭୟର ପରିବେଶ ସୃଷ୍ଟି ହୋଇଛି।

## କଳିଙ୍ଗା ଘାଟିରୁ...

ପ୍ରତିଦିନ ବର୍ଷାରେ ୫୦ କି.ମି ବୁଲି ଚକାପାଦ ଘାଟିରେ ବଡ଼ବଡ଼ ଗାଡ଼ି ଆସିବା କଷ୍ଟକର ହୋଇଥିବା ବେଳେ ଅଧିକ ସମୟ ସହ ଅଧିକ ଯାତ୍ରୀ ଭଡ଼ା ଦେବାକୁ ପଡୁଛି। ଚକାପାଦ ରାସ୍ତାରେ ମଧ୍ୟ ବିଭିନ୍ନ ସ୍ଥାନରେ ଘାଟି ରାସ୍ତା ଦୁର୍ବଳ ଥିବା ଅଭିଯୋଗ ହେଉଛି।

## ଏଥର ଫିକା...

ମଙ୍ଗଳବାର ସୁନ୍ଦରଗଡ଼ ଓ ସମ୍ବଲପୁରରେ ସବୁଠୁ ଅଧିକ ବର୍ଷା ହୋଇପାରେ। ଅନ୍ୟପଟେ ପାଣିପାଗ କେନ୍ଦ୍ରର ବୈଜ୍ଞାନିକ ସଞ୍ଜୀବ ଦ୍ୱିବେଦୀ କହିଛନ୍ତି ଯେ ସେପ୍ଟେମ୍ବର ୨୫ ତାରିଖ ବେଳକୁ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ଲଘୁଚାପ ପୂର୍ବକେନ୍ଦ୍ରୀୟ ଓ ସଂଲଗ୍ନ ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରି ସେପ୍ଟେମ୍ବର ୨୬ ତାରିଖ ପାଖାପାଖି ଉତ୍ତର-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର, ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳରେ ଏକ ଅବପାତରେ ପରିଣତ ହେବାର ଅଧିକ ସମ୍ଭାବନା ରହିଛି। ଏହା ସେପ୍ଟେମ୍ବର ୨୭ ତାରିଖ ପାଖାପାଖି ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଥିବା ଯୋଗୁଁ ରାଜ୍ୟର ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା କରାଯାଉଛି। ଏଥିପାଇଁ କିଛି ଜିଲ୍ଲା ପାଇଁ ପ୍ରବଳ ବର୍ଷା ଜନିତ ଅରେଞ୍ଜ ଆଲର୍ଟ ଜାରି କରାଯାଇଥିବା ବେଳେ କିଛି ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜନିତ ଚେତାବନୀ ଜାରି ହୋଇଛି।

ଅନ୍ୟପଟେ ଲଘୁଚାପ ପ୍ରଭାବରେ ସମୁଦ୍ର ମଧ୍ୟରେ ପବନର ବେଗ ୪୦-୫୦ କିମି ଓ ଝଟକା ପବନ ୬୦ କିମି ପର୍ଯ୍ୟନ୍ତ ପହଞ୍ଚିବା ଆଶଙ୍କା ରହିଛି। ଏହା ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବ। ତେଣୁ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ଉତ୍ତର ବଙ୍ଗୋପସାଗର ମଧ୍ୟକୁ ନ ଯିବା ପାଇଁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି।

## ଆଜିର ରାଶିଫଳ

**ମେଷ:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିପାରନ୍ତି। ପେଟ ଜନିତ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ହୋଇପାରେ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

**ବୃଷ:** ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ମନ ପ୍ରସନ୍ନ ରହିବ। ମାନସିକ ଚିନ୍ତା ଦୂର ହେବ। ନୂଆ କାମ ଆରମ୍ଭ କରିବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମ ଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ଚକ୍ଷୁ ସମସ୍ୟା ଦେଖା ଦେବ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସ ଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

# ନିଯୁକ୍ତି ପରୀକ୍ଷା ପରିଚାଳନା ପାଇଁ ନୂଆ ଏସ୍‌ଓପି

- ୩ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ହେବ ପ୍ରଶ୍ନପତ୍ର ପ୍ରିଣ୍ଟିଂ
- ପରୀକ୍ଷାକେନ୍ଦ୍ରକୁ ପ୍ରଶ୍ନପତ୍ର ନେବା ବେଳେ ହେବ ଭିଡିଓଗ୍ରାଫି
- ଅନ୍‌ଲାଇନ୍ ପରୀକ୍ଷାରେ ସୁରକ୍ଷା ଜଗିବ ଏଆଇ

ଭୁବନେଶ୍ୱର, ୨୨।୯(ସମିସ): ନିଯୁକ୍ତି ପରୀକ୍ଷାରେ ବିଭ୍ରାଟ ରୋକିବାକୁ ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ନିଯୁକ୍ତି ପରୀକ୍ଷା ପରିଚାଳନା କରୁଥିବା ସମସ୍ତ ସଂସ୍ଥା ପାଇଁ ଏକକ ନିୟମ ପ୍ରଣୟନ କରିଛନ୍ତି। ପ୍ରଶ୍ନପତ୍ର ଛପାଠାରୁ ଆରମ୍ଭ କରି ପରୀକ୍ଷା ସରିବା ପର୍ଯ୍ୟନ୍ତ ବରିଷ୍ଠ ଅଧିକାରୀଙ୍କ ଏକ ଦଳ ଦାୟିତ୍ୱରେ ରହିବେ। ଅନ୍‌ଲାଇନ୍ ପରୀକ୍ଷା ପାଇଁ ଆହୁରି କଠୋର୍ ନିୟମ ଅଣାଯାଇଛି। ସୁରକ୍ଷା ପାଇଁ କୃତ୍ରିମ ବୁଦ୍ଧିମତା (ଏଆଇ)ର ଉପଯୋଗ ହେବ। ପରୀକ୍ଷାକେନ୍ଦ୍ରକୁ ପ୍ରଶ୍ନପତ୍ର ନେବା ସମୟରେ ଭିଡିଓଗ୍ରାଫି କରାଯିବ। ପ୍ରଶ୍ନପତ୍ର ପ୍ରସ୍ତୁତିଠାରୁ ଆରମ୍ଭ କରି ପରୀକ୍ଷା କେନ୍ଦ୍ରରେ ସୁରକ୍ଷା ଓ ପରିଚାଳନା ବ୍ୟବସ୍ଥା ସୁଧାର ଆଣି ସ୍ୱଚ୍ଛତାର ସହ ପରୀକ୍ଷା କରିବାକୁ ସୋମବାର ସରକାର ନୂତନ ଏସ୍‌ଓପି ଜାରି କରିଛନ୍ତି। ଅଫ୍‌ଲାଇନ୍ ପରୀକ୍ଷା ପାଇଁ ପ୍ରଶ୍ନପତ୍ର ପ୍ରସ୍ତୁତି ଓ ପ୍ରିଣ୍ଟିଂ ସମୟରେ ଗୋପନୀୟତାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ତିନିଜଣିଆ ଏକ ବରିଷ୍ଠ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଶ୍ନପତ୍ର ପ୍ରିଣ୍ଟିଂ ହେବ। ଜଣେ ବରିଷ୍ଠ ଓଏଏସ୍ ଅଧିକାରୀଙ୍କ ସମେତ ଜଣେ ବରିଷ୍ଠ ପୁଲିସ୍ ଅଧିକାରୀ ଏବଂ ଯେଉଁ ବିଭାଗର ପରୀକ୍ଷା ହୋଇଥିବ, ସେହି ବିଭାଗର ଜଣେ ବରିଷ୍ଠ ଅଧିକାରୀ ମଧ୍ୟ କମିଟିରେ ରହିବେ। ପୁଲିସ୍ ନିଯୁକ୍ତି ସଂକ୍ରାନ୍ତୀୟ ପରୀକ୍ଷା ହୋଇଥିଲେ ଜଣେ ଆଇଜି ରାଙ୍କର ପୁଲିସ୍ ଅଧିକାରୀ ପ୍ରିଣ୍ଟିଂ ସମୟରେ ଉପସ୍ଥିତ ରହିବା ବାଧ୍ୟତାମୂଳକ କରାଯାଇଛି। ଓଏମ୍‌ଆର୍ ସିଟ୍‌ରେ ପରୀକ୍ଷାର୍ଥୀଙ୍କ ରୋଲ୍ ନମ୍ବର ସହ ପରୀକ୍ଷା ବିଷୟର କୋଡ୍ ଓ ପରୀକ୍ଷା ତାରିଖ ଲେଖା ପୂର୍ବରୁ ହିଁ ରହିବ। ପ୍ରଥମଥର ପାଇଁ ଓଏମ୍‌ଆର୍ ସିଟ୍‌ରେ ଏପରି ପରିବର୍ତ୍ତନ କରାଯାଇଛି। ଫଳରେ ଓଏମ୍‌ଆର୍ ସିଟ୍ ପରିବର୍ତ୍ତନ ବା ଅଦଳବଦଳ ଆଶଙ୍କା ଆଉ ରହିବ ନାହିଁ। ପ୍ରଶ୍ନପତ୍ର ପ୍ୟାକେଟ୍‌ରେ ହିଁ ଓଏମ୍‌ଆର୍ ସିଟ୍ ରହିବାକୁ ମଧ୍ୟ ବାଧ୍ୟତାମୂଳକ କରାଯାଇଛି। ସେହିପରି ଯେଉଁ କମ୍ପାନୀର ନିଜସ୍ୱ ସ୍ଥାୟୀ କର୍ମଚାରୀ ନଥାଇ ଠିକାରେ ଲୋକ ଆଣି ପରୀକ୍ଷା କରିବେ, ସେମାନଙ୍କୁ ଆଉ ଅନୁମତି ମିଳିବ ନାହିଁ।


### କବଲା ହଜିଛି

ମୁଁ ସୁବାଷ ଚନ୍ଦ୍ର ସାହୁ, ପିତା - ମାଟିଆ ସାହୁ, ପୋ- ଓଡଗାଁ, ଜିଲ୍ଲା- ନୟାଗଡରେ ବାସ କରେ । ମୁଁ ଜଣାଉଛି କି ମୁଁ ମୋ ଘରୁ ବଜାରକୁ ଯାଉଥିବା ସମୟରେ ଅରକ୍ଷିତ ସାହୁଙ୍କ ମୂଳ କବଲା ଡିଡ ନଂ. ୧୬୦୬, ତାରିଖ ୧୮.୦୮.୧୯୯୨ ଓ ତା ସହିତ ଅନ୍ୟାନ୍ୟ କାଗଜପତ୍ର ସହିତ ମୋର ବ୍ୟାଗଟି ସ୍କୁଟିରେ ଝୁଲୁଥିବା ସମୟରେ ତା.୦୫.୦୯.୨୦୨୫ରିଖ ଦିନ ୨ ଘଟିକା ସମୟରେ ହଜିଯାଇଛି । ଯଦି କେହି ପାଇଥାନ୍ତି ଦୟାକରି ଉପରୋକ୍ତ ଠିକଣାରେ ଯୋଗାଯୋଗ କରନ୍ତୁ।

### SALE

TATA LPT 1512,MODEL 2023, Regn. No -OD-02-CH-6412, in as is where is condition. Contact: M/S Sundaram Finance Limited, NAYAGARH BRANCH, Ph:0675-3299916, MOB - 9437560891 within 7 days.

### SALE

TATA LPT 1512,MODEL 2023, Regn. No -OD-02-CJ-9801, in as is where is condition., Contact: M/S Sundaram Finance Limited, NAYAGARH BRANCH, Ph:0675-3299916, MOB - 9437560891 within 7 days.

### PUJA OFFER SALE

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**


Office of the Principal
**SCIENCE HIGHER SECONDARY SCHOOL, GUDARI, DIST. RAYAGADA**
Email ID – principalinchargesgic@gmail.com

**RECRUITMENT NOTICE**

Applications are invited from eligible candidates for filling up of 2 (Two) numbers of 4th grade (Peon) employee against the existing vacancy on 89 days basis. The appointment is purely temporary and with a consolidated remuneration of **Rs. 5000/- per month.** The minimum educational qualification of the applicants is H.S.C. or equivalent with Odia as a language subject and must be within the age group of 21–38 years.

Applicants should send their resume with necessary self-attested documents to the Principal-in-Charge, Science Higher Secondary School, Gudari, Dist- Rayagada, PIN-765026 within 20 days from the date of publication of this advertisement by Speed post only.

The interview will be held on 15.10.2025 at 11 AM in the institution premises. No TA/DA will be admissible for attending the interview. The authority reserves the right to cancel/modify/postpone the interview without assigning any reason thereof.

**Principal-in-Charge-cum-Secretary**
**Science Higher Secondary School**
**Gudari, Dist- Rayagada**

**OFFICE OF THE NODAL PRINCIPAL, KORAPUT**
Dist-Koraput (Odisha)
(WORKING UNDER ODISHA ADARSHA VIDYALAYA SANGATHAN)
Phone : 7978897651
E-mail : principalomavjeypore@gmail.com

Letter No. 014/25 — Date : 20-09-2025

**EMPANELMENT OF PART TIME CONTRACTUAL TEACHER PGT(CHEMISTRY) (EXTENSION OF DATE IN THE ADVERTISEMNET PUBLISHED IN "THE SAKALA" ODIA NEWS PAPER DAILY DATED 17-09-2025)**

It is hereby notified that a Walk-in-Interview(Document Verification) will be conducted for one post of PGT(CHEMISTRY) currently vacant at OAV, Nilabadi of Bandhugaon Block as well as for empanelment for the said post for future vacancy in the District of Koraput purely on contractual basis for the academic session 2025-26. The prescribed application form can be downloaded by scanning the attached QR code and eligibility details can be referred from the Archival Section of Koraput District Website (https://koraput.odisha.gov.in/notice/recruitment/archive-recruitment) published on 25 March 2025. Deserving candidate will have to be physically present along with prescribed filled-in application form along with all self attested copies of relevant documents on 26 September 2025, 10 AM at OAV, Machhara, near Koraput Town.

**Current Vacancy : PGT (CHEMISTRY) - 01 number at OAV, Nilabadi of Bandhugaon Block**

(By order of Collector & DM, Kora put)
Sd/-
Principal, OMAV, Jeypore
& Nodal Principal, OAVs. Koraout

**ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର**
**ODISHA STATE OPEN UNIVERSITY,SAMBALPUR**
Established by an Act of Government of Odisha.

No. 2230/OSOU/2025 — Dt. 22.09.2025

**NOTICE FOR EXTENSION OF EOI-CUM-RFP SUBMISSION DATE**

Ref No.: EOI- Notice No. 1999/OSOU/2025 Dtd. 26-08-2025

With reference to the notice cited above, this is for the information of all concerned that last date for submission of EOI and RFP documents for implementation of e-Evaluation of Answer scripts in Odisha State Open University, Sambalpur, Odisha is being extended till **09th October, 2025 (05.00 PM)**.

All other Terms and Conditions of the EOI documents / Corrigendum shall remain unchanged and Prospective Bidders are advice to visit the University website www.osou.ac.in regularly for any updates.

Sd-
Registrar

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.SNTPSBPSIG-KAVACH-092025

**କାର୍ଯ୍ୟର ନାମ:** ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳର ଝାରସୁଗୁଡ଼ା ରୋଡ଼ (JSGR)-ଏକ୍ସ-ସିଙ୍ଗାପୁର ରୋଡ଼ ଜଂକ୍ସନ (SPRD), ଏକ୍ସ-ଲାଖୋଲି (LAE)-ଟିଟିଲାଗଡ଼ (TIG) ଏବଂ ସମ୍ବଲପୁର ଜଂକ୍ସନ (SBP)-ଏକ୍ସ-କେରେଜଙ୍ଗା (KPJG) ସେକ୍ସନ ମଧ୍ୟରେ କବଚ ଉପକରଣଗୁଡ଼ିକର ସର୍ବେକ୍ଷଣ, ଡିଜାଇନ୍, ଯୋଗାଣ, ସଂସ୍ଥାପନ, ପରୀକ୍ଷଣ ଏବଂ ପ୍ରଚଳନ ତଥା ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମୂହ ।"

**ଆନୁମାନିକ ବିଜ୍ଞାପିତ ମୂଲ୍ୟ (ଟଙ୍କାରେ):** 129,93,43,287.32, EMD (ଟଙ୍କାରେ): 66,46,700/-, କାର୍ଯ୍ୟ ଶେଷ ହେବା ଅବଧି : 30 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.07.11.2025 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଉପ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/କବଚ/ ମୁଖ୍ୟାଳୟ/ଭୁବନେଶ୍ୱର
PR-111/CI/25-26

**OFFICE OF THE DISTRICT PROJECT COORDINATOR**
**SAMAGRA SHIKSHA, BOUDH**
Circuit House Campus, Boudh, P.O./Dist- BOUDH- 762 014
website : www.opepa.in email: dpcboudhssa.opepa@nic.in
ସମଗ୍ର ଶିକ୍ଷା समग्र शिक्षा Samagra Shiksha

No. 1367 — Date 20.09.2025

**TENDER CALL NOTICE**

Sealed tenders are invited from the intending registered suppliers/ vendors having valid GSTIN and PAN for supply of Resource Materials for the Saksham Resource Centre for the CWSN to be opened at 3 (three) nos. of PM SHRI Schools of Boudh District. The supplier shall have to furnish their offer price item wise as mentioned in the bid after going through the terms and conditions of the tender published in **Boudh district website** www.boudh.odisha.gov.in **and OSEPA website** www.osepa.odisha.gov.in.

The tender should reach the office through Registered / Speed Post to the undersigned on or before **07.10.2025 by 5.00 P.M.** The tenders shall be opened on **08.10.2025 at 10.00 A.M** in the presence of bidders or their authorized representatives. The undersigned reserves all rights to reject any or all tenders without assigning any reason thereof.

*By the order of Collector-cum-Chairman, SS,Boudh*
DEO-cum-DPC
Samagra Shiksha, Boudh

OIPR-27138/11/0001/2526 n-162

**GOVERNMENT OF ODISHA, "e"-PROCUREMENT NOTICE OFFICE OF THE BLOCK DEVELOPMENT OFFICER, NANDAPUR ON P.R & D.W DEPARTMENT**

i-318

**Tender call Notice**
E-mail-ori-nandapur@nic.in
Tender Call Notice No.-eTcn03/NANDAPUR/2025-26
Letter no: — Dated:-
**Bid Identification No. B.D.O, Nandapur -eTcn03/Nandapur/2025-26**

The Block Development Officer, Nandapur on behalf of Governor of Odisha inviting percentage rate bid in Single cover system in ONLINE MODE from eligible contractors for construction of Building work as detailed in the table below:

1. Nature of Work : Building Works.
2. No of Work : 4 Nos
3. Tender Cost & EMD : To be remitted online through a process as mentioned In DTCN
4. Class of Contractor : As mentioned in DTCN
5. Available of Bid Document in the Website : From Dt.26.09.2025 11.00 AM to 10.10.2025 Upto 5.30 pm.
6. Date of opening of Bid : Dt.15.10.2025 at 11.00 AM
7. They have to participate in ONLINE bidding only. Further details can be seen From the Website: https://tenderodisha.gov.in. Any Addendum / Corrigendum /Cancellation of tender can also be seen in the said website.

Sd/- Block Development Officer, Nandapur

OIPR-19118/11/0005/2526


### AFFIDAVIT

I, Balaram Khemundu, S/o- Mangaraj Khemundu, resident of Vill./Po.- Attanda, Ps.- Padwa, Dist.- Koraput, Odisha, Pin-764041 declare by this affidavit No-88, dtd- 22.09.2025 that, I have changed my daughter's name from **Suramilata Khemundu** to **Sarmilata Khemundu**. Henceforth she will be known as **Sarmilata Khemundu** for all future purposes.
Sd/- Balaram Khemundu

### AFFIDAVIT

By virtue of an affidavit C.F.No.1266 sworn before the executive Magistrate, Kuchinda, Dist: Sambalpur dated 04-09-2025, Somanath Kallo S/O Mayadhar Kallo resident of Vill: Gulujipali (Kalopada) PO: Katarkela, P.S: Jamankira Dist: Sambalpur declared that my correct name is Somanath Kallo and my wife's correct name is Bebby Pradhan in all documents but my sons birth certificate my name wrongly mentioned as Somanatha Kallo and my wife's name wrongly mentioned as Bebby Kallo. Henceforth, I declare that my real, actual name is Somanath Kallo and my wife's correct name is **Bebby Pradhan** for all purposes.

### AFFIDAVIT

I, Mehboob Bano Abidi, W/o- Syed Ali Abidi, resident of Danial Apartment, Medical Road, Akbar Market Dodhpur, Civil Lines, Aligarh, Uttar Pradesh, India vide affidavit no.123 dated 20.09.2025 state that, I have changed my name from **Mehboob Bano** to **MEHBOOB BANO ABIDI**. Henceforth I shall be known as **MEHBOOB BANO ABIDI** for all future purposes.
Sd/- **Mehboob Bano Abidi**

### AFFIDAVIT

By virtue of an affidavit sworn before the Executive Magistrate Jajpur, Dated 22nd. September 2025, No-9383, I, Kanakalata Kar, D/o-Late Madhusudan Mishra, Vill- Ghantiali, Post- Baniapal, Ps- Binjharpur, Dist- Jajpur, Odisha, Pin-755027 declare that I have changed my name from Ki-anaklata Kar to Kanakalata Kar. Henceforth,I shall be known as Kanakalata Kar for all Purposes.
**Sd/- Kanakalata Kar**

### AFFIDAVIT

By virtue of an affidavit sworn before Executive Magistrate ,Bhubaneswar dated 16.9.2025 CF no. 7 . I Smt. Pinki Patra, W/o- Sanjay Kumar Patra, At- Tamudia, P.o- Shyamsundar, Ps.: Rairangapur, Dist.: Mayurbhanj , Odisha, Pin-757050 have changed my minor son's name from Samanath Patra to Somanath Patra. Henceforth, he shall be known as Somanath Patra for all purposes.
**Pinki Patra**

### AFFIDAVIT

By virtue of an affidavit before Executive Magistrate, Cuttack, I do hereby solemnly affirm that my actual name is Tilotama Naik wife of Chandan Naik as per my Aadhaar card No.891932006157. But in my Punjab National Bank Passbook No. 08682191038950 my name has been mentioned as Puja Nayak. I hereby declare that Tilotama Naik and Puja Nayak is one and same person i.e myself. That the aforesaid Passbook has been lost and inspite of my best effort I could not trace it out.

### AFFIDAVIT

I Silalipi Sahoo W/o Srikant Kumar Sahoo, Resident of Plot No 1184/4, Nayapalli, Nilakantha Nagar, Near Debroy college, Bhubaneswar Urban, Odisha, PIN-751012, declare by this affidavit No.32 dtd 26.08.2025 that now onwards I shall be known as **SILALIPI SAHU** for all future purposes.

### କବଲା ହଜିଛି

ମୁଁ ସୁମନ କୁମାର ମହାପାତ୍ର, ପିତା- ସୁବାଷ ଚନ୍ଦ୍ର ମହାପାତ୍ର, ମହିପୁର, ଜିଲ୍ଲା: ନୟାଗଡରେ ବାସ କରେ। ମୁଁ ଜଣାଇବାକୁ ଚାହୁଁଛି ଯେ, ମୋ ମା ମଞ୍ଜୁବାଳା ମହାପାତ୍ରଙ୍କର ମୂଳ କବଲା ନଂ. ୧୧୩୭୧୧୦୫୬୭୪, ତା.୦୪.୧୧.୨୦୧୧ରିଖ ଏବଂ ଅନ୍ୟାନ୍ୟ କାଗଜପତ୍ର ସହିତ ମୋର ବ୍ୟାଗଟି ସ୍କୁଟି ରେ ଲାଗିଥିବା ସମୟ ରେ ତା.୧୫.୦୫.୨୦୨୫ରିଖ ଦିନ ୧୨ଘ.୩୦ମି. ସମୟରେ ଚୋରି ହୋଇଯାଇଛି । ଯଦି କେହି ପାଇଥାନ୍ତି ଦୟାକରି ଉପରୋକ୍ତ ଠିକଣାରେ ଯୋଗାଯୋଗ କରନ୍ତୁ।

### AFFIDAVIT

By virtue of an affidavit sworn before the Executive Magistrate, Bargarh vide No.1193 dated. 20.09.2025, I Nakul Podh, S/o- Sadananda Podh, resident of Ghulipali, Ward no.-18, Bargarh, Po./Ps./Dist.- Bargarh state that, my daughter's name is **Jagyasini Podh** but in her Aadhar card her name is mentioned as **Titiska Podh**, which is her nick name. Hence **Jagyasini Podh** and **Titiska Podh**, D/o- Nakul Podh is same and one person.

### AFFIDAVIT

By virtue of an affidavit No- *5680* sworn before Executive Magistrate,Angul,dated - 22/09/2025 . I Jitu Behera, Address At-Sabalabanga PO- Kumurisingha Ps-Angul Sadar Dist- Angul PIN-759129 declare that I have changed my name from Jitendra Behera to Jitu Behera .Henceforth, I shall be known as **Jitu Behera** for all purposes.
**Jitu Behera**

### AFFIDAVIT

By virtue of an affidavit before the Executive Magistrate, Titilagarh, on dated- 02/09/2025. I, **Sai Swayam Sahu** (new name), formerly called as **Swayam Kumar Sahu** (old name), S/o- Biswa Ranjan Sahu, permanent resident of At- Sargiguda, W. No. 4, PO- Titilagarh, PS- Titilagarh, Dist- Balangir, (Odisha), PIN- 767033 declare that I have changed my name from **Swayam Kumar Sahu** (old name) to **Sai Swayam Sahu** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Sai Swayam Sahu** (new name).
**Sai Swayam Sahu**

### AFFIDAVIT

By virtue of an affidavit before the Executive Magistrate, Titilagarh, on dated- 20/09/2025. I, **Neelima Panigrahi,** aged about 30 years, W/O Omkar Hota, permanent resident of R.T.O. Chowk, PO/PS/Dist- Balangir, Odisha, PIN- 767001 at present residing At/PO/PS- Titilagarh, Dist- Balangir, Odisha, PIN- 767033 declare that, now I want to change my name from **Neelima Panigrahi** (old name) to **Neelima Hota** (new name). Henceforth, I shall be known as **Neelima Hota** (new name) for all purposes.

# ନୂଆଗାଁରେ ଜନଶୁଣାଣି ଶିବିର




ନୟାଗଡ଼, ୨୨।୯(ସମିସ): ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଆରକ୍ଷୀ ଅଧିକ୍ଷକ ଏସ୍ ସୁଶ୍ରୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ଦାଶ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ଉପରେ ଶୁଣାଣି କରିଥିଲେ। ମୋଟ ୭୯ଟି ଅଭିଯୋଗ ଉପରେ ଶୁଣାଣି ହୋଇଥିବା ବେଳେ ଏହା ମଧ୍ୟରୁ ବ୍ୟକ୍ତିଗତ ମାମଲା ୭୦ଟି, ଗ୍ରାମ ସମସ୍ୟା ୮ଟି ଏବଂ ମୁଖ୍ୟ ମନ୍ତ୍ରୀ ରିଲିଫ ଫାଣ୍ଡି ସମ୍ପର୍କିତ ଅଭିଯୋଗ ୧ଟି ଉପରେ ଶୁଣାଣି ହୋଇଥିଲା। ଏହି ଜନଶୁଣାଣିରେ ବ୍ଲକ ପ୍ରଶାସନ ଓ ତହସିଲ ପ୍ରଶାସନ ବ୍ୟାପକ ସହଯୋଗ କରିଥିଲେ।

## ଏସ୍‌ବିଆଇ ବୀମା କମ୍ପାନୀର ସାଂଘାତିକ କେଳେଙ୍କାରୀ

# ଶିକ୍ଷା କର୍ମଚାରୀଙ୍କୁ ସଜାଉଛି ଦଲାଲ

ନୟାଗଡ଼, ୨୨।୯ (ସମିସ)

ନୟାଗଡ଼ ଜିଲ୍ଲା ଶିକ୍ଷା ବିଭାଗ କର୍ମଚାରୀଙ୍କୁ ଦଲାଲ ଭାବେ ନିଜସ୍ୱ କାର୍ଯ୍ୟରେ ବ୍ୟବହାର କରୁଛି ଏସ୍‌ବିଆଇ ଲାଇଫ୍ ଇନ୍‌ସ୍ୟୁରାନ୍ସ। ପୁଣି ଏକ ବଡ଼ ପ୍ରମାଣ 'ସକାଳ' ହାତରେ ଲାଗିଛି। ଗତ ୧୩ ତାରିଖ 'ସକାଳ'ରେ 'ଭିଏତ୍‌ନାମାରେ ଶିକ୍ଷକ ଓ

- ଭିଏତ୍‌ନାମରେ ଶିକ୍ଷକ ସମ୍ବର୍ଦ୍ଧିତ
- ଡିଇଓ ନିରବ; କାର୍ଯ୍ୟାନୁଷ୍ଠାନ ଶୂନ
- ୧୦ରୁ ଊର୍ଦ୍ଧ୍ୱ କର୍ମଚାରୀ ସାମିଲ

ଶିକ୍ଷା କର୍ମଚାରୀ, ବୀମା କମ୍ପାନୀ ଦ୍ୱାରା ବିଦେଶ ଭ୍ରମଣ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଗଣିଆ ବ୍ଲକ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠର ଶିକ୍ଷକ ପ୍ରଫୁଲ୍ଲ କୁମାର ମିଶ୍ର ବିଦ୍ୟାଳୟରୁ ଛୁଟି ନେଇ ଭିଏତ୍‌ନାମ ବୁଲିବାକୁ ଯାଇଥିବା 'ସକାଳ'ରେ ପ୍ରକାଶ ପାଇଥିଲା। ଶିକ୍ଷକଙ୍କ ଏକ ଭିଡିଓ 'ସକାଳ' ହାତରେ ଲାଗିଥିଲା। ଏହି ଘଟଣାର ଏକ ଫଟୋ ମଧ୍ୟ ଏବେ



ସାମ୍ନାକୁ ଆସିଛି। ସମ୍ପୃକ୍ତ ଶିକ୍ଷକ ପ୍ରଫୁଲ୍ଲ କୁମାର ମିଶ୍ର ଭିଏତ୍‌ନାମାରେ ସମ୍ବର୍ଦ୍ଧିତ ହୋଇଥିବା ଉକ୍ତ ଫଟୋରୁ ସ୍ପଷ୍ଟ ହୋଇଛି। ଶିକ୍ଷକ ପ୍ରଫୁଲ୍ଲ କୁମାର ମିଶ୍ରଙ୍କ ଭାଇ ରମେଶ କୁମାର ମିଶ୍ରଙ୍କ ନାମରେ ଏସ୍‌ବିଆଇ ବୀମା ଏଜେଣ୍ଟ କୋଡ୍ ରହିଥିବା ବେଳେ ସେ ନିଜେ ଏସ୍‌ବିଆଇ ବୀମା କମ୍ପାନୀ ପାଇଁ କାର୍ଯ୍ୟ କରୁଥିବା ଏବଂ ଏଥିପାଇଁ ଭିଏତନାମାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ହୋଇଥିବା ସ୍ପଷ୍ଟ ହୋଇଛି। ସମାନଭାବେ ବିଗତ ଦିନରେ ଏସ୍‌ବିଆଇ ବୀମା କମ୍ପାନୀ କବଳରେ କବଳିତ ହୋଇ କାର୍ଯ୍ୟ କରୁଥିବା ନୟାଗଡ଼ ବିଇଓ ଅଫିସ କିରାଣି ଶୁବେଶ ଶୁକ୍ଲା, ନୟାଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟ କିରାଣି ଜିତେନ୍ଦ୍ର କୁମାର ମହାନ୍ତି, ନୂଆଗାଁ ବିଇଓ ଅଫିସ୍ ଆକାଉଣ୍ଟାଣ୍ଟ୍ କମ୍ ସପୋର୍ଟିଂ ଷ୍ଟାଫ୍ ତାପସ କୁମାର ମହାନ୍ତିଙ୍କ ସମ୍ପର୍କରେ ପ୍ରମାଣ ସହିତ ଖବର ପ୍ରକାଶ ପାଇଛି। ସବୁ ପ୍ରମାଣ ଥାଇ ମଧ୍ୟ ନୟାଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ ନୀରବ ଦ୍ରଷ୍ଟା ସାଜିବା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଡିଇଓ ଏହାକୁ ନେଇ ବିଗତ ଦିନରେ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ନୂଆଗାଁ ବିଇଓ ତାପସ କୁମାର ମହାନ୍ତିଙ୍କ ଉପରେ ତଦନ୍ତ କରି ପ୍ରମାଣ ଆଧାରରେ ରିପୋର୍ଟ ଦାଖଲ କରିଥିଲେ। ଉକ୍ତ ରିର୍ପୋଟକୁ ତିନି ମାସ ଧରି ଚାପି ଦିଆଯାଇଛି। କେବଳ କିରାଣି ଜିତେନ୍ଦ୍ର କୁମାର ମହାନ୍ତିଙ୍କୁ ଡିଇଓ ଅଫିସରୁ ନୟାଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟକୁ ବଦଳି କରାଯାଇଥିବା ବେଳେ ଏବେ ବି ସେ ତାଙ୍କ ପତ୍ନୀଙ୍କ ନାମରେ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ଏମାନଙ୍କ ବାଦ ଅନେକ ଶିକ୍ଷକ ମଧ୍ୟ ଏସ୍‌ବିଆଇ ବୀମା କମ୍ପାନୀରେ କାର୍ଯ୍ୟ କରୁଥିବା ସୂଚନା ମିଳିଛି। ଏହି ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନେ ଏସ୍‌ବିଆଇ ବୀମା କମ୍ପାନୀରେ କାର୍ଯ୍ୟ କରିବା ଦ୍ୱାରା ଅନେକ ଲୋକଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଶୋଷଣ କରୁଥିବା ଦେଖିବାକୁ ମିଳିଛି।

ନୟାଗଡ଼ ଜିଲ୍ଲାରେ ବୀମା କମ୍ପାନୀ ଦ୍ୱାରା ଚାଲିଥିବା ଏଭଳି କେଳେଙ୍କାରୀକୁ ଜିଲ୍ଲା ପ୍ରଶାସନ ଦୃଷ୍ଟି ନଦେବା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେବେ ଏହି ଶିକ୍ଷା କର୍ମଚାରୀଙ୍କ ବିରୁଦ୍ଧରେ ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରଶ୍ନ ଉଠିଛି। ଏସ୍‌ବିଆଇ ବୀମା କମ୍ପାନୀ ଅଧିନରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୮ରୁ ଊର୍ଦ୍ଧ୍ୱ ଶିକ୍ଷକ ଓ ଶିକ୍ଷା କର୍ମଚାରୀ କାର୍ଯ୍ୟ କରୁଥିବା ବେଳେ ଏହା ଚାକିରି ନିୟମର ଉଲ୍ଲଙ୍ଘନ ବୋଲି ଅଭିଯୋଗ ହୋଇଛି।

■ ବ୍ଲକ୍ ଅଧ୍ୟକ୍ଷଙ୍କ ଗାଡ଼ି ପୋଡ଼ି ଘଟଣା; ପୁଲିସ ହାତ ଖାଲି

## ସରିଲାଣି ୬ ଜଣଙ୍କ ଲାଏ ଡିଟେକ୍‌ସନ୍ ଟେଷ୍ଟ

ନୟାଗଡ଼, ୨୨।୯(ସମିସ): ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁଙ୍କ ଏକ ବୋଲେରୋ ଗାଡ଼ି ଭାଟସାହି ପଞ୍ଚାୟତ କାର୍ଯ୍ୟାଳୟରେ ପୋଡ଼ିଯିବା ଘଟଣାକୁ ଏହା ମଧ୍ୟରେ ୧୦ ଦିନ ବିତିଛି। ଗତ ୧୧ ତାରିଖ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଏହି ଗାଡ଼ିକୁ ପୋଡ଼ି ଦେଇଥିବା ନେଇ ଅଧ୍ୟକ୍ଷଙ୍କ ପତ୍ନୀ ତଥା ଭାଟସାହି ସରପଞ୍ଚ ସାରଦା କୁମାରୀ ସାହୁ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ଖିଅ ଖୋଜି ପାଉନଥିବା ବେଳେ ଭାଟସାହି ଗ୍ରାମର ୬ ଜଣଙ୍କ ଲାଏ ଡିଟେକ୍‌ସନ୍ ଟେଷ୍ଟ କରି ସାରିଥିବା ଜଣାପଡ଼ିଛି। ମୁଖ୍ୟ ଅଭିଯୁକ୍ତ ବୋଲି ଏତଲାରେ ଦର୍ଶା ଯାଇଥିବା ସମୀର ଭଟ୍ଟଙ୍କ ସମେତ ଉକ୍ତ ଗ୍ରାମର ଟୁକୁନା ବେହେରା, ପ୍ରମୋଦ ସେଠୀ, ସଚିନ ବରାଡ଼, ଲୋକନାଥ ପ୍ରଧାନ, ଯୁଗଳ ପେଣ୍ଡେଇଙ୍କ ଲାଏ ଡିଟେକ୍‌ସନ୍ କରାଯାଇଥିବା ଜଣାପଡ଼ିଛି। ଗାଡ଼ିଟି କିଏ ନିଆଁ ଲଗାଇଥିଲା, ଏହା ପଛରେ କ'ଣ କାରଣ ରହିଛି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଏହା ପଛରେ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଅନେକ କିଛି ଅକୁହା କଥା ଚପି ଯାଇଛି। ପୁଲିସ ସମସ୍ତ ଘଟଣାର ଖୋଳତାଡ଼ କରୁଥିବା ବେଳେ ଘଟଣାକୁ ନେଇ ରାଜନୀତି ମଧ୍ୟ ବେଶ କୁହୁଳୁଛି।

## କର୍ମଚାରୀ ଅଭାବରୁ ବ୍ୟାଙ୍କ ସେବା ବାଧାପ୍ରାପ୍ତ

ଭାପୁର,୨୨।୯(ସମିସ): ତୃଣମୂଳ ସ୍ତରରେ ବ୍ୟାଙ୍କ ସେବା ଉପଲବ୍ଧ କରାଇବାକୁ କେନ୍ଦ୍ର ସରକାର ଘୋଷଣା କରୁଛନ୍ତି। ଏପରିକି ପ୍ରତ୍ୟେକ ପଞ୍ଚାୟତ ରେ ବିଭିନ୍ନ ବ୍ୟାଙ୍କର ଶାଖା ଖୋଲିବାକୁ ସରକାର ଘୋଷଣା କରିଛନ୍ତି। ମାତ୍ର ବାସ୍ତବରେ କିନ୍ତୁ ଏହା ଓଲଟା ଦୃଶ୍ୟ ଦେଖିବାକୁ ମିଳୁଛି। ଅଧିକ ବ୍ୟାଙ୍କ ଶାଖା ଖୋଲିବାତ ଦୂରର କଥା ଯେଉଁ ବ୍ୟାଙ୍କ ଗୁଡିକ ଅଛି ତାହା ଅଧା କର୍ମଚାରୀରେ ଚାଲୁଥିବାରୁ ସେବା ବାଧାପ୍ରାପ୍ତ ହେବା ସହ ଉପଭୋକ୍ତା ନାହିଁ ନଥିବା ହଇରାଣ ହେଉଛନ୍ତି। ଏଠାରେ ପ୍ରସଙ୍ଗ କ୍ରମେ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ କଥା କୁହାଯାଇପାରେ। ଭାପୁର ବଜାରରେ ଷ୍ଟେଟ୍‌ବ୍ୟାଙ୍କ, ଇଣ୍ଡିଆନ ଓଭରସିଜ ବ୍ୟାଙ୍କ, ଓଡିଶା ଗ୍ରାମ୍ୟ ବ୍ୟାଙ୍କ ଓ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ରହିଛି। ଏହାବାଦ ବିଜିପୁର ଠାରେ ଆକ୍ସିସ ବ୍ୟାଙ୍କ, ପଦ୍ମାବତୀ ଠାରେ ପଞ୍ଜାବ ନେସନାଲ ବ୍ୟାଙ୍କ ଓ କରବରଠାରେ ଓଡିଶା ଗ୍ରାମ୍ୟ ବ୍ୟାଙ୍କରୁ ଶାଖା ରହିଛି। ସବୁଠାରେ କର୍ମଚାରୀ ମରୁଡି। ଏପରିକି କିଛି ଆଉଟସୋରସିଙ୍ଗ କର୍ମଚାରୀ ଧରି ବ୍ୟାଙ୍କ ଚାଲୁଛି। ସବୁଠାରୁ ଅଧିକ କର୍ମଚାରୀ ମରୁଡି ଦେଶର ବୃହତ୍ତମ ବ୍ୟାଙ୍କ କୁହାଯାଉଥିବା ଷ୍ଟେଟ୍‌ବ୍ୟାଙ୍କରେ। ଏହାର ଭାପୁର ଶାଖାରେ ମାତ୍ର ଜଣେ ପରିଚାଳକ ଓ ଜଣେ କିରାଣୀଙ୍କୁ ନେଇ ଚାଲିଛି ବ୍ୟାଙ୍କ ସେବା। ଏଠାରେ ବ୍ୟାଙ୍କ ଆରମ୍ଭ ହେବା ଦିନଠାରୁ ଶାଖା ଲାଭରେ ଚାଲୁଥିଲେ ହେଁ କାହିଁକି କେଜାଣି ଏହାର ଉଚ୍ଚ କର୍ତ୍ତୃପକ୍ଷ ଭାପୁର ଶାଖାରେ ଅଧିକ କର୍ମଚାରୀ ଦେଉନାହାନ୍ତି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସେହିପରି ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ଭାପୁର ଶାଖାର ଅବସ୍ଥା ମଧ୍ୟ ଅନୁରୂପ। ତୁରନ୍ତ ଏହି ଶାଖା ଗୁଡିକରେ ଅଧିକ କର୍ମଚାରୀ ଦେଇ ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ଡାକ୍ତରଖାନାରେ ମେଗା ସ୍ୱାସ୍ଥ୍ୟମେଳା



ଓଡ଼ଗାଁ,୨୨।୯(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ନିଲାଞ୍ଜନ ଦାସଙ୍କ ପରିଚାଳନାରେ ସୋମବାର ମେଗା ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭ ଜଣ ଡାକ୍ତରଙ୍କ ଦ୍ୱାରା ୪ ଶହରୁ ଊର୍ଦ୍ଧ୍ୱ ବାଳିକା ଓ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକୀୟ ପରାମର୍ଶ ଏବଂ ଆବଶ୍ୟକ ସ୍ଥଳେ ଡାକ୍ତରଖାନାରୁ ଔଷଧ ଯୋଗାଇ ଦିଆଯାଇଥିଲା। ଏହି ମେଗା ସ୍ୱାସ୍ଥ୍ୟ ଶିବିରରେ ସମ୍ ଅଲଟିମେଟ ହସ୍ପିଟାଲ ଭୁବନେଶ୍ୱରର ଶଲ୍ୟ ବିଭାଗ ଡାକ୍ତର ସୋନାଲି ମହାନ୍ତି, ଗ୍ୟାଷ୍ଟ୍ରୋ ସାଇନ୍ସ ଓ ହେପାଟୋଲୋଜି ବିଭାଗର ବରିଷ୍ଠ ଡାକ୍ତର ଦେବକାନ୍ତ ମିଶ୍ର, ଶଙ୍କର ବାଗ୍‌ଚି ହସ୍ପିଟାଲର ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ସୂର୍ଯ୍ୟକାନ୍ତ ଜୟସିଂହ, ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଦୀପକ ବଳ, ଡାକ୍ତର ପ୍ରଣତୀ ମଞ୍ଜୁରୀ ଶର୍ମା, ଦାନ୍ତ ବିଶେଷଜ୍ଞ ଡାକ୍ତର ସମ୍ବିତ ପ୍ରସାଦ ପ୍ରମୁଖ ବିଭିନ୍ନ ରୋଗି ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ ସମ୍ପୃକ୍ତ ଶିଶୁ ବିକାଶ ଯୋଜନା ଅଧିକାରୀ ଲହଡ଼ିମାଳା ପ୍ରଧାନଙ୍କ ଦ୍ୱାରା ଆୟୋଜିତ ମା' ଓ ଶିଶୁଙ୍କ ପାଇଁ ପୁଷ୍ଟିକର ଜାତୀୟ ଖାଦ୍ୟ ମେଳା ପରିଦର୍ଶନ କରିଥିଲେ।

## ଶ୍ରବଣ ଯନ୍ତ୍ର ବଣ୍ଟନ ଶିବିର

ଗଣିଆ,୨୨।୯(ସମିସ): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଗଣିଆ ବ୍ଲକ ସଭା ଗୃହରେ ଶ୍ରବଣ ଯନ୍ତ୍ର ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଝୁନା ଜେନା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ନରେଶ ବେହେରା, ତହସିଲଦାର ତଥା ଭାରପ୍ରାପ୍ତ ବିଡିଓ ପ୍ରିତିବାଳା ରଣା, କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଶରତ କୁମାର କର, ସାମାଜିକ ସୁରକ୍ଷା ଅଧିକାରୀ ପ୍ରଣୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସରକାରଙ୍କର ଏହି ଜନହିତକର ଯୋଜନା ସମ୍ପର୍କରେ ସାମାଜିକ ସୁରକ୍ଷା ଅଧିକାରୀ ସୂଚନା ପ୍ରଦାନ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମକୁ ୨୬ ଜଣ ଶ୍ରବଣ ବାଧିତ ରୋଗୀ ଆସିଥିବା ବେଳେ ୨୦ ଜଣଙ୍କୁ ୩୬ଟି ବିଭିନ୍ନ ଯନ୍ତ୍ର ବଣ୍ଟନ କରାଯାଇଥିଲା।

● ବିଜେପିରେ ବିଚିତ୍ର ସ୍ଥିତି

## ସନ୍ତୋଷଙ୍କୁ ଗ୍ରହଣ କରୁନାହାନ୍ତି ଦଳଡିଆଁ

ନୟାଗଡ଼,୨୨।୯(ସମିସ): ନୟାଗଡ଼ ଜିଲ୍ଲା ନୟାଗଡ଼ ନିର୍ବାଚନ ମଣ୍ଡଳୀ ବିଜେପି ଦୁଇ ଗୋଷ୍ଠୀରେ ବିଭକ୍ତ ହୋଇଛି। ଦଳଡିଆଁ ବିଜେପି ଓ ମୂଳ ବିଜେପି ବୋଲି ସମାନ୍ତରାଳ ସଂଗଠନ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ କରୁଛନ୍ତି। ବୃକ୍ଷରୋପଣ କାର୍ଯ୍ୟକ୍ରମଠାରୁ ଆରମ୍ଭ କରି ଅନେକ ଦଳୀୟ କାର୍ଯ୍ୟକ୍ରମରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ଗତକାଲି ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମରେ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ଦେଖାଯାଇଛି। ଦଳରେ ଯୁବ ନେତା ସନ୍ତୋଷ ପ୍ରଧାନଙ୍କୁ ଗୁରୁତ୍ୱ ଦିଆଯାଉଥିବାରୁ କିଛି ଦଳଡିଆଁ ବିଜେପି ନେତା ଇର୍ଷାନ୍ୱିତ ହେଉଥିବା ଦେଖିବାକୁ ମିଳିଯାଇଛି। ଯାହାକୁ ନେଇ ଦଳୀୟ କନ୍ଦଳ ପଦାରେ ପଡୁଥିବା ଆଲୋଚନା ହେଉଛି। ଦଳ ରାଜ୍ୟ ନେତୃତ୍ୱ ସନ୍ତୋଷଙ୍କୁ ଗୁରୁତ୍ୱ ଦେଉଥିବା ବେଳେ ଦଳଡିଆଁମାନେ ବିରୋଧ କରିବା ଆରମ୍ଭ କରିଛନ୍ତି। ବିଜେଡିରୁ ଯାଇ ବିଜେପିରେ ମିଶିଥିବା ନେତାମାନେ ସ୍ୱତନ୍ତ୍ର ଗୋଷ୍ଠୀ କରି ଦଳୀୟ ଶୃଙ୍ଖଳାକୁ ଭଙ୍ଗ କରୁଥିବା, ବିଜେପିର ମୂଳ ଆଦର୍ଶରୁ ବହୁ ଦୂରରେ ରହି କାର୍ଯ୍ୟ କରୁଥିବା ମୂଳ ବିଜେପି ଗୋଷ୍ଠୀ ଅଭିଯୋଗ କରୁଛନ୍ତି। ଯାହାକୁ ନେଇ ଉଭୟ ଗୋଷ୍ଠୀ ଏବେ ପରସ୍ପର ଗୋହି ଖୋଳାଖୋଳିରେ ମାତିଥିବା ଦେଖିବାକୁ ମିଳିଛି। ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମରେ ଯୁବ ନେତା ସନ୍ତୋଷ ପ୍ରଧାନଙ୍କୁ ଜିଲ୍ଲା ସଂଯୋଜକ ଦାୟିତ୍ୱ ମିଳିଥିବା ବେଳେ ଏହାକୁ ଦଳଡିଆଁ ଗୋଷ୍ଠୀ ଗ୍ରହଣ କରି ପାରୁନଥିବା ଦେଖିବାକୁ ମିଳିଛି।

## ବାର୍‌ହା ଛୁଆ ଉଦ୍ଧାର

ଗଣିଆ,୨୨।୯(ସମିସ): ଗଣିଆ ବ୍ଲକ କିଶୋର ପ୍ରସାଦ ଗ୍ରାମରୁ ଏକ ବାର୍‌ହା ଛୁଆ ଉଦ୍ଧାର କରିଛି ବନବିଭାଗ। କିଶୋର ପ୍ରସାଦ ମହାନଦୀ କୂଳରେ ଏକ ବାରହା ଛୁଆ ବୁଲୁଥିବା ଗ୍ରାମବାସୀ ବନବିଭାଗକୁ ଖବର ଦେଇଥିଲେ। ଖବରପାଇ ଫରେଷ୍ଟର ମନୋଜ ପ୍ରଭାକର ସାହୁ ଏବଂ ପାରା ଷ୍ଟାଫ୍ ଘଟଣାସ୍ଥଳରେ ପହଞ୍ଚି ତାକୁ ଉଦ୍ଧାର କରିଥିଲେ। ଗଣିଆ ବନବିଭାଗକୁ ଆଣି ଆଶୁ ଚିକିତ୍ସା କରିବା ସହିତ ଖାଦ୍ୟ ଖାଇବାକୁ ଦେଇଥିଲେ। ତାକୁ ସ୍ଥାନୀୟ ଜଙ୍ଗଲରେ ଛାଡି ଦିଆଯିବ ବୋଲି ଫରେଷ୍ଟର ପ୍ରକାଶ କରିଛନ୍ତି। ବାର୍‌ହାଟି ମହାନଦୀକୁ ପାଣି ପିଇବାକୁ ଆସିଥାଇ ପାରେ ବୋଲି ଫରେଷ୍ଟର ସୂଚନା ପ୍ରଦାନ କରିଛନ୍ତି।

## ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟଣା

# ତ୍ରିକୋଣୀୟ ପ୍ରେମ ସନ୍ଦେହ

ଓଡ଼ଗାଁ,୨୨।୯(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ସିନେମା ହଲ ଛକ ବିଅର ବାର୍ ସାମ୍ନା ବାହାଡାଝୋଲା ମୁଖ୍ୟ ରାସ୍ତା ଉପରେ ରବିବାର ବିଳମ୍ବିତ ରାତିରେ ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ଗୋଟିଏ ପକ୍ଷର ୨ ଜଣ ଗୁରୁତରଙ୍କୁ ଓଡ଼ଗାଁ ପୁଲିସ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା ପରେ ନୟାଗଡ଼ ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଗୁରୁତରମାନେ ହେଲେ ଖୋର୍ଦ୍ଧା ଅଞ୍ଚଳର ପୁରୀ ୱେ ପ୍ରିମିୟମ ହୋଟେଲରେ ମ୍ୟାନେଜର ଭାବେ କାର୍ଯ୍ୟରତ ଦେବାଶିଷ ଖିଲାର (୩୨) ଏବଂ ତାଙ୍କ ସାଥିରେ ଆସିଥିବା ରଣପୁର ଥାନା ଅଞ୍ଚରା ଗ୍ରାମର ସଞ୍ଜୟ ବେହେରା (୨୨)। ସାଥିରେ ଥିବା ଇଟାମାଟି ଅଞ୍ଚଳର ଜାନକୀ ମାଝୀ (୧୫)ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଛଡ଼ାଯାଇଥିଲା। ସଞ୍ଜୟ ବେହେରା ଆସି ଓଡ଼ଗାଁ ଥାନାରେ ଅଭିଯୋଗ କରିବା ପରେ ଓଡ଼ଗାଁ ପୁଲିସ ୨୯୧ରେ ଏକ ମାମଲା ରୁଜୁ କରି ଘଟଣା ସମ୍ପର୍କରେ ଅନୁସନ୍ଧାନ ଜାରି ରଖିଛନ୍ତି। ଏଥି ସହିତ ବିଅର ବାର ପରିଚାଳକଙ୍କ ସମ୍ପର୍କୀୟ ପୁରୀର ଫ୍ଲାନିସ୍ ସାଇକ୍ଲୋନ ପାତ୍ରକୁ ଘଟଣାରେ ସଂପୃକ୍ତ ଥିବା ନେଇ ଥାନାକୁ ଆଣି ପୁଲିସ ପଚରା ଜାରି ରହିଛି। ଘଟଣାସ୍ଥଳକୁ କାର୍‌ରେ ଆସି ପାଟିତୁଣ୍ଡ ଓ ହଣାକଟା କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ପକ୍ଷକୁ ପୁଲିସ ଖୋଜୁଛି। ଦେବାଶିଷ ଖିଲାର ଏବଂ ତାର ଦୁଇ ସାଥି ସଞ୍ଜୟ ଓ ଜାନକୀ ସହିତ ଆସି ବାହାଡାଝୋଲା ରାସ୍ତା ବିଅର ବାର୍ ସାମ୍ନାରେ ପହଞ୍ଚିଥିବା ବେଳେ ରାତି ପ୍ରାୟ ୧୦ ସମୟରେ ଗୋଟିଏ କାରରେ ୩ରୁ ଅଧିକ ଯୁବକ ଆସି ସେଠାରେ ପହଞ୍ଚିଥିଲେ। ଦେବାଶିଷ ଗୋଷ୍ଠୀ ସହିତ ସେମାନଙ୍କର ଉଚ୍ଚବାଚ ହୋଇଥିଲା। କାରରେ ଆସିଥିବା ଯୁବକମାନେ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ସମୟରେ ସଞ୍ଜୟ ଏବଂ ଦେବାଶିଷଙ୍କ ହାତ ଓ ଗୋଡ଼ରେ ଗଭୀର କ୍ଷତ ହୋଇଥିଲା। ଦେବାଶିଷ କ୍ଷତାକ୍ତ ଅବସ୍ଥାରେ ଜୀବନ ବଞ୍ଚାଇବା ପାଇଁ ଏକ ଗାଡିତଳେ ଲୁଚି ଯାଇଥିଲେ। ଖବରପାଇ ଓଡ଼ଗାଁ ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ କାରରେ ଆସିଥିବା ଯୁବକମାନେ ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ସଞ୍ଜୟ ଓ ମାଡ଼ ଖାଇଥିବା ଜାନକୀକୁ ଡାକ୍ତରଖାନାରେ ପହଞ୍ଚାଇ ଥିଲେ। ଫେସବୁକରେ ଜଣେ ଯୁବତୀଙ୍କ ସହିତ ତ୍ରିକୋଣୀୟ ପ୍ରେମକୁ ନେଇ ଏପରି ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି।

# ଗୋଷ୍ଠୀ ସହାୟିକା କର୍ମୀଙ୍କ ଗଣଧାରଣା




ଗଣିଆ,୨୨।୯(ସମିସ): ପ୍ରୋତ୍ସାହନ ରାଶି ବଦଳରେ ନିର୍ଦ୍ଦିଷ୍ଟ ପାରିଶ୍ରମିକ ଦାବିରେ କାର୍ଯ୍ୟ ବନ୍ଦ କରି ବ୍ଲକ ସମ୍ମୁଖରେ ଗଣଧାରଣା ଦେଇଛନ୍ତି ଗଣିଆ ବ୍ଲକରେ କାର୍ଯ୍ୟରତ ସମସ୍ତ କମ୍ୟୁନିଟି ସପୋର୍ଟିଙ୍ଗ ଷ୍ଟାଫ। ପୂର୍ବରୁ ପାଉଥିବା ନିର୍ଦ୍ଦିଷ୍ଟ ପାରିଶ୍ରମିକ ପାଉନଥିବାରୁ ସଂଘ ତରଫରୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ ନହେବାରୁ ଧାରଣା ଦେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସଂଘର ନିଷ୍ପତ୍ତି ଅନୁଯାୟୀ ଯେ ପର୍ଯ୍ୟନ୍ତ ସରକାର ତାଙ୍କ ଦାବି ଶୁଣିନାହାନ୍ତି ସେ ପର୍ଯ୍ୟନ୍ତ ଧାରଣା ଜାରି ରହିବ। ଏପରିକି ଓଏଲଏମ୍ କାର୍ଯ୍ୟାଳୟ ତାଲା ପକାଇ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବସି ରହିଥିଲେ। ମହିଳାଙ୍କୁ ସମ୍ମାନ କଥା କହୁଥିବା ସରକାର ମହିଳା ମାନଙ୍କୁ ରାଜରାସ୍ତାରେ ବସିବାକୁ ବାଧ କରୁଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ସଂଘର ସଭାନେତ୍ରୀ ଶୁକ୍ଳାରାଣୀ ଦାସ, ସମ୍ପାଦିକା ରଶ୍ମିରେଖା ଦାଶଙ୍କ ସମେତ ପ୍ରାୟ ୧୦୦ରୁ ଅଧିକ ମହିଳା ଉପସ୍ଥିତ ଥିଲେ।

## ପଞ୍ଚମ ମେଧା ବୃତ୍ତି ପରୀକ୍ଷା ଦେଲେ ୧୨୩ ଛାତ୍ରଛାତ୍ରୀ

ଭାପୁର,୨୨।୯(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବାଲୁଙ୍କେଶ୍ୱରଦେବ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ପଞ୍ଚମ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୧୨୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲା ବେଳେ ୧୫ ଜଣ ଅନୁପସ୍ଥିତ ରହିଥିଲେ। ସେମାନଙ୍କ ମଧ୍ୟରୁ ୭୩ ଜଣ ଛାତ୍ର ଓ ୫୦ ଜଣ ଛାତ୍ରୀ ପରୀକ୍ଷା ଦେଇଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ଦାସ ସୁପରିଟେଣ୍ଡେଣ୍ଟ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ବ୍ଲକ ଶିକ୍ଷା ଅଧିକାରିଣୀ ମୋନାଲିସା ରଥ ଓ ଅତିରିକ୍ତ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର କର ପରୀକ୍ଷା କେନ୍ଦ୍ର ରେ ଉପସ୍ଥିତ ରହି ତଦାରଖ କରିଥିଲେ।

# ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଶାନ୍ତି ଦିବସ

ଓଡ଼ଗାଁ,୨୨।୯(ସମିସ): ନୟାଗଡ଼ ଜିଲ୍ଲା ତରଫରୁ ଭାରତ ସ୍କାଉଟ ଗାଇଡ୍ ଛାତ୍ରଛାତ୍ରୀ ଓ ସ୍କାଉଟ ମାଷ୍ଟର ଏବଂ ଗାଇଡ୍ କ୍ୟାପଟେନଙ୍କୁ ନେଇ ଓଡ଼ଗାଁ ପିଏମ୍‌ଶ୍ରୀ ରାଧାକାନ୍ତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନ୍ତର୍ଜାତୀୟ ଶାନ୍ତି ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଦୁଇ ଉଚ୍ଚ ବିଦ୍ୟାଳୟର ଉପସ୍ଥିତ ୮୫ ଜଣ ସ୍କାଉଟ ଗାଇଡ୍ ଛାତ୍ରଛାତ୍ରୀଙ୍କୁ ଜିଲ୍ଲା




ଭାରତ ସ୍କାଉଟ ଗାଇଡ୍ ସମ୍ପାଦକ ତଥା ଆଇପି ଅନିଲ କୁମାର ଦାଶ, ଜିଲ୍ଲା ତାଲିମ କମିଶନର ଲକ୍ଷ୍ମୀଧର ମହାପାତ୍ର ଯୋଗଦେଇଥିଲେ। ଓଡ଼ଗାଁ ବ୍ଲକର ବିଭିନ୍ନ ବିଦ୍ୟାଳୟ ସ୍ତରୀୟ ସ୍କାଉଟ ମାଷ୍ଟର ମାନେ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟ ହତାକୁ ସଫେଇ କରାଯାଇ ସ୍ୱଚ୍ଛତାର ବାର୍ତ୍ତା ପ୍ରେରଣ କରାଯାଇଥିଲା।

## ବୃଦ୍ଧି ପାଉଛି ନାବାଳିକା ଓ ଯୁବତୀ ଅପହରଣ ମାମଲା

# ଉଦ୍ଧାର ପରେ କାର୍ଯ୍ୟାନୁଷ୍ଠାନ କୋହଳ

ନୟାଗଡ଼,୨୨।୯(ସମିସ)

ନୟାଗଡ଼ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳ ପ୍ରେମ କାରଣରୁ ନାବାଳିକା ଓ ଯୁବତୀ ଅପହରଣ ଘଟଣା ଘଟୁଛି। ବିଗତ କିଛି ମାସ ହେବ ଏହି ଅପରାଧ ଜିଲ୍ଲାରେ ବୃଦ୍ଧି ପାଉଛି। ପୁଲିସ ପ୍ରତି ସାଧାରଣ ଲୋକଙ୍କ ମନରେ ସାମାନ୍ୟତମ ଭୟ ରହୁନଥିବାରୁ ଏଭଳି କାଣ୍ଡ ଘଟାଇବାକୁ ଯୁବପିଢ଼ି ସାହାସ ଜୁଟାଉଛନ୍ତି। ନାବାଳିକା କିମ୍ବା ଯୁବତୀ ଅପହରଣ ଘଟଣା ସମ୍ପର୍କରେ ଅଭିଯୋଗ ଥାନାକୁ ଆସିବା ପରେ ପୁଲିସ ମାମଲା ରୁଜୁ କରି ଉଦ୍ଧାର କରିବା ପରେ କୋହଳ କାର୍ଯ୍ୟାନୁଷ୍ଠାନରୁ ଏଭଳି ମାମଲା ସଂଖ୍ୟା ବୃଦ୍ଧି ପାଉଥିବା ଆଲୋଚନା ହେଉଛି। ନୟାଗଡ଼ ଜିଲ୍ଲାର ଖଣ୍ଡପଡ଼ା ପୁଲିସ ଉପଖଣ୍ଡ, ନୟାଗଡ଼ ପୁଲିସ ଉପଖଣ୍ଡ ଏବଂ ଶରଣକୁଳ ପୁଲିସ ଉପଖଣ୍ଡ ଅଧୀନରେ ରହିଥିବା ଥାନା ଗୁଡ଼ିକରେ ନାବାଳିକା ଓ ଯୁବତୀ ଅପହରଣ ଘଟଣାରେ କାହିଁକି ଥାନା ଅଧିକାରୀ ଓ ତଦନ୍ତକାରୀ ଅଧିକାରୀ କୋହଳ ମନୋଭାବ ପୋଷଣ କରୁଛନ୍ତି, ତାହା ତଦନ୍ତ ସାପେକ୍ଷ ହୋଇଛି।

ମିଳିଥିବା ସୂଚନାନୁସାରେ, ନାବାଳିକା କିମ୍ବା ଯୁବତୀ ଅପହରଣ ଘଟଣାରେ ପୁଲିସ ଅଭିଯୁକ୍ତ ତଥା ଅପହରଣକାରୀ କିମ୍ବା ନାବାଳିକାଙ୍କ ମୋବାଇଲ ଫୋନ୍ ଟ୍ରାକ୍ କରି ସେମାନଙ୍କୁ ଉଦ୍ଧାର କରୁଛି। ଅନେକ କ୍ଷେତ୍ରରେ ପୁଲିସ ରାଜ୍ୟର ବିଭିନ୍ନ କୋଣ ଅନୁକୋଣକୁ ଗସ୍ତ କରୁଛି। ଏପରିକି ରାଜ୍ୟ ବାହାରକୁ ମଧ୍ୟ ଯାଉଛି। ନାବାଳିକା କିମ୍ବା ଯୁବତୀକୁ ଉଦ୍ଧାର କରାଯିବା ପରେ ଅଭିଯୁକ୍ତ ପ୍ରତି ପୁଲିସ କୋହଳ ହୋଇଯାଉଛି। କିଛି ଥାନାରେ ଜୀବନ ନଷ୍ଟ ହୋଇଯିବ କହି ମାମଲାକୁ ରଫାଦଫା କରାଯାଉଥିବାଆଲୋଚନା ହେଉଛି। ଅନେକ ଥାନାରେ ଏହି ଘଟଣାରେ ଅଭିଯୁକ୍ତ ସମ୍ପର୍କୀୟଙ୍କ ଦ୍ୱାରା ପୁଲିସ ବଶବର୍ତ୍ତୀ ହେଉଛି। ଯୁବତୀ ଅପହରଣ ଓ ନାବାଳିକା ଅପହରଣ ଘଟଣା ଭିନ୍ନ ଭିନ୍ନ ଦଫା ଉପରେ ନିର୍ଭର କରୁଛି। ନାବାଳିକା ଅପହରଣ ଘଟଣାରେ ପୁଲିସ ନାବାଳିକା ବୟାନ ଓ ଡାକ୍ତରୀ ମାଇନା ଆଧାରରେ ପକ୍‌ସୋ ଦଫା ଲଗାଇ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯିବାର ନିୟମ ରହିଛି। ମାତ୍ର ନୟାଗଡ଼ର ସଦରଥାନା ସମେତ ବହୁ ଥାନାରେ ନାବାଳିକା ଉଦ୍ଧାର ପରେ ମହିଳା ପୁଲିସ ନାବାଳିକଙ୍କୁ ପ୍ରବର୍ତ୍ତାଇ ବୟାନ ରେକର୍ଡ ଅଭିଯୁକ୍ତ ସପକ୍ଷରେ କରାଉଥିବା ଏବଂ ଡାକ୍ତରୀ ମାଇନାକୁ ନାବାଳିକା ମନା କରୁଥିବା ଘଟଣା ଦେଖିବାକୁ ମିଳିଛି। ଫଳରେ କ ଅଭିଯୁକ୍ତ ଥାନାରୁ ହିଁ ରକ୍ଷା ପାଇ ଯାଉଛି। ସମାନ ସ୍ଥିତି ଯୁବତୀ ଅପହରଣରେ ହେଉଛି। ଅପହୃତାଙ୍କ ବୟାନ ରେକର୍ଡ ସମୟରେ ସେମାନେ ପ୍ରକୃତ କଥାକୁ ଲୁଚାଇବା ପାଇଁ ସାଙ୍ଗ ଘରକୁ ଯାଇଥିବା ୧୬୧ ଏବଂ ୧୬୪ ବୟାନ ରେକର୍ଡରେ କହୁଥିବା ପ୍ରାୟତଃ ଦେଖାଯାଉଛି। ଏହା ଦ୍ୱାରା ଅଭିଯୁକ୍ତ ଖସି ଯିବା ସହ ପୁଲିସ ମାମଲାକୁ ଆଗକୁ ବଢ଼ାଇବାରୁ ମୁକ୍ତି ପାଉଛି। ଏହା ଦ୍ୱାରା ଅନେକ ଥାନାରେ ପୁଲିସ କର୍ମଚାରୀମାନେ ଅଭିଯୁକ୍ତଙ୍କ ସମ୍ପର୍କୀୟ ଓ ପରିବାର ଦ୍ୱାରା ଲାଭବାନ ହେଉଥିବା ଜଣାପଡ଼ିଛି। ନୟାଗଡ଼ ସଦରଥାନାରେ ଗତ ୩ ମାସ ମଧ୍ୟରେ ଅନେକ ଘଟଣାରେ ସମାନ ପରିସ୍ଥିତି ସୃଷ୍ଟି କରାଯାଇଥିବା ଆଲୋଚନା ହେଉଛି। ନାବାଳିକା ଓ ଯୁବତୀ ବୟାନ ଆଧାରରେ ମାମଲାକୁ ଥାନାରୁ ହିଁ ସମାପ୍ତ କରି ଦିଆଯିବା ବଡ଼ ସମ୍ବେଦନ ଶୀଳ ପ୍ରସଙ୍ଗ ବୋଲି ଅନେକ ଆଇନଜୀବୀ ମତ ଦେଇଛନ୍ତି। ପୁଲିସ ଲାଭଖୋର ମନବୃତ୍ତି ରଖି ହେଉ କିମ୍ବା ଚାପଗ୍ରସ୍ତ ହୋଇ ଏଭଳି କରିବା ଦ୍ୱାରା ଯୁବକଙ୍କ ମଧ୍ୟରେ ଭୟ ରହୁନାହିଁ। ଯାହାକୁ ନେଇ ଜିଲ୍ଲାରେ ନାବାଳିକା ନିଖୋଜ ଓ ଅପହରଣ ଘଟଣା ବୃଦ୍ଧି ପାଉଥିଲେ ମଧ୍ୟ ବରିଷ୍ଠ ପୁଲିସ ଅଧିକାରୀମାନେ ଏହାକୁ ଆଦୌ ନଜର ଦେଉନାହାନ୍ତି। ମାମଲାକୁ କୌଶଳ କ୍ରମେ ଚାପିବାରେ ନୟାଗଡ଼ ସଦରଥାନା ସବୁଠାରୁ ଆଗରେ ବୋଲି ଆଲୋଚନା ହେଉଛି।

**ନବରାତ୍ରି ସପ୍ତମାତୃକା ପୂଜା**

# ଶୈଳପୁତ୍ରୀ ବେଶରେ ମା' ଭଗବତୀ

ବାଣପୁର,୨୨।୯ (ସମିସ): ଭଗବତୀ କ୍ଷେତ୍ର ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ଚଳିତ ଶାରଦୀୟ ପାର୍ବଣର ନବରାତ୍ର ସପ୍ତମାତୃକା ପୂଜା ପ୍ରଥମ ଦିବସ ସୋମବାରଠାରୁ ଆରମ୍ଭ ହୋଇଯାଇଛି। ଏହି ଅବସରରେ ମା'ଙ୍କ ପୀଠରେ ଶାରଦୀୟ ପାର୍ବଣ ନିମନ୍ତେ ମା'ଙ୍କ ସମେତ ତଥାକଥିତ ସାତଭଉଣୀ ପୂଜା ପାଉଛନ୍ତି। ବିଭିନ୍ନ ତିଥିରେ ନିମନ୍ତ୍ରଣ ପାଇ ମା' ବିରଜାଇ, ମା' ନାରାୟଣୀ, ମା' ସିଦ୍ଧାମ୍ବରୀ, ମା' କାଳିଜାଇ, ମା' ବୁଢ଼ୀଠାକୁରାଣୀ ଓ ମା' ପୋଲକାଶୁଣୀଙ୍କ ସମେତ ମା' ଭଗବତୀ ପିତ୍ରାଳୟ ଦକ୍ଷ ପ୍ରଜାପତି ମନ୍ଦିରସ୍ଥ ସାତବଖରା ଗୃହରେ ନବରାତ୍ରର ସ୍ୱତନ୍ତ୍ର ପୂଜାର୍ଚ୍ଚନା ଚାଲିଛି। ମା'ଙ୍କ ପୀଠରେ ସପ୍ତମୀ, ଅଷ୍ଟମୀ ଓ ନବମୀ ରାତ୍ରରେ ବିଧି ଅନୁଯାୟୀ ବଳି ଦିଆଯାଉଥିବା ବେଳେ ଅମାବାସ୍ୟା ତିଥିରେ ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ସହ ମା' ବିରଜାଇଙ୍କ ବିଜୟ ପ୍ରତିମା କାଠି ଠାକୁରାଣୀଙ୍କ ଭେଟ ଉତ୍ସବ ରବିବାର ରାତ୍ରରେ ସମାପନ ହୋଇଯିବା



ପରେ ସୋମବାରଠାରୁ ନବରାତ୍ରି ସପ୍ତମାତୃକା ପୂଜା ଆରମ୍ଭ ହୋଇଯାଇଛି। ବିଜୟା ଦଶମୀ ପର୍ଯ୍ୟନ୍ତ ମା' ଦୈନନ୍ଦିନ ଭିନ୍ନ ଭିନ୍ନ ବେଶରେ ପୂଜା ପାଇବାର ରୀତିନୀତି ପ୍ରଚଳିତ ହୋଇଆସୁଛି। ବିଜୟା ଦଶମୀ ମଧ୍ୟରେ ନବରାତ୍ରରେ ୯ ପ୍ରକାର ବେଶରେ ମା' ଭଗବତୀ ଦର୍ଶନ ଦେଉଛନ୍ତି। ପ୍ରଥମ ଦିବସ ସୋମବାର ମା' ଶୈଳପୁତ୍ରୀ ରୂପେ ପୂଜା ପାଇଛନ୍ତି। ମା'ଙ୍କୁ ପ୍ରାତରୁ ସ୍ନାନ କରାଇବା ପରେ ଦ୍ୱାରପାଳ ପୂଜା, ସୂର୍ଯ୍ୟପୂଜା ପରେ ଚଣ୍ଡୀପାଠ କରାଯାଇଥିଲା। ମହାମାୟୀଙ୍କୁ ଶୈଳପୁତ୍ରୀ ବେଶ କରାଯାଇ ନୀତିକାନ୍ତିରେ ପୂଜାର୍ଚ୍ଚନା କରାଯାଇଥିଲା। ଚଣ୍ଡୀପାଠ ପରେ ଅପରାଜିତା ପୂଜା ଓ ବଗଳାପୂଜା କରାଯାଇ ମା'ଙ୍କ ନିକଟରେ ଶଙ୍ଖୁଡ଼ି ଧୂପ ଭୋଗ ଲାଗି କରାଯାଇଥିଲା। ଦହି ପଖାଳ ସହ ଗୁଣ୍ଡି ମାଛ ଭଜା ଭୋଗ ଲାଗି କରାଯିବା ପରେ ମା' ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବା ପରେ ମନ୍ଦିରରେ ପହଡ଼ ପଡ଼ିଥିଲା। ଭଗବତୀ ଦକ୍ଷପ୍ରଜାପତି ଏଣ୍ଡାଓମେଣ୍ଟ କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସଙ୍କ ସମେତ ସମସ୍ତ ସେବକ ଉତ୍ସବ ସୁପରିଚାଳନାରେ ସହଯୋଗ କରୁଛନ୍ତି।

# ଶୈଳପୁତ୍ରୀ ବେଶରେ ମା' ବନଦୁର୍ଗା



ନିରାକାରପୁର,୨୨।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱରସ୍ଥିତ ମା' ବନଦୁର୍ଗାଙ୍କ ପୀଠରେ ବିଶ୍ୱ କଲ୍ୟାଣ ନିମନ୍ତେ ଶାରଦୀୟ ଷୋଳପୂଜାର ଅଷ୍ଟମ ଦିବସ ତଥା ନବରାତ୍ରିର ପ୍ରଥମ ଦିବସରେ ଶୈଳପୁତ୍ରୀ ବେଶରେ ମା' ଦର୍ଶନ ଦେଇଛନ୍ତି। ସକାଳୁ ମା'ଙ୍କର ମଙ୍ଗଳ ଆଳତି, କଳସ ପୂଜା, ସୂର୍ଯ୍ୟ ପୂଜା, ପଞ୍ଚ ଦେବତା ପୂଜା, ପରେ ମା'ଙ୍କର ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀପାଠ, ସନ୍ଧ୍ୟା ବାଲଭୋଗ, ଆଳତି, ଅଧରପଣା ଓ ଶ୍ରୀମହାପ୍ରସାଦ ମା'ଙ୍କୁ ସମର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି।

**ମା' ଉଗ୍ରତାରାଙ୍କ ପୀଠରେ ନବରାତ୍ର ପୂଜା ଆରମ୍ଭ**

# ଶୈଳପୁତ୍ରୀ ବେଶରେ ଦର୍ଶନ ଦେଲେ ମା'

ଖୋର୍ଦ୍ଧା/ଭୂଷଣ୍ଡପୁର,୨୨।୯ (ସମିସ)



ମାନସିକ ଦୀପ ଜାଳିଲେ ଶ୍ରଦ୍ଧାଳୁ



ଟାଙ୍ଗୀ ବ୍ଲକ୍ ଭୂଷଣ୍ଡପୁର ମୂଳିଝରଗଡ଼ ନିକଟରେ ରହିଛି ଓଡ଼ିଶାର ପ୍ରମୁଖ ଶକ୍ତିପୀଠ ମା' ଉଗ୍ରତାରାଙ୍କ ପୀଠ। ଆରମ୍ଭ ହୋଇଛି ମା' ଉଗ୍ରତାରାଙ୍କ ଶାରଦୀୟ ନବରାତ୍ର ପୂଜା। ଷୋଡ଼ଶ ଉପଚାରରେ ବିଧି ଅନୁଯାୟୀ ଚାଲିଛି ପୂଜାର୍ଚ୍ଚନା। ଚଣ୍ଡୀପାଠରେ କମ୍ପୁଛି ପୀଠ। ପ୍ରଥମ ଦିବସରେ ଶୈଳପୁତ୍ରୀ ବେଶରେ ଦର୍ଶନ ଦେଇଛନ୍ତି ମା'। ଅଖଣ୍ଡ ଦୀପଜାଳି ମାନସିକ ପୂରଣ ଲାଗି ମା'ଙ୍କ ପୂଜାର୍ଚ୍ଚନା କରୁଛନ୍ତି ଶ୍ରଦ୍ଧାଳୁ। ନବରାତ୍ର ସମୟରେ କୁମ୍ଭ ସ୍ଥାପନ କରି ମା'ଙ୍କ ପୂଜାର୍ଚ୍ଚନା କରିଲେ ଅଶେଷ ପୁଣ୍ୟପ୍ରାପ୍ତି ସହ ସକଳ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ରହିଛି ଲୋକଙ୍କ ବିଶ୍ୱାସ। ମନ୍ଦିର ପରିସରରେ ଦୀପ ପ୍ରଜ୍ୱଳିତ କରି ମା'ଙ୍କ କୃପାଲାଭ କରୁଛନ୍ତି। ନବରାତ୍ରର ପ୍ରଥମ ଦିନରେ ବିପୁଳ ଜନସମାଗମ ହୋଇଥିଲା। ଦିନତମାମ ମନ୍ଦିର ପରିସରରେ ଲାଗି ରହିଥିଲା ଶ୍ରଦ୍ଧାଳୁଙ୍କ ଭିଡ଼। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଭକ୍ତମାନେ ଆସି ମା'ଙ୍କ ଦର୍ଶନ ସହ ଭକ୍ତି ନୈବେଦ୍ୟ ଅର୍ପଣ କରିଥିବା ଦେଖାଯାଇଛି।

ପୂଜକ ମନୋଜ ସାମନ୍ତରାୟ କୁହନ୍ତି, ଶାରଦୀୟ ଦୁର୍ଗାପୂଜା ମୂଳାଷ୍ଟମୀଠାରୁ ସହସ୍ର କୁମ୍ଭ ବରଣ ହୋଇ ପୀଠରେ କଳସ ସ୍ଥାପନ ହୋଇ ଷୋଡ଼ଶ ପୂଜା ଆରମ୍ଭ ହୋଇଛି। ଅମାବାସ୍ୟାର ପ୍ରତିପଦଠାରୁ ନବରାତ୍ର ପୂଜା ଆରମ୍ଭ ହୋଇଛି। ସପ୍ତମୀ, ଅଷ୍ଟମୀ ଓ ମହାନବମୀରେ ରାତ୍ର ମହାପୂଜା ଅନୁଷ୍ଠିତ ହୋଇଥାଏ। ସପ୍ତମୀ ପୂଜା ରାତ୍ରରେ ହରିପୁରସ୍ଥ ମା' ବଘେଇଙ୍କ କଳସ ଏବଂ କାଶୀପୁରସ୍ଥ ମା' ଭୈରବୀଙ୍କ ଆଜ୍ଞାମାଳ ଆସି ପୀଠରେ ସ୍ଥାପନା ହେବା ପରେ ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଥାଏ।

ମହାଷ୍ଟମୀରେ ମା'ଙ୍କ ସନ୍ଧିପୂଜା ସହିତ ପାଇକମାନଙ୍କୁ ସମ୍ମାନିତ କରାଯାଏ। ମହାନବମୀରେ ଶାନ୍ତିପୂଜା ଏବଂ ବିଜୟାଦଶମୀ ଦିନ ମା'ଙ୍କ ବର୍ଦ୍ଧନୀ କଳସ ପାଇକ ସେବାୟତମାନଙ୍କ ଦ୍ୱାରା ନିକଟସ୍ଥ ପାଇକପଦାକୁ ଶୋଭାଯାତ୍ରା ଯାଇଥାଏ। ପାଇକପଦାଠାରେ ମା'ଙ୍କ ହୋମ ପୂଜାପାଠ ସହ କଳସ ବିସର୍ଜନ କରାଯାଇଥାଏ। ମା'ଙ୍କ ମୂଳ ବିଜେସ୍ଥଳୀ ହେଉଛି ମୂଳିଝରଗଡ଼। ଯାହାକି ଖୋର୍ଦ୍ଧାର ବିଭିନ୍ନ ଗଡ଼ ମଧ୍ୟରୁ ଅନ୍ୟତମ। ସେ ଆହୁରି କହିଛନ୍ତି, ନବରାତ୍ର ସମୟରେ ଭକ୍ତମାନେ ମାନସିକ ପୂରଣ ଲାଗି ମା'ଙ୍କ ନିକଟରେ ଅଖଣ୍ଡ ଦୀପ ଜାଳିଥା'ନ୍ତି। ଯେକୌଣସି ଶୁଭକାର୍ଯ୍ୟରେ କୁମ୍ଭସ୍ଥାପନର ବିଧି ରହିଛି।

# ମା' ଜାଗୁଳାଇଙ୍କ ଶାରଦୀୟ ପାର୍ବଣ ଯାତ୍ରା

ବାଲୁଗାଁ,୨୨।୯ (ସମିସ): ଶାରଦୀୟ ପାର୍ବଣ ଉତ୍ସବ ଅବସରରେ ବାଲୁଗାଁ ଅଞ୍ଚଳର ଅନ୍ୟତମ ପ୍ରସିଦ୍ଧ ଅଧିଷ୍ଠାତ୍ରୀ ଦେବୀ ମା' ଜାଗୁଳାଇ ବିଜେ ଗୁଣ୍ଡୁରପୁରଙ୍କ ଚଳନ୍ତି ପ୍ରତିମା କାଠି ଠାକୁରାଣୀଙ୍କ ନବଦିନ ବ୍ୟାପୀ ପର୍ବ ଆରମ୍ଭରେ ମା' ମନ୍ଦିରରୁ ସୋମବାର ରାତିରେ ବାହାରି ଗୁଣ୍ଡୁରପୁର, କାଇଁଚପୁର ଗ୍ରାମ ପରିକ୍ରମା କରି ଦ୍ୱାରେ ଦ୍ୱାରେ ଭୋଗ ଖାଇ ପାର୍ବଣ ସାରି ବିଳମ୍ବିତ ରାତିରେ ପର୍ବ ଗୃହକୁ ବିଜେ କରିଥିଲେ। ପ୍ରାରମ୍ଭରେ ମା' ଜାଗୁଳାଇଙ୍କ ଚଳନ୍ତି ପ୍ରତିମା କାଠି ଠାକୁରାଣୀଙ୍କୁ ସେବାୟତମାନେ ରଙ୍ଗ ବେରଙ୍ଗର ପାଟ ବସ୍ତ୍ରରେ ସୁସଜ୍ଜିତ କରାଇ ମା' ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥିଲେ। ସେବକ ଓ ଅଗଣିତ ଭକ୍ତଙ୍କ ଗହଣରେ ରାତିରେ ମନ୍ଦିରରୁ ବାହାରି ଘଣ୍ଟ, କାହାଳୀ ଓ ବାଦ୍ୟର ତାଳେ



ତାଳେ ଗୁଣ୍ଡୁରପୁର ଗାଁ ଦାଣ୍ଡରେ ସାତଘେରା ନୃତ୍ୟ କରି କରି ଦ୍ୱାରେ ଦ୍ୱାରେ ଶଙ୍ଖୁଡ଼ି ଭୋଗ ଖାଇଥିଲେ। ଏହା ଦଶହରା ପର୍ବରେ ସମାପନ ହେବ। ଏହି କାର୍ଯ୍ୟକ୍ରମକୁ ଗ୍ରାମବାସୀ ଓ ମନ୍ଦିର ପରିଚାଳନା କମିଟି ସଭ୍ୟମାନେ ସୁପରିଚାଳନା କରିଥିଲେ। ସେହିପରି ବାଲୁଗାଁ ପାଟଣାସାହି ମା' ଜାଗୁଳାଇଙ୍କ ଚଳନ୍ତି ପ୍ରତିମା କାଠି ଠାକୁରାଣୀଙ୍କ ନବଦିନ ବ୍ୟାପୀ ପର୍ବ ଆରମ୍ଭରେ ମା' ମନ୍ଦିରରୁ ବାହାରି ପାଟଣାସାହି, ନାଉଡ଼ିସାହି ପରିକ୍ରମା କରିଛନ୍ତି।

# ନିଲାମ ଅର୍ଥ ହ୍ରାସ, ଡଙ୍ଗାରୁ ଆଦାୟ ହେବନି ଟଙ୍କା

ଟାଙ୍ଗୀ,୨୨।୯ (ସମିସ): ଚିଲିକାରେ ଯାତାୟାତ କରୁଥିବା ପ୍ରତ୍ୟେକ ମତ୍ସ୍ୟଜୀବୀଙ୍କ ମାଛଧରା ଡଙ୍ଗାରୁ ୧୦ ଟଙ୍କା ନିଲାମ ନିର୍ଦ୍ଧାରିତ ଅର୍ଥ ଆଦାୟକୁ ବିରୋଧ ସହ ମତ୍ସ୍ୟଜୀବୀମାନଙ୍କୁ ଅସଦ୍ ବ୍ୟବହାର ପ୍ରତିବାଦରେ ଗତ ୧ ତାରିଖଠାରୁ କୌଣସି ଡଙ୍ଗା କାଲୁପଡ଼ାଘାଟ ପେଣ୍ଟକୁ ଆସିବା ବନ୍ଦ କରିଦେଇଥିଲେ। ଫଳରେ ସମସ୍ତ ବରଫ କଳ, ସ୍ଥାନୀୟ ମତ୍ସ୍ୟଜୀବୀ, ସର୍ବସାଧାରଣ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇ

**● କାଲୁପଡ଼ାଘାଟ ପେଣ୍ଟକୁ ଡଙ୍ଗା ବନ୍ଦ ଘଟଣା; ଫିଟିଲା ସମାଧାନର ବାଟ**

ଆସୁଥିଲେ। ତେବେ ଏହି ଘଟଣାର ସ୍ଥାୟୀ ସମାଧାନ ପାଇଁ ସୋମବାର ପୂର୍ବାହ୍ନରେ ଟାଙ୍ଗୀ ବିଲ ବାଲୁଙ୍କେଶ୍ୱରଙ୍କ ପୀଠରେ ସମାଜସେବୀ ବିଜୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସଭା କରାଯାଇ ସମାଧାନର ବାଟ ଫିଟିଥିବା ସୂଚନା ମିଳିଛି। ନିଷ୍ପତ୍ତି ମୁତାବକ, ନିଲାମ ଅନୁସାରେ କମିଟି ତରଫରୁ ପ୍ରତି ଡଙ୍ଗାରୁ ୧୦ ଟଙ୍କା ଆଦାୟକୁ ବନ୍ଦ କରାଯାଇଥିବା ବେଳେ ନିଲାମ ଅର୍ଥ ହ୍ରାସ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ମତ୍ସ୍ୟଜୀବୀଙ୍କୁ ଆକ୍ଷେପକରି କଟୁ ମନ୍ତବ୍ୟକୁ ନିନ୍ଦା କରାଯିବା ସହ ସଂଘ ତରଫରୁ ଅନୁତାପ କରାଯାଇଥିଲା। ସମସ୍ତ ଆଲୋଚନା ପର୍ଯ୍ୟାଲୋଚନା ପରେ ଆସନ୍ତା ଦୁଇ ଦିନ ମଧ୍ୟରେ ମତ୍ସ୍ୟଜୀବୀମାନେ କାଲୁପଡ଼ାଘାଟ ପେଣ୍ଟକୁ ଡଙ୍ଗା ଆଣିବା ସମ୍ପର୍କରେ ଅବଗତ କରିବେ ବୋଲି ମତପ୍ରକାଶ କରିଥିଲେ। ଶାନ୍ତିଶୃଙ୍ଖଳା ସହ ଅନୁଷ୍ଠିତ ଏହି ଜରୁରୀ ବୈଠକରେ ବଳରାମ ବେହେରା, କାଶିନାଥ ବେହେରା, ଦାମ ଜେନା, ବିରଞ୍ଚି ପ୍ରଧାନ, ପଦ୍ମଚରଣ ପଲାଇ, ଦିଲ୍ଲୀପ ପ୍ରଧାନ, ମତ୍ସ୍ୟଜୀବୀ ଚାରିସାହିର ସଭାପତି ଗଙ୍ଗାଧର ବେହେରା, କାଳୁ ବେହେରା, କରୁଣାକର ଜେନାଙ୍କ ସମେତ ସତ୍ୟନାରାୟଣ ପାଲା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଗଛ କାଟିବାକୁ ବାରଣ କରିବାରୁ ଗାଳିଗୁଲଜ

ବେଗୁନିଆ,୨୨।୯ (ସମିସ): ବେଗୁନିଆ ବ୍ଲକ୍ ଅନ୍ତର୍ଗତ ସିକୋ ଗ୍ରାମସ୍ଥିତ ତାରାଦେବୀ ସାହିର ପ୍ରଫୁଲ୍ଲ ବାହୁବଳେନ୍ଦ୍ରଙ୍କ ଜାଗାରୁ ଶିବ ପ୍ରସାଦ ସାହୁ ଜୋର୍‌ଜବରଦସ୍ତ ଲିମ୍ବ ଓ କୋଚିଲା ଗଛଗୁଡ଼ିକ କାଟି ନେଇଛନ୍ତି। ଏଥିରେ ଶ୍ରୀ ବାହୁବଳେନ୍ଦ୍ରଙ୍କ ପୁଅ ନିରଞ୍ଜନ ଗଛ କାଟିବାକୁ ବାରଣ କରିବାରୁ ଶ୍ରୀ ସାହୁ ଧମକ ଦେବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ସିକୋ ରାଜସ୍ୱ ନିରୀକ୍ଷକ, ଫାଣ୍ଡି ଓ ବେଗୁନିଆ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି କଞ୍ଚା ଗଛଗୁଡ଼ିକ ଜଙ୍ଗଲ ଓ ରାଜସ୍ୱ ବିଭାଗର ବିନା ଅନୁମତିରେ କାଟି ନେଉଥିବାବେଳେ ସ୍ଥାନୀୟ ଆର୍‌ଆଇଙ୍କୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ ବୋଲି ସୂଚନା ମିଳିଛି।

# ୬ ପେସାଦାର ଲୁଟେରା ଗିରଫ

**ଛୁରୀ, ବାଇକ୍, ମୋବାଇଲ୍ ଫୋନ୍ ଜବତ**

ଜଟଣୀ,୨୨।୯ (ସମିସ): ଜଟଣୀ ଥାନା ଅଞ୍ଚଳରେ ଲୁଟ୍‌ପାଟ୍ କରୁଥିବା ୬ ଜଣ ପେସାଦାର ଲୁଟେରାଙ୍କୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଜଟଣୀ ବାଲିଛକ ମୁଣ୍ଡିଆ ସାହିର ଏସ୍.କେ. ଆବିଦ୍ (୨୮), ନଇମ୍ ହୁସେନ୍ ଖାନ୍ ଓରଫ ରାଜା (୩୦), ଏସ୍.କେ. ସହାବୁଦ୍ଦିନ୍ ଓରଫ ବାବୁ(୪୦), ଲୋକ କଲୋନୀର ମୋହନ ରାମ ଯାଦବ ଓରଫ ବିବେକ (୧୯), ଗଜପତି ନଗରର ଏସ୍.କେ. ସ୍ୱାଧୀନ ଓରଫ ବାଦଲ (୩୦) ଓ ରଥିପୁରର ଅନ୍‌ସାର୍ ସାହା (୨୬)। ସେମାନଙ୍କ ନିକଟରୁ ଚୋରି ବାଇକ୍, ଲୁହା, କଟୁରୀ, ଛୁରୀ ଓ ଦୁଇଟି ମୋବାଇଲ୍ ଫୋନ୍ ଜବତ କରିଛି ପୁଲିସ।

ସୂଚନାଯୋଗ୍ୟ ଯେ, ଗତ ୧୭ ତାରିଖରେ ଅଭିଯୋଗକାରୀ ସମରେଶ ଲେଙ୍କା ରାଜାବଜାରର ମୁଣ୍ଡିଆ ସାହି ଛକ ନିକଟରେ ଛିଡ଼ା ହୋଇଥିଲେ। ଏହି ସମୟରେ ୪ ଅଭିଯୁକ୍ତ ଆସି ତାଙ୍କୁ ପଛରୁ ଧକ୍କା ଦେଇ ମୋବାଇଲ୍ ଫୋନ୍ ଛଡ଼ାଇ ନେଇଥିଲେ।



ସେ ଏହାକୁ ବିରୋଧ କରିବାରୁ ସେମାନେ ତାଙ୍କୁ ଆକ୍ରମଣ କରିବା ସହ ତାଙ୍କ ସ୍କୁଟି ଡିକି ଭାଙ୍ଗି ଦେଇଥିଲେ। ଏଥିସହ ତାଙ୍କ ଫୋନ୍ ପେ'ରୁ ୧୭୨ ଟଙ୍କା ନିଜ ଫୋନ୍‌କୁ ସ୍ଥାନାନ୍ତରିତ କରିଦେଇଥିଲେ। ଥାନାରେ ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ କରୁଥିଲା। ଏହି ସମୟରେ ରବିବାର ରାତିର ସୀତାରାମ ଛକରେ ପୁଲିସ ପକ୍ଷରୁ ଗାଡ଼ି ଯାଞ୍ଚ ବେଳେ ୩ଟି ବାଇକ୍‌ରେ ୬ ଜଣ ଦ୍ରୁତଗତିରେ ଯାଉଥିବା ସମୟରେ ପୁଲିସ ଅଟକ ରଖିଥିଲା। ଗାଡ଼ି ଯାଞ୍ଚ ସମୟରେ ଏହା ଚୋରା ଗାଡ଼ି ବୋଲି ଜାଣିବାକୁ ପାଇଥିଲା ପୁଲିସ। ତେବେ ୬ ଜଣଙ୍କୁ ଅଟକ ରଖି ଥାନାକୁ ଆଣି ପଚରାଉଚରା କରିଥିଲା। ସେମାନଙ୍କ ଗାଡ଼ିରୁ ବିଭିନ୍ନ ମାରଣାସ୍ତ୍ର ଓ ଚୋରି ମୋବାଇଲ୍ ଫୋନ୍ ଜବତ କରିଥିଲା ପୁଲିସ। ଏ ନେଇ ଥାନାରେ କେସ ନଂ ୪୩୮/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ପୁଲିସ। ତେବେ ସମସ୍ତ ଅଭିଯୁକ୍ତଙ୍କ ନାଁରେ ପୂର୍ବରୁ ଜଟଣୀ ଓ ଭୁବନେଶ୍ୱର କ୍ୟାପିଟାଲ ଥାନାରେ ଏକାଧିକ ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି।

## 'ନିଶାମୁକ୍ତ ଭସାଣି, ଡିଜେମୁକ୍ତ ରୋଷଣୀ' ସଚେତନତା

ଖୋର୍ଦ୍ଧା,୨୨।୯ (ସମିସ): ଅସହ୍ୟ ହେଲାଣି ପ୍ରାଣଘାତି ଶବ୍ଦ ସୃଷ୍ଟିକାରୀ ଡିଜେବାଦ୍ୟ। ସାମାଜିକ ଉତ୍ସବ, ବିବାହ ଓ ଦେବଦେବୀଙ୍କ ବିସର୍ଜନ ଶୋଭାଯାତ୍ରାରେ ଆନନ୍ଦ ଦେବା ପରିବର୍ତ୍ତେ ଦୁଃଖର କାରଣ ସାଜିଛି।



ଡିଜେ ଶବ୍ଦ ବୟସ୍କ ଓ ଶିଶୁମାନଙ୍କ ଜୀବନ ଉପରେ ବିପଦ ସୃଷ୍ଟି କରିବା ସହିତ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଉଛି। ଏହା ସାଧାରଣ ମଣିଷଙ୍କ ପାଇଁ ମଧ୍ୟ ଯନ୍ତ୍ରଣାଦାୟକ ହୋଇପଡୁଛି। ତେଣୁ ପାର୍ବଣ ଋତୁ ଚାଲିଥିବାରୁ ଚଳିତ ବର୍ଷ ଶୋଭାଯାତ୍ରା ପ୍ରଭୃତିରେ ବିପଦପୂର୍ଣ୍ଣ ଡିଜେ ବାଦ୍ୟକୁ ବାରଣ କରିବାକୁ ଦାବି କରିଛି ଖୋର୍ଦ୍ଧା ବରିଷ୍ଠ ନାଗରିକ ମଞ୍ଚ। ଏହି ମର୍ମରେ ସୋମବାର ମଞ୍ଚ ପକ୍ଷରୁ ସହରରେ ଏକ ସଚେତନତା ଶୋଭାଯାତ୍ରା କରାଯାଇଛି। ମଞ୍ଚର ଶ୍ରୀରାମନଗରସ୍ଥିତ କାର୍ଯ୍ୟାଳୟରୁ ଶତାଧିକ ସଦସ୍ୟ ଜନସଚେତନତା ଶୋଭାଯାତ୍ରାରେ ବାହାରି ଇଗଲ୍ କ୍ଲବ୍, ଖୋର୍ଦ୍ଧା କ୍ଲବ୍, ପୁରୁଣା ବସ୍‌ଷ୍ଟାଣ୍ଡ, ଟ୍ରାଫିକ୍ ଛକ, ଜୟୀ ରାଜଗୁରୁ ଟାଉନ୍ ହଲ୍, ଷ୍ଟେଟ୍ ବ୍ୟାଙ୍କ ଛକ, ହାବେଳି ଛକ, ନୂଆ ବସ୍‌ଷ୍ଟାଣ୍ଡ ରାସ୍ତା ଦେଇ ସହର ପରିକ୍ରମା କରିଥିଲା। ଡାକବାଜି ଯନ୍ତ୍ର ମାଧ୍ୟମରେ ନିଶାମୁକ୍ତ ଭସାଣି-ଡିଜେମୁକ୍ତ ରୋଷଣୀ ସଚେତନତାର ବାର୍ତ୍ତା ପ୍ରଚାର କରିବା ସହ ପ୍ରଚାରପତ୍ର ଜନସାଧାରଣଙ୍କ ମଧ୍ୟରେ ବଣ୍ଟନ କରିଥିଲେ। ପ୍ରଶାସନିକ ଅଧିକାରୀ ଶବ୍ଦ ପ୍ରଦୂଷଣ ଆଇନ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବରିଷ୍ଠ ନାଗରିକ ମଞ୍ଚ ଅନୁରୋଧ କରିଛି। ଏହି ଶୋଭାଯାତ୍ରାରେ ମଞ୍ଚର ସମ୍ପାଦକ ରାମଶଙ୍କରଙ୍କ ସମେତ ଶତାଧିକ ସଦସ୍ୟ ସାମିଲ ହୋଇଥିଲେ।

## ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର

ବେଗୁନିଆ,୨୨।୯ (ସମିସ): ବେଗୁନିଆ ବ୍ଲକ୍ ଅନ୍ତର୍ଗତ ପୋଡ଼ାଡିହ ଗ୍ରାମସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ପଲ୍ଲୀରେ ପ୍ରଶାସନ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଡିଓ ସନ୍ତୋଷ କୁମାର ଜେନା, ଏପିଡି ଟେକ୍ନିକାଲ ତପନ କୁମାର ସାହୁ, ଅତିରିକ୍ତ ତହସିଲଦାର ମୃତ୍ୟୁଞ୍ଜୟ ବରାଳ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଦେବାଶିଷ ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ବିଭାଗ ଅଧିକାରୀଙ୍କ ସହ କର୍ମଚାରୀ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିଥିଲେ। ଏଥିରେ ମୋଟ୍ ୨୦୭ଟି ଅଭିଯୋଗ ମଧ୍ୟରୁ ବ୍ଲକ୍ ୧୯୫ଟି, ତହସିଲ୍ ୯ଟି, ଚିକିତ୍ସାଳୟ ୧ଟି ଓ ଟିପିକଲ୍ ୨ଟି ଅଭିଯୋଗ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସରପଞ୍ଚ ଲତା ସେଠୀ, ସମିତିସଭ୍ୟ ଅଲେଖ ବେହେରା ଓ ପୂର୍ବତନ ସରପଞ୍ଚ ସୁଦର୍ଶନ ମାଣିକ ପ୍ରମୁଖ ସହଯୋଗ କରିଥିଲେ।

**କୁରାଢ଼ମଲ୍ଲ ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ**

# ୬୦୨ ଅଭିଯୋଗରୁ ୪୫୧ଟିର ସମାଧାନ

ଖୋର୍ଦ୍ଧା,୨୨।୯ (ସମିସ)

ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗଗୁଡ଼ିକୁ ବିଚାର କରି ତ୍ୱରିତ ନ୍ୟାୟ ପ୍ରଦାନ ସହ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ନିମନ୍ତେ ନୂତନ ଭାବେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଜିଲ୍ଲାରେ ଆରମ୍ଭ କରିଛନ୍ତି। ପ୍ରଶାସନିକ ବ୍ୟବସ୍ଥାକୁ ଅଧିକରୁ ଅଧିକ ସରଳୀକରଣ କରି ପ୍ରତ୍ୟେକ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ଜନସାଧାରଣଙ୍କୁ ଉପଲବ୍ଧ କରାଇବା ସହ ସେମାନଙ୍କ ଜୀବନ ଜୀବିକା ଶୈଳୀରେ



ଉନ୍ନତି ଆଣିବା ଓ ସେମାନଙ୍କ ଅର୍ଥନୈତିକ ଅଭିବୃଦ୍ଧିକୁ ଦ୍ରୁତଗତିରେ ବିକାଶ କରାଇବା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ଗତ ୮ ତାରିଖଠାରୁ ପ୍ରତ୍ୟେକ ସୋମବାର ଜିଲ୍ଲାର ପ୍ରତ୍ୟେକ ବ୍ଲକ୍‌ରେ ଗୋଟିଏ ଲେଖାଏଁ ପଲ୍ଲୀ (ପଞ୍ଚାୟତରେ) ଅନୁଷ୍ଠିତ ହୋଇଆସୁଛି। ଏହି କ୍ରମରେ ସୋମବାର କୁରାଢ଼ମଲ୍ଲ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଖୋର୍ଦ୍ଧା ବ୍ଲକ୍ ପ୍ରଶାସନ ପକ୍ଷରୁ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ବିଡିଓ କ୍ଷୀରାବ୍ଧି ତନୟା ସାହୁଙ୍କ ଅଧ୍ୟକ୍ଷତାରେ ଅତିଥିଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂ, ବ୍ଲକ୍ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ସରପଞ୍ଚ ଶ୍ରୀରାମ ପ୍ରସାଦ ମହାନ୍ତି, ସମିତିସଭ୍ୟା ପୁଷ୍ପାଞ୍ଜଳି ଜଗଦ୍ଦେବ ପ୍ରମୁଖ ଯୋଗଦେଇଥିଲେ। ପଞ୍ଚାୟତରେ ବିଭିନ୍ନ ବିଭାଗର ୬୦୨ଟି ଦରଖାସ୍ତ ଗ୍ରହଣ କରାଯାଇଥିଲା। ସେଥିରୁ ୪୫୧ଟି ଦରଖାସ୍ତକୁ ତ୍ୱରିତ ସମାଧାନ କରାଯାଇଥିବା ବେଳେ ଅବଶିଷ୍ଟ ୧୫୧ଟିର ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ତେବେ ମାସର ପ୍ରତି ସୋମବାର ବ୍ଲକ୍ ଅନ୍ତର୍ଗତ ୨୨ଟି ପଞ୍ଚାୟତ କାର୍ଯ୍ୟାଳୟରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟ ଚାଲୁ ରହିବ ବୋଲି ବିଡିଓ କ୍ଷୀରାବ୍ଧି ତନୟା ସାହୁଙ୍କଠାରୁ ସୂଚନା ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ମାନସ ରଞ୍ଜନ ନାୟକ, ସହକାରୀ ଯନ୍ତ୍ରୀ ଭାସ୍କର ଚନ୍ଦ୍ର ରଥ, ପ୍ରକାଶ ପରିଡ଼ା ଓ ନାଏବ ସରପଞ୍ଚ ସବିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବୋଲଗଡ଼ ଥାନାରେ ଆମ ପୁଲିସ ସମିତି ବୈଠକ



ଖୋର୍ଦ୍ଧା/ବୋଲଗଡ଼,୨୨।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ପରିସରରେ ସୋମବାର ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଛି। ଗାଁ ଗାଁରେ ଲୋକମାନଙ୍କ ସହିତ ପୁଲିସର ସହସମ୍ପର୍କ ଗଢ଼ିତୋଳିବା ଲକ୍ଷ୍ୟ ନେଇ ଉକ୍ତ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଖୋର୍ଦ୍ଧା ଏସ୍‌ପି ବିବେକାନନ୍ଦ ଶର୍ମା ଯୋଗଦେଇ ଆମ ପୁଲିସ ଯୋଜନାର ଲକ୍ଷ୍ୟ ବିଷୟରେ କହିଥିଲେ। ଥାନାସ୍ତରରେ ଲୋକମାନଙ୍କ ସହଯୋଗରେ ଅପରାଧ ନିରାକରଣ, ଟ୍ରାଫିକ୍ ନିୟନ୍ତ୍ରଣ, ସାଇବର ସଚେତନତା ଆଦି ବିଭିନ୍ନ ବିଷୟରେ ଆଲୋଚନା କରିବା ସହିତ ସାମ୍ପ୍ରତିକ ପରିସ୍ଥିତିରେ ସମାଜରେ ଏକ ସୁସ୍ଥ ବାତାବରଣ ବଜାୟ ରଖିବା ସକାଶେ ପୁଲିସ ପ୍ରଶାସନ ପକ୍ଷରୁ ପଦକ୍ଷେପ ଆରମ୍ଭ କରାଯାଇଛି ବୋଲି ଏସ୍‌ପି ଶ୍ରୀ ଶର୍ମା କହିଥିଲେ। ଉକ୍ତ ବୈଠକରେ ଖୋର୍ଦ୍ଧା ଏସ୍‌ଡିପିଓ ନିହାର ରଞ୍ଜନ ପଣ୍ଡା, ବୋଲଗଡ଼ ଥାନା ଆଇଆଇସି ସ୍ୱିଗ୍ଧାମୟୀ ବରାଳ ଓ ସ୍ଥାନୀୟ ଥାନା ପୁଲିସ ଅଧିକାରୀ ତଥା କର୍ମଚାରୀମାନେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୁଦ୍ଧିଜୀବୀ, ବିଭିନ୍ନ ପଞ୍ଚାୟତ ପ୍ରତିନିଧି, ବରିଷ୍ଠ ନାଗରିକ ସଂଘ କର୍ମକର୍ତ୍ତା ଓ ସଦସ୍ୟ, ବଣିକ ସଂଘ ସଦସ୍ୟ, ସ୍ଥାନୀୟ ଜନସାଧାରଣ ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରିଶେଷରେ ବୋଲଗଡ଼ ଥାନା ଆଇଆଇସି ଶ୍ରୀମତୀ ବରାଳ ଧନ୍ୟବାଦ ଦେଇଥିଲେ।

## ବଟ ସାର୍‌ଙ୍କ ବଦଳି; ସ୍କୁଲ୍‌ରେ କାନ୍ଦବୋବାଳି

ଜଟଣୀ,୨୨।୯ (ସମିସ): ଶିକ୍ଷକଙ୍କ ବଦଳିକୁ ନେଇ ବିଦ୍ୟାଳୟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଜଟଣୀ ବ୍ଲକ୍ ଅନ୍ତର୍ଗତ ବେଣାପଞ୍ଜରୀରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବଟକୃଷ୍ଣ ବେହେରାଙ୍କ ଅନ୍ୟ ବିଦ୍ୟାଳୟକୁ ବଦଳି ନେଇ ସୋମବାର ବିଦ୍ୟାଳୟ ପରିସରରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଛାତ୍ରଛାତ୍ରୀମାନେ ଶିକ୍ଷକଙ୍କୁ ନ ଛାଡ଼ିବାକୁ ଜିଦ୍ ଧରିଥିଲେ। ଘଟଣାନୁଯାୟୀ, ବେଣାଞ୍ଜପରୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଭାବେ ଦୀର୍ଘ ୧୮/୨୦ ବର୍ଷ ହେଲା ବଟକୃଷ୍ଣ ବେହେରା ଚାକିରି କରି ଆସୁଥିଲେ। ଗତ ୩ ଦିନ ପୂର୍ବେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ବିଦ୍ୟାଳୟରୁ ଶିକ୍ଷକ-ଶିକ୍ଷୟିତ୍ରୀ ଅଦଳବଦଳ ପାଇଁ ଚିଠି ହୋଇଥିଲା। ଏଥିରେ ଜଟଣୀ ବ୍ଲକ୍‌ରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ନାମ



ରହିଥିବାବେଳେ ଶ୍ରୀ ବେହେରାଙ୍କୁ ତିରିମଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇଛି। ସୋମବାର ବଦଳି ଦିନ ଥିବାରୁ ଶିକ୍ଷକଙ୍କୁ ନ ଛାଡ଼ିବା ନେଇ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଥିଲା। ଏପରିକି କାନ୍ଦ ବୋବାଳିରେ ବିଦ୍ୟାଳୟ ପରିସର ପ୍ରକମ୍ପିତ ହୋଇଥିଲା।

## ବ୍ଲକ୍‌ସ୍ତରୀୟ କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କ ଧାରଣା

ଟାଙ୍ଗୀ,୨୨।୯ (ସମିସ): ଟାଙ୍ଗୀ ବ୍ଲକ୍ ଅଧୀନସ୍ଥ ୨୬ ପଞ୍ଚାୟତର ସମସ୍ତ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ସ୍ଥାୟୀ ଦରମା ଦାବିରେ ଟାଙ୍ଗୀ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଥିବା ଓଏଲ୍‌ଏମ୍ କାର୍ଯ୍ୟାଳୟରେ ତାଲା ପଡ଼ିବ ବୋଲି ଚେତାବନୀ ଦେଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଜାରି ରଖିଛନ୍ତି। ଏନେଇ ସୋମବାର ଟାଙ୍ଗୀ ବିଡିଓ ରୁମାନା ଜାଫ୍ରିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି। ସୂଚନା ଯେ, ଟାଙ୍ଗୀ ବ୍ଲକ୍ ଅଧୀନସ୍ଥ ୨୬ଟି ପଞ୍ଚାୟତର ଶତାଧିକ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ୬ ମାସ ହେଲା ପୂର୍ବରୁ ପାଉଥିବା ସ୍ଥାୟୀ ଦରମା ନ ପାଇ ବାରମ୍ବାର



ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇ ଆସୁଥିଲେ ମଧ୍ୟ କୌଣସି ପ୍ରତିକାର କରାଗଲା ନାହିଁ। ତେଣୁ ଏହି ସଂଘର ରାଜ୍ୟସ୍ତରୀୟ ନିଷ୍ପତ୍ତି ମୁତାବକ ସୋମବାର ଏହି ଗୋଷ୍ଠୀର ମହିଳା କର୍ମଚାରୀ ଟାଙ୍ଗୀ ଗ୍ରାମ ପରିକ୍ରମା କରି ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି ଜିପିଏଲ୍‌ଏଫ୍ କମିଟି ତରଫରୁ ସ୍ଥାୟୀ ଦରମା ନ ମିଳିବା ପର୍ଯ୍ୟନ୍ତ ଏହି ବ୍ଲକ୍‌ର ଓଏଲ୍‌ଏମ୍ କାର୍ଯ୍ୟାଳୟରେ ତାଲା ପକାଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଟାଙ୍ଗୀ ବିଡିଓ ରୁମାନା ଜାଫ୍ରିଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।





ସକାଳ
THE SAKALA
www.sakalaepaper.com

## ବିମାନର କକ୍‌ପିଟ୍ ଖୋଲିବାକୁ ଉଦ୍ୟମ




ବାରଣାସୀ, ୨୨।୯ (ଏଜେନ୍ସି): ବେଙ୍ଗାଲୁରୁରୁ ବାରାଣାସୀ ଯାଉଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ବିମାନରେ ଜଣେ ଯାତ୍ରୀ କକ୍‌ପିଟ୍‌ର ଦ୍ୱାର ଖୋଲିବାକୁ ଚେଷ୍ଟା କରିଥିଲେ। ସେ ଦ୍ୱାରର ପ୍ରକୃତ ପାସକୋଡ୍ ବି ମାରିଥିଲେ। କିନ୍ତୁ ହାଇଜାକ ହେବା ଭୟରେ ପାଇଲଟ୍ କକ୍‌ପିଟ୍‌ର ଦ୍ୱାରା ଖୋଲି ନଥିଲେ। କେବିନ କ୍ରୁ ତାଙ୍କୁ ରୋକିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଉକ୍ତ ଯାତ୍ରୀଙ୍କ ସହ ତାଙ୍କ ନିଜର ଲୋକ ଆସିଥିଲେ ଓ କକ୍‌ପିଟ ଭିତରକୁ ଯିବା ପାଇଁ ଉଦ୍ୟମ କରିଥିଲେ। ଏୟାର ଲାଇନ୍ସ କର୍ମୀ ଯାତ୍ରୀଙ୍କୁ ବିରୋଧ କରିବା ସହ ତାଙ୍କୁ ସିଟ୍‌ରେ ବସାଇଥିଲେ। ଏ ନେଇ କ୍ୟାପ୍ଟେନ ଏୟାର ଟ୍ରାଫିକ କଣ୍ଟ୍ରୋଲ (ଏଟିସି)କୁ ସୂଚନା ଦେଇଥିଲେ। ଏଟିସି ମଧ୍ୟ ବିମାନବନ୍ଦର କର୍ତ୍ତୃପକ୍ଷକୁ ଅବଗତ କରାଇଥିଲେ। ବାରଣାସୀରେ ବିମାନ ଅବତରଣ କରିବା ପରେ ସିଆଇଏସ୍‌ଏଫ୍ ଅଭିଯୁକ୍ତ ଯାତ୍ରୀଙ୍କ ସମେତ ୯ ଜଣଙ୍କୁ ଗିରଫ କରିଛି। ସୂଚନା ମିଳିବା ମାତ୍ରେ ହିଁ ଏଟିସି, ଲୋକାଲ ଇଣ୍ଟେଲିଜେନ୍ସ ୟୁନିଟ (ଏଲଆଇୟୁ), ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ଓ ସାଇବର କ୍ରାଇମର ଟିମ୍ ବିମାନ ବନ୍ଦରରେ ପହଞ୍ଚିଥିଲେ। ସବୁ ଅଭିଯୁକ୍ତ ବେଙ୍ଗାଲୁରୁରେ ରୁହନ୍ତି। ସ୍ଥାନୀୟ ପୁଲିସ ମାଧ୍ୟମରେ ଏମାନଙ୍କ ଠିକଣାର ଯାଞ୍ଚ କରାଯାଉଛି। ବାବତପୁର ଥାନାରେ ଏମାନଙ୍କୁ ପଚାରଉଚରା କରାଯାଉଛି। ସମସ୍ତଙ୍କର ମୋବାଇଲ୍ ଓ କଲ ଡିଟେଲ ଚେକ୍ କରାଯାଉଛି ବୋଲି ପୁଲିସ ସୂଚନା ଦେଇଛି।

## ପୁଣି ଏକାଠି ଦେଖାଦେଲେ ଟ୍ରମ୍ପ-ମସ୍କ



ନୂଆଦିଲ୍ଲୀ, ୨୨।୯(ଏଜେନ୍ସି): ଦୀର୍ଘ କେତେମାସ ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଟେସଲା ମାଲିକ ତଥା ବିଶିଷ୍ଟ ଶିଳ୍ପପତି ଏଲନ ମସ୍କ ଏକାଠି ନଜର ଆସିଛନ୍ତି। ବିବାଦ ପରେ ଦୁହେଁ ପାଖରେ ବସି ଏକାଠି ହେବା ସହ ପରସ୍ପର ସହ ହାତ ମିଳାଇଥିଲେ। ଆରିଜୋନାର ଗ୍ଲେଣ୍ଡେଲସ୍ଥିତ ଏକ ଷ୍ଟାଡିୟମରେ ଚାର୍ଲି କିର୍କଙ୍କ ସ୍ମୃତିରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଦୁହିଁଙ୍କୁ ଗୋଟିଏ ମଞ୍ଚରେ ଦେଖିବାକୁ ମିଳିଥିଲା। ଚାର୍ଲି କିର୍କଙ୍କୁ ଶ୍ରଦ୍ଧାଞ୍ଜଳି ଦେବାକୁ ଏହି ଷ୍ଟାଡିୟମରେ ୨୦ ହଜାର ଲୋକଙ୍କ ସମେତ ଟ୍ରମ୍ପ ଓ ମସ୍କ ଏକାଠି ହୋଇଥିଲେ। ଚାର୍ଲି କିର୍କ ଜଣେ ଦକ୍ଷିଣପନ୍ଥୀ ନେତା ଓ ଟ୍ରମ୍ପଙ୍କ ଦୃଢ଼ ସମର୍ଥକ ଭାବେ ଜଣାଶୁଣା ଥିଲେ। ଗତ ସେପ୍ଟେମ୍ବର ୧୦ରେ ଉଟାହ ବିଶ୍ୱ ବିଦ୍ୟାଳୟରେ ତାଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଉଲ୍ଲେଖଥାଉ କି ଗତ ରାଷ୍ଟ୍ରପତି ନିର୍ବାଚନରେ ମସ୍କ ଟ୍ରମ୍ପଙ୍କୁ ୧୭୦ ମିଲିଅନ୍ ଡଲାରରୁ ଅଧିକ ଅର୍ଥର ଚାନ୍ଦା ପ୍ରଦାନ କରିଥିଲେ ଓ ପରେ ମଧ୍ୟ ତାଙ୍କ ଉପଦେଷ୍ଟା ଭାବେ କାର୍ଯ୍ୟ କରିଥିଲେ। କିନ୍ତୁ ପରେ ଦୁହିଁଙ୍କ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଥିଲା। ଟ୍ରମ୍ପଙ୍କ ଟ୍ୟାକ୍ସ ଓ ଖର୍ଚ୍ଚ ବିଲ୍‌କୁ ପାଗଳାମି ଓ ବିନାଶକାରୀ ବୋଲି ମସ୍କ କହିଥିଲେ। ଏହାପରେ ସାମାଜିକ ଗଣମାଧ୍ୟମରେ ଦୁହିଁଙ୍କ ବିବାଦ ଚରମ ସୀମାରେ ପହଞ୍ଚିଥିଲା। ଟ୍ରମ୍ପ ମସ୍କଙ୍କୁ ଆମେରିକା ବାହାରକୁ ପଠାଇବେ ବୋଲି କହିଥିଲେ। ଏହାପରେ ମସ୍କ ଆମେରିକା ଫାର୍ଷ୍ଟ ପାର୍ଟି ଗଠନ କରିବାକୁ ଘୋଷଣା କରିଥିଲେ। ଯଦିଓ ସେ ପରେ ପଛ ଘୁଞ୍ଚା ଦେଇଥିଲେ।

## ଅଭିନେତ୍ରୀ ଜ୍ୟାକଲିନ୍‌ଙ୍କୁ ସୁପ୍ରିମକୋର୍ଟ ଝଟ୍‌କା

ନୂଆଦିଲ୍ଲୀ, ୨୨।୯(ଏଜେନ୍ସି): କୁଖ୍ୟାତ ଠକ ସୁକେଶ ଚନ୍ଦ୍ରଶେଖର ସହିତ ଜଡିତ ମାମଲାରେ ବଲିଉଡ୍ ଅଭିନେତ୍ରୀ ଜ୍ୟାକଲିନ ଫର୍ଣ୍ଣାଣ୍ଡିଜ୍‌ଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ସୁପ୍ରିମକୋର୍ଟ ତାଙ୍କର ଏକ ଆବେଦନକୁ ଆଜି ଖାରଜ କରିଛନ୍ତି। ସୁକେଶ ସହିତ ଜଡିତ ୨୦୦ କୋଟି ଟଙ୍କା ମନିଲଣ୍ଡରିଂ ମାମଲାକୁ ରଦ୍ଦ କରିବାକୁ ସେ ଆବେଦନ କରିଥିଲେ। ଏହି ମାମଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରୁଜୁ କରିଥିଲା। ଜଷ୍ଟିସ ଦୀପଙ୍କର ଦତ୍ତା ଓ ଜଷ୍ଟିସ୍ ଏଜି ମସିଙ୍କ ଖଣ୍ଡପୀଠ ଜ୍ୟାକଲିନ୍‌ଙ୍କ ଆବେଦନକୁ ଖାରଜ କରିଛନ୍ତି। ବରିଷ୍ଠ ଓକିଲ ମୁକୁଲ ରୋହତୋଗୀ ଜ୍ୟାକଲିନ୍‌ଙ୍କ ତରଫରୁ ତର୍କ ରଖିଥିଲେ। କିନ୍ତୁ ଅଭିଯୋଗ ପୂର୍ବ ଭଳି ରହିବ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଥିଲେ। ପୂର୍ବରୁ ଜୁଲାଇ ୩ରେ ଦିଲ୍ଲୀ ହାଇକୋର୍ଟ ଜ୍ୟାକଲିନ୍‌ଙ୍କ ଏହିଭଳି ଆବେଦନକୁ ଖାରଜ କରିଥିଲେ। ଯଦି କୌଣସି ବନ୍ଧୁ କାହାକୁ କିଛି ଉପହାର ଦିଅନ୍ତି ଓ ପରେ ସେ କୌଣସି ଅପରାଧରେ ସାମିଲ ଥିବା ଜଣାପଡେ, ତାହେଲେ ମାମଲା ବହୁତ ଜଟିଳ ହେବ। ପୁଣି ଅଜାଣତରେ ଏହି ଉପହାର ଦିଆଯାଇନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଥିଲେ। ସୁକେଶ ଜ୍ୟାକଲିନ୍‌ଙ୍କୁ ବହୁତ ଦାମୀ ଉପହାର ଦେଇଥିଲା ଓ ତାଙ୍କ ପିଛା ପାଖାପାଖି ୭ କୋଟି ଟଙ୍କା ଖର୍ଚ୍ଚ କରିଥିଲା। । ସୁକେଶ ଜ୍ୟାକଲିନ୍‌ଙ୍କୁ ଦାମୀ ଗହଣା, ୪ଟି ଦାମୀ ବିଲେଇ, ୫୭ ଲକ୍ଷ ଟଙ୍କାର ଘୋଡ଼ା, ବାହାରିନ୍‌ରେ ରହୁଥିବା ଜ୍ୟାକଲିନ୍ ମାତାପିତାଙ୍କୁ ୧.୮ ୯ କୋଟି ଟଙ୍କାର ଦୁଇଟି ଗାଡ଼ି (ପୋର୍ସ ଓ ମସୋରାଟି), ତାଙ୍କ ଭାଇଙ୍କୁ ଏସ୍‌ୟୁଭି ଓ ଭଉଣୀଙ୍କୁ ଦେଢ଼ କୋଟି ଟଙ୍କାର ବିଏମ୍‌ଡବ୍ଲ୍ୟୁ କାର ଉପହାର ଦେଇଥିଲା। ଏଥିପାଇଁ ଜ୍ୟାକଲିନ ମନି ଲଣ୍ଡରିଂ ମାମଲାରେ ଛନ୍ଦି ହେବା ସହ ଇଡି ତାଙ୍କୁ ମୁଖ୍ୟ ଅଭିଯୁକ୍ତ ଦର୍ଶାଇଛି।

## ଅକ୍ଟୋବର ୭ରେ ଉମର ଖାଲିଦଙ୍କ ଜାମିନ ଶୁଣାଣି

ନୂଆଦିଲ୍ଲୀ, ୨୨।୯: ୨୦୨୦ ଦିଲ୍ଲୀ ଦଙ୍ଗା ମାମଲାରେ ଦୀର୍ଘ ୫ ବର୍ଷ ଧରି ବିନା ବିଚାରରେ ଜେଲରେ ଥିବା ଉମର ଖାଲିଦ ସମେତ ୫ ଜଣ ଛାତ୍ରଙ୍କ ଜାମିନ ଆବେଦନର ଶୁଣାଣି କରିବେ ସୁପ୍ରିମ କୋର୍ଟ। ଜାମିନ ଆବେଦନ ଉପରେ କୋର୍ଟ ଦିଲ୍ଲୀ ପୁଲିସକୁ ନୋଟିସ ଜାରି କରିବା ସହିତ ଉତ୍ତର ଲୋଡ଼ିଛନ୍ତି। ଉତ୍ତର ମିଳିଲା ପରେ ଆସନ୍ତା ଅକ୍ଟୋବର ୭ ତାରିଖରେ ମାମଲାର ଶୁଣାଣି କରାଯିବ ବୋଲି ଜଷ୍ଟିସ ଅରବିନ୍ଦ କୁମାର ଏବଂ ଜଷ୍ଟିସ ଏନଭି ଅଞ୍ଜାରିଆଙ୍କ ଖଣ୍ଡପୀଠ କହିଛନ୍ତି। ଏମାନେ ଛାତ୍ର ହୋଇଥିବାରୁ ସେମାନଙ୍କୁ ତୁରନ୍ତ ଜାମିନ ଦିଆଯାଉ ବୋଲି ଆବେଦନକାରୀଙ୍କ ପକ୍ଷରୁ ଅଭିଶେକ ମନୁ ସିଂହଭୀ ଯୁକ୍ତି କରିଥିଲେ। ଉମରଙ୍କ ସମେତ ସର୍ଜିଲ ଇମାମ, ମୀରାନ ହାଇଦର, ଗୁଲଫିସା ଫାତିମା ଓ ସିଫାଉର ରହେମାନ ଏହି ମାମଲାରେ ଜେଲରେ ଅଛନ୍ତି। ଦିଲ୍ଲୀ ହାଇକୋର୍ଟ ସେମାନଙ୍କର ଜାମିନ ଆବେଦନ ଖାରଜ କରିବା ପରେ ସେମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

# ନିଜ ଦେଶରେ ପାକିସ୍ତାନର ବୋମାବର୍ଷା

### ୩୦ ନିହତ, ଶତାଧିକ ଆହତ



ଇସଲାମାବାଦ୍, ୨୨।୯ (ଏଜେନ୍ସି): ପାକିସ୍ତାନ ବାୟୁସେନା ନିଜ ଦେଶରେ ବୋମା ବର୍ଷା କରିଛି। ଆଜି ବିଳମ୍ବିତ ରାତି ୨ଟା ବେଳେ ଖାଇବର ପଖତୁନଖ୍ୱା ପ୍ରଦେଶର ଏକ ଗାଁ ଉପରେ ବାୟୁସେନା ଯୁଦ୍ଧ ବିମାନରୁ ବୋମା ବର୍ଷା କରାଯିବାରୁ ୩୦ ଜଣ ପ୍ରାଣ ହରାଇଛନ୍ତି ଏବଂ ଶତାଧିକ ଆହତ ହୋଇଛନ୍ତି। ମୃତକମାନଙ୍କ ମଧ୍ୟରେ ଅଧିକାଂଶ ମହିଳା ଓ ଶିଶୁ ଥିବା କୁହାଯାଉଛି। ଆତଙ୍କବାଦୀଙ୍କୁ ଟାର୍ଗେଟ କରି ପାକିସ୍ତାନ ଚୀନ ନିର୍ମିତ ଜେଟରୁ ବୋମାମାଡ଼ କରିଥିବା କୁହାଯାଉଥିବା ବେଳେ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ଶକ୍ତିଶାଳୀ ବୋମା ବିସ୍ଫୋରଣ ଯୋଗୁଁ ମୃତ୍ୟୁ ଘଟିଛି। ଏହାକୁ ନେଇ ସମଗ୍ର ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ ରାତି ଦୁଇଟାରେ ଲୋକ ଶୋଇଥିବା ବେଳେ ତିରା ଉପତ୍ୟକାର ମାତ୍ରେ ଡାରା ଗାଁରେ ପାକିସ୍ତାନୀ ବାୟୁସେନା ଚୀନ୍‌ର ବିମାନ ଜେଏଫ୍-୧୭ରୁ ୮ଟି ଏଲ୍‌ଏସ୍-୬ ବୋମାମାଡ଼ କରିଥିଲା। ଏହା ଏକ ନରସଂହାର ଭଳି ସ୍ଥିତି ସୃଷ୍ଟି କରିଛି। ବୋମାମାଡ଼ ପରେ ଘଟଣାସ୍ଥଳର ବିଚଳିତ କଲା ଭଳି ଚିତ୍ର ସାମ୍ନାକୁ ଆସିଛି ଓ ଏହା ଭାଇରାଲ ହୋଇଛି। ମୃତଦେହଗୁଡିକ ବୀଭତ୍ସ ଭାବେ ଏପଟେ ସେପଟେ ପଡ଼ି ରହିଥିବା ବେଳେ ଆହତ ବ୍ୟକ୍ତିମାନେ ମଧ୍ୟ ଚିକିତ୍ସା ଅପେକ୍ଷାରେ ଚିତ୍କାର କରୁଥିବା ଦେଖାଯାଇଛି। ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧିପାଇବ ବୋଲି ଆଶାଙ୍କା କରାଯାଉଛି।

ଏହି ଘଟଣା ନେଇ ପାକିସ୍ତାନ ତରଫରୁ ଆନୁଷ୍ଠାନିକ ଭାବେ କୌଣସି ସୂଚନା ଦିଆଯାଇନାହିଁ। ତେବେ ବୋମା ମାଡ଼ ଏତେ ଭୟଙ୍କର ଥିଲା ଯେ, ଅଧା ଗାଁ ଧ୍ୱଂସ ହୋଇଯାଇଛି। କିଛି ଆହତଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କେପିକେରେ ଆତଙ୍କବାଦ ବିରୋଧୀ ଅଭିଯାନ ଚାଲୁଛି ଓ ଏଥିପାଇଁ ଏହି ଆକ୍ରମଣ ହୋଇଥିବା କୁହାଯାଉଛି। ଏହି ଅଞ୍ଚଳ ଦୀର୍ଘ ଦିନ ଧରି ଅଶାନ୍ତ ରହିଛି ଓ ପାକ୍ ସରକାରଙ୍କ କର୍ତ୍ତୃତ୍ୱ ଏଠାରେ ପ୍ରାୟ ନାହିଁ କହିଲେ ଚଳେ। ଏଠାରେ ଚାଲିଥିବା ଆତଙ୍କବାଦୀ ନିପାତ ଅଭିଯାନରେ ଅନେକ ନିରୀହ ଲୋକ ପ୍ରାଣ ହରାଉଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖିବାକୁ ମିଳିଛି।

ଆତଙ୍କବାଦୀ ସଂଗଠନ ତେହରିକ-ଇ- ତାଲିବାନ (ଟିଟିପି)କୁ ଟାର୍ଗେଟ କରି ବାୟୁସେନା ଏହି ବୋମା ମାଡ଼ କରିଥିଲା। କିନ୍ତୁ ଏହା ଗାଁ ଉପରେ ପଡ଼ିଥିଲା ଓ ସାଧାରଣ ଲୋକ ପ୍ରାଣ ହରାଇଥିଲେ ବୋଲି କେତେକ ସ୍ଥାନୀୟ ଗଣମାଧ୍ୟମ ଉଲ୍ଲେଖ କରିଛନ୍ତି। ଗତ କିଛି ଦିନ ମଧ୍ୟରେ କେପିକେରେ ଆତଙ୍କବାଦୀଙ୍କ ବିରୋଧରେ କେତୋଟି ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହା ଆଫଗାନିସ୍ତାନ ସୀମାରେ ଥିବା ପାହାଡି ଅଞ୍ଚଳକୁ ଲାଗି ରହିଛି। ତେଣୁ ଏହାକୁ ଟିଟିପି ତଥା ଆତଙ୍କବାଦୀଙ୍କ ଚରାଭୂଇଁ ବୋଲି କୁହାଯାଇଥାଏ। ଏହି ଅଞ୍ଚଳରେ ଆତଙ୍କବାଦୀଙ୍କର ଏକାଧିକ ଠିକଣା ରହିଛି। କିଛିଦିନ ତଳେ ଏଠାରେ ହୋଇଥିବା ଆକ୍ରମଣରେ ୭ ଜଣ ଟିଟିପି ଆତଙ୍କବାଦୀ ନିହତ ହୋଇଥିଲେ ବୋଲି ପାକିସ୍ତାନ ସେନା ତରଫରୁ କୁହାଯାଇଥିଲା। ଚଳିତବର୍ଷ ଅଗଷ୍ଟ ପର୍ଯ୍ୟନ୍ତ କେପିକେରେ ୬୦୫ଟି ଆତଙ୍କବାଦୀ ସମ୍ପର୍କିତ ଘଟଣା ଘଟିଥିଲା। ଏଥିରେ ୧୩୮ ଜଣ ସାଧାରଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୩୫୨ ଜଣ ଆହତ ହୋଇଥିଲେ। ସେହିପରି ୭୯ ପୁଲିସ କର୍ମଚାରୀ ମୃତ୍ୟୁବରଣ କରିଥିବା ବେଳେ ୧୩୦ ଜଣ ଆହତ ହୋଇଥିଲେ ବୋଲି କୁହାଯାଇଥିଲା। କେବଳ ଅଗଷ୍ଟରେ କେପିକେରେ ୧୨୯ଟି ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ୧୯୮୯ରେ ସୋଭିଏତ ୟୁନିୟନ ଚାଲିଯିବା ପରେ ଏହି ଅଞ୍ଚଳରେ ଆରମ୍ଭ ହୋଇଥିବା ଅରାଜକତା ଏପର୍ଯ୍ୟନ୍ତ ଚାଲୁ ରହିଛି।

## ୨୪ ଘଣ୍ଟାରେ ୪ ଦେଶ ପାଲେଷ୍ଟାଇନ୍‌କୁ ଦେଲେ ମାନ୍ୟତା

ଲଣ୍ଡନ, ୨୨।୯(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଅସ୍ଥିରତାର କେନ୍ଦ୍ର ବିନ୍ଦୁ କୁହାଯାଉଥିବା ପାଲେଷ୍ଟାଇନ୍‌କୁ ରାଷ୍ଟ୍ର ମାନ୍ୟତା ଦେବାରେ ଏବେ ଏକ ପ୍ରକାର ପ୍ରତିଯୋଗିତା ଚାଲିଛି। ଗତ ୨୪ ଘଣ୍ଟା ମଧ୍ୟରେ ୪ଟି ବିକଶିତ ଦେଶ ପାଲେଷ୍ଟାଇନ୍‌କୁ ଔପଚାରିକ ଭାବେ ଏକ ସ୍ୱତନ୍ତ୍ର ଦେଶର ମାନ୍ୟତା ପ୍ରଦାନ କରିଛନ୍ତି। ଏହି ଦେଶଗୁଡିକ ହେଲେ ବ୍ରିଟେନ, କାନାଡା, ଅଷ୍ଟ୍ରେଲିଆ ଓ ପର୍ତ୍ତୁଗାଲ। ଫଳରେ ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବାରେ ଏବେ ଦେଶଗୁଡିକର ସଂଖ୍ୟା ୧୫୦ରେ ପହଞ୍ଚିଛି। ବ୍ରିଟେନ ପ୍ରଧାନମନ୍ତ୍ରୀ କେର ଷ୍ଟାରମର ଦୁଇ ରାଷ୍ଟ୍ର ସମାଧାନ ହିଁ ଶାନ୍ତିର ଏକମାତ୍ର ରାସ୍ତା ବୋଲି କହିଛନ୍ତି। ସେହିପରି ପାଲେଷ୍ଟାଇନ୍‌କୁ ରାଷ୍ଟ୍ରର ମାନ୍ୟତା ଦେବା ହିଁ ଶାନ୍ତିର ଏକମାତ୍ର ରାସ୍ତା ବୋଲି ପର୍ତ୍ତୁଗାଲ ବୈଦେଶିକ ମନ୍ତ୍ରୀ ପାଓଲୋ ରାଙ୍ଗେଲ କହିଛନ୍ତି। ଏହା ଦ୍ୱାରା ଗାଜାରେ ଇସ୍ରାଏଲର ଆକ୍ରମଣ ଓ ମାନବୀୟ ସଙ୍କଟ କମ୍ ହେବ ଓ ଇସ୍ରାଏଲ ଉପରେ ଏ ନେଇ ଚାପ ବୃଦ୍ଧି ପାଇବ। ତେବେ ଆମେରିକା ଏବେ ମଧ୍ୟ ପାଲେଷ୍ଟାଇନ୍‌କୁ ରାଷ୍ଟ୍ର ଭାବେ ମାନ୍ୟତା ଦେଇନାହିଁ। ଫ୍ରାନ୍ସ ମଧ୍ୟ ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବାକୁ ପୂର୍ବରୁ ଘୋଷଣା କରିସାରିଛି ଓ ଜାତିସଂଘରେ ମାନ୍ୟତା ଦେବା ସପକ୍ଷରେ ଭୋଟ ଦେବାକୁ ଘୋଷଣା କରିସାରିଛି। ବ୍ରିଟେନ ପ୍ରଧାନମନ୍ତ୍ରୀ ଭିଡିଓ ବାର୍ତ୍ତାଦେଇ ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବାକୁ ଘୋଷଣା କରିଛନ୍ତି। ସବୁଠାରୁ ବଡ଼ କଥା ହେଉଛି ଆମେରିକାର ନିକଟତମ ବନ୍ଧୁ ଦେଶଗୁଡିକ ମଧ୍ୟ ପାଲେଷ୍ଟାଇନ୍‌କୁ ରାଷ୍ଟ୍ରର ମାନ୍ୟତା ଦେଉଛନ୍ତି।

**୧୫୦ ଦେଶ ସମର୍ଥନ କରିସାରିଛନ୍ତି**

**ଏବେ ମଧ୍ୟ ଆମେରିକାର ବିରୋଧ**

ସେପଟେ ଏଭଳି ପଦକ୍ଷେପ ଆତଙ୍କବାଦକୁ ପୁରସ୍କୃତ କରିବା ସଦୃଶ ହେବ ବୋଲି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କହିଛନ୍ତି। ଜୋର୍ଡାନ ନଦୀର ପଶ୍ଚିମରେ ପାଲେଷ୍ଟାଇନ ଦେଶ ସୃଷ୍ଟି ହେବ ନାହିଁ। ସେହିପରି ୱେଷ୍ଟବ୍ୟାଙ୍କରେ ଇହୁଦୀ ବସ୍ତିକୁ ଦୁଇଗୁଣା କରାଯାଇଛି ଓ ଏହାକୁ ଆହୁରି ବୃଦ୍ଧି କରାଯିବ। ଆମେରିକାରୁ ଫେରିବା ପରେ ଯାଇ ଏହି ମାନ୍ୟତା ଦେବା ପ୍ରକ୍ରିୟାକୁ ନେଇ ଜବାବ ଦେବେ ବୋଲି ନେତାନ୍ୟାହୁ କହିଛନ୍ତି। ଗାଜାରେ ଦୁଇବର୍ଷ ହେବ ଚାଲିଥିବା ଯୁଦ୍ଧରେ ନାହିଁ ନଥିବା ସ୍ଥିତି ସୃଷ୍ଟି ହୋଇଛି। ଦୁର୍ଭୀକ୍ଷ, ଧ୍ୱଂସର ଚିତ୍ର ସାରା ବିଶ୍ୱକୁ ବ୍ୟଥିତ କରିଛି। ଇସ୍ରାଏଲର ଲଗାତର ସାମରିକ କାର୍ଯ୍ୟାନୁଷ୍ଠାନକୁ ନେଇ ବିଶ୍ୱରେ ସ୍ୱର ପରିବର୍ତ୍ତନ ହେବାରେ ଲାଗିଛି। ଫଳରେ ବହୁ ଦେଶ ଏବେ ପାଲେଷ୍ଟାଇନ୍‌କୁ ସ୍ୱତନ୍ତ୍ର ଦେଶ ଭାବେ ମାନ୍ୟତା ଦେବାକୁ ଆଗଭର ହୋଇଛନ୍ତି।

## ବିନା ଆକ୍ରମଣରେ ପିଓକେ ଫେରିଆସିବ: ରାଜନାଥ

ନୂଆଦିଲ୍ଲୀ, ୨୨।୯(ଏଜେନ୍ସି): ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ) ନେଇ ପୁଣି ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ବିନା କୌଣସି ଯୁଦ୍ଧ, ସଂଘର୍ଷ ଓ ଲଢ଼େଇରେ ପିଓକେ ସ୍ୱତଃ ଭାରତରେ ମିଶିଯିବ ବୋଲି ସେ କହିଛନ୍ତି। ପିଓକେର ଲୋକ ସ୍ୱାଧୀନତା ପାଇଁ ଦାବି କରିଆସୁଛନ୍ତି ଓ ଏମିତି ଗୋଟିଏ ଦିନ ଆସିବ ସେମାନେ 'ମୁଁ ବି ଭାରତ' ବୋଲି କହି ଗର୍ବ କରିବେ। ଉତ୍ତରପଶ୍ଚିମ ଆଫ୍ରିକୀୟ ଦେଶ ମୋରୋକ୍କୋ ରାଜଧାନୀ ରାବାଟ୍‌ରେ ଭାରତୀୟ ସମୁଦାୟ ସହ କଥା ହେବା ବେଳେ ରାଜନାଥ ଏହି କଥା କହିଛନ୍ତି। ୫ ବର୍ଷ ପୂର୍ବେ କାଶ୍ମୀରରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ଏହି କଥା କହିଥିବା ମନେ ପକାଇଦେଇଥିଲେ। ମେ ୭ରେ ଅପରେସନ ସିନ୍ଦୂର ଅବସରରେ ଆମେ ପିଓକେ ପୁଣି ହାସିଲ କରିବାର ସୁଯୋଗ ହାତଛଡା କରିଛୁ। ହଠାତ ଅସ୍ତ୍ର ବିରତି ଘୋଷଣା କରିବା ଫଳରେ ଭାରତ ଏହି ସୁଯୋଗ ହାତଛଡ଼ା କରିଥିଲା ବୋଲି ବିରୋଧୀ ଦଳର ନେତାମାନେ ଆକ୍ଷେପ କରି କହିଥିଲେ। ଫଳରେ ଏଭଳି ସ୍ଥିତିରେ ରାଜନାଥଙ୍କ ଏହି ମନ୍ତବ୍ୟ ଗୁରୁତ୍ୱ ବହନ କରୁଛି। ଭବିଷ୍ୟତରେ ଆମ ସରକାର ଯେକୌଣସି ପ୍ରକାର ଆତଙ୍କବାଦୀ ଆକ୍ରମଣକୁ କଡ଼ା ଜବାବ ଦେବା ନେଇ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ଅଛି। ଅପରେସନ ସିନ୍ଦୂର କେବଳ ରୋକା ଯାଇଛି ଓ ଆବଶ୍ୟକ ପଡ଼ିଲେ ପୁଣି ଆରମ୍ଭ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଆମେ ଧର୍ମ ନୁହଁ କର୍ମ ଦେଖି ମାରିଛୁ ବୋଲି ସେ କହିଛନ୍ତି।

## ୫୮ ବର୍ଷ ପରେ ଜାତିସଂଘ ମହାସଭାରେ ସିରିଆ

ୱାଶିଂଟନ, ୨୨।୯(ଏଜେନ୍ସି): ପଶ୍ଚିମ ଏସିଆ ଦେଶ ସିରିଆ ପାଖାପାଖି ୬ ଦଶନ୍ଧି ପରେ ଜାତିସଂଘ ଜେନେରାଲ ଆସେମ୍ବ୍ଲି ବା ମହାସଭାରେ ସାମିଲ ହେବ। ୫୮ ବର୍ଷ ପରେ ସିରିଆକୁ ଏହି ସୁଯୋଗ ମିଳିଥିବାରୁ ସିରିଆ ରାଷ୍ଟ୍ରପତି ଅହମ୍ମଦ ଅଲ- ଶରା ରବିବାର ନ୍ୟୁୟର୍କ ପହଞ୍ଚିଛନ୍ତି। ସେ ଜାତିସଂଘ ୮୦ତମ ମହାସଭାରେ ଅଂଶଗ୍ରହଣ କରିବେ। ମହାସଭା ମଙ୍ଗଳବାରଠାରୁ ଆରମ୍ଭ ହୋଇ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାପୂର୍ବରୁ ୧୯୬୭ରେ ସେତେବେଳେର ରାଷ୍ଟ୍ରପତି ନୁର ଅଲ-ଦିନ ଅଲ-ଅତାସୀ ୟୁଏନ୍‌ଜିଏରେ ଅଂଶଗ୍ରହଣ କରିଥିଲେ। ଏହାପରେ ସିରିଆରେ ଅସଦ ପରିବାର (ହାଫିଜ ଅସଦ ଓ ବସର ଅସଦ) ଦୀର୍ଘ ୫୦ ବର୍ଷ ଧରି ଶାସନ କରିଥିଲେ। ଗତବର୍ଷ ଅସଦ ପରିବାରକୁ ଶାସନରୁ ବିତାଡିତ କରି ଅଲ-ଶରା ମଧ୍ୟବର୍ତ୍ତୀକାଳୀନ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏବେ ସିରିଆ ସରକାର ଆମେରିକା ସମେତ ପାଶ୍ଚାତ୍ୟ ଦେଶଗୁଡିକ ସହ ରାଜନୈତିକ ତଥା କୂଟନୈତିକ ସମ୍ପର୍କ ସୁଧାରିବାକୁ ପ୍ରୟାସ କରିବେ। ଇସ୍ରାଏଲ ସହିତ ସିରିଆର ଏବେ ସମ୍ପର୍କ ସେତେଟା ଭଲ ନଥିବା ବେଳେ ଏହାକୁ ସୁଧାରିବାକୁ ଚେଷ୍ଟା କରାଯିବ ବୋଲି କୁହାଯାଇଛି।

**ଅହମଦାବାଦ ବିମାନ ଦୁର୍ଘଟଣା**

## ପାଇଲଟଙ୍କ ତ୍ରୁଟିକୁ ନେଇ ଚର୍ଚ୍ଚା ଦୁର୍ଭାଗ୍ୟଜନକ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି): ଅହମଦାବାଦ୍‌ରେ ହୋଇଥିବା ବିମାନ ଦୁର୍ଘଟଣାରେ ପାଇଲଟ୍‌ଙ୍କ ତ୍ରୁଟି ଥିବା ନେଇ ହେଉଥିବା ଚର୍ଚ୍ଚାକୁ ଦୁର୍ଭାଗ୍ୟଜନକ ଓ ଅବସୋସଜନକ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏଥିପାଇଁ କୋର୍ଟ ସୋମବାର କେନ୍ଦ୍ର ସରକାର, ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଓ ବିମାନ ଦୁର୍ଘଟଣା ଯାଞ୍ଚ ବ୍ୟୁରୋ (ଏଏଆଇବି) ଠାରୁ ଜବାବ ମାଗିଛନ୍ତି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଏନ୍‌କେ ସିଂଙ୍କୁ ନେଇ ଗଠିତ ଖଣ୍ଡପୀଠ ସେଫ୍ଟି ମ୍ୟାଟର୍ସ ଫାଉଣ୍ଡେସନ ନାମକ ଏନ୍‌ଜିଓ ଦ୍ୱାରା କରାଯାଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି କରି କେନ୍ଦ୍ର ବିମାନ ଚଳାଚଳ ମନ୍ତ୍ରଣାଳୟ, ଏଏଆଇବି, ଡିଜିସିଏକୁ ନୋଟିସ ଜାରି କରିଛନ୍ତି। କୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଦୁର୍ଘଟଣାର ତଦନ୍ତ ସ୍ୱତନ୍ତ୍ର ଭାବେ କରାଇବାକୁ ଏହି ଏନ୍‌ଜିଓ ଦାବି କରିଛି। ଦୁର୍ଘଟଣାର ତଦନ୍ତ ନେଇ ପ୍ରାରମ୍ଭିକ ରିପୋର୍ଟରେ ଆବଶ୍ୟକ ସୂଚନାକୁ ଲୁଚାଇବାକୁ ପ୍ରୟାସ କରାଯାଇଛି। ଏହା ଦ୍ୱାରା ନାଗରିକଙ୍କ ଜୀବନ, ସମାନତା ଓ ପ୍ରକୃତ ସୂଚନା ପାଇବାର ଅଧିକାରକୁ କ୍ଷୁର୍ଣ୍ଣ କରୁଛି ବୋଲି ଏନ୍‌ଜିଓ ତରଫରୁ କୁହାଯାଇଛି। ଉଲ୍ଲେଖଥାଉ କି, ଗତ ଜୁନ୍ ୧୨ରେ ଅହମଦାବାଦ ବିମାନ ବନ୍ଦରରୁ ଏୟାର ଇଣ୍ଡିଆର ବୋଇଂ ୭୮୭ ବିମାନ ଟେକଅପ୍ କରିବାର କିଛି ସେକେଣ୍ଡ ପରେ ଏକ ମେଡିକାଲ କଲେଜ ହଷ୍ଟେଲ ବିଲ୍ଡିଂରେ ଉପରେ ଦୁର୍ଘଟଣାଗ୍ରସ୍ତ ହୋଇ ଖସିପଡ଼ିଥିଲା। ଏଥିରେ ମୋଟ୍ ୨୭୦ ଜଣ ଲୋକ ମୃତ୍ୟୁବରଣ କରିଥିଲେ। ଦୁର୍ଘଟଣା ଘଟିବାର ୧୦୦ ଦିନ ବିତିଯାଇଥିଲେ ମଧ୍ୟ କେବଳ ପ୍ରାରମ୍ଭିକ ରିପୋର୍ଟ ଜାରି ହୋଇଛି ବୋଲି ଏନ୍‌ଜିଓ ତରଫରୁ ଓକିଲ ପ୍ରଶାନ୍ତ ଭୂଷଣ କୋର୍ଟରେ କହିଛନ୍ତି। ନିରପେକ୍ଷ ଯାଞ୍ଚ ହେବା ନେଇ ହେଉଥିବା ଦାବି ଠିକ୍। କିନ୍ତୁ ସବୁ ନିଷ୍କର୍ଷକୁ ସାର୍ବଜନୀନ କରାଯିବା ଯାଞ୍ଚ ପ୍ରଭାବିତ ହୋଇପାରେ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଜୁଲାଇ ୧୨ରେ ଏଏଆଇବି ଦୁର୍ଘଟଣାର ରିପୋର୍ଟ ଜାରି କରିଥିଲା। ଏଥିରେ ଦୁଇ ପାଇଲଟଙ୍କ ମଧ୍ୟରେ କଥାବାର୍ତ୍ତା ବିଷୟରେ ଉଲ୍ଲେଖ କରାଯାଇଥିଲା।

**କେନ୍ଦ୍ର, ଡିଜିସିଏ, ଏଏଆଇବିଠାରୁ ଜବାବ ମାଗିଲେ**

## ମହାକାଶରେ ଉପଗ୍ରହର ସୁରକ୍ଷା ପାଇଁ 'ବଡିଗାର୍ଡ ସାଟେଲାଇଟ୍'



ନୂଆଦିଲ୍ଲୀ, ୨୨।୯(ଏଜେନ୍ସି): ମହାକାଶରେ ଦିନକୁ ଦିନ ବୃଦ୍ଧି ପାଉଥିବା ବିପଦ ଓ ଶତ୍ରୁ ଦେଶଗୁଡିକର ଗିତିବିଧିକୁ ଲକ୍ଷ୍ୟ କରି ଭାରତ ସରକାର ନିଜର ଉପଗ୍ରହଗୁଡିକର ସୁରକ୍ଷା ପାଇଁ ନୂଆ ଯୋଜନା ହାତକୁ ନେବାକୁ ଯାଉଛି। ଏଥିପାଇଁ ଭାରତ ସରକାର ଏବେ ନିଜ ଉପଗ୍ରହଗୁଡିକର ସୁରକ୍ଷା ପାଇଁ 'ବଡିଗାର୍ଡ ସାଟେଲାଇଟ୍' ତିଆରି କରିବାକୁ ଯୋଜନା କରୁଛି। ଏହି ବଡିଗାର୍ଡ ସାଟେଲାଇଟ୍ ଭାରତୀୟ ଉପଗ୍ରହଗୁଡିକୁ ସୁରକ୍ଷା ଦେବା ସହ ସବୁପ୍ରକାର ସନ୍ଦିଗ୍ଧ ଗତିବିଧି ନେଇ ତୁରନ୍ତ ସୂଚନା ଦେବ। ୨୦୨୪ ମଧ୍ୟ ଭାଗରେ ଏକ ପଡୋଶୀ ଦେଶର ଉପଗ୍ରହ ଇସ୍ରୋ ଉପଗ୍ରହଠାରୁ ମାତ୍ର ୧ କିମି ଦୂରରେ ଚାଲିଯାଇଥିଲା। ଏହାକୁ ଲକ୍ଷ୍ୟ ରଖି ଭାରତ ଏବେ ଏହି ନୂଆ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛି। ସରକାର ଏବେ ଷ୍ଟାର୍ଟଅପ୍ ସହିତ ମିଶି ଏଲଆଇଡିଏଆର ସଟେଲାଇଟ୍ ଓ ଗ୍ରାଉଣ୍ଡ ବେସ୍‌ଡ ରାଡାର ଭଳି ସିଷ୍ଟମ ଉପରେ କାର୍ଯ୍ୟ କରୁଛନ୍ତି। ଏହାଦ୍ୱାରା ବହୁ ପୂର୍ବରୁ ବିପଦକୁ ଚିହ୍ନଟ କରି ଉପଗ୍ରହଗୁଡିକୁ ସୁରକ୍ଷିତ ସ୍ଥାନକୁ ପଠାଯାଇପାରିବ। ଉଲ୍ଲେଖଥାଉ କି ଭାରତ ପାଖରେ ଏବେ ୧୦୦ରୁ ଉର୍ଦ୍ଧ୍ୱ ଉପଗ୍ରହ ରହିଥିବା ବେଳେ ଚୀନ୍ ପାଖରେ ୯୩୦ରୁ ଉର୍ଦ୍ଧ୍ୱ ଓ ପାକିସ୍ତାନ ପାଖରେ ୮ଟି ଉପଗ୍ରହ ରହିଛି। ପୂର୍ବରୁ ଗତ ଜୁନ୍‌ରେ ଏୟାର ମାର୍ଶାଲ ଆଶୁତୋଷ ଦୀକ୍ଷିତ୍ ଅନ୍ତରୀକ୍ଷ ସୁରକ୍ଷା ନେଇ ଚେତାବନୀ ଦେଇଥିଲେ। ଅନ୍ତରୀକ୍ଷ ହେଉଛି ସବୁଠାର ଉଚ୍ଚ ଓ ମହତ୍ତ୍ୱପୂର୍ଣ୍ଣ କ୍ଷେତ୍ର। ଆମକୁ ଏହାକୁ ସୁରକ୍ଷିତ ରଖିବାକୁ ପଡ଼ିବ। ନହେଲେ ଆମକୁ ଭବିଷ୍ୟତରେ କୌଣସି ସୂଚନା ମିଳିବା କଷ୍ଟକର ହେବ ବୋଲି ସେ ସତର୍କ କରାଇଥିଲେ। ସରକାର ୨୦୨୯ ସୁଦ୍ଧା ଅର୍ଥାତ ଆଗାମୀ ୪ ବର୍ଷରେ ୫୨ଟି ସ୍ୱତନ୍ତ୍ର ପ୍ରତିରକ୍ଷା ସାଟେଲାଇଟ୍ ମହାକାଶକୁ ପଠାଇବ। ଏହି ସାଟେଲାଇଟ୍‌ଗୁଡିକ ଅନ୍ତରୀକ୍ଷରେ ଭାରତର ଆଖି ଭଳି କର୍ଯ୍ୟକରିବ ଓ ଜଗି ରହିବ ଓ ପାକିସ୍ତାନ- ଚୀନ୍ ସୀମା ଉପରେ କ୍ରମାଗତ ନଜର ରଖିବ।

## ପରମାଣୁ ଅସ୍ତ୍ର ନିୟନ୍ତ୍ରଣ ଚୁକ୍ତିକୁ ବୃଦ୍ଧି କରିବାକୁ ପୁତିନ ରାଜି

ମସ୍କୋ, ୨୨।୯(ଏଜେନ୍ସି): ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁତିନ ନ୍ୟୁ ଷ୍ଟ୍ରାଟେଜିକ ଆର୍ମ୍ସ ରିଡକସନ ଟ୍ରିଟି (ନ୍ୟୁ ଷ୍ଟାର୍ଟ)କୁ ଗୋଟିଏ ବର୍ଷ ବୃଦ୍ଧି କରିବାକୁ ଇଚ୍ଛା ଜାହିର କରିଛନ୍ତି ଓ ଏଥିପାଇଁ ରୁଷ୍ ପ୍ରସ୍ତୁତ ବୋଲି କହିଛନ୍ତି। କିନ୍ତୁ ସେ ଗୋଟିଏ ସର୍ତ୍ତ ରଖିଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଏଥିପାଇଁ ପ୍ରସ୍ତୁତ ହେବା ସହ ଆଗକୁ ବଢ଼ିବା ଆବଶ୍ୟକ ବୋଲି ସେ କହିଛନ୍ତି। ୨୦୧୦ରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହା ଦୁଇ ମହାଶକ୍ତିଙ୍କ ମଧ୍ୟରେ ଶେଷ ପରମାଣୁ ଅସ୍ତ୍ର ନିୟନ୍ତ୍ରଣ ବୁଝାମଣା ଥିଲା। ଏହି ଚୁକ୍ତି ଅନୁସାରେ ଦୁଇଦେଶ ପାଖରେ ଥିବା ପରାମାଣୁ ଅସ୍ତ୍ର, ମିସାଇଲ ଓ ବମ୍ବରଗୁଡିକର ସଂଖ୍ୟା ଉପରେ କଟକଣା ଲାଗୁ ହୋଇଥିଲା। ଏହି ଚୁକ୍ତିକୁ ଆଗକୁ ବଢ଼ାଇବା ବିଶ୍ୱ ପାଇଁ ହିତକର ବୋଲି ପୁତିନ କହିଛନ୍ତି। ତେବେ ଏ ନେଇ ଆମେରିକା ତା'ର ପ୍ରତିକ୍ରିୟା ଦେଇ ନାହିଁ। ସେତେବେଳେର ରାଷ୍ଟ୍ରପତି ବାରାକ ଓବାମା ଏହି ଚୁକ୍ତିରେ ସ୍ୱାକ୍ଷର କରିଥିଲେ।

## ଉତ୍ତରପୂର୍ବାଞ୍ଚଳକୁ ଅଣଦେଖା କରିଛି କଂଗ୍ରେସ: ପ୍ରଧାନମନ୍ତ୍ରୀ



ଇଟାନଗର, ୨୨।୯ (ଏଜେନ୍ସି): ପ୍ରଧାନମନ୍ତ୍ରୀ ସୋମବାର ତ୍ରିପୁରା ପହଞ୍ଚିଛନ୍ତି। ଗୋମତି ଜିଲ୍ଲାରେ ସେ ପୁନଃନିର୍ମିତ ତ୍ରିପୁର ସୁନ୍ଦରୀ ମନ୍ଦିରର ଉଦ୍‌ଘାଟନ କରିଛନ୍ତି। ଏହି ମନ୍ଦିର ଦେଶରେ ଥିବା ୫୧ଟି ଶକ୍ତିପୀଠରୁ ଅନ୍ୟତମ। କେନ୍ଦ୍ର ସରକାରଙ୍କ ପିଲଗ୍ରିମେଜ ରେଜୁଭେନସନ ଆଣ୍ଡ ସ୍ପିରିଚୁଆଲିଟି ଅଗୁମେଣ୍ଟେସନ ଡ୍ରାଇଭ (ପ୍ରସାଦ) ଯୋଜାନ ଅନୁସାରେ ଏହି ମନ୍ଦିରର ପୁନଃନିର୍ମାଣ ପାଇଁ ୫୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ପ୍ରଧାନମନ୍ତ୍ରୀ ଅରୁଣାଚଳ ଓ ତ୍ରିପୁରା ଗସ୍ତରେ ଅଛନ୍ତି। ଏହାପୂର୍ବରୁ ଇଟାନଗରରେ ପହଞ୍ଚି ସେ ୫, ୧୦୦ କୋଟି ଟଙ୍କାର ନୂଆ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ସେ କଂଗ୍ରେସର ସମାଲୋଚନା କରି କହିଛନ୍ତି ଯେ ଏହି ଦଳର ସରକାର ସମ୍ପୂର୍ଣ୍ଣ ଉତ୍ତରପୂର୍ବାଞ୍ଚଳକୁ ଅଣଦେଖା କରିଛି। ଏବେ ମୋତେ ସେବା କରିବାର ସୁଯୋଗ ମିଳିଛି। କଂଗ୍ରେସର ଏହି ଚିନ୍ତାଧାରାରୁ ଦେଶକୁ ମୁକ୍ତି ମିଳିଛି। ଯେଉଁ ଉତ୍ତରପୂର୍ବାଞ୍ଚଳକୁ କଂଗ୍ରେସ ଭୁଲି ଯାଇଥିଲା, ସେଠାରେ ୨୦୧୪ରେ ପରେ ବିକାଶକୁ ପ୍ରାଥମିକତା ଦିଆଯାଇଛି। ଉତ୍ତରପୂର୍ବାଞ୍ଚଳର ୮ଟି ରାଜ୍ୟକୁ ଆମେ ଅଷ୍ଟଲକ୍ଷ୍ମୀ ବୋଲି ବିବେଚନା କରୁଛୁ। ଏହି ୮ଟି ରାଜ୍ୟ ହେଲା ଅରୁଣାଚଳ ପ୍ରଦେଶ, ଆସାମ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ସିକ୍କିମ ଓ ତ୍ରିପୁରା। ଏହି ୮ଟି ରାଜ୍ୟ ବିକାଶର ଶୀର୍ଷକୁ ଛୁଇଁବ ବୋଲି ସେ କହିଛନ୍ତି।

## କାନାଡାରେ ଆତଙ୍କବାଦୀ ପନ୍ନୁର ସହଯୋଗୀ ଗିରଫ

ଓଟ୍ଟାୱା, ୨୨।୯ (ଏଜେନ୍ସି): ଖଲିସ୍ତାନୀ ଆତଙ୍କବାଦୀ ତଥା ଶିଖ ଫର ଜଷ୍ଟିସ (ଏସ୍‌ଏଫ୍‌ଜେ) ମୁଖ୍ୟ ପନ୍ନୁର ଜଣେ ଘନିଷ୍ଠ ସହଯୋଗୀ ଇନ୍ଦରଜିତ୍ ସିଂହ ଗୋସାଲ କାନାଡାରେ ଗିରଫ ହୋଇଛି। ଇନ୍ଦରଜିତ କାନାଡାରେ ଏସ୍‌ଏଫ୍‌ଜେର ଜଣ ବଡ଼ ସମର୍ଥକ ତଥା ପ୍ରଚାରକ। ୨୦୨୩ ଜୁନ୍‌ରେ ହରଦୀପ ସିଂ ନିଜ୍ଜର ମୃତ୍ୟୁବରଣ କରିବା ପରେ ସେ ଦାୟିତ୍ୱରେ ରହିଛି। ରାଜଧାନୀ ଓଟାୱାରେ ବିଭିନ୍ନ ମାମଲାରେ ସେ ମୁଖ୍ୟ ଅଭିଯୁକ୍ତ ରହିଛି। ସେ ପନ୍ନୁର ଡାହାଣ ହାତ ଥିଲା। ସେ ମଧ୍ୟ ଏକଦା ପନ୍ନୁର ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ (ପିଏସ୍‌ଓ) ଭାବେ କାର୍ଯ୍ୟ କରୁଥିଲା। ଇନ୍ଦରଜିତର ଗିରଫ୍ ହେବା ପଛରେ ଭାରତର ହାତ ଅଛି ବୋଲି କୁହାଯାଉଛି। ରାଷ୍ଟ୍ରୀୟ ସୁରକ୍ଷା ଉପଦେଷ୍ଟା (ଏନ୍‌ଏସ୍‌ଏ) ଅଜିତ ଡୋଭାଲଙ୍କ ତରଫରୁ ଲାଗାତର କୂଟନୈତିକ ଚାପ ଫଳରେ ତାକୁ ଗିରଫ କରାଯାଇଛି। ୩୯ ବର୍ଷୀୟ ଇନ୍ଦରଜିତକୁ ଗତବର୍ଷ ନଭେମ୍ବରରେ ଗ୍ରେଟର ଟରୋଣ୍ଟରେ ଏକ ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ ମାମଲାରେ ଗିରଫ କରାଯାଇଥିଲା। ପରେ ତାକୁ କେତୋଟି ସର୍ତ୍ତରେ ଛାଡି ଦିଆଯାଇଥିଲା।

# ରାଜ୍ୟରେ ୨ ଲକ୍ଷରୁ ଅଧିକ ପଦ ଖାଲି

ଭୁବନେଶ୍ୱର, ୨୨।୯ (ସମିସ): ବିଭିନ୍ନ କାର୍ଯ୍ୟାଳୟରେ ମାଳମାଳ ପଦ ଖାଲି ପଡ଼ିଛି। ସରକାରୀ ଯୋଜନାକୁ କାର୍ଯ୍ୟାନ୍ୱୟନ କରିବାପାଇଁ ଆବଶ୍ୟକ କର୍ମଚାରୀ ନାହାନ୍ତି। ଅଧିକାରୀଙ୍କ ଠାରୁ ଆରମ୍ଭ କରି ଚତୁର୍ଥ ଶ୍ରେଣୀ କର୍ମଚାରୀ ପର୍ଯ୍ୟନ୍ତ ପଦ ଖାଲି ପଡ଼ିଛି। ରାଜ୍ୟର ସମସ୍ତ ବିଭାଗରେ ଏମିତି ଦୁଇ ଲକ୍ଷରୁ ଅଧିକ ପଦ ଫାଙ୍କା ପଡ଼ିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ସର୍ବାଧିକ ୬୩ ହଜାରରୁ ଅଧିକ ପଦ ଖାଲି ଥିବାବେଳେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ଦ୍ୱିତୀୟ ସର୍ବାଧିକ ୩୯ ହଜାର ପଦ ଖାଲି ପଡ଼ିଛି।

ବିଦ୍ୟାଳୟରେ ପଢ଼ାଇବାକୁ ଆବଶ୍ୟକ ଶିକ୍ଷକ ନାହାନ୍ତି। କର୍ମଚାରୀଙ୍କ ଅଭାବ ମଧ୍ୟ ସରକାରୀ ଯୋଜନାକୁ ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚାଇ ପାରୁନାହିଁ। କେବଳ ଗଣଶିକ୍ଷା ବିଭାଗରେ ସର୍ବାଧିକ ୬୩ ହଜାର ୪୮୫ଟି ପଦ ଖାଲି ରହିଛି। ଗ୍ରୁପ୍ ସିରେ ୩୭ ହଜାର ୫୮୦ ପଦ ଖାଲି ପଡ଼ିଥିବା ବେଳେ ୧୮ ହଜାର ୯୭୪ଟି ଗ୍ରୁପ୍-ବି ପଦରେ କେହି ନାହାନ୍ତି। ଏହା ପଛକୁ ସ୍ୱାସ୍ଥ୍ୟ ବିଭାଗରେ ୩୯ ହଜାର ୧୨୭ ପଦ ଖାଲି ପଡ଼ିଛି। ଗୃହ ବିଭାଗରେ ୧୯ ହଜାର ୮୮୯ ପଦ ଖାଲି ଥିବାବେଳେ ରାଜସ୍ୱ ବିଭାଗରେ ପ୍ରାୟ ୧୧ହଜାର, ପଞ୍ଚାୟତିରାଜ, ଜଳ ସମ୍ପଦ ଏବଂ କୃଷି ବିଭାଗରେ ୭ହଜାର ଲେଖାଏଁ ପଦରେ କେହି ନାହାନ୍ତି। ମତ୍ସ୍ୟ ସମ୍ପଦ ବିଭାଗରେ ମଧ୍ୟ ୬ ହଜାରରୁ ଅଧିକ ପଦ ଖାଲି ପଡ଼ିଛି। ଅନ୍ୟ ସମସ୍ତ ବିଭାଗରେ ମଧ୍ୟ ବହୁ ପଦ ଖାଲି ପଡ଼ିଛି। ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ବିଧାନସଭାରେ ଏହି ତଥ୍ୟ ରଖିଛନ୍ତି।

ଲକ୍ଷାଧିକ ପଦ ଖାଲି ଥିଲେ ମଧ୍ୟ ରାଜ୍ୟ ସରକାର ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁ ନ ଥିବାରୁ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଏପରିକି ଚଳିତ ବର୍ଷ ସ୍ନାତକ ପଢୁଆ ପିଲାଙ୍କ ପାଇଁ ରାଜ୍ୟରେ ନୂତନ ନିଯୁକ୍ତି

**■ ଗଣଶିକ୍ଷା ବିଭାଗରେ ସର୍ବାଧିକ ୬୩,୪୮୫ଟି ପଦ ଫାଙ୍କା**
**■ ଚଳିତ ବର୍ଷ ସ୍ନାତକ ପଢୁଆଙ୍କ ପାଇଁ ବାହାରିନି ଚାକିରି**
**■ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଆଶାୟୀଙ୍କ ଦାବି**

ମଧ୍ୟ ବାହାର କରାଯାଇ ନାହିଁ। ଓଡ଼ିଶା ଲୋକସେବା ଆୟୋଗ (ଏପିଏସ୍‌ସି) ପରିଚାଳିତ ମହାଲେଖାଗାର ଏଏସ୍‌ଓ ନିଯୁକ୍ତି ପାଇଁ ୨୯ ଟି ପଦ ବ୍ୟତୀତ ଅନ୍ୟ କୌଣସି ପଦ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଗୋଟିଏ ପଟେ ଦୁଇବର୍ଷ ମଧ୍ୟରେ ୬୫ ହଜାର ଓ ୫ବର୍ଷରେ ଅଢ଼େଇ ଲକ୍ଷ ନିଯୁକ୍ତି ଦେବାକୁ ଖୋଦ୍ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଅନ୍ୟପଟେ ଚାକିରି ପାଇଁ ବିଜ୍ଞପ୍ତି ପ୍ରକାଶ ନ କରିବା ଆଶାୟୀଙ୍କ ମଧ୍ୟରେ ସନ୍ଦେହ ବଢ଼ାଉଛି। ଗତ ଅଗଷ୍ଟ ଶେଷ ସୁଦ୍ଧା ୨୨ହଜାର ଗ୍ରୁପ୍-ସି ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ହେଲେ ଅଗଷ୍ଟ ଯାଇ ସେପ୍ଟେମ୍ବର ସରିବାକୁ ବସିଥିଲେ ମଧ୍ୟ ବିଜ୍ଞପ୍ତି ପ୍ରକାଶ ପାଇପାରିଲା ନାହିଁ।

ଅନୁରୂପ ଭାବେ ଏକାଧିକ ନିଯୁକ୍ତି ପରୀକ୍ଷାରେ ତ୍ରୁଟିପୂର୍ଣ୍ଣ ବିଜ୍ଞପ୍ତି ପାଇଁ ଆଶାୟୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଉଛନ୍ତି। ହାଇକୋର୍ଟରେ ମାମଲା ଗଡୁଥିବାରୁ ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ ହେଉଛି। ୨୦୨୪ରେ ପ୍ରକାଶ ପାଇଥିବା ଓଡ଼ିଶା ପୁଲିସ୍ ରିକ୍ରୁଟ୍‌ମେଣ୍ଟ ବୋର୍ଡ (ଓପିଆର୍‌ବି) ପରିଚାଳିତ ପୁଲିସ୍ ଡ୍ରାଇଭର (ପିଏମ୍‌ଟି), ଆଇଆର୍‌ବି ଓ ଏସ୍‌ଏସ୍‌ବି ବାଟାଲିଅନ୍, ପୁଲିସ୍ ଏସ୍‌ଆଇ ସମେତ କନିଷ୍ଠ ଯନ୍ତ୍ରୀ (ଜେଇ) ପରୀକ୍ଷାକୁ ନେଇ କୋର୍ଟରେ ମାମଲା ହୋଇଛି। ଫଳରେ ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ ହୋଇଛି। ଏଣୁ ନିୟମିତ ଭାବେ ଖାଲି ଥିବା ପଦରେ ନିଯୁକ୍ତି ପାଇଁ ତ୍ରୁଟିଶୂନ୍ୟ ବିଜ୍ଞପ୍ତି ବାହାର କରିବାକୁ ଆଶାୟୀମାନେ ଦାବି କରିଛନ୍ତି।

## ନିଯୁକ୍ତି ଦେଉଥିବା ସଂସ୍ଥାରେ ଅର୍ଦ୍ଧାଧିକ ପଦ ଫାଙ୍କା

ଭୁବନେଶ୍ୱର, ୨୨।୯(ସମିସ): ରାଜ୍ୟରେ ଚାଲୁଥିବା ନିଯୁକ୍ତି ପ୍ରକ୍ରିୟା ସମୟ ଅବଧି ମଧ୍ୟରେ ସରିପାରୁ ନାହିଁ। ବର୍ଷ ବର୍ଷ ଧରି ଆଶାୟୀମାନେ ଅପେକ୍ଷା କରୁଛନ୍ତି। ଅପରପକ୍ଷରେ ପରୀକ୍ଷାରେ ବ୍ୟାପକ ଅନିୟମିତତା ଓ ବାରମ୍ବାର ଘୁଞ୍ଚିବା କାରଣରୁ ଆଶାୟୀଙ୍କ ଧୈର୍ଯ୍ୟର ବାନ୍ଧ ଭାଙ୍ଗୁଛି। ଏପରି ସ୍ଥିତିରେ ନିଯୁକ୍ତି ପ୍ରଦାନକାରୀ ସଂସ୍ଥାଗୁଡ଼ିକରେ ମାନବ ସମ୍ବଳର ଘୋର ଅଭାବ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରିବାରେ ପ୍ରମୁଖ ପ୍ରତିବନ୍ଧକ ସାଜୁଥିବା ଅଭିଯୋଗ ହୋଇଛି। ଓଡ଼ିଶା ଲୋକ ସେବା ଆୟୋଗ (ଓପିଏସ୍‌ସି) ରାଜ୍ୟରେ ପ୍ରମୁଖ ନିଯୁକ୍ତି

**ଓପିଏସ୍‌ସିରେ ନାହାନ୍ତି ୫୫ ପ୍ରତିଶତ କର୍ମଚାରୀ**

ପରୀକ୍ଷାର ପରିଚାଳନା ଦାୟିତ୍ୱରେ ରହିଛି। ହେଲେ ପରୀକ୍ଷା ପରିଚାଳନା କରିବା ପାଇଁ ପର୍ଯ୍ୟାପ୍ତ ସଂଖ୍ୟାରେ କର୍ମଚାରୀ ନାହାନ୍ତି। ଅର୍ଦ୍ଧାଧିକ ପଦ ଖାଲି ପଡ଼ିଛି। ମଞ୍ଜୁରୀପ୍ରାପ୍ତ ସମୁଦାୟ ୧୭୮ଟି ପଦ ମଧ୍ୟରୁ ମାତ୍ର ୮୦ଜଣ କାର୍ଯ୍ୟରତ ଅଛନ୍ତି। ଆଉ ୯୮ଟି ଅର୍ଥାତ୍ ୫୫ ପ୍ରତିଶତ ପଦରେ କେହି ନାହାନ୍ତି। ଓପିଏସ୍‌ସି ପରି ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍‌ଏସ୍‌ବି), ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ଏବଂ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ରେ କର୍ମଚାରୀ ମରୁଡ଼ି। ଫଳରେ ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ ହେଉଛି। ରାଜ୍ୟରେ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ହେଲେ ପ୍ରଥମେ ନିଯୁକ୍ତି ପ୍ରଦାନକାରୀ ସଂସ୍ଥାରେ ପର୍ଯ୍ୟାପ୍ତ ମାନବସମ୍ବଳ ନିଯୁକ୍ତ କରିବାକୁ ଆଶାୟୀମାନେ ଦାବି କରିଛନ୍ତି।

## ମହିଳାଙ୍କ ହତ୍ୟା କରି ଅଳଙ୍କାର ଲୁଟିଲେ



ପୋଲସରା,୨୨।୯(ସମିସ): ଗାଧୋଇ ସାରି ଫେରିବା ବେଳେ ଜଣେ ମହିଳାଙ୍କୁ ଗଳାକାଟି ହତ୍ୟା କରିବା ସହ ତାଙ୍କ ଅଳଙ୍କାର ଲୁଟି ନେଇଛନ୍ତି ଦୁର୍ବୃତ୍ତ। ପୋଲସରା ଥାନା ଚିରିକିପଡ଼ା ଶାସନ ଗ୍ରାମରେ ଏହି ଘଟଣା ଘଟିଛି। ମୃତ ମହିଳା ହେଲେ, ସେହି ଗ୍ରାମର ନୀଳାମ୍ବର ସେଠୀଙ୍କ ସ୍ତ୍ରୀ ଶୈଳ ସେଠୀ (୫୫)। ଶୈଳ ଆଜି ଭୋର୍‌ରେ ଘର କାମ ସାରି ଗାଧୋଇବା ପାଇଁ ବାଘୁଆ କେନାଲ ଗୁଡ଼ିମାଳକୁ ଯାଇଥିଲେ। ସେଠାରେ ନିତ୍ୟକର୍ମ ସାରି ଫେରିବା ବେଳେ ରାସ୍ତାରେ କେହି ଦୁର୍ବୃତ୍ତ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ବେକକୁ କାଟିଦେଇଥିଲା। ଶୈଳ ତଳେ ପଡ଼ି ଛଟପଟ ହେଉଥିବା ବେଳେ ସେ ତାଙ୍କ କାନଫୁଲ ଓ ନାକଫୁଲ ଝାମ୍ପିନେଇ ଚମ୍ପଟ ମାରିଥିଲା। ତେବେ ପାଖରେ କେହି ନଥିବାରୁ, ଘଟଣାସ୍ଥଳରେ ହିଁ ଶୈଳଙ୍କ ମୃତ୍ୟୁ ହୋଇଯାଇଥିଲା।

ଖବର ପାଇ ପୋଲସରା ଥାନା ଅଧିକାରୀ କୌଶିକ ମାଝୀଙ୍କ ସହ ପୁରୁଷୋତ୍ତମପୁର ଏସ୍‌ଡିପିଓ ସୁଜିତ୍ କୁମାର ନାୟକ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣା ସମ୍ପର୍କରେ ସ୍ପଷ୍ଟ ହେବା ବୋଲି ଏସ୍‌ଡିପିଓ ଶ୍ରୀ ନାୟକ କହିଛନ୍ତି। ଖବର ଲେଖାଯିବା ସୁଦ୍ଧା ଥାନାରେ କୌଣସି ଏତଲା ହୋଇନଥିବା ଜଣାଯାଇଛି।

# ହନିଟ୍ରାପ୍ କରି ଠକେଇ; ୩ ଗିରଫ

ନିଶ୍ଚିନ୍ତକୋଇଲି, ୨୨।୯ (ସମିସ): ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ଗତ କିଛି ବର୍ଷ ହେବ ଚାଲିଥିବା ବହୁଚର୍ଚ୍ଚିତ ହନିଟ୍ରାପ୍ ଘଟଣାରେ ସୋମବାର ପୁଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ସାମ୍ବାଦିକ ଶୁଭାଶିଷ ବସନ୍ତରାୟ, ମାହାଙ୍ଗା ଶୁକ୍ଳେଶ୍ୱର ଅଞ୍ଚଳର ଇତିଶ୍ରୀ ମହାନ୍ତି ଏବଂ ହିମାଂଶୁ ଶେଖର ଲେଙ୍କା। ହିମାଂଶୁଙ୍କ ନିଶ୍ଚିନ୍ତକୋଇଲି ବଜାରରେ ଏକ ଚା' ଦୋକାନ ରହିଛି। ଏନେଇ ପୁଲିସ ନମ୍ବର ୧୭୦/୨୫ରେ ଏକ ମାମଲା ରୁଜୁ କରି ସେମାନଙ୍କୁ କୋର୍ଟଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଏହି ୩ ଜଣଙ୍କଠାରୁ ପୁଲିସ ୫ଟି ମୋବାଇଲ ଜବତ କରିଛି। ଏହାସହ ପୁଲିସ ଶୁଭାଶିଷର ଘରେ ଚଢ଼ଉ କରିଥିବା ଜଣାଯାଇଛି। ସେହିପରି, ଏହି ଘଟଣାରେ ସଂପୃକ୍ତ ଥିବା ଅନ୍ୟ ଜଣେ ଆସାମୀ ସାମ୍ବାଦିକ ଅସିତ ସାମଲ ଫେରାର୍ ଥିବା ବେଳେ ତାକୁ ଗିରଫ କରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରୁଛି।

**ଜଣେ ଫେରାର, ୫ ମୋବାଇଲ ଜବତ**



ସୂଚନାନୁଯାୟୀ, ଶୁଭାଶିଷ ଓ ଅସିତ ସାଟେଲାଇଟ୍ ଟିଭି ଚ୍ୟାନେଲର ସାମ୍ବାଦିକ। ସେମାନଙ୍କ ସହ ଜଣେ ମହିଳା ମିଶି ନିଶ୍ଚିନ୍ତକୋଇଲି, ମାହାଙ୍ଗା, ସାଲେପୁର ଓ କଟକ ସଦର ଅଞ୍ଚଳର ବହୁ ଶିକ୍ଷକ, ଡାକ୍ତର, ନର୍ସିଂହୋମ୍ ମାଲିକ ଓ ଅନ୍ୟାନ୍ୟ ଧନୀଶ୍ରେଣୀୟ ବ୍ୟକ୍ତିମାନଙ୍କୁ ହନିଟ୍ରାପ୍‌ରେ ଫସାଇ ଲକ୍ଷାଧିକ ଟଙ୍କା ହଡ଼ପ କରୁଥିଲେ। କିଛି ଦିନ ତଳେ ସେମାନେ କଟିକଟା ବଜାରର ଔଷଧ ବ୍ୟବସାୟୀ ପ୍ରଫୁଲ୍ଲ ସାହୁଙ୍କୁ ଜାଲରେ ଫସାଇ ତାଙ୍କଠାରୁ ୨.୫ଲକ୍ଷ ଟଙ୍କା ଲୁଟିଥିଲେ। ଏହି ଔଷଧ ବ୍ୟବସାୟୀଙ୍କୁ ମଧ୍ୟ ଯୋଜନାବଦ୍ଧ ଭାବେ ଯାଜପୁର ଜିଲ୍ଲା ବଡ଼ଚଣା ଥାନାରେ ୩ଦିନ ରଖାଯାଇ ନିର୍ଯାତନା ମଧ୍ୟ ଦିଆଯାଇଥିଲା। ଘଟଣାର କିଛି ଦିନ ପରେ ଔଷଧ ଦୋକାନୀଙ୍କର ପୁଅ ପ୍ରଦୀପ୍ତ ସାହୁ ନିଶ୍ଚିନ୍ତକୋଇଲି ଥାନା ସମେତ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବା ପରେ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଛି ଯେ ଅଭିଯୁକ୍ତମାନେ ହନିଟ୍ରାପ୍ ମାଧ୍ୟମରେ ବହୁ ସରକାରୀ ଅଧିକାରୀ ଓ ବ୍ୟବସାୟୀମାନଙ୍କୁ ଫସାଇ କୋଟିକୋଟି ଟଙ୍କାର ବେଆଇନ ଅର୍ଥ କାରବାର କରିଛନ୍ତି। ସେହିପରି, ଘଟଣାରେ ଆହୁରି ଅନେକ ମହିଳା ଓ ଅଭିଯୁକ୍ତଙ୍କ ସଂପୃକ୍ତି ରହିଛି। ସେମାନଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ କହିଛି।

# ୧୫ ମାସରେ ୨୨ ଛାତ୍ରୀଙ୍କ ଆତ୍ମହତ୍ୟା ସରକାରଙ୍କ ଲଜ୍ଜାଜନକ ଉପଲବ୍ଧି: ଛାତ୍ର ବିଜେଡି

ଭୁବନେଶ୍ୱର,୨୨।୯(ସମିସ): ବିଜେପି ସରକାରକୁ ଆସିବାର ୧୫ମାସ ବିତିଯାଇଥିଲେ ମଧ୍ୟ ଛାତ୍ର ସଂସଦ ନିର୍ବାଚନ ନ କରିବା ଯୋଗୁଁ ଛାତ୍ରଛାତ୍ରୀଙ୍କ ମନରେ ଆକ୍ରୋଶ ସୃଷ୍ଟି ହୋଇଛି। ଅନୁରୂପ ଭାବରେ ଏବିଭିପି ଓ ବିଜେପି ଯୁବମୋର୍ଚ୍ଚା ମଧ୍ୟରେ ଥିବା ଅନ୍ତଃକନ୍ଦଳ ଲାଗି କଲେଜ କ୍ୟାମ୍ପସ ଅଶାନ୍ତ ହୋଇଛି ବୋଲି ଅଭିଯୋଗ କରିଛି ବିଜୁ ଛାତ୍ର ଜନତା ଦଳ। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଇପ୍ସିତା ସାହୁ କହିଛନ୍ତି ଯେ, ବିଧାନସଭାରେ ସରକାର ଦେଇଥିବା ତଥ୍ୟ ଅନୁଯାୟୀ ରାଜ୍ୟର ୧୭ଟି ବିଶ୍ୱବିଦ୍ୟାଳୟରେ ୧୯ ଜଣ ଛାତ୍ରୀ ଯୌନ ଓ ମାନସିକ ନିର୍ଯାତନାର ଶିକାର ହୋଇଛନ୍ତି। ଏଫଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀଠୁ ଆରମ୍ଭ କରି ବଲଙ୍ଗା, ପଟ୍ଟାମୁଣ୍ଡାଇ, ମାହାଙ୍ଗା, ଗୋପାଳପୁର ଓ ବାଲିହରଚଣ୍ଡୀ ଘଟଣା ଦର୍ଶାଉଛି ଯେ ଏହି ସରକାରରେ ଛାତ୍ରୀମାନେ କିଭଳି ଅସୁରକ୍ଷିତ। ଗତ ୧୫ ମାସରେ ୨୨ ଜଣ ଛାତ୍ରୀ ଆତ୍ମହତ୍ୟା କରିବା ବିଜେପି ସରକାରର ଲଜ୍ଜାଜନକ ଉପଲବ୍ଧି। ଗୋଟିଏ ପଟେ ସରକାର ମଦମୁକ୍ତ ଓଡ଼ିଶା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ନେଇ ମାରାଥନ ଆୟୋଜନ କରୁଥିବା ବେଳେ, ଅନ୍ୟ ପଟେ




୭୦ଟି ବନ୍ଦ କରାଯାଇଥିବା ମଦ ଦୋକାନ ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଯାହା ସରକାରଙ୍କ ଦୋମୁହାଁ ନୀତିକୁ ପଦାରେ ପକାଇଛି। କଲେଜ କ୍ୟାମ୍ପସରେ ଶୈକ୍ଷିକ ବାତାବରଣ ଭୁଶୁଡ଼ି ପଡ଼ିଛି। କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ସମସ୍ୟା ବୁଝିବା ପାଇଁ କେହି ନାହାଁ। ଉଚ୍ଚଶିକ୍ଷା ବିଭାଗ ଆଜି ମୁରବୀ ଶୂନ୍ୟ ହୋଇପଡ଼ିଛି।

ଶ୍ରୀମତୀ ସାହୁ ଆହୁରି କହିଥିଲେ ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଛାତ୍ରଛାତ୍ରୀ ମାନଙ୍କ ପାଇଁ ନୂଆ-ଓ ସ୍କଲାରସିପ୍ ବ୍ୟବସ୍ଥା କରିଥିଲେ। ବର୍ତ୍ତମାନର ସରକାର ନାମ ଓ ରଙ୍ଗ ପରିବର୍ତ୍ତନ କରି ଅନେକ ଯୋଜନା କରୁଥିଲେ ମଧ୍ୟ ଛାତ୍ରଛାତ୍ରୀମାନେ ସ୍କଲାରସିପ୍ ପାଇବାରୁ ବଞ୍ଚିତ ହେଉଛନ୍ତି। ଛାତ୍ର ସଂସଦ ନିର୍ବାଚନ ପାଇଁ ସରକାର

**■ ରାଜ୍ୟ ସରକାରଙ୍କୁ ଭୟଭୀତ କରିଛି ଛାତ୍ରଛାତ୍ରୀଙ୍କ ଆକ୍ରୋଶ**
**■ ଛାତ୍ର ସଂସଦ ନିର୍ବାଚନ ନେଇ ସରକାରଙ୍କ ଆଭିମୁଖ୍ୟ ନିନ୍ଦନୀୟ**
**■ ଏବିଭିପି-ଯୁବମୋର୍ଚ୍ଚା ଅନ୍ତଃକନ୍ଦଳରେ ସମସ୍ତ ଶିକ୍ଷାନୁଷ୍ଠାନ କ୍ୟାମ୍ପସ ଅଶାନ୍ତ**
**■ ସତ୍‌ସାହସ ଥିଲେ ଛାତ୍ର ସଂସଦ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ କରନ୍ତୁ**

ସକାରାତ୍ମକ ଥିବା କଥା ଉଚ୍ଚଶିକ୍ଷା ମନ୍ତ୍ରୀ ବାରମ୍ବାର କହୁଛନ୍ତି। କିନ୍ତୁ ବର୍ତ୍ତମାନ ସୁଦ୍ଧା ସରକାର ବିଜ୍ଞପ୍ତି ପ୍ରକାଶ କରିନାହାନ୍ତି। ଯଦି ସରକାରଙ୍କ ସାହସ ଅଛି, ତେବେ ଆଗାମୀ ଏକ ସପ୍ତାହ ମଧ୍ୟରେ ଛାତ୍ର ସଂସଦ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ କରନ୍ତୁ ବୋଲି ଇପ୍ସିତା ସାହୁ ଆହ୍ୱାନ ଦେଇଛନ୍ତି। ନ ହେଲେ ଆଗାମୀ ଦିନରେ ବିଜୁ ଛାତ୍ର ଜନତା ଦଳ ଏଫଏମ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଫଟୋ ପକାଇ ପ୍ରତ୍ୟେକ କ୍ୟାମ୍ପସରେ ଲଢ଼େଇ ଆରମ୍ଭ କରିବ ବୋଲି ସେ କହିଛନ୍ତି।

# ନିଜ ଦେହରେ ନିଆଁ ଲଗାଇଥିଲେ ବଲଙ୍ଗା ପୀଡ଼ିତା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୨।୯ (ସମିସ): ବହୁଚର୍ଚ୍ଚିତ ବଲଙ୍ଗା ଛାତ୍ରୀ ମୃତ୍ୟୁ ଘଟଣାର ସାଙ୍ଘାତିକ କଥା ପଦାକୁ ଆସିଛି। ପୀଡ଼ିତା ନିଜ ଦେହରେ କିରୋସିନି ଢାଳି ନିଆଁ ଲଗାଇଥିବା ନେଇ ମୃତ୍ୟୁକାଳୀନ ଜମାନବନ୍ଦୀରେ କହିଥିଲେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଗୃହରେ ଉତ୍ତର ରଖିଛନ୍ତି। ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗତ ଜୁଲାଇ ୧୯ ତାରିଖ ଦିନ କିଛି ଦୁର୍ବୃତ୍ତ ଜଣେ ଛାତ୍ରୀଙ୍କୁ ଜୋରଜବରଦସ୍ତି ନଦୀ କୂଳକୁ ନେଇ କିରାସିନି ଓ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ନେଇ ଅଭିଯୋଗ ହୋଇଥିଲା। ଗ୍ରାମବାସୀମାନେ ପୀଡ଼ିତାଙ୍କୁ ପ୍ରଥମେ ପିପିଲି ଡାକ୍ତରଖାନା ଓ ପରେ ଏମ୍ସକୁ ପାଇଁ ସ୍ଥାନାନ୍ତର କରିଥିଲେ। ଏହାର ପରଦିନ ପୀଡ଼ିତାଙ୍କୁ ଉନ୍ନତ ଚିକିତ୍ସା ସରକାର ଏୟାର ଆମ୍ବୁଲାନ୍ସ ଯୋଗେ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରିଥିଲେ। ପ୍ରାୟ ୧୪ଦିନ ଚିକିତ୍ସିତ ହେବା ପରେ ଅଗଷ୍ଟ ୨ ତାରିଖ ଦିନ ପୀଡ଼ିତା ମୃତ୍ୟୁବରଣ କରିଥିଲେ। ପୀଡ଼ିତାଙ୍କ ମାଆଙ୍କ ଅଭିଯୋଗ ଆଧାରରେ ବଲଙ୍ଗା ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଭାରତୀୟ ନାଗରିକ ସୁରକ୍ଷା ସଂହିତା ଧାରା ୧୮୩ ଅନୁଯାୟୀ ମୃତ୍ୟୁ ପୂର୍ବରୁ ଭୁବନେଶ୍ୱର ଏମ୍ସରେ ଓ ଦିଲ୍ଲୀ ଏମ୍ସରେ ପୀଡ଼ିତାଙ୍କର ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୀଡ଼ିତାଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ରେକର୍ଡ କରାଯାଇଥିଲା। ଉଭୟ ଜମାନବନ୍ଦୀରେ ପୀଡ଼ିତା କହିଥିଲେ ଯେ ସେ ନିଜ ଉପରେ କିରାସିନି ଢାଳି ନିଆଁ ଲଗାଇ ଦେଇଥିଲେ। ସମସ୍ତ ତଥ୍ୟ ପ୍ରମାଣ ଆଧାରରେ ତଦନ୍ତ ପରିସମାପ୍ତି ପରେ ଏହି ମାମଲାକୁ ଫାଇନାଲ ରିପୋର୍ଟ ମିଷ୍ଟେକ୍ ଅଫ୍ ଫ୍ୟାକ୍ଟ କୋର୍ଟରେ ଦାଖଲ କରାଯାଇଛି।

**ସତର୍କ କଲା ଗୁଇନ୍ଦା ବିଭାଗ**

# ଓଡ଼ିଶାରେ ଛତିଶଗଡ଼ୀ ମାଓବାଦୀ

ଭୁବନେଶ୍ୱର, ୨୨।୯ (ସମିସ): ଛତିଶଗଡ଼ରେ ଯବାନଙ୍କ ଘନଘନ ସର୍ଚ୍ଚ ଅପରେସନ୍‌ରେ ମାଓବାଦୀମାନେ ଧରାଶାୟୀ। ସଂଗଠନ ବଞ୍ଚାଇବା ପାଇଁ ସେମାନେ ଓଡ଼ିଶାରେ ପ୍ରବେଶ କରିଛନ୍ତି। ବିଶେଷ କରି କନ୍ଧମାଳ, କୋରାପୁଟ, ମାଲକାନଗିରିରେ ମାଓବାଦୀମାନେ ନିଜର ଆଡ୍ଡା ଜମାଉଛନ୍ତି ଓ ୧୦ ମାଓନେତା ସଙ୍ଗଠନକୁ ସୁଦୃଢ଼ କରିବାକୁ ଉଦ୍ୟମ ଚଳାଇଛନ୍ତି। ତେଣୁ ମାଓ ପ୍ରତିଷ୍ଠା ସପ୍ତାହରେ ହିଂସାକାଣ୍ଡ ବୃଦ୍ଧି ଆଶଙ୍କା ରହିଛି ବୋଲି ସତର୍କ କରିଛି ଗୁଇନ୍ଦା ବିଭାଗ। ମାଓପ୍ରଭାବିତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ଦୃଢ଼ କରିବା ଓ ରାତ୍ରିକାଳୀନ ଟ୍ରେନ୍‌ରେ ଆର୍‌ପିଏଫ୍‌ଙ୍କ ସଂଖ୍ୟା ବୃଦ୍ଧି କରିବାକୁ ଗୁଇନ୍ଦା ବିଭାଗ ପରାମର୍ଶ ଦେଇଛି।

**◆ ସଂଗଠନ ମଜଭୁତ କରୁଛନ୍ତି ୧୦ ମାଓନେତା**
**◆ ମାଓବାଦୀ ପ୍ରତିଷ୍ଠା ସପ୍ତାହରେ ହିଂସା ଆଶଙ୍କା**
**◆ ରାତିଟ୍ରେନରେ ସୁରକ୍ଷା ବଢ଼ାଇବାକୁ ପରାମର୍ଶ**



ଏକ ସପ୍ତାହ ଧରି ମାଓବାଦୀ ପ୍ରତିଷ୍ଠା ଦିବସ ସପ୍ତାହ ପାଳନ କରାଯାଉଛି। ଏହା ସେପ୍ଟେମ୍ବର ୨୧ ତାରିଖରୁ ସେପ୍ଟେମ୍ବର ଶେଷ ଯାଏ ଚାଲିବ। ଏହି ସମୟରେ ମାଓବାଦୀମାନେ ସେମାନଙ୍କର ଉପସ୍ଥିତି ଜାହିର ପାଇଁ ହିଂସାକାଣ୍ଡ ଘଟାଇବାର ଆଶଙ୍କା ରହିଛି। ଛତିଶଗଡ଼ରେ ନିଜର ସ୍ଥିତି ଦୁର୍ବଳ ହୋଇପଡ଼ିଥିବା ବେଳେ ଓଡ଼ିଶାରେ ନିଜର ସଂଗଠନକୁ ବଢାଇବା ପାଇଁ ସେମାନେ ଉଦ୍ୟମ ଚଳାଇଛନ୍ତି। ତେଣୁ ଚକ୍ରଧରପୁର ଡିଭିଜନର ସୋନୁଆ, ଟୁନିଆ, ଜରେଇକେଲା, ଭାଲୁଲତା ଓ ବିଶ୍ରା ଭଳି ନକ୍ସଲ ପ୍ରଭାବିତ ଷ୍ଟେସନରେ ରେଳ ପ୍ରଶାସନ ଆର୍‌ପିଏଫ୍ କର୍ମଚାରୀଙ୍କ ସଂଖ୍ୟା ବଢାଇବାକୁ କୁହାଯାଇଛି। ବିଶେଷ କରି ରାତ୍ରିକାଳୀନ ଟ୍ରେନଗୁଡ଼ିକରେ ଆର୍‌ପିଏଫ୍ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି ସହ ମାଓ ପ୍ରଭାବିତ ଅଞ୍ଚଳରେ ରାତିରେ ଧୀରେ ଯାତ୍ରା କରିବାକୁ ଟ୍ରେନ୍ ଚାଳକମାନଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ନକ୍ସଲ ସଂଗଠନରେ ପୂର୍ବରୁ ରାଜ୍ୟ ରାଜ୍ୟ ମଧ୍ୟରେ ଥିବା କମିଟିଗୁଡ଼ିକରେ ତାଳମେଳ ରହୁ ନଥିଲା। ଏବେ ସେମାନେ ନିୟମିତ ଏକାଠି ହୋଇ ପରବର୍ତ୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ ନିଷ୍ପତ୍ତି ନେଉଛନ୍ତି ଏବଂ କନ୍ଧମାଳ ଜିଲ୍ଲା ଏବେ ମାଓବାଦୀଙ୍କ ଫୋକସରେ ଥିବା ସୂଚନା ମିଳିଛି। କେନ୍ଦ୍ରୀୟ କମିଟିର ସଦସ୍ୟ ବାସବରାଜୁ, ଉଦୟ, ବାଲକ୍ରିଷ୍ଣା, ଭାସ୍କରଙ୍କର ମୃତ୍ୟୁ ସଂଗଠନ ପାଇଁ ବଡ ଝଟକା ଦେଇଛି। ତେଣୁ ସେମାନଙ୍କ ଭଳି ସଦସ୍ୟଙ୍କୁ ଖୋଜିବାରେ ମାଓନେତା ଲାଗିପଡ଼ିଛନ୍ତି। ଦୀର୍ଘ ୧୭ ବର୍ଷର ବ୍ୟବଧାନ ପରେ ଏବେ ପୁଣି କନ୍ଧମାଳ-ଗଞ୍ଜାମଜିଲ୍ଲା ସୀମାରେ ସକ୍ରିୟ ହୋଇଛନ୍ତି ମାଓବାଦୀ। ତେଣୁ କନ୍ଧମାଳ ଜିଲ୍ଲାରେ ମଧ୍ୟ ସର୍ଚ୍ଚ ଅପରେସନ୍‌କୁ ବଢାଇ ଦିଆଯାଇଛି। ଏହି ସମୟରେ ଗତକାଲି କନ୍ଧମାଳ ଜିଲ୍ଲା ରାଇକିଆ-ଦାରିଙ୍ଗିବାଡ଼ି ଏବଂ ଗଞ୍ଜାମ ସୀମାନ୍ତବର୍ତ୍ତୀ ରଣବା ମାଣିକେଶ୍ୱର ପଞ୍ଚାୟତର ଗେବିଙ୍ଗିଆ ଜଙ୍ଗଲରେ ମାଓବାଦୀମାନେ ସକ୍ରିୟ ଥିବା ଘଟଣା ପୁଲିସ ପାଇଁ ଶିରପୀଡ଼ା ହୋଇଛି।

**■ ୧୫ ବିଶ୍ୱବିଦ୍ୟାଳୟକୁ ହାଇକୋର୍ଟଙ୍କ ନୋଟିସ୍**

## ଖାଲି ପଡ଼ିଛି ୧୩୩୨ ଅନୁମୋଦିତ ଅଧ୍ୟାପକ ପଦ

କଟକ, ୨୨।୯ (ସମିସ): ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ୧୫ଟି ସରକାରୀ ବିଶ୍ୱବିଦ୍ୟାଳୟରେ ୧୩୨୨ଟି ଅନୁମୋଦିତ ଅଧ୍ୟାପକ ପଦ ଦୀର୍ଘ ଦିନ ଧରି ଖାଲିପଡ଼ିଥିବା ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ପ୍ରସଙ୍ଗରେ ସମସ୍ତ ବିଶ୍ୱବିଦ୍ୟାଳୟକୁ ହାଇକୋର୍ଟ ନୋଟିସ୍ ଜାରି ସହ ଜବାବ ତଲବ କରିଛନ୍ତି। ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ଆବେଦନକାରୀ ଦର୍ଶାଇଛନ୍ତି, ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯ ଅନୁସାରେ ରାଜ୍ୟ ସରକାର ଏହି ୧୫ଟି ସରକାରୀ ବିଶ୍ୱବିଦ୍ୟାଳୟକୁ ନିୟନ୍ତ୍ରଣ କରିଥା'ନ୍ତି। ଏହି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଗତ ୨୦୨୨ ମସିହାରୁ କୌଣସି ଅଧ୍ୟାପକ ନିଯୁକ୍ତି ଦିଆଯାଇନାହିଁ। ବହୁ ପଦବୀ ଖାଲି ପଡ଼ିବାରୁ ଶିକ୍ଷାଦାନ ଏବଂ ଗବେଷଣା ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ଏହି କ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ୧୩୩ଟି ମଞ୍ଜୁରୀପ୍ରାପ୍ତ ପଦବୀ ଖାଲି ପଡ଼ିଥିବା ବେଳେ ରେଭେନ୍ସାରେ ୧୬୧, ଏମଏସ୍‌ସିବିରେ ୫୮ଟି, ବ୍ରହ୍ମପୁରରେ ୯୫, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ୭୮, ସମ୍ବଲପୁରରେ ୭୬ଟି, ଫକିରମୋହନ ବିଶ୍ୱବିଦ୍ୟାଳୟରେ ୪୯ଟି, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ୧୧୨, ଏସ୍‌ଏଜେଏସଭିରେ ୨୦ଟି, ରମାଦେବୀ ବିଶ୍ୱବିଦ୍ୟାଳୟରେ ୭୮ଟି, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ୧୦୬ଟି, ଧରଣୀଧର ବିଶ୍ୱବିଦ୍ୟାଳୟରେ ୧୦୫ଟି, ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ୧୧୧ଟି, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରେ ୫୦ଟି ଓ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ୯୬ଟି ମଞ୍ଜୁରୀପ୍ରାପ୍ତ ପଦ ଖାଲି ପଡ଼ିଛି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ନଭେମ୍ବର ୧୦କୁ ଧାର୍ଯ୍ୟ ହୋଇଛି।

**■ ଭିଜିଲାନ୍ସ ଜାଲରେ ୧୯୯ ସରକାରୀ ବାବୁ**

# ୧୫ ମାସରେ ୨୦୨ କୋଟିର ସମ୍ପତ୍ତି ଠାବ

ଭୁବନେଶ୍ୱର,୨୨।୯(ସମିସ): ଗତ ୧୫ ମାସରେ ଭିଜିଲାନ୍ସ ଜାଲରେ ୧୯୯ ସରକାରୀ ବାବୁ ପଡ଼ିଥିବା ବେଳେ ୨୦୨ କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଛି। ସେଥିମଧ୍ୟରେ ୭୭ଟି ଆୟ ବହିର୍ଭୂତ ଓ ୧୨୨ଟି ଲାଞ୍ଚ ନେବା ମାମଲା ରହିଛି। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଲିଖିତ ଉତ୍ତରରେ ଉଲ୍ଲେଖ ରହିଛି ଯେ ଗତ ୫ ବର୍ଷରେ ୩୬୬୧ଟି ଦୁର୍ନୀତି ନିବାରଣ ମାମଲା କୋର୍ଟରେ ବିଚାରାଧୀନ ଥିବା ବେଳେ ୭୨୨ଟି ମାମଲା ତଦନ୍ତାଧୀନ ରହିଛି। ୨୦୨୪ ଜୁଲାଇ ୧ରୁ ୨୦୨୫ ସେପ୍ଟେମ୍ବର ୧୫ମଧ୍ୟରେ ରାଜ୍ୟ ଭିଜିଲାନ୍ସ ବିଭାଗ ୭୭ଜଣ ସରକାରୀ ଅଧିକାରୀଙ୍କ ଘରେ ଚଢ଼ଉ କରିଛି। ସେମାନଙ୍କ ପାଖରୁ ମୋଟ ୨୦୨.୫୮କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଛି। ସେଥିମଧ୍ୟରେ ୮.୩୮ କୋଟି ନଗଦ ରାଶି ଥିବା ବେଳେ ୨୧୮ ଗୋଟି ଫ୍ଲାଟ୍, ୭୭୫ ଗୋଟି ପ୍ଲଟ୍, ୧୬ଟି ସୁନା ବିସ୍କୁଟ ସହ ମୋଟ ୨୫ କେଜି ୫୫୩ ଗ୍ରାମର ସୁନା ଅଳଙ୍କାର, ୧୩ଟି ଫାର୍ମ ହାଉସ, ୪୪.୨୧ କୋଟି ଟଙ୍କାର ବ୍ୟାଙ୍କ ଜମା ଏବଂ ୪୩.୦୨ କୋଟି ଟଙ୍କାର ବୀମାରାଶି ରହିଛି। ଏହି ସମୟ ମଧ୍ୟରେ ମୋଟ ୭୮୫ଜଣଙ୍କ ବିରୋଧରେ ଅଭିଯୋଗପତ୍ର ଦାଖଲ ହୋଇଛି। ସେହିପରି ୧୭୦ ଲୋକଙ୍କୁ ଦଣ୍ଡିତ କରାଯାଇଛି।

**ସରକାରଙ୍କୁ ବିଜେଡିର 'ଦାଦନ' ବାଣ**

# 'ଦାଦନମୁକ୍ତ ଓଡ଼ିଶା' ପ୍ରତିଶ୍ରୁତି ପାଣିର ଗାର

ଭୁବନେଶ୍ୱର,୨୨।୯(ସମିସ): ନିଜର ନିର୍ବାଚନୀ ଇସ୍ତାହାରରେ ଓଡ଼ିଶାକୁ ଦାଦନ ମୁକ୍ତ କରିବ ବୋଲି ବିଜେପି ପ୍ରତିଶ୍ରୁତି ଦେଇଥିଲା। ମାତ୍ର କ୍ଷମତାକୁ ଆସିବାର ୧୫ ମାସ ପରେ ମଧ୍ୟ ରାଜ୍ୟରେ ଦାଦନ ସମସ୍ୟା କମିବା ପରିବର୍ତ୍ତେ ଅଧିକ ଉତ୍କଟ ହୋଇଛି। ବିଜେପିର ଦାଦନମୁକ୍ତ ଓଡ଼ିଶା ପ୍ରତିଶ୍ରୁତି ପାଣିର ଗାର ବୋଲି ଅଭିଯୋଗ କରିଛି ବିଜେଡି। ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ସଞ୍ଜୟ ଦାସବର୍ମା ଓ ବିଧାୟକ ତଥା ଦଳର ସାଧାରଣ ସମ୍ପାଦକ ଧ୍ରୁବ ଚରଣ ସାହୁ ରାଜ୍ୟ ବିଜେପି ସରକାର ଦାଦନ ସମସ୍ୟା ସମାଧାନ ଦିଗରେ ପ୍ରତିଶ୍ରୁତି ପାଳନରେ ବିଫଳ ହୋଇଥିବା ଅଭିଯୋଗ କରି ସରକାରଙ୍କ ଉପରେ ବର୍ଷିଛନ୍ତି।

ଶ୍ରୀ ଦାସବର୍ମା କହିଥିଲେ ଯେ ଦାଦନ ସମସ୍ୟାକୁ ନେଇ ବିଜେପି ପକ୍ଷରୁ ପୂର୍ବ ସରକାରଙ୍କୁ ସମାଲୋଚନା କରୁଥିଲା ଓ କ୍ଷମତାକୁ ଆସିଲେ ଏହି ସମସ୍ୟାର ସମାଧାନ କରିବ ବୋଲି ଗତ ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିଲା। ମାତ୍ର କ୍ଷମତାକୁ ଆସିବାର ୧୫ ମାସ ଉର୍ଦ୍ଧ୍ୱ ବିତି ଯାଇଥିଲେ ମଧ୍ୟ ସମସ୍ୟା କମିବା ପରିବର୍ତ୍ତେ ଅଧିକ ଉତ୍କଟ ହୋଇଛି। ଦାଦନ ସମସ୍ୟା ସମାଧାନ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କଫୋର୍ସ ଗଠନରେ ସୀମିତ।



ଗ୍ରାମାଞ୍ଚଳରେ ମନରେଗା ଯୋଜନା ମାଧ୍ୟମରେ କର୍ମ ଦିବସ ଯୋଗାଇଦେବା କମୁଥିବାରୁ ସମସ୍ୟା ରାଜ୍ୟରେ ଉତ୍କଟ ରୂପ ନେଉଛି। ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟରେ ସମୁଦାୟ ୧୭ କୋଟି ୬୧ ଲକ୍ଷ କର୍ମ ଦିବସ ଯୋଗାଇଦିଆ ଯାଇଥିବା ବେଳେ ବିଜେପି ସରକାର ସମୟରେ ଏହି ସଂଖ୍ୟା ୧୦ କୋଟି ତଳକୁ ଖସି ଆସିଛି। ସେହିପରି ୨୦୨୩-୨୪ ଆର୍ଥିକ ବର୍ଷରେ ୩.୩୯ ଲକ୍ଷ ପରିବାରଙ୍କୁ ୧୦୦ ଦିନର କର୍ମ ଦିବସ ଯୋଗାଯାଇଥିବା ବେଳେ ଏହା ବିଜେପି ସରକାରଙ୍କ ସମୟରେ ୧.୪୯ ଲକ୍ଷକୁ କମିଛି। ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅରକୁଦା ଓ ସାନପାଟଣା ଗ୍ରାମରୁ ପ୍ରାୟ ଏକ ହଜାର ଲୋକ ଗତ ମାସରେ ଦାଦନ ଖଟିବାକୁ

**■ ଅରକୁଦା, ସାନପାଟଣାରୁ ଦାଦନ ଯାଇଛନ୍ତି ହଜାରେ**
**■ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ଟାସ୍କଫୋର୍ସ ଗଠନରେ ସୀମିତ**
**■ ରାଜ୍ୟରେ କମିବା ପରିବର୍ତ୍ତେ ଉତ୍କଟ ହେଉଛି ସମସ୍ୟା**

ଗୋଆ, ମାଙ୍ଗାଲୋର ଓ ତାମିଲନାଡୁ ଯାଇଛନ୍ତି। ଏହି ଦୁଇ ଗ୍ରାମ ଏବେ ପୁରୁଷଶୂନ୍ୟ ହୋଇ ପଡିଛନ୍ତି। ଏମାନଙ୍କ ଭିତରୁ ଜଣଙ୍କର ସେଠାରେ ମୃତ୍ୟୁ ଘଟିଛି, ଯାହାର ମରଶରୀର ଆଜି ଗ୍ରାମକୁ ଅଣାଯାଉଛି। ରାଜ୍ୟ ବିଜେପି ସରକାର କେବଳ ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେଉଛନ୍ତି ଓ ବିକଶିତ ଓଡ଼ିଶା ଗଠନର ସୁନେଲି ସ୍ୱପ୍ନ ଦେଖାଉଛନ୍ତି, କିନ୍ତୁ ସମସ୍ୟା ସମାଧାନ ଦିଗରେ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ଶୂନ ରହିଛି। ସେହିପରି ଧ୍ରୁବ ଚରଣ ସାହୁ କହିଥିଲେ ଯେ ବିଜେପିର ଓଡ଼ିଶାକୁ ଦାଦନମୁକ୍ତ କରିବା ଓ ରାଜ୍ୟର ଯୁବକମାନଙ୍କୁ ନିଯୁକ୍ତି ପ୍ରଦାନ କରିବା ପ୍ରତିଶ୍ରୁତି ଆଜି ପାଣିର ଗାର ପାଲଟିଛି। ପ୍ରତିଦିନ ରାଜ୍ୟ ବାହାରେ କେଉଁଠି ନା କେଉଁଠି ଓଡ଼ିଶାର ଶ୍ରମିକଙ୍କ ଦୁର୍ଦ୍ଦଶାର ଖବର ଗଣମାଧ୍ୟମରେ ଦେଖିବାକୁ ମିଳୁଛି। କେବଳ ପୁରୀ ଜିଲ୍ଲାରେ ନୁହେଁ, ବରଂ ସମଗ୍ର ଓଡ଼ିଶାରେ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି। କେନ୍ଦ୍ରାପଡା ଜିଲ୍ଲାରେ ନବୀନ ସରକାରଙ୍କ ସମୟରେ ଏକ ବୃହତ ଇସ୍ପାତ ପ୍ରକଳ୍ପ ପ୍ରତିଷ୍ଠା ହେବ ବୋଲି ସ୍ଥିର ହୋଇଥିଲା ଯାହା ଏବେ ଅନ୍ୟ ରାଜ୍ୟକୁ ସ୍ଥାନାନ୍ତର ହୋଇଛି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ।

# ଅବସରରୁ ଡି କକ୍‌ଙ୍କ ୟୁ-ଟର୍ନ

## ଦକ୍ଷିଣ ଆଫ୍ରିକା ଟି-୨୦ ଓ ଦିନିକିଆ ଦଳରେ ସାମିଲ



ଜୋହାନ୍ସବର୍ଗ, ୨୨।୯ (ଏଜେନ୍ସି): ଦକ୍ଷିଣ ଆଫ୍ରିକାର ଅଭିଜ୍ଞ ୱିକେଟ୍‌କିପର ବ୍ୟାଟର୍ କ୍ୱିଣ୍ଟନ ଡି କକ୍ ଦିନିକିଆ ଅବସରରୁ ୟୁ-ଟର୍ନ ନେଇଛନ୍ତି। ୫୦ ଓଭର ଫର୍ମାଟ୍‌ରୁ ଅବସର ନେବାର ଦୀର୍ଘ ୨ ବର୍ଷ ପରେ ଡି କକ୍‌ଙ୍କୁ ପୁଣିଥରେ ଜାତୀୟ ଦଳରେ ସ୍ଥାନ ମିଳିଛି। ଆଗାମୀ ପାକିସ୍ତାନ ବିପକ୍ଷ ଟୁର୍ ଲାଗି ସୋମବାର ଦକ୍ଷିଣ ଆଫ୍ରିକା ଦଳ ଘୋଷଣା କରାଯାଇଥିଲା। ଉଭୟ ଦିନିକିଆ ଓ ଟି-୨୦ ଦଳରେ ୩୨ ବର୍ଷୀୟ ଡି କକ୍‌ଙ୍କୁ ସାମିଲ କରାଯାଇଛି। ପାକିସ୍ତାନ ଗସ୍ତରେ ଯାଇ ଦକ୍ଷିଣ ଆଫ୍ରିକା ଅକ୍ଟୋବର ୧୨ରୁ ପ୍ରଥମେ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ଏହାପରେ ଦୁଇ ଦଳ ମଧ୍ୟରେ ୩ଟି ଲେଖାଏ ଟି-୨୦ ଓ ଦିନିକିଆ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଡି କକ୍ ୨୦୨୧ରେ ଟେଷ୍ଟ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇଥିଲେ। ଏହାପରେ ଭାରତରେ ୨୦୨୩ରେ ଅନୁଷ୍ଠିତ ବିଶ୍ୱକପ୍ ପରେ ସେ ଦିନିକିଆ ଫର୍ମାଟ୍‌କୁ ଅଲ୍‌ବିଦା କହିଥିଲେ। କିନ୍ତୁ ସେ ଟି-୨୦ କ୍ରିକେଟ୍‌ରେ ସକ୍ରିୟ ଥିଲେ। ୨୦୨୪ ଜୁନରେ ସେ ତାଙ୍କର ଶେଷ ଟି-୨୦ ମ୍ୟାଚ୍ ଦକ୍ଷିଣ ଆଫ୍ରିକା ପାଇଁ ଖେଳିଥିଲେ। ଏବେ ପାଖାପାଖି ଦେଢ଼ବର୍ଷ ପରେ ସେ ଟି-୨୦ ଦଳକୁ ଫେରିଛନ୍ତି। ବାମହାତୀ ବ୍ୟାଟର୍ ଡି କକ୍ ଦକ୍ଷିଣ ଆଫ୍ରିକା ପାଇଁ ୧୫୫ ଦିନିକିଆ ଓ ୯୨ ଟି-୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୬୭୭୦ ରନ ଓ ୨୫୮୪ ରନ ସଂଗ୍ରହ କରିଛନ୍ତି।

# ୬ ବର୍ଷ ପରେ ସିଏବି ସଭାପତି ପଦକୁ ଫେରିଲେ ଗାଙ୍ଗୁଲି

କୋଲକାତା, ୨୨।୯ (ଏଜେନ୍ସି): ଭାରତୀୟ ଦଳର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ଦୀର୍ଘ ୬ ବର୍ଷର ବ୍ୟବଧାନ ପରେ ପୁଣିଥରେ କ୍ରିକେଟ୍ ଆସୋସିଏସନ ଅଫ୍ ବେଙ୍ଗଲ (ସିଏବି) ସଭାପତି ପଦକୁ ଫେରିଛନ୍ତି। ସୋମବାର ସିଏବିର ୯୪ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ଅନୁଷ୍ଠିତ ହୋଇଥିଲା। ଏଥିରେ ୫୩ ବର୍ଷୀୟ ଗାଙ୍ଗୁଲି ସିଏବି ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଗାଙ୍ଗୁଲି ଏଥିପୂର୍ବରୁ ୨୦୧୫ରୁ ୨୦୧୯ ପର୍ଯ୍ୟନ୍ତ ସିଏବିର ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ। ଏବେ ସେ ତାଙ୍କ ବଡ଼ ଭାଇ ସ୍ନେହାଶିଷ ଗାଙ୍ଗୁଲିଙ୍କ ସ୍ଥାନରେ ପୁଣିଥରେ ଏହି କ୍ରିକେଟ୍ ପ୍ରଶାସକ ପଦରେ ଅବସ୍ଥାପିତ ହୋଇଛନ୍ତି। ସିଏବି ସଭାପତି ଭାବେ ନିର୍ବାଚିତ ହେବା ପରେ ଗାଙ୍ଗୁଲି ତାଙ୍କ ପ୍ରଥମ ପ୍ରତିକ୍ରିୟାରେ କହିଛନ୍ତି, 'ଆସନ୍ତା ବର୍ଷ ଭାରତରେ ଟି-୨୦ ବିଶ୍ୱକପ୍ ଖେଳାଯିବ। ତେଣୁ ଐତିହାସିକ ଇଡେନ ଗାର୍ଡେନ୍ସରେ ଆମେ ସେମିଫାଇନାଲ ଭଳି ବିଶ୍ୱକପର ବଡ଼ ମ୍ୟାଚ୍ ଆୟୋଜନ କରିବାକୁ ଲକ୍ଷ୍ୟ ରଖିଛୁ। ଏହାକୁ ନଜରରେ ରଖି ଇଡେନ ଗାର୍ଡେନ୍ସର ଦର୍ଶକ କ୍ଷମତା ଏକ ଲକ୍ଷକୁ ବଢ଼ାଇବାକୁ ଯୋଜନା କରିଛୁ। ଏବେ ଏହାର ଦର୍ଶକ କ୍ଷମତା ୬୮ ହଜାର ରହିଛି। ଏହା ଏକ ଲକ୍ଷକୁ ବୃଦ୍ଧି ହେଲେ ଅହମ୍ମଦାବାଦ ପରେ ଦେଶର ଦ୍ୱିତୀୟ ସର୍ବବୃହତ୍ ଷ୍ଟାଡିୟମ ମାନ୍ୟତା ପାଇବ।'

# ରୌଫ୍-ଫର୍‌ହାନଙ୍କୁ ନେଇ ଅଡୁଆରେ ପାକିସ୍ତାନ

ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି)

## ପଡ଼ିଆରେ 'ଆତଙ୍କବାଦୀ ମାନସିକତା'କୁ ପୂର୍ବତନ କ୍ରିକେଟରଙ୍କ ନିନ୍ଦା



ଗୋଟିଏ ସପ୍ତାହ ମଧ୍ୟରେ ଦୁଇ ଦୁଇଥର ଭାରତ ନିକଟରୁ ପରାଜୟର ସମ୍ମୁଖୀନ ହୋଇଛି ପାକିସ୍ତାନ କ୍ରିକେଟ୍ ଦଳ। ତେବେ ଗତକାଲି ଭାରତ ବିପକ୍ଷ ସୁପର୍-୪ ମ୍ୟାଚରେ ପାକିସ୍ତାନ ଖେଳାଳିଙ୍କ କାର୍ଯ୍ୟକଳାପକୁ ନେଇ ଏବେ ସେମାନଙ୍କୁ ଚାରିଆଡ଼ୁ ସମାଲୋଚନାର ଶିକାର ହେବାକୁ ପଡ଼ିଛି। ବିଶେଷ କରି ଓପନର୍ ଶାହିବଜାଦା ଫରହାନଙ୍କ ଏକେ-୪୭ ବନ୍ଧୁକରୁ ଗୁଳି ଚାଳନା କରିବା ଶୈଳୀରେ ସେଲିବ୍ରେସନ ଏବଂ ଦ୍ରୁତ ବୋଲର ହାରିସ ରୌଫ୍‌ଙ୍କ ବିମାନ ଖସାଇଦେବା ଇଙ୍ଗିତକୁ ନେଇ ଏବେ ସାମାଜିକ ଗଣମାଧ୍ୟମରେ ଉଭୟ ଟ୍ରୋଲର ସମ୍ମୁଖୀନ ହୋଇଛନ୍ତି। ଏହା ସେମାନଙ୍କର ପରାଜୟର ହତାଶାକୁ ପ୍ରଦର୍ଶନ କରୁଥିଲା ବୋଲି ଅନେକ କହିଛନ୍ତି। ସେହିଭଳି ଆଉ କେତେକ ଫରହାନ ଓ ରୌଫ୍‌ଙ୍କ ପ୍ରତିକ୍ରିୟା ପାକିସ୍ତାନର ଦଳର 'ମୁଜାହିଦ' ମାନସିକତାକୁ ସାମ୍ନାକୁ ଆଣିଛି ବୋଲି କହିଛନ୍ତି। ଏପରିକି ଏହି ଦୁଇ ଖେଳାଳିଙ୍କ ଏଭଳି ବ୍ୟବହାରକୁ ନେଇ ପାକିସ୍ତାନ ବୋର୍ଡ ମଧ୍ୟ ଅଡୁଆରେ ପଡ଼ିଛି। ପୂର୍ବରୁ ଯେବେବି ଭାରତ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଖେଳାଯାଇଛି, ସବୁବେଳେ ଉତ୍ତେଜନା ପରିସ୍ଥିତି ଦେଖିବାକୁ ମିଳିଛି। କିନ୍ତୁ ପ୍ରଥମଥର ପାଇଁ ପାକିସ୍ତାନ ଖେଳାଳିମାନେ କ୍ରିକେଟ୍ ପଡ଼ିଆରେ ଆତଙ୍କବାଦୀ ମାନସିକତାର ପ୍ରଦର୍ଶନୀ କରିଛନ୍ତି। 'ଭଦ୍ର ଲୋକଙ୍କ ଖେଳ' ଭାବେ ପରିଚିତ କ୍ରିକେଟରେ ଫରହାନ ଓ ରୌଫ୍ ଆତଙ୍କବାଦୀ ପ୍ରତୀକକୁ ଆଣି ପୁରାଇଛନ୍ତି ବୋଲି ଅନେକ ପୂର୍ବତନ କ୍ରିକେଟର୍ କହିଛନ୍ତି।

### ଶେଷ ୭ଟି ଲଢ଼େଇରେ ଭାରତଠୁ ହାରିଛି ପାକିସ୍ତାନ

ଚଳିତ ଏସିଆ କପ୍ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଗୋଟିଏ ସପ୍ତାହ ମଧ୍ୟରେ ଭାରତ ଦୁଇ ଦୁଇଟି ମ୍ୟାଚରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ମାତ୍ ଦେଇଛି। ରବିବାର ରାତିରେ ଦୁବାଇର ଷ୍ଟାଡିୟମରେ ଖେଳାଯାଇଥିବା ସୁପର୍-୪ ଲଢ଼େଇରେ ଭାରତ ୬ ୱିକେଟ୍‌ରେ ପାକିସ୍ତାନକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୫ ୱିକେଟ୍‌ରେ ୧୭୧ ରନ କରିଥିଲା। ଜବାବରେ ଓପନର୍ ଅଭିଷେକ ଶର୍ମା (୭୪ ରନ, ୩୯ ବଲ)ଙ୍କ ବିସ୍ଫୋରକ ଅର୍ଦ୍ଧଶତକୀୟ ପାଳି ବଳରେ ଭାରତ ୪ ୱିକେଟ୍ ହରାଇ ୭ଟି ବଲ୍ ପୂର୍ବରୁ ଲକ୍ଷ୍ୟ ହାସଲ କରିନେଇଥିଲା। ଏଥିପୂର୍ବରୁ ଗ୍ରୁପ୍ ପର୍ଯ୍ୟାୟରେ ମଧ୍ୟ ସୂର୍ଯ୍ୟକୁମାର ଯାଦବଙ୍କ ଦଳ ୭ ୱିକେଟ୍‌ରେ ପାକିସ୍ତାନକୁ ମାତ୍ ଦେଇଥିଲା। ବିଶ୍ୱର ବଡ଼ ବଡ଼ ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ବିପକ୍ଷରେ ଭାରତ ଏହାର ବିଜୟଧାରାକୁ ଗଲା ୩ ବର୍ଷ ହେଲା ବଜାୟ ରଖିଛି। ସେ ଦିନିକିଆ ବିଶ୍ୱକପ୍ ହେଉକି ଟି-୨୦ ବିଶ୍ୱକପ୍ କିମ୍ବା ଚାମ୍ପିଅନ୍ସ ଟ୍ରଫି ହେଉ ଅବା ଏସିଆ କପ୍। ୨୦୨୨ରୁ ଅଦ୍ୟାବଧି ବଡ଼ ବଡ଼ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ବିପକ୍ଷରେ ଭାରତ ୭ଟି ମ୍ୟାଚ୍ ଖେଳି ଶତପ୍ରତିଶତ ବିଜୟ ରେକର୍ଡ ବଜାୟ ରଖିଛି।

**ଭାରତ-ପାକିସ୍ତାନ ଶେଷ ୭ ମ୍ୟାଚ୍**

| ଟୁର୍ଣ୍ଣାମେଣ୍ଟ | ବର୍ଷ | ଫଳାଫଳ |
|---|---|---|
| ଏସିଆ କପ୍ | ୨୦୨୫ | ଭାରତ ୬ ୱିକେଟ୍‌ରେ ବିଜୟୀ |
| ଏସିଆ କପ୍ | ୨୦୨୫ | ଭାରତ ୭ ୱିକେଟ୍‌ରେ ବିଜୟୀ |
| ଚାମ୍ପିଅନ୍ସ ଟ୍ରଫି | ୨୦୨୫ | ଭାରତ ୬ ୱିକେଟ୍‌ରେ ବିଜୟୀ |
| ଟି-୨୦ ବିଶ୍ୱକପ୍ | ୨୦୨୪ | ଭାରତ ୬ ରନରେ ବିଜୟୀ |
| ଦିନିକିଆ ବିଶ୍ୱକପ୍ | ୨୦୨୩ | ଭାରତ ୭ ୱିକେଟ୍‌ରେ ବିଜୟୀ |
| ଏସିଆ କପ୍ | ୨୦୨୩ | ଭାରତ ୨୨୮ ରନରେ ବିଜୟୀ |
| ଟି-୨୦ ବିଶ୍ୱକପ୍ | ୨୦୨୨ | ଭାରତ ୪ ୱିକେଟ୍‌ରେ ବିଜୟୀ |

### ବ୍ରହ୍ମାସ୍ତ୍ର ଲଞ୍ଚ କଲେ ଅଭିଷେକ-ଗିଲ୍: କାନେରିଆ

ପାକିସ୍ତାନ ବିପକ୍ଷ ସୁପର୍-୪ ମୁକାବିଲାକୁ ୬ ୱିକେଟ୍‌ରେ ଜିତିବା ପରେ ଭାରତର ଦୁଇ ଓପନର୍ ଅଭିଷେକ ଶର୍ମା ଓ ଶୁବମନ ଗିଲ୍‌ଙ୍କ ବ୍ୟାଟିଂକୁ ଚାରିଆଡ଼ୁ ପ୍ରଶଂସା କରାଯାଉଛି। ୧୭୨ ରନର ଲକ୍ଷ୍ୟକୁ ପିଛା କରୁଥିବାବେଳେ ଅଭିଷେକ ଓ ଗିଲ୍ ଓପନିଂ ଯୋଡ଼ିରେ ୫୯ ବଲ୍‌ରୁ ୧୦୫ ରନ ଉଠାଇ ବିଜୟପଥ ପରିଷ୍କାର କରିଥିଲେ। ଏହି ଶତକୀୟ ଭାଗୀଦାରିକୁ ପୂର୍ବତନ ପାକିସ୍ତାନ କ୍ରିକେଟର୍ ଦାନିସ କାନେରିଆ ବେଶ୍ ପ୍ରଶଂସା କରିଛନ୍ତି। ଖବର ସରବରାହ ସଂସ୍ଥା ଆଇଏଏନ୍‌ଏସ୍ ସହ ଏକ ସାକ୍ଷାତ୍‌କାର ଅବସରରେ କାନେରିଆ କହିଛନ୍ତି, 'ଶାହିବଜାଦା ଫରହାନ ଅର୍ଦ୍ଧଶତକ ପରେ ଏକେ-୪୭ ବନ୍ଧୁକରୁ ଗୁଳି ଚଳାଇବା ଶୈଳୀରେ ସେଲିବ୍ରେସନ କରିଥିଲେ। କିନ୍ତୁ ଏହାପରେ ଅଭିଷେକ ଓ ଗିଲ୍ ବିସ୍ଫୋରକ ବ୍ୟାଟିଂ ଜରିଆରେ ସେମାନଙ୍କ ବ୍ୟାଟରୁ ପାକିସ୍ତାନ ଉପରେ ବ୍ରହ୍ମାସ୍ତ୍ର ଲଞ୍ଚ କରିଥିଲେ। ଭାରତୀୟ ଓପନରଙ୍କ ପ୍ରତି ଆକ୍ରମଣ ଏତେ ବିଧ୍ୱଂସୀ ଥିଲା ଯେ ପାକିସ୍ତାନ ଖେଳାଳି ଧରାଶାୟୀ ହୋଇପଡ଼ିଥିଲେ। ପାକିସ୍ତାନ ବୋଲରଙ୍କୁ ଗିଲ୍ ଓ ଅଭିଷେକ ପ୍ରଥମେ 'ଧୁଲାଇ' ଓ ପରେ 'ମହାଧୁଲାଇ' କରିଥିଲେ' ବୋଲି କହି କାନେରିଆ ନିଜ ଦେଶର ଖେଳାଳିଙ୍କୁ ଭର୍ତ୍ସନା କରିଛନ୍ତି।

### ପାକିସ୍ତାନ ୨୦୦ କରିଥିଲେ ମଧ୍ୟ ହାରିଥାନ୍ତା: ଅଖତର

ଭାରତ ନିକଟରୁ କ୍ରମାଗତ ଦୁଇଟି ମ୍ୟାଚ୍ ହାରିବା ପରେ ପୂର୍ବତନ ପାକିସ୍ତାନ କ୍ରିକେଟର୍ ନିଜ ଦଳର ଖେଳାଳିଙ୍କ ପ୍ରଦର୍ଶନକୁ ନେଇ ବେଶ୍ ସମାଲୋଚନା କରିଛନ୍ତି। ରାୱଲପିଣ୍ଡି ଏକ୍ସପ୍ରେସ ଭାବେ ପରିଚିତ ସୋଏବ ଅଖତର ନିଜ ଦଳକୁ ସମାଲୋଚନା କରି କହିଛନ୍ତି, ଯଦି ପାକିସ୍ତାନ ୨୦୦ ରନ କରିଥାନ୍ତା ତେବେ ତଥାପି ମ୍ୟାଚ୍ ହାରିଥାନ୍ତା। ପାକିସ୍ତାନ ବୋଲିଂ ଲାଇନଅପ୍ ୨୦୦ ରନକୁ ମଧ୍ୟ ଡିଫେଣ୍ଡ କରିପାରି ନ ଥାନ୍ତା। ଦଳର ବୋଲିଂ ରଣନୀତି ସମ୍ପୂର୍ଣ୍ଣ ଭୁଲ୍ ଥିଲା। ଅବରାର ଅହମ୍ମଦଙ୍କ ଭଳି ପ୍ରମୁଖ ବୋଲରଙ୍କୁ ପଛରେ ରଖି ସଇମ ଆୟୁବଙ୍କୁ ପାୱାର ପ୍ଲେ'ରେ ବୋଲିଂ ଦେବା ବୋକାମୀ ଥିଲା' ବୋଲି ଏକ ଟିଭି ଶୋ'ରେ ଅଖତର କହିଛନ୍ତି। ଏହି ପୂର୍ବତନ ଦ୍ରୁତ ବୋଲର ଆହୁରି ମଧ୍ୟ ହାରିସ ରୌଫ୍‌ଙ୍କୁ ସମାଲୋଚନା କରିବାକୁ ପଛାଇ ନ ଥିଲେ। ଅଖତର କହିଥିଲେ, ରୌଫ୍‌ଙ୍କୁ ଯେଉଁ ୱିକେଟ୍ ମିଳିଛି ତାହା ଭାରତୀୟ ବ୍ୟାଟରଙ୍କ ଭୁଲ୍ ଯୋଗୁଁ ପାଇଛନ୍ତି। ସେ ନିଜ ଦକ୍ଷତା ବଳରେ ଜଣେ ବି ଭାରତୀୟ ବ୍ୟାଟରଙ୍କୁ ଆଉଟ୍ କରିନାହାନ୍ତି। ସେହିଭଳି ଅଭିଷେକଙ୍କ ବ୍ୟାଟିଂ ବେଶ୍ ପ୍ରଶଂସନୀୟ ଥିଲା। ଯଦି ଅଭିଷେକ ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥାନ୍ତେ ତେବେ ଭାରତ ୧୫ ଓଭରରେ ମ୍ୟାଚ୍ ଜିତିଯାଇଥାନ୍ତା। ସଞ୍ଜୁ ସାମସନଙ୍କ ସ୍ଥାନରେ ଲୋକେଶ ରାହୁଲ ଭାରତୀୟ ଦଳରେ ରହିଥିଲେ ପାକିସ୍ତାନର ସ୍ଥିତି ଆହୁରି ଖରାପ ହୋଇଥାନ୍ତା' ବୋଲି ସୋଏବ କହିଛନ୍ତି। ନିଜ ଦେଶର ଖେଳାଳିଙ୍କୁ ଅଖତରଙ୍କ ଏହି ସମାଲୋଚନା ପାକିସ୍ତାନ କ୍ରିକେଟ୍ ବୋର୍ଡକୁ ଗଭୀର ସମସ୍ୟାରେ ପକାଇଛି।

**DP WORLD ASIA CUP 2025 — ଆଜିର ମ୍ୟାଚ୍**

ଶ୍ରୀଲଙ୍କା-ପାକିସ୍ତାନ
ଭେନ୍ୟୁ : ଆବୁଧାବି
ଖେଳ ଆରମ୍ଭ : ରାତି ୮ଟା
ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

**ସୁଲତାନ ଜୋହର କପ୍ ଜୁନିଅର ହକି**

# ଭାରତୀୟ ଦଳରେ ଓଡ଼ିଶାରୁ ୩ ଖେଳାଳି

ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି): ଆଗାମୀ ସୁଲତାନ ଜୋହର କପ୍ ହକି ଟୁର୍ଣ୍ଣାମେଣ୍ଟ ଲାଗି ସୋମବାର ଭାରତୀୟ ଜୁନିଅର ପୁରୁଷ ଦଳ ଘୋଷଣା କରାଯାଇଛି। ଡିଫେଣ୍ଡର ରୋହିତ୍‌ଙ୍କୁ ଘୋଷିତ ୧୮ ଜଣିଆ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ହକି ଇଣ୍ଡିଆ ପକ୍ଷରୁ ଘୋଷିତ ଏହି ଦଳରେ ଓଡ଼ିଶାର ୩ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ଅନମୋଲ୍ ଏକ୍କା, ମିଡ୍‌ଫିଲ୍ଡର ରୋସନ କୁଜୁର ଓ ଆଦ୍ରୋହିତ୍ ଏକ୍କା। ସେହିଭଳି ୫ଜଣ ଖେଳାଳିଙ୍କୁ ଷ୍ଟାଣ୍ଡବାଏ ଭାବେ ଦଳରେ ରଖାଯାଇଛି। ଏଥିରେ ମଧ୍ୟ ଓଡ଼ିଶାର ବିବେକ ଲାକ୍ରା ଓ ରୋହିତ୍ କୁଲ୍ଲୁଙ୍କୁ ସାମିଲ କରାଯାଇଛି। ୨୧ ବର୍ଷରୁ କମ୍ ଏହି ସମ୍ମାନଜନକ ହକି ଟୁର୍ଣ୍ଣାମେଣ୍ଟ ଅକ୍ଟୋବର ୧୧ରୁ ୧୮ ତାରିଖ ପର୍ଯ୍ୟନ୍ତ ମାଲେସିଆରେ ଖେଳାଯିବ। ଆୟୋଜକ ମାଲେସିଆ ସମେତ ଭାରତ, ଅଷ୍ଟ୍ରେଲିଆ, ଗ୍ରେଟ୍ ବ୍ରିଟେନ, ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ଦଳ ଅଂଶଗ୍ରହଣ କରୁଛନ୍ତି। ରାଉଣ୍ଡ-ରବିନଭିତ୍ତିରେ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏହାପରେ ପଏଣ୍ଟ ଟେବଲର ଦୁଇ ଶ୍ରେଷ୍ଠ ଦଳ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଦିବସରେ ଗ୍ରେଟ୍ ବ୍ରିଟେନ ବିପକ୍ଷରେ ଖେଳି ଭାରତ ଟୁର୍ଣ୍ଣାମେଣ୍ଟରେ ଏହାର ଅଭିଯାନ ଆରମ୍ଭ କରିବ। ଅକ୍ଟୋବର ୧୪ରେ ଭାରତ ଓ ପାକିସ୍ତାନ ମଧ୍ୟରେ ହାଇଭୋଲଟେଜ୍ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଗତ ସଂସ୍କରଣରେ ଭାରତ ଏହି ଟୁର୍ଣ୍ଣାମେଣ୍ଟରେ କାଂସ୍ୟ ପଦକ ବିଜୟୀ ହୋଇଥିଲା।





# ନାଇଟ୍ ରାଇଡର୍ସଙ୍କୁ ୫ମ ସିପିଏଲ୍ ଟ୍ରଫି




ଗୁୟାନା, ୨୨।୯ (ଏଜେନ୍ସି): କାରିବୀଆନ ପ୍ରିମିୟର ଲିଗ୍ (ସିପିଏଲ୍)ର ୧୩ତମ ସଂସ୍କରଣରେ ତ୍ରିନବାଗୋ ନାଇଟ୍ ରାଇଡର୍ସ ଚାମ୍ପିଅନ ହୋଇଛି। ଗତକାଲି ରାତିରେ ଖେଳାଯାଇଥିବା ଫାଇନାଲ ମୁକାବିଲାରେ ନାଇଟ୍ ରାଇଡର୍ସ ୩ ୱିକେଟ୍‌ରେ ଗୁୟାନା ଆମାଜନ ୱାରିୟର୍ସଙ୍କୁ ପରାସ୍ତ କରି ରେକର୍ଡ ୫ମଥର ଲାଗି ସିପିଏଲ୍ ଟ୍ରଫି ଜିତିଛି। ସ୍ଥାନୀୟ ପ୍ରୋଭିଡେନ୍ସ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଗୁୟାନା ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ୱିକେଟ୍ ହରାଇ ୧୩୦ ରନ କରିଥିଲା। ଦଳ ପକ୍ଷରୁ ଇଫତିକାର ଅହମ୍ମଦ ସର୍ବାଧିକ ୩୦, ବେନ୍ ମ୍ୟାକଡର୍ମଟ୍ଟ ୨୮ ରନ କରିଥିଲେ। ଜବାବରେ ତ୍ରିନବାଗୋ ନାଇଟ୍ ରାଇଡର୍ସ ୨ ଓଭର ବଳକା ଥାଇ ୭ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଆଲେକ୍ସ ହେଲ୍ସ ୨୬, କଲିନ ମୁନରୋ ୨୩, ସୁନିଲ ନାରାୟଣ ୨୨ ରନ କରିଥିଲେ। ଅଧିନାୟକ ନିକୋଲସ ପୁରନ ୧ ରନ କରି ନିରାଶ କରିଥିଲେ।

# ଜୟ ଶାହଙ୍କୁ ଭେଟିଲେ ସଞ୍ଜୟ



କଟକ,୨୨।୯ (ସମିସ): ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ଅଧ୍ୟକ୍ଷ ଜୟ ଶାହଙ୍କୁ ଅହମ୍ମଦାବାଦ୍‌ରେ ଭେଟିଛନ୍ତି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସମ୍ପାଦକ ସଞ୍ଜୟ ବେହେରା। ଶ୍ରୀ ଶାହଙ୍କ ଜନ୍ମଦିନ ଉପଲକ୍ଷେ ସଞ୍ଜୟ ତାଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହ ରାଜ୍ୟ କ୍ରିକେଟ ବାବଦରେ ଆଲୋଚନା କରିଥିଲେ। ଆସନ୍ତା ଡିସେମ୍ବର ୯ରେ କଟକ ବାରବାଟୀ ଷ୍ଟାଡିୟମରେ ଭାରତ ଓ ଦକ୍ଷିଣଆଫ୍ରିକା ବିପକ୍ଷ ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଖେଳାଯିବ। ମ୍ୟାଚ୍‌ରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେବା ନିମନ୍ତେ ସଞ୍ଜୟ ଶ୍ରୀ ଶାହଙ୍କୁ ନିମନ୍ତ୍ରଣ ଦେଇଥିଲେ।


● ପୂର୍ବାଞ୍ଚଳ ଜୁନିଅର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍

# ସାଗରଙ୍କୁ ସ୍ୱର୍ଣ୍ଣ, ସୂରଜ ଜିତିଲେ ରୌପ୍ୟ




ଭୁବନେଶ୍ୱର, ୨୨।୯ (ସମିସ): ଝାଡ଼ଖଣ୍ଡର ରାଜଧାନୀ ରାଞ୍ଚିରେ ସୋମବାରଠାରୁ ପୂର୍ବାଞ୍ଚଳ ଜୁନିଅର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ୩୬ତମ ସଂସ୍କରଣ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଓଡ଼ିଶା କ୍ରୀଡ଼ାବିତ୍‌ଙ୍କୁ ୨ଟି ପଦକ ସଫଳତା ମିଳିଛି। ପୁରୁଷ ହାଇଜମ୍ପରେ ସାଗର ଏକ୍କା ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ସାଗର ୧.୯୦ ମିଟର ଉଚ୍ଚକୁ ଡେଇଁ ପୋଡିୟମର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିଭଳି ଡିସକସ୍ ଥ୍ରୋରେ ଓଡ଼ିଶାର ସୂରଜ ଗୋପେ ରୌପ୍ୟ ପଦକ ହାସଲ କରିଛନ୍ତି। ସୂରଜ ୪୩.୪୪ ମିଟର ଥ୍ରୋ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ତିନିଦିନିଆ ଏହି ଦୌଡ଼କୁଦ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହେବ।

# ୧୧ ବର୍ଷ ପରେ ଭାରତ ଆସିବେ ବୋଲ୍ଟ



ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି): ଆଠଥରର ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ମହାନ ଧାବକ ଉସେନ ବୋଲ୍ଟ ଭାରତରେ ଏକ ପ୍ରଦର୍ଶନୀ ଫୁଟ୍‌ବଲ୍ ମ୍ୟାଚ୍ ଖେଳିବେ। ଅକ୍ଟୋବର ୧ରେ ମୁମ୍ବାଇରେ ଏହି ଫୁଟ୍‌ବଲ ମ୍ୟାଚ୍ ଖେଳାଯିବ। ଏକ ସ୍ପୋର୍ଟ୍ସ ବ୍ରାଣ୍ଡର ଦୁଇ ଦିନିଆ ଉତ୍ସବର ଅଂଶବିଶେଷ ସ୍ୱରୂପ ଏହି ପ୍ରଦର୍ଶନୀ ଫୁଟ୍‌ବଲ ମ୍ୟାଚ୍ ଆୟୋଜିତ ହେବ। ଏହି ଫୁଟବଲ୍ ମ୍ୟାଚ୍ ଇଣ୍ଡିଆନ ସୁପର୍ ଲିଗ୍‌ର ଦୁଇ ଦଳ ମୁମ୍ବାଇ ସିଟି ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ ଖେଳାଯିବ। ଏଥିରେ ବୋଲ୍ଟ ମୁମ୍ବାଇ ପାଇଁ ଗୋଟିଏ ହାଫ୍ ଓ ବେଙ୍ଗାଲୁରୁ ପାଇଁ ଅନ୍ୟ ହାଫ୍‌ଟି ଖେଳିବେ ବୋଲି ଜଣାପଡ଼ିଛି। ବଲିଉଡ୍‌ର କିଛି ଚର୍ଚ୍ଚିତ ଚେହେରାଙ୍କୁ ମଧ୍ୟ ଏହି ପ୍ରଦର୍ଶନୀ ମ୍ୟାଚରେ ଖେଳୁଥିବାର ଦେଖିବାକୁ ମିଳିବ। ଏଥିପୂର୍ବରୁ ଜାମାଇକା ତାରକା ବୋଲ୍ଟ ସେପ୍ଟେମ୍ବର ୨୬ରୁ ୨୮ ମଧ୍ୟରେ ଦିଲ୍ଲୀ ଓ ମୁମ୍ବାଇରେ କେତୋଟି କାର୍ଯ୍ୟକ୍ରମରେ ଯୋଗଦେବାର ରହିଛି। ଉଲ୍ଲେଖଯୋଗ୍ୟ, ୩୯ ବର୍ଷୀୟ ବୋଲ୍ଟ ଦ୍ୱିତୀୟଥର ଲାଗି ଭାରତ ଗସ୍ତରେ ଆସିବେ। ଏଥିପୂର୍ବରୁ ସେ ୨୦୧୪ରେ ପ୍ରଥମଥର ଭାରତ ଗସ୍ତରେ ଆସି ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ କ୍ରିକେଟର୍ ଯୁବରାଜ ସିଂହଙ୍କ ସହ ଏକ ୧୦୦ ମିଟର ରେସରେ ଭାଗନେଇଥିଲେ।

**ଓଡ଼ିଶା ପ୍ରୋ ଟି-୨୦ ଲିଗ୍**

# ପୁରୀ, କଟକର ସହଜ ବିଜୟ

କଟକ,୨୨।୯ (ସମିସ)



ବାରବାଟୀ ଷ୍ଟାଡିୟମରେ ଖେଳାଯାଉଥିବା ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ର ସୋମବାର ଅପରାହ୍ନରେ ଖେଳାଯାଇଥିବା ମ୍ୟାଚ୍‌ରେ ପୁରୀ ଟାଇଟନ୍ସ ୪୫ ରନରେ ରାଉରକେଲା ଷ୍ଟିଲର୍ସଙ୍କୁ ପରାସ୍ତ କରିଛି। ଟାଇଟନ୍ସର ଏହା ଦ୍ୱିତୀୟ ବିଜୟ। ୪ଟି ମ୍ୟାଚ୍‌ରୁ ୮ ପଏଣ୍ଟ ହାସଲ କରି ପୁରୀ ପଏଣ୍ଟ ଟେବଲର ଦ୍ୱିତୀୟ ସ୍ଥାନରେ ରହିଛି। ତେବେ ଷ୍ଟିଲର୍ସ ଏଯାବତ୍ ବିଜୟ ଖାତା ଖୋଲିପାରିନି। ଏକ ମ୍ୟାଚ୍ ବାତିଲ ଯୋଗୁଁ ୨ ପଏଣ୍ଟ ହାସଲ କରି ଷ୍ଟିଲର୍ସ ଦଳ ଟେବଲର ଅନ୍ତିମ ସ୍ଥାନରେ ରହିଛି। ବର୍ଷା ବାଧକ ଯୋଗୁ ଟାଇଟନ୍ସ ଏବଂ ଷ୍ଟିଲର୍ସ ମଧ୍ୟରେ ହୋଇଥିବା ମୁକାବିଲା ୧୮ ଓଭର ବିଶିଷ୍ଟ କରାଯାଇଥିଲା। ଏଥିରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଟାଇଟନ୍ସ ୭ ୱିକେଟ ବିନିମୟରେ ୧୬୧ ରନ କରିଥିଲା। କାର୍ତ୍ତିକ ବିଶ୍ୱାଳ ୨୯ ବଲରୁ ୪୨ ରନ ଓ ଅଲ୍‌ରାଉଣ୍ଡର ରାଜେଶ ମହାନ୍ତି ୪୫ ରନର ବିସ୍ଫୋରକ ପାଳି ଖେଳିଥିଲେ। ରାଉରକେଲାର ପ୍ରଦୀପ ପ୍ରଧାନ ସର୍ବାଧିକ ୩ଟି ୱିକେଟ ଦଖଲ କରିଥିଲେ। ପୁର୍ନବାର ବର୍ଷା ଯୋଗୁଁ ଡିଏଲଏସ୍ ପଦ୍ଧତିରେ ରାଉରକେଲା ସମ୍ମୁଖରେ ୧୦.୪ ଓଭରରେ ୯୭ ରନର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ମାତ୍ର ଷ୍ଟିଲର୍ସ ୫ ୱିକେଟ ହରାଇ ମାତ୍ର ୫୧ରନ ସଂଗ୍ରହ କରିଥିଲା। କାର୍ତ୍ତିକଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଛି। ସେହିଭଳି ରାତିରେ ଖେଳାଯାଇଥିବା ୨ୟ ମ୍ୟାଚରେ କଟକ ପାନ୍ଥର୍ସ ୧୭ ରନରେ ସମ୍ବଲପୁର ୱାରିୟର୍ସଙ୍କୁ ପରାସ୍ତ କରିଛି। ୧୨ ଓଭରବିଶିଷ୍ଟ ଏହି ମ୍ୟାଚରେ କଟକ ପ୍ରଥମେ ବ୍ୟାଟିଂ କରି ୯ ୱିକେଟ୍‌ରେ ୧୨୯ ରନ କରିଥିଲା। ଶୁଭମ ଶତ୍ରୁଜିତ ୩୩ ଓ ଅଭିଷେକ ରାଉତ ୨୮ ରନ କରିଥିଲେ। ଜବାବରେ ସମ୍ବଲପୁର ୧୧.୪ ଓଭରରେ ୧୧୧ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜୟୀ କଟକ ଦଳର ବିପ୍ଳବ ସାମନ୍ତରାୟଙ୍କୁ ୪ଟି ୱିକେଟ୍ ମିଳିଥିଲା।

### ପ୍ରଥମେ ରାଜ୍ୟ ପାଇଁ ଭଲ ଖେଳ: ମନିନ୍ଦର

ପ୍ରଥମଶ୍ରେଣୀ କ୍ରିକେଟ ହେଉଛି ଭିତ୍ତିଭୂମି। ଯୁବ ବୟସର ଖେଳାଳିମାନେ ଆଇପିଏଲ ପାଇଁ ଖେଳିବାର ମନୋଭାବ ରଖିଲେ ପ୍ରଦର୍ଶନରେ ବିକାଶ ଘଟିବ ନାହିଁ। ଏଣୁ ପ୍ରଥମେ ନିଜ ରାଜ୍ୟ ଦଳ ପାଇଁ କିପରି ଭଲ ପ୍ରଦର୍ଶନ କରିବେ ସେ ଚିନ୍ତାଧାରା ସୃଷ୍ଟି କରିବା ଉଚିତ। ଓଡ଼ିଶା ପ୍ରୋ ଟି-୨୦ ଲିଗ୍ ଆୟୋଜନ କରି ଓସିଏ ଖେଳାଳିମାନଙ୍କ ମନୋବଳକୁ ଦୃଢ଼ କରିବାକୁ ପଥ ପ୍ରସ୍ତୁତ କରିଛି। ଏହାର ପ୍ରଭାବ ନିଶ୍ଚିତ ପଡିବ। ବଡ ସଟ୍ ଖେଳିବା ଅପେକ୍ଷା କ୍ରିକେଟର ମୌଳିକ ଶିକ୍ଷା ହାସଲ କରିବାକୁ ଓଡ଼ିଆ ଖେଳାଳିଙ୍କୁ ପରାମର୍ଶ ଦେଇଛନ୍ତି ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ମନିନ୍ଦର ସିଂହ। ଓସିଏ ଓ କାରିଭା ସ୍ପୋର୍ଟସର ମିଳିତ ଆନୁକୂଲ୍ୟରେ ବାରବାଟୀରେ ଲିଗ୍ ଜାରି ରହିଛି। ଷ୍ଟାର ସ୍ପୋର୍ଟ୍ସ ଖେଲ୍ ଏବଂ ଫ୍ୟାନକୋଡ୍(ଓଟିଟି)ରେ ଖେଳର ସିଧାପ୍ରସାରଣ ହେଉଛି। ମନିନ୍ଦର ଭାଷ୍ୟକାର ଭାବେ କଟକ ଆସିଛନ୍ତି। ଏହା ଭିତରେ ସେ ୪୦ବର୍ଷ ପୂର୍ବର କଥା ମନେ ପକାଇ ଉତ୍ତରାଞ୍ଚଳ ୨୨ବର୍ଷରୁ କମ୍ ଦଳରୁ କ୍ରିକେଟ ଖେଳିବାକୁ ଓଡ଼ିଶା ଆସିଥିବା କଥା କହିଥିଲେ।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS